# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୪ /୨୦୧୮ (୨୦ ପୃଷ୍ଠା) Bhubaneswar, Friday, August 24 / 2018 | ★★★★

୪୪ଶ ଭାଗ ୨୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



DSPL - 133

ODISHA ONE

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,
ଓଡ଼ିଶା ସରକାର

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
ଓଡ଼ିଶା ସରକାର

## ୧୫ ଅଗଷ୍ଟ ୨୦୧୮ରୁ

ପରିବାର ପିଛା ବାର୍ଷିକ **୫ ଲକ୍ଷ** ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ଭରଷା

ପରିବାର ସହ ମହିଳା ସଦସ୍ୟଙ୍କ ନିମନ୍ତେ **୭ ଲକ୍ଷ** ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ଭରଷା

**୭୦ ଲକ୍ଷ**ରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ

ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ପ୍ରତ୍ୟେକ କାର୍ଡ଼ଧାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ଉପକୃତ ହେବେ

ରାଜ୍ୟର ସମୁଦାୟ ଜନସଂଖ୍ୟାର **୭୦%** ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଭରଷା ଯୋଜନାର ପରିକଳ୍ପନା

ଟୋଲ୍ ଫ୍ରୀ ନମ୍ବର - ୧୫୫୩୬୯



10001/13/0014/1819

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା | ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ବୌଦ୍ଧଧର୍ମ ହେଉଛି ଭୁଟାନକୁ ଭାରତର ସର୍ବଶ୍ରେଷ୍ଠ ଉପହାର । ଏହି ପ୍ରଚୀନ ଧର୍ମ ଦୁଇ ପଡ଼ୋଶୀ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିଛି ।
- ଆଶି ଦୋର୍ଜୀ ୱାଙ୍ଗ୍‌ମୋ ୱାଙ୍ଗ୍‌ଚୁକ୍, ଭୁଟାନ ରାଜମାତା



## ସଂକ୍ଷେପରେ

### ଦୁର୍ଘଟଣାରେ ୧୧ ମୃତ

ଶିମ୍‌ଲା,୨୩।୮(ପି.ଟି.)-ହିମାଚଳପ୍ରଦେଶର କୁଲ୍ଲୁ ଜିଲାରେ ଗୁରୁବାର ଏକ କାର୍ ଦୁର୍ଘଟଣାରେ ୧୧ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ପାଞ୍ଚ ମହିଳା, ତିନି ପୁରୁଷ ଏବଂ ତିନି ପିଲା ଅଛନ୍ତି। ରହ୍ନି ନୁଲ୍ଲା ଅନ୍ତର୍ଗତ ମନାଲି-ଲେହ ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିବା କୁଲ୍ଲୁ ଏସ୍‌ପି ଶାଳିନୀ ଅଗ୍ନିହୋତ୍ରୀ କହିଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ଲୋକେ ଚାମ୍ବା ଜିଲା ଅନ୍ତର୍ଗତ ପାଙ୍ଗିର ବାସିନ୍ଦା। ସେମାନେ ମନାଲିରୁ ପାଙ୍ଗି ଅଭିମୁଖେ ଏକ କାର୍‌ରେ ଯାଉଥିବାବେଳେ ରୋହତାଙ୍ଗ୍ ପାସ୍ ନିକଟରେ ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ନେଇ ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜଇରାମ ଠାକୁର ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇଦେବାକୁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ଏଆଇସିସିରେ ୯ ନୂଆ ସମ୍ପାଦକ

ନୂଆଦିଲ୍ଲୀ,୨୩।୮(ପି.ଟି.)-କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗୁରୁବାର ଗୁଜରାଟର ଓବିସି ନେତା ଅଳ୍ପେଶ ଠାକୁରଙ୍କ ସମେତ ୯ ଜଣଙ୍କୁ ଏଆଇସିସିର ନୂଆ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର ରାଏବରେଲି ସଦର ବିଧାୟିକା ଅଦିତି ସିଂଙ୍କୁ ଅଖିଳ ଭାରତ ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଦାୟିତ୍ୱ ଦେଇଛନ୍ତି। ନବନିଯୁକ୍ତ ଏଆଇସିସି ସମ୍ପାଦକଙ୍କ ମଧ୍ୟରେ ଅଛନ୍ତି ବିଧାୟକ ଶକିଲ ଅହମ୍ମଦ ଖାନ୍। ଅଳ୍ପେଶଙ୍କୁ ବିହାର, ଶକିଲଙ୍କୁ ଜମ୍ମୁ-କଶ୍ମୀର ଓ ରାଜେଶ ଧାମନିଙ୍କୁ ଉତ୍ତରାଖଣ୍ଡ ଦାୟିତ୍ୱ ଦିଆଯାଇଛି। ସେହିପରି ବି.ପି. ସିଂ, ମହମ୍ମଦ ଜୱାଇଦ୍ ଓ ଶରତ ରାଉତଙ୍କୁ ପଶ୍ଚିମବଙ୍ଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଚଲ୍ଲା ଭଂଶୀ ଚାନ୍ଦ ରେଡ୍ଡୀ ଏବଂ ବି.ଏମ୍. ସନ୍ଦୀପଙ୍କୁ ମହାରାଷ୍ଟ୍ରର ଏଆଇସିସି ସମ୍ପାଦକ କରାଯାଇଛି। ଦୀପକ ରାଠୋଡ୍ ଓ ରାଜପାଲ୍ ବିଷ୍ଟଙ୍କୁ ମିଜୋରାମ୍ ସ୍କ୍ରିନିଙ୍ଗ୍ କମିଟି ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ ଅଶୋକ ଗେହଲଟ୍ ସୂଚନା ଦେଇଛନ୍ତି।

# ଏକ ନିର୍ବାଚନର ସମ୍ଭାବନା ନାହିଁ

## ସ୍ପଷ୍ଟ କଲେ ସିଇସି

ଔରଙ୍ଗାବାଦ, ୨୩।୮(ପି.ଟି.)



ଓ.ପି. ରାୱତ୍

ଖୁବ୍‌ଶୀଘ୍ର ଲୋକ ସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ଏକସଙ୍ଗେ ହେବ ବୋଲି କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି। ଏନେଇ ରାଜନୈତିକ କାଦୁଅଫିଙ୍ଗା ମଧ୍ୟ ଚାଲିଛି। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍। ଏକକାଳୀନ ନିର୍ବାଚନ ହେବାର ଆଦୌ ସମ୍ଭାବନା ନାହିଁ ବୋଲି ଗୁରୁବାର ସେ ସ୍ପଷ୍ଟ କରିଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ଏକ ସମୟରେ କରିବା ଲାଗି ସ୍ୱତନ୍ତ୍ର ଆଇନଗତ ବିଧିବ୍ୟବସ୍ଥା ହେବା ଜରୁରୀ ବୋଲି ରାୱତ୍ ପ୍ରକାଶ କରିଛନ୍ତି।

ଆଗକୁ ଆସୁଛି ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଏବଂ ମିଜୋରାମ ବିଧାନସଭା ନିର୍ବାଚନ। ମିଜୋରାମ୍ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ଡିସେମ୍ବର ୧୫ରେ ଶେଷ ହେଉଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ୨୦୧୯ ଜାନୁୟାରୀ ୫, ୭ ଏବଂ ୨୦ରେ ପୂରିବ। ତେଣୁ ଚଳିତବର୍ଷ ଶେଷଭାଗ ଆଡ଼କୁ ଏହି ଚାରି ରାଜ୍ୟର ନିର୍ବାଚନ ହେବାର ଅଛି। କିନ୍ତୁ ଏହାକୁ ଘୁଞ୍ଚାଇଦେଇ ୨୦୧୯ ଏପ୍ରିଲରୁ ମେ ମଧ୍ୟରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସହିତ ଏକାଠି ନିର୍ବାଚନ କରାଯିବ ବୋଲି କିଛି ସପ୍ତାହ ହେଲା ଶୁଣିବାକୁ ମିଳୁଛି। ଏ ପ୍ରସଙ୍ଗରେ ଖୋଲା ବିତର୍କ କରିବାକୁ ନିକଟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ବିଭିନ୍ନ ପକ୍ଷକୁ ଆହ୍ୱାନ ଦେଇଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏକ ନିର୍ବାଚନ ହେଉ ବୋଲି ଚାହୁଁଥିବା ଦଳ ପ୍ରକାଶ କରିସାରିଛି। ଭାଜପାର ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ସମାଲୋଚନା କରୁଛନ୍ତି। ଏହି କ୍ରମରେ ଔରଙ୍ଗାବାଦରେ ଏକ ବୈଠକବେଳେ ମୁଖ୍ୟ ନିର୍ବାଚନ କମିଶନର ନିଜ ମତ ସ୍ପଷ୍ଟ କରିଛନ୍ତି। ଏକକାଳୀନ ନିର୍ବାଚନକୁ ବର୍ତ୍ତମାନ ପରିସ୍ଥିତିରେ ବାସ୍ତବ ରୂପ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ବିରାଟ ପରିବର୍ତ୍ତନ ପାଇଁ ଆଇନ ପ୍ରଣୟନ ହେବା ନିହାତି ଆବଶ୍ୟକ। ଆଇନ ଆଣିବା ଲାଗି ଅତିକମ୍‌ରେ ବର୍ଷେ ସମୟ ଲୋଡ଼ା। ସାମ୍ବିଧାନିକ ବ୍ୟବସ୍ଥାରେ ସଂଶୋଧନ ଆଣିବା ଲାଗି ସ୍ୱତନ୍ତ୍ର ବିଧେୟକ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଯାଇ ନିର୍ବାଚନ କମିଶନ ଆଗେଇପାରିବେ ବୋଲି ରାୱତ୍ କହିଛନ୍ତି।

ସିଇସି ଆହୁରି କହିଛନ୍ତି, ଲୋକ ସଭା ନିର୍ବାଚନର ୧୪ ମାସ ପୂର୍ବରୁ ନିର୍ବାଚନ କମିଶନ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି। ଉଣେଇଶ ନିର୍ବାଚନକୁ ଆଉ କିଛି ମାସ ବାକି ରହିଲା। ଏତିକିବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପୂର୍ଣ୍ଣ ଅସମ୍ଭବ। ତା'ଛଡ଼ା ନିର୍ବାଚନ କମିଶନ ମାନବ ସମ୍ବଳ ଅଭାବରେ ଚାଲିଛି ବୋଲି ସେ କହିଛନ୍ତି। କମିଶନ୍‌ରେ ମାତ୍ର ୪୦୦ କର୍ମଚାରୀ ଅଛନ୍ତି। କିନ୍ତୁ ନିର୍ବାଚନ ସମୟରେ ଦେଶବ୍ୟାପୀ ୧.୧୧ କୋଟି ଲୋକଙ୍କୁ ଭୋଟିଂ କାର୍ଯ୍ୟରେ ନିୟୋଜିତ କରାଯାଏ। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ତ୍ରୁଟି ପରିଲକ୍ଷିତ ହେଉଥିବାରୁ ଏ ସମ୍ପର୍କରେ ସିଇସିଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସେ କହିଛନ୍ତି, ଦେଶର ଅଧିକାଂଶ ଭାଗରେ ଲୋକେ ଇଭିଏମ୍ ବ୍ୟବସ୍ଥା ସମ୍ପର୍କରେ ଅବଗତ ନାହାନ୍ତି। ମାତ୍ର ୦.୫ରୁ ୦.୬ ପ୍ରତିଶତ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳୁଛି। ଏହା କୌଣସି ଚିନ୍ତାଜନକ ବିଷୟ ନୁହେଁ।

# ବାଗ୍‌ଦାଦୀ ଜୀବିତ

## ଆସିଲା ନୂଆ ଅଡିଓ

କାଏରୋ/ୱାଶିଂଟନ୍,୨୩।୮(ପି.ଟି.)



ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ଅବୁ ବକର ଅଲ୍-ବାଗ୍‌ଦାଦୀଙ୍କ ମୃତ୍ୟୁ ହୋଇ ନାହିଁ। ସେ ଏବେ ବି ଜୀବିତ ଅଛନ୍ତି। ତାଙ୍କର ଏକ ନୂଆ ଅଡିଓ ପ୍ରସାର କରିଛି ଆଇଏସ୍। ଇରାକ୍ ଓ ସିରିଆରେ ବ୍ୟାପକ କ୍ଷତି ସହିବା ସତ୍ତ୍ୱେ ଧୈର୍ଯ୍ୟ ଧରିବା ଲାଗି ସେ ଆଇଏସ୍ ଆତଙ୍କବାଦୀମାନଙ୍କୁ ବାର୍ତ୍ତା ଦେଇଛନ୍ତି। ମୁସଲମାନମାନେ ଜେହାଦ ପ୍ରସାର କରନ୍ତୁ ବୋଲି ବାଗ୍‌ଦାଦି କହିଛନ୍ତି।

ଗତବର୍ଷ ମେ'ରେ ସିରିଆର ରାକ୍କା ସହର ଉପକଣ୍ଠସ୍ଥ ଆଇଏସ୍ ଶିବିରଗୁଡ଼ିକ ଉପରେ ଆକାଶମାର୍ଗରୁ ଆକ୍ରମଣ କରି ଉଡ଼ାଇଦେଇଥିଲା ରୁଷିଆ। ସେଠାରେ ଲୁଚିଥିବା ବାଗ୍‌ଦାଦି (ପ୍ରକୃତ ନାମ ଇବ୍ରାହିମ୍ ଅୱାଦ ଇବ୍ରାହିମ୍ ଅଲ୍-ବଦ୍ରି) ଏହି ଆକ୍ରମଣରେ ପ୍ରାଣ ହରାଇଥିବା ରିପୋର୍ଟ ମିଳିଥିଲା। କିନ୍ତୁ ସେ ଜୀବିତ ଥିବା ଆଇଏସ୍ ସଙ୍ଗଠନ ଦାବି କରିଆସୁଛି ଏବଂ ଅନେକ ଅଡିଓ ରିଲିଜ୍ କରି ତାହା ବାଗ୍‌ଦାଦିଙ୍କ ବାର୍ତ୍ତା ବୋଲି ଦର୍ଶାଉଛି। ଏପରିସ୍ଥଳେ ବାଗ୍‌ଦାଦିଙ୍କ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିବାବେଳେ ଆଇଏସ୍‌ର ମିଡିଆ ଶାଖା ଅଲ୍-ଫୁର୍କାନ୍‌ରେ ବୁଧବାର ଚାଞ୍ଚଲ୍ୟ ଖେଳାଇବା ଭଳି ତଥ୍ୟ ପ୍ରସାର ହୋଇଥିଲା। ବାଗ୍‌ଦାଦିଙ୍କ ୫୫ ମିନିଟ୍ ବିଶିଷ୍ଟ ଅଡିଓ ରେକର୍ଡିଂ ରିଲିଜ୍ କରାଯାଇଥିଲା। ସେଥିରେ ସେ ଆତଙ୍କବାଦୀଙ୍କୁ ଖଲିଫା ଶାସନ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ଉକ୍ତ ରେକର୍ଡିଂରେ ଯେଉଁ ବ୍ୟକ୍ତିଙ୍କ ସ୍ୱର ଶୁଣିବାକୁ ମିଳୁଛି, ତାହା ବାଗ୍‌ଦାଦିଙ୍କ କଥା କି ନା ସ୍ପଷ୍ଟ ଜଣାପଡୁନାହିଁ। ତେବେ ଆଇଏସ୍ ପରାଜିତ ହୋଇଥିବା ବ୍ୟକ୍ତିଜଣକ ସ୍ୱୀକାର କରିଛନ୍ତି। ଭୟ ଓ ଭୋକରେ କାଳାତିପାତ କରୁଥିବା ତାଙ୍କ ଅନୁଗାମୀଙ୍କ ପରୀକ୍ଷା ନେଉଛନ୍ତି ଆଲ୍ଲା। କିନ୍ତୁ ସମସ୍ତେ ଧୈର୍ଯ୍ୟ ନ ହରାନ୍ତୁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୧୪ ଜୁଲାଇରେ ବାଗ୍‌ଦାଦିଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଇରାକ୍‌ର ମୋସୁଲ ସହରରେ ଥିବା ଗ୍ରେଟ୍ ମସ୍କରୁ ସେ ଖଲିଫା ଶାସନ ପ୍ରତିଷ୍ଠ କରିବେ ବୋଲି ଘୋଷଣା କରିଥିଲେ। ୨୦୧୭ ସେପ୍ଟେମ୍ବରରେ ବାଗ୍‌ଦାଦିଙ୍କ ଶେଷ ଅଡିଓ ରିଲିଜ୍ କରାଯାଇଥିଲା।

ବାଗ୍‌ଦାଦିଙ୍କ ସଦ୍ୟ ଅଡିଓ ରେକର୍ଡିଂ ବିଷୟରେ କୌଣସି ମନ୍ତବ୍ୟ ଦେବେ ନାହିଁ ବୋଲି ଆମେରିକାର ସେଣ୍ଟ୍ରାଲ କମାଣ୍ଡ ମୁଖପାତ୍ର କ୍ୟାପ୍‌ଟେନ୍ ୱିଲିୟମ୍ ଅର୍ବାନ୍ କହିଛନ୍ତି। ଇରାକ୍ ଓ ଯୁଦ୍ଧଗ୍ରସ୍ତ ସିରିଆରେ ଏବେ ମଧ୍ୟ ୨୦,୦୦୦ରୁ ୩୦,୦୦୦ ଆଇଏସ୍ ଆତଙ୍କବାଦୀ ସକ୍ରିୟ ଥିବା ଗତ ସପ୍ତାହରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ସିରିଆର ଦେର୍ ଅଲ-ଜୌର୍ ପ୍ରଦେଶ ଏବେ ମଧ୍ୟ ଆଇଏସ୍ କବ୍‌ଜାରେ ରହିଛି।

# ରାହୁଲଙ୍କ ଆଇଏସ୍ ମନ୍ତବ୍ୟକୁ ନେଇ ଝଡ଼

ନୂଆଦିଲ୍ଲୀ,୨୩।୮(ପି.ଟି.)

ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ରାହୁଲ ଆତଙ୍କବାଦକୁ ସମର୍ଥନ କରି ଭାରତକୁ ଅପମାନିତ କରିଥିବାରୁ ସେ କ୍ଷମାମାଗନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ଜର୍ମାନୀ ଗସ୍ତରେ ଥିବା ରାହୁଲ ବୁଧବାର ହାମ୍‌ବର୍ଗର ବୁସେରିୟସ୍ ସମର ସ୍କୁଲରେ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କୁ ବିକାଶରୁ ବାଦ୍ ଦେଇଛନ୍ତି। ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଲୋକଙ୍କୁ ମୁଖ୍ୟ ଧାରାରୁ ବାଦ୍ ଦେବା ଏକ ବିପଜ୍ଜନକ କଥା। ଜନସାଧାରଣଙ୍କୁ ବିକାଶର ଚିତ୍ର ନ ଦେଖାଇଲେ ସେମାନଙ୍କ ମୁଣ୍ଡରେ ଅନ୍ୟ କେହି ଭିନ୍ନ ବିଷୟ ପୂରାଇବେ। ଏହାଦ୍ୱାରା ଆଇଏସ୍ ଭଳି ଆତଙ୍କବାଦୀ ସଙ୍ଗଠନ ଜନ୍ମ ନେଇପାରେ ବୋଲି ରାହୁଲ କହିଥିଲେ। ଏହାକୁ ନେଇ ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ରାହୁଲ ବିଦେଶ ମାଟିରେ ମୋଦି ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ମିଛ କହିଛନ୍ତି। ଏହାସହ ଆଇଏସ୍ ଭଳି ଆତଙ୍କବାଦୀ ସଙ୍ଗଠନର ଯଥାର୍ଥତା ପ୍ରତିପାଦିତ କରିବାକୁ ସେ ଉଦ୍ୟମ କରିଛନ୍ତି। ଏଥିରୁ ବଡ଼ ଭୟଙ୍କର ଓ ଚିନ୍ତାଜନକ ବିଷୟ କିଛି ନାହିଁ। ଏଥିଯୋଗୁ ବିଶ୍ୱ ଦରବାରରେ ଭାରତ ଅପମାନିତ ହୋଇଛି। ରାହୁଲ ଦେଶବାସୀଙ୍କୁ କ୍ଷମାମାଗିବା ଉଚିତ ବୋଲି ସମ୍ବିତ୍ ଦାବି କରିଛନ୍ତି।



ନୂଆଦିଲ୍ଲୀସ୍ଥିତ ସାଉଥ୍ ବ୍ଲକ୍‌ରେ ଗୁରୁବାର ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ତାଙ୍କ ଚାଇନା ପ୍ରତିପକ୍ଷ ଜେନେରାଲ ୱି ଫେଙ୍ଗେଙ୍କୁ ସ୍ୱାଗତ କରୁଛନ୍ତି।

# କେରଳ ବିପନ୍ନଙ୍କୁ ଦାନ କଲେ ୪ ବର୍ଷର ଝିଅ

କୋଲ୍‌କାତା, ୨୩।୮(ପି.ଟି.)

କୋଲ୍‌କାତାର ଜଣେ ୪ ବର୍ଷର ଝିଅ କେରଳ ରିଲିଫ୍ ଫଣ୍ଡକୁ ଦାନ କରିଛନ୍ତି। ଏହି ବଦାନ୍ୟତା ଦେଖାଇଥିବା ବାଳିକାଙ୍କ ନାମ ଅପରାଜିତା ଶାହ। ଯାଦପୁରନିବାସୀ ଅପରାଜିତା ଜନ୍ମଦିନରେ ପାଇଥିବା ଉପହାରରୁ ୧୪,୮୦୦ ଟଙ୍କା ସଞ୍ଚୟ କରି ରଖିଥିଲେ। ଏଥିରେ ସେ ସିଡୀ ପ୍ଲେୟର କିଛି ନୃତ୍ୟ ଶିକ୍ଷା କରିଥାଆନ୍ତେ। କିନ୍ତୁ ଟିଭିରେ କେରଳ ବନ୍ୟାର ଦୃଶ୍ୟ ଦେଖି ତାଙ୍କ ମନ ଆନ୍ଦୋଳିତ ହୋଇଥିଲା। ନିଜଆଡୁ କିଛି ସାହାଯ୍ୟ କରିବାକୁ ସେ ଆଗେଇ ଆସିଲେ ଏବଂ ମାବାପାଙ୍କୁ ମନର କଥା କହିଲେ। ଏହାପରେ ଅପରାଜିତା ସବୁତକ ଟଙ୍କାକୁ ନେଇ ସିପିଏମ୍ ନେତା ବିମାନ ବୋଷ୍‌ଙ୍କୁ ହସ୍ତାନ୍ତର କରିଛନ୍ତି।

## ଫୁରସତ

### ଇତିହାସର ଆଇନାରେ

**ଅଗଷ୍ଟ ୨୪ର ପ୍ରମୁଖ ଘଟଣା**

#### ଇଂଲିଶ୍ ଚ୍ୟାନେଲ୍ ଅତିକ୍ରମ କଲେ ମାଥ୍ୟୁ ୱେବ୍

୧୮୭୫ ଅଗଷ୍ଟ ୨୪ରେ ବ୍ରିଟେନ୍‌ର ସର୍ପଶାୟାର ନିବାସୀ ମାଥ୍ୟୁ ୱେବ୍ ପ୍ରଥମ ବ୍ୟକ୍ତି ଭାବେ ଇଂଲିଶ୍ ଚ୍ୟାନେଲ୍ ପହଁରି ରେକର୍ଡ ସୃଷ୍ଟି କରିଥିଲେ। ଏଥିପାଇଁ ସେ କୌଣସି କୃତ୍ରିମ ଉପକରଣ ସହାୟତା ନେଇ ନ ଥିଲେ। ଇଂଲଣ୍ଡର ଡୋଭରଠାରୁ ଫ୍ରାନ୍ସର କାଲାଇ ପର୍ଯ୍ୟନ୍ତ ସେ ପହଁରିଥିଲେ। ଏଥିପାଇଁ ତାଙ୍କୁ ୨୨ ଘଣ୍ଟାରୁ କମ୍ ସମୟ ଲାଗିଥିଲା। ୧୮୪୮ରେ ସେ ଜନ୍ମିତ ମାଥ୍ୟୁ ୧୫ ବର୍ଷ ବୟସରେ ଆଇରନ୍ ବ୍ରିଜ୍ ନିକଟରେ ବୁଡ଼ିଯାଉଥିବା ତାଙ୍କର ସାନଭାଇ ଟମାସ୍‌ଙ୍କୁ ଉଦ୍ଧାର କରିଥିଲେ। ୧୮୭୩ରେ ସେ ଷ୍ଟିମ୍ ଜାହାଜ ଇମେରାଲ୍‌ଡର କ୍ୟାପ୍‌ଟେନ୍ ଭାବେ କାର୍ଯ୍ୟ କରିଥିଲେ।

#### ସୁରଟ୍‌ରେ ପହଞ୍ଚିଲେ ପ୍ରଥମ ବ୍ରିଟିଶ୍ ପ୍ରତିନିଧି

୧୬୦୮ ଅଗଷ୍ଟ ୨୪ରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଥମ ପ୍ରତିନିଧି ପଶ୍ଚିମ ଭାରତୀୟ ରାଜ୍ୟ ଗୁଜରାଟର ସୁରଟ୍‌ରେ ପହଞ୍ଚିଥିଲେ। ବ୍ୟବସାୟ କରିବା ଉଦ୍ଦେଶ୍ୟରେ ସେ ଏଠାରେ ପହଞ୍ଚିଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀ ଥିଲା ଏକ ଯୁଗ୍ମ ବ୍ରିଟିଶ୍ ଷ୍ଟକ୍ କମ୍ପାନୀ। ଇଷ୍ଟ ଇଣ୍ଡିଜ୍ (ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆ)ରେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଏହା ୧୬୦୦ ମସିହାରେ ପ୍ରତିଷ୍ଠିତ। ପ୍ରାଥମିକ ଭାବେ ଏହି କମ୍ପାନୀ ଭାରତ ଉପମହାଦେଶ, ଉତ୍ତର-ପଶ୍ଚିମ ଫ୍ରଣ୍ଟିୟର୍ ପ୍ରଦେଶ ଏବଂ ବେଲୁଚିସ୍ତାନରେ ବ୍ୟବସାୟ ଆରମ୍ଭ କରିଥିଲା। ଏହି କମ୍ପାନୀ ପ୍ରଥମେ ରେଶମ, ଇଣ୍ଡିଗୋ ଡାଇ, ସୂତା, ଚା ଏବଂ ଅଫିମ ବ୍ୟବସାୟ ଆରମ୍ଭ କରିଥିଲା। ଏହା ହେଉଛି ସର୍ବପୁରାତନ ୟୁରୋପୀୟ ଇଷ୍ଟ ଇଣ୍ଡିଆ କମ୍ପାନୀ। ୧୬୦୦ ମସିହାରେ ମହାରାଣୀ ଏଲିଜାବେଥ୍ ଏହାକୁ ରୟାଲ୍ ଚାର୍ଟର୍ ପ୍ରଦାନ କରିଥିଲେ।

### ଜାତିସଂଘରେ ପ୍ଲାଷ୍ଟିକ୍-ନିରୋଧୀ ସଂଗୀତ

ମୁମ୍ବାଇ:

'ଟିକ୍ ଟିକ୍ ପ୍ଲାଷ୍ଟିକ୍ ଟିକ୍ ନା ପାଏ ରେ' ଭଳି ଏକ ସଂଗୀତ ଭିତ୍ତିକ ଭିଡିଓ ନ୍ୟୁୟର୍କସ୍ଥିତ ଜାତିସଂଘ କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଛି। ପ୍ରସିଦ୍ଧ ଗୀତିକାର ସ୍ୱାନନ୍ଦ କିର୍‌କିରେ ଗୀତ ରଚନା କରିଥିବା ବେଳେ ଏହାକୁ ସଂଗୀତ ରୂପ ଦେଇଛନ୍ତି ଶାନ୍। ଜାତିସଂଘର ପ୍ଲାଷ୍ଟିକ୍ ନିରୋଧୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଏହାକୁ ପରଦାରେ ପ୍ରଦର୍ଶନ କରାଯାଇଛି।

ମୁମ୍ବାଇର ଏକ ସ୍ୱେଚ୍ଛାସେବୀ ସଂଗଠନ ଭାମ୍‌ଲା ଫାଉଣ୍ଡେଶନ୍ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଥିଲା। ଏହି ସମବେତ ସଂଗୀତରେ ବହୁ କଳାକାର ସ୍ୱର ଦେଇଛନ୍ତି। ଏହାକୁ ଜାତିସଂଘରେ ଅଗଷ୍ଟ ୪ରେ ପ୍ରଦର୍ଶିତ କରାଯାଇଥିଲା। ଜାତିସଂଘ ପକ୍ଷରୁ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା 'ବିଟ୍ ଦି ପଲ୍ୟୁଶନ୍' ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉକ୍ତ ସଂଗୀତ ଭିତ୍ତିକ ଭିଡିଓ ବେଶ୍ ମହତ୍ତ୍ୱ ରଖେ ଏବଂ ପ୍ଲାଷ୍ଟିକ ପ୍ରଦୂଷଣ ମାତ୍ରା ହ୍ରାସ କରିବାରେ ଏହା ସଚେତନତା ସୃଷ୍ଟି କରିପାରିବ ବୋଲି ଏନଜିଓ ମୁଖ୍ୟ ଆସିଫ୍ ଭାମ୍‌ଲା ପ୍ରକାଶ କରିଛନ୍ତି।

### ପ୍ରଦୂଷଣରୁ ଭାରତୀୟଙ୍କ ଆୟୁଷ କମୁଛି

**ହ୍ୟୁଷ୍ଟନ:** ବାୟୁ ପ୍ରଦୂଷଣ ଯୋଗୁ ଭାରତୀୟଙ୍କ ହାରାହାରି ଆୟୁଷ ଦେଢ଼ବର୍ଷ ହ୍ରାସ ପାଉଛି। ଅପେକ୍ଷାକୃତ ବିଶୁଦ୍ଧ ବାୟୁ ବିଶ୍ୱରେ ମାନବ ଆୟୁଷ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦିତ ବାୟୁ ଗୁଣବତ୍ତା ମାର୍ଗଦର୍ଶିକା ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରୋଗ୍ରାମ ପିଏମ୍ (ପାର୍ଟିକୁଲେଟ୍ ମ୍ୟାଟର) ରହିଲେ ବିଶ୍ୱରେ ଲୋକଙ୍କ ହାରାହାରି ଆୟୁଷ ୦.୫୯ ବର୍ଷ ବୃଦ୍ଧିପାଇବ। ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଚାଇନାରେ ଲୋକଙ୍କ ଆୟୁଷ ୦.୮ରୁ ୧.୪ ମଧ୍ୟରେ ହ୍ରାସ ପାଇଛି। ବିଶ୍ୱରେ ଲୋକଙ୍କ ଆୟୁଷ ଉପରେ ବାୟୁ ପ୍ରଦୂଷଣ କିପରି ପ୍ରଭାବ ପକାଏ ତାହା ଆକଳନ କରିବା ପାଇଁ ପ୍ରଥମ କରି ଏକ ଅଧ୍ୟୟନ କରାଯାଇଥିଲା। ଆମେରିକାର ଅଷ୍ଟିନ୍‌ସ୍ଥିତ ଟେକ୍ସାସ୍ ୟୁନିଭର୍ସିଟିର ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି, ବାହାର ବାୟୁରେ ଥିବା ପାର୍ଟିକୁଲେଟ୍ ମ୍ୟାଟର ୨.୫ ମାଇକ୍ରନ୍‌ଠାରୁ ଅପେକ୍ଷାକୃତ କ୍ଷୁଦ୍ର। ଏତେ କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଭିତରକୁ ପଶିଯାଇପାରେ। ଏହି କଣିକା ପ୍ରଶ୍ୱାସ ବାୟୁରେ ଶରୀର ମଧ୍ୟକୁ ପ୍ରବେଶ କରି ହୃଦ୍‌ଘାତ, ହୃଦ୍‌ରୋଗ, ଶ୍ୱାସରୋଗ ଏବଂ କ୍ୟାନସର ଆଶଙ୍କା ବୃଦ୍ଧି କରାଇଥାଏ।



ପିଏମ୍ ୨.୫ (ବାୟୁରେ ଥିବା କଣିକାର ବ୍ୟାସ ୨.୫ ମାଇକ୍ରୋମିଟର)କୁ ଅତି କ୍ଷୁଦ୍ର କଣିକାଯୁକ୍ତ ପ୍ରଦୂଷିତ ବାୟୁ କୁହାଯାଏ। ପ୍ରଦୂଷଣଯୁକ୍ତ ବାୟୁ ପାୱାର ପ୍ଲାଣ୍ଟ, କାର୍, ଟ୍ରକ୍ ଏବଂ ଶିଳ୍ପ କାରଖାନାରୁ ନିର୍ଗତ ହୋଇଥାଏ। ତେବେ ଏହି ମାତ୍ରାର ପ୍ରଦୂଷିତ ବାୟୁ ଦ୍ୱାରା ପ୍ରଭାବିତ ବାଂଲାଦେଶ ଲୋକଙ୍କ ହାରାହାରି ଆୟୁଷ ୧.୮୭ ବର୍ଷ ହ୍ରାସ ପାଉଥିବା ବେଳେ, ଇଜିପ୍ଟ (୧.୮୫ ବର୍ଷ), ପାକିସ୍ତାନ (୧.୫୬ ବର୍ଷ), ସୌଦିଆରବ (୧.୪୮ ବର୍ଷ), ନାଇଜେରିଆ (୧.୨୮ ବର୍ଷ) ଏବଂ ଚାଇନା ଲୋକଙ୍କ ହାରାହାରି ବୟସ ୧.୨୫ ବର୍ଷ ହ୍ରାସ ପାଇଛି। ତେବେ ଭାରତୀୟଙ୍କ ଆୟୁଷ ୧.୫୩ ବର୍ଷ ହ୍ରାସ ପାଇଥିବା ଉକ୍ତ ଅଧ୍ୟୟନରେ କୁହାଯାଇଛି।

### କେମିତି ରହିବ ଆଜିର ପାଗ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅନେକ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଥରେ କିମ୍ବା ଦୁଇଥର ବର୍ଷା ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୮ | ୨୪.୩ |
| ଚାନ୍ଦବାଲି | ୩୩.୬ | ୨୫.୪ |
| କଟକ | ୩୨.୨ | ୨୫.୦ |
| ପାରାଦ୍ୱୀପ | ୩୨.୯ | ୨୭.୪ |
| ଭୁବନେଶ୍ୱର | ୩୩.୫ | ୨୬.୩ |
| ଗୋପାଳପୁର | ୩୩.୫ | ୨୭.୭ |
| ପୁରୀ | ୩୩.୬ | ୨୬.୦ |
| ଅନୁଗୋଳ | ୩୧.୭ | ୨୩.୬ |
| ବାରିପଦା | ୩୨.୪ | ୨୬.୨ |
| ଝାରସୁଗୁଡ଼ା | ୩୧.୨ | ୨୫.୦ |
| କେନ୍ଦୁଝର | ୨୯.୩ | ୨୩.୧ |
| ସମ୍ବଲପୁର | ୩୧.୫ | ୨୨.୯ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୦.୮ | ୨୧.୨ |
| ତାଳଚେର | ୩୨.୮ | ୨୫.୫ |
| ଭବାନୀପାଟଣା | ୨୮.୪ | ୨୪.୪ |
| ବଲାଙ୍ଗୀର | ୨୯.୮ | ୨୪.୫ |
| କୋରାପୁଟ | ୨୪.୦ | ୨୦.୬ |
| ଫୁଲବାଣୀ | --- | ୨୧.୫ |
| ଟିଟିଲାଗଡ଼ | ୨୯.୦ | ୨୨.୦ |
| ମାଲକାନଗିରି | ୨୯.୦ | ୨୪.୦ |
| ସୋନପୁର | ୩୧.୮ | ୨୩.୪ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | ୩୧.୮ | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

### ଅକ୍ଷୟ, ସଲମାନ୍ ଅଧିକ ଆୟକାରୀ

ନ୍ୟୁୟର୍କ:

ବିଶ୍ୱରେ ସବୁଠୁ ଅଧିକ ପ୍ରାପ୍ୟ ପାଇଥିବା ପ୍ରଥମ ୧୦ ଅଭିନେତାଙ୍କ ମଧ୍ୟରେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଏବଂ ସଲମାନ୍ ଖାନ୍ ସ୍ଥାନ ପାଇଛନ୍ତି। ଫୋର୍ବସ ମାଗାଜିନ୍‌ର 'ୱାର୍ଲ୍ଡସ୍ ହାୟେଷ୍ଟ ପେଡ ଆକ୍ଟର୍ସ-୨୦୧୮' ତାଲିକାର ଶୀର୍ଷରେ ରହିଛନ୍ତି ହଲିଉଡ ଅଭିନେତା ଜର୍ଜ କ୍ଲୁନି।

ସାମାଜିକ ସଚେତନତା ସୃଷ୍ଟି କଲାଭଳି ଫିଲ୍ମ 'ଟଏଲେଟ୍: ଏକ ପ୍ରେମ୍ କଥା' ଏବଂ 'ପ୍ୟାଡ୍ ମ୍ୟାନ୍'ରେ ଅଭିନୟ କରି ଅକ୍ଷୟ ବେଶ୍ ସୁପରିଚିତ। ଜୁନ୍ ୧, ୨୦୧୭ରୁ ଜୁନ୍ ୧, ୨୦୧୮ ମଧ୍ୟରେ ଫିଲ୍ମ ଅଭିନେତାଙ୍କ ଆୟ ଆକଳନ କରାଯାଇ ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ୪୦ ନିୟୁତ ଆମେରିକୀୟ ଡଲାର ଆୟ କରି ଉକ୍ତ ତାଲିକାର ସପ୍ତମ ସ୍ଥାନରେ ଅକ୍ଷୟ କୁମାର ରହିଛନ୍ତି। ସେହିଭଳି ସଲମାନ୍ 'ଟାଇଗର ଜିନ୍ଦା ହୈ'ରେ ଅଭିନୟ କରି ଏହି ତାଲିକାର ନବମ ସ୍ଥାନରେ ରହିଛନ୍ତି। ସେ ୩୮.୫ ନିୟୁତ ଆମେରିକୀୟ ଡଲାର ଆୟ କରିଛନ୍ତି। ୫୭ ବର୍ଷ ବୟସ୍କ କ୍ଲୁନି ୨୩୯ ନିୟୁତ ଆମେରିକୀୟ ଡଲାର ଆୟ କରି ତାଲିକାର ଶୀର୍ଷରେ ରହିଛନ୍ତି। ଉଭୟ ପରଦାରେ ଏବଂ ପରଦା ବାହାରେ ବର୍ଷକ ମଧ୍ୟରେ ଅର୍ଜିତ ଆୟକୁ ଏଥିପାଇଁ ବିଚାରକୁ ନିଆଯାଇଥିଲା। 'ଦି ରକ୍'ରେ ଅଭିନୟ କରିଥିବା ଡାଓନେ ୧୨୪ ନିୟୁତ ଡଲାର ଆୟ କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରବର୍ଟ ଡାଓନେ ଜୁନିୟର (୮୧ ନିୟୁତ ଡଲାର) ତୃତୀୟ ସ୍ଥାନ ଏବଂ ତାଙ୍କ ସହ ଅଭିନେତା କ୍ରିସ୍ ହେମ୍‌ସୱର୍ଥ (୬୪.୫ ନିୟୁତ ଡଲାର) ଚତୁର୍ଥ ସ୍ଥାନରେ ରହିଛନ୍ତି।





ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୪ /୨୦୧୮ | Bhubaneswar, Friday, August 24 / 2018 | ପୃଷ୍ଠା-୧



## କାର୍ଯ୍ୟରେ ଯୋଗଦେଲେ ଜେଟ୍‌ଲୀ

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଦୀର୍ଘଦିନ ପରେ ଗୁରୁବାର ପୁଣି ଥରେ କାର୍ଯ୍ୟରେ ଯୋଗଦେଇଥିବା ଟୁଇଟର୍‌ରେ ସୂଚନା ଦେଇଛନ୍ତି।

୧୫

୧୭

## କୋହଲି ନମ୍ବର ୱାନ୍

ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ ବ୍ୟାଟ୍ସମ୍ୟାନ ତାଲିକାର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି।



**ଆଜିର ସମ୍ପାଦକୀୟ**

କୋଚର ଦୂରେଇ ରହନ୍ତୁ

**ଆଜିର ମନ୍ତବ୍ୟ**

"୭୦ ବର୍ଷ ପୂର୍ବେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଥିଲେ ଆଜି ଦେଶ ରୋଗମୁକ୍ତ ହୋଇଥାଆନ୍ତା ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




NECC NATIONAL EGG CO-ORDINATION COMMITTEE 23.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers

# ଅତିରିକ୍ତ ବଜେଟ ୧୨,୭୬୮ କୋଟି

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୧୨, ୭୬୮ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ବଜେଟ ଉପସ୍ଥାପନ ପୂର୍ବରୁ ଏହାକୁ ରାଜ୍ୟ ମନ୍ତ୍ରିପରିଷଦର ବୈଠକରେ ଅନୁମୋଦନ କରାଯାଇଛି। ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଖର୍ଚ୍ଚ ଦାବିକୁ ଗୃହୀତ କରାଯାଇଛି। ୨୦୧୭-୧୮ ଆର୍ଥିକବର୍ଷଠାରୁ ଚଳିତ ଅତିରିକ୍ତ ବଜେଟରେ ୨୦ ପ୍ରତିଶତ ବ୍ୟୟ ବୃଦ୍ଧି କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ୯,୮୨୮.୫୭ କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟୟ ବରାଦ କରାଯାଇଥିଲା। ୧,୭୯.୬୫ କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ବରାଦ କରାଯାଇଥିବା ବେଳେ ବିଭିନ୍ନ ଯୋଜନା ପାଇଁ ୬,୮୧୨.୭୬ କୋଟି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ଲାଗି ୮୧.୭୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

**ମନ୍ତ୍ରୀ ପରିଷଦର ଅନୁମୋଦନ**



**ସେପ୍ଟେମ୍ବର ୪ରେ ବିଧାନସଭାରେ ଉପସ୍ଥାପନ ହେବ**

ବୈଠକ ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯିବ। ଏଥିରେ ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ କେନ୍ଦ୍ର ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବ୍ୟୟ ବରାଦ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କର ଚାଲୁ ରହିଥିବା ନିଜସ୍ୱ ଯୋଜନା ପାଇଁ ମଧ୍ୟ ବ୍ୟୟ ବରାଦ କରାଯାଇଛି। ସାମାଜିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ସାଧାରଣତଃ ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ ପରେ କେନ୍ଦ୍ରୀୟ ଯୋଜନା ପାଇଁ ପାଣ୍ଠି ଅନୁମୋଦନ ହୋଇଥାଏ। ବିଭିନ୍ନ ବିଭାଗକୁ ଶତ ପ୍ରତିଶତ ୟୁସି ଦେବାକୁ ବାଧ କରାଯାଇଥାଏ। ବାର୍ଷିକ ବଜେଟରେ ବ୍ୟୟ ଭାର ପ୍ରତିବର୍ଷ ବୃଦ୍ଧି କରାଯାଉଥିବା ବେଳେ ଅତିରିକ୍ତ ବଜେଟରେ ମଧ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି କରାଯାଇଛି।

■ ଚିକିତ୍ସାଳୟରେ ଶିଶୁ ବିକ୍ରି ଅଭିଯୋଗ

# ହଜାରେ ଟଙ୍କା ଦେଇ ପୁଅକୁ ନେଇଗଲେ

କେନ୍ଦୁଝର/ରାଇସୁଆଁ, ୨୩।୮(ସ୍ୱ.ପ୍ର./ଡି.ଏନ.ଏ.)



କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ହୋଇଥିବା ଶିଶୁପୁତ୍ରଙ୍କୁ ଗୁରୁବାର ସ୍ଥାନୀୟ ପୁରୁଣା ସହରର ଜଣେ ମହିଳାଙ୍କୁ ଏକ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଶିଶୁ ସୁରକ୍ଷା କମିଟି ଶିଶୁପୁତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଶିଶୁ ୱାର୍ଡର ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିଥିଲା। ଚିକିତ୍ସାଳୟର ଜଣେ କର୍ମଚାରୀଙ୍କ ମରାମର୍ଶରେ ଶିଶୁଙ୍କୁ ବିକ୍ରି କରିଥିବା ଚର୍ଚ୍ଚା ହେଉଛି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତର ଜଣେ ଜୁଆଙ୍ଗ ମହିଳା ଜିଲା ମୁଖ୍ୟ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ବୁଧବାର ଡାକ୍ତରଖାନାରୁ ମା'ଙ୍କ ସହ ଶିଶୁପୁତ୍ର କୁଆଡେ ଚାଲି ଯାଇଥିଲେ। ପୃଷ୍ଠା-୨

# ସାମ୍ବାଦିକ କୁଲ୍‌ଦୀପଙ୍କ ବିୟୋଗ

ନୂଆଦିଲ୍ଲୀ,୨୩।୮(ପି.ଟି.)

ପ୍ରଖ୍ୟାତ ସାମ୍ବାଦିକ, ଲେଖକ ତଥା ରାଜ୍ୟ ସଭାର ପୂର୍ବତନ ସଦସ୍ୟ କୁଲଦୀପ ନାୟାର ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲରେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଛି। କୁଲଦୀପଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ନିମୋନିଆରେ ପୀଡ଼ିତ କୁଲଦୀପଙ୍କୁ ୫ ଦିନ ତଳେ ନୂଆଦିଲ୍ଲୀର ଏସ୍‌କର୍ଟସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ବୁଧବାର ରାତି ୧୨ଟା ୩୦ରେ ଆଖି ବୁଜିଦେଇଥିବା କୁଲଦୀପଙ୍କ ବଡ଼ପୁଅ ସୁଧୀର ନାୟାର କହିଛନ୍ତି। ଗୁରୁବାର ଅପରାହ୍ନ ଗୋଟାଏରେ ଲୋଧି ଦାହସ୍ଥଳୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। କୁଲଦୀପଙ୍କ ପରଲୋକ ପରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି । ପୃଷ୍ଠା-୨



# ପରଲୋକରେ ଦେବୁ ବୋଷ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ଓଡ଼ିଆ ସିନେମାରେ ଏକ ଯୁଗର ଅବସାନ ଘଟାଇ ଆରପାରିକୁ ଚାଲିଯାଇଛନ୍ତି ବର୍ଷୀୟାନ୍ ଅଭିନେତା ଦେବୁ ବୋଷ। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ ବାପା ଭାବେ ପରିଚିତ ଏହି ଅଭିନେତାଙ୍କର ୭୬ବର୍ଷ ବୟସରେ ପରଲୋକ ଘଟିଛି। ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତି ପ୍ରାୟ ୧ଟା ୧୦ମିନିଟ୍‌ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବ୍ରେନ୍‌ଷ୍ଟ୍ରୋକ୍ ସହ ମଲ୍‌ଟି ଅର୍ଗାନ୍ ଫେଲ୍ୟୁଅରର ଶିକାର ହୋଇ ସେ ଦୀର୍ଘ ୪ମାସ ଧରି ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ଦୁଇପୁଅଙ୍କ ସହ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏପଟେ ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ କେବଳ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ନୁହେଁ, ସମଗ୍ର ଓଡ଼ିଶାବାସୀ ମର୍ମାହତ ହୋଇଛନ୍ତି। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ବାପଛେଉଣ୍ଡ ପୃଷ୍ଠା-୨








## ସଂକ୍ଷେପରେ

### ଆଜି କ୍ୟାବିନେଟ

**ଭୁବନେଶ୍ୱର,୨୩।୮(ବ୍ୟୁରୋ):** ଶୁକ୍ରବାର ପୂର୍ବାହ୍ନ ୧୧ଟା ୧୫ ମିନିଟରେ ରାଜ୍ୟ ସଚିବାଳୟଠାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ କ୍ୟାବିନେଟ ମୋହର ଲାଗିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମେତ ବିଭିନ୍ନ ବିଭାଗର ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। କ୍ୟାବିନେଟ୍‌ର ସମସ୍ତ ଏଜେଣ୍ଡାକୁ ଗୁପ୍ତ ରଖାଯାଇଛି।




# ସବୁ ସରକାରୀ ବିଦ୍ୟାଳୟରେ ଓଡ଼ିଆରେ ନାମଫଳକ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ରାଜ୍ୟର ସବୁ ସରକାରୀ ବିଦ୍ୟାଳୟର ନାମଫଳକ ଓଡ଼ିଆରେ ହେବ। ଏଥିସହ ସବୁ ଫଳକ ରଙ୍ଗ ଗୋଟିଏ ପ୍ରକାର କରାଯିବ ବୋଲି ପୂର୍ବରୁ ନିର୍ଦ୍ଦେଶନାମା ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉକ୍ତ ନିୟମକୁ କଡାକଡି ଅନୁପାଳନ କରିବା ପାଇଁ ଗୁରୁବାର ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଏବଂ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ୍‌ର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି।

ମିଳିଥିବା ସୂଚନାନୁସାରେ , ଏଣିକି ସମସ୍ତ ସରକାରୀ ବିଦ୍ୟାଳୟରେ ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ବଡ ଅକ୍ଷରରେ ଲେଖାଯିବ। ଓଡ଼ିଆ ଲେଖା ତଳକୁ ଇଂଲିଶ କିମ୍ବା ଅନ୍ୟ କୌଣସି ଭାଷାରେ ତୁଳନାତ୍ମକ ଭାବେ ଛୋଟ ଅକ୍ଷରରେ ଲେଖାଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଲେଖାର ପ୍ରଚ୍ଛଦପଟ ଟେରାକୋଟା ରଙ୍ଗର ହେବା ସହ ଅକ୍ଷରଗୁଡିକ ଧଳା ରଙ୍ଗରେ ଲେଖାଯିବ। ନାମଫଳକଗୁଡିକ ସ୍କୁଲ ଗୃହର ସମ୍ମୁଖ ଭାଗରେ ଲଗାଯିବ। ନାମଫଳକ ବ୍ୟତୀତ ବିଦ୍ୟାଳୟରେ କେତୋଟି ଶ୍ରେଣୀରେ ପାଠପଢା ଯାଉଛି, ବିଦ୍ୟାଳୟ କେବେ ପ୍ରତିଷ୍ଠିତ ହୋଇଛି, ସେ ସମ୍ପର୍କିତ ବିବରଣୀ ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକର ସମାନ ଢାଞ୍ଚାରେ ନାମକରଣ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଲୋକାର୍ପିତ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ବହୁ ପ୍ରତୀକ୍ଷିତ ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୩୫ କୋଟି ଟଙ୍କା ବ୍ୟୟରେ ଏହି ଓଭରବ୍ରିଜ ତିଆରି ହୋଇଛି। ଏହି ଓଭରବ୍ରିଜ୍ ନିର୍ମାଣ ହେବା ଦ୍ୱାରା ନବୀନ ନିବାସ, ଭୀମଟାଙ୍ଗୀ, ପୁରୁଣା ଭୁବନେଶ୍ୱର, ଉତ୍ତରା ଏବଂ ପିପିଲି ଅଞ୍ଚଳର ଲୋକଙ୍କୁ ଗମନାଗମନ ସୁବିଧା ମିଳିବ। ଏଥିସହିତ ଲିଙ୍ଗରାଜ ପାସେଞ୍ଜର ହଲ୍‌ଟ ଲେଭଲ କ୍ରସିଂ ଭିଡ ଆଉ ରହିବନାହିଁ। ସୂଚନାଯୋଗ୍ୟ, ୨୦୧୨ରେ ଶୁଭ ଦିଆଯାଇ ଯାଇଥିବା ଏହି ଓଭରବ୍ରିଜର ନିର୍ମାଣ କାର୍ଯ୍ୟ ୬ବର୍ଷ ପରେ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଉଦଘାଟନ ହୋଇପାରୁ ନ ଥିଲା। ଗୁରୁବାର ବ୍ରଜ ଉଦଘାଟନ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜୟ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ପୂର୍ତ୍ତ ବିଭାଗର ନଳୀନ କୁମାର ପ୍ରଧାନ, ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ଉଦୟବଲ୍ଲଭ ସାମନ୍ତରାୟ ଉପସ୍ଥିତ ଥିଲେ।



ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଗୁରୁବାର ଉଦ୍‌ଘାଟିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

# ଆଜି ସମ୍ମାନିତ ହେବେ ୨୪ ବିଧାୟକ

**ଭୁବନେଶ୍ୱର,୨୩।୮(ବ୍ୟୁରୋ)**

ଓଡ଼ିଶା ବିଧାନସଭାର ପୂର୍ବତନ ଓ ବର୍ତ୍ତମାନ ୨୪ଜଣ ବିଧାୟକଙ୍କୁ ଶୁକ୍ରବାର ଶ୍ରେଷ୍ଠ ବିଧାୟକ ଭାବେ ସମ୍ମାନିତ କରାଯିବ। ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବେ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଦିଆଯାଇ ନ ଥିବା ୩ଟି ବର୍ଗର ଶ୍ରେଷ୍ଠ ବିଧାୟକମାନଙ୍କୁ ସମ୍ମାନିତ କରାଯିବ। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ଓଡ଼ିଶା ବିଧାନସଭା ଚୟନ କମିଟି ଦ୍ୱାରା ଚୟନ ହୋଇଥିବା ବିଧାୟକଙ୍କୁ ପଣ୍ଡିତ ନୀଳକଣ୍ଠ, ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନ ସମ୍ମାନରେ ସମ୍ମାନିତ କରାଯିବ। ବିଧାନସଭା ବାଚସ୍ପତି ବିଧାୟକମାନଙ୍କ ନାମ ଘୋଷଣା କରିବେ। ଗତ ୯ ବର୍ଷ ଧରି ଶ୍ରେଷ୍ଠ ବିଧାୟକ ସମ୍ମାନ ପ୍ରଦାନ କରାଯାଇ ନାହିଁ। ବିଷ୍ଣୁ ଚରଣ ଦାସ,ଅରୁଣ କୁମାର ସାହୁ, ପ୍ରଭାତ କୁମାର ବିଶ୍ୱାଳ, ପ୍ରଫୁଲ୍ଲ ମାଝି, ଅମର ଶତପଥୀ, ପ୍ରମିଳା ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ପଣ୍ଡିତ ନୀଳକଣ୍ଠ ସମ୍ମାନ ପ୍ରଦାନ କରାଯିବା ବେଳେ ସୁରେନ୍ଦ୍ରନାଥ ନାୟକ, ବିମ୍ବାଧର କୁଅଁର, ନିତ୍ୟାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ସ୍ୱାଇଁ, ବିକ୍ରମ କେଶରୀ ବର୍ମା, ରାଜେନ୍ଦ୍ର ଢୋଲକିଆ, ସୁରେନ୍ଦ୍ର ପରମାଣିକ ଏବଂ ଚକ୍ରଧର ପାଇକଙ୍କୁ ମଧୁସୂଦନ ସମ୍ମାନ ପ୍ରଦାନ କରାଯିବ। ସେହିପରି ସଞ୍ଜୟ ଦାସବର୍ମା, ପ୍ରୀତିରଞ୍ଜନ ଘଡାଇ, ସମୀର ରଞ୍ଜନ ଦାଶ, ପ୍ରଶାନ୍ତ କୁମାର ମୁଦୁଲି, ବିଜୟ କୁମାର ମହାନ୍ତି, ରାସେଶ୍ୱରୀ ପାଣିଗ୍ରାହୀ, ଦିବ୍ୟଶଙ୍କର ମିଶ୍ର ଏବଂ ପ୍ରଦୀପ ପୁରୋହିତଙ୍କୁ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯିବ।

# ଉଦ୍‌ଘାଟନ ପରେ ଦୁର୍ଘଟଣା

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

- ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ
- ହସ୍ପିଟାଲରେ ରାଜନେତାଙ୍କ ଭିଡ଼
- ୫ଲକ୍ଷ ଟଙ୍କାର ସହାୟତା

ପୋଖରୀପୁଟ ରେଳ ଓଭରବ୍ରିଜକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ପରେ ଦୁର୍ଘଟଣା ଘଟିଛି। ଓଭରବ୍ରିଜ୍ ଉପରେ ସଜ୍ଜା ହୋଇଥିବା ଝଲମଲ ଲିଟୁ ତାର ନେଇଛି ଜଣେ ଯୁବକଙ୍କ ଜୀବନ। ଖୁସିରେ ଓଭରବ୍ରିଜ ଉପରେ ସଜ୍ଜା ହୋଇଥିବା ବେଲୁନକୁ ଛିଡାଇବା ସମୟରେ ଲିଟୁ ତାରରେ ଥିବା ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲାର ସୀମାଞ୍ଚଳ ପଣ୍ଡା(୩୨)। ସେ ସୁନ୍ଦରପଦା ଉପରସାହିରେ ଥିବା ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ଯୁବକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଦିଆଯିବ।

ସୂଚନା ମୁତାବକ, ସୀମାଞ୍ଚଳ ଶାଶୁଙ୍କ ଦେହ ଖରାପ ହୋଇଥିବାରୁ ତାଙ୍କୁ ଦେଖିବା ପାଇଁ ସୁନ୍ଦରପଦା ଆସିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ରେଳ ଓଭରବ୍ରିଜ ଉଦ୍‌ଘାଟନ କରୁଥିବାରୁ ସେ ଏହାକୁ ଦେଖିବା ପାଇଁ ସେଠାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୧୫ରେ ମୁଖ୍ୟମନ୍ତ୍ରୀ ଓଭରବ୍ରିଜ୍‌କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର ପ୍ରାୟ ୧୦ ମିନିଟ ପରେ ସେଠାରେ ଥିବା କେତେଜଣ ବ୍ୟକ୍ତି ଖୁସିରେ ଓଭରବ୍ରିଜ୍ ଉପରକୁ ଚଢିଯାଇଥିଲେ। ବର୍ଷା ହୋଇଥିବାରୁ ଓଭରବ୍ରିଜ୍ ଉପରେ ଲାଗିଥିବା ଲିଟୁର ବିଦ୍ୟୁତ ତାର ଓଦା ହୋଇଯାଇଥିଲା। ସୀମାଞ୍ଚଳ ବେଲୁନ ଛିଡାଉଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୂରକୁ ଛିଟିକି ପଡିଥିଲେ। ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏହି ଘଟଣା ପ୍ରଚାରିତ ହେବା ପରେ ହସ୍ପିଟାଲକୁ ରାଜନେତାଙ୍କର ସୁଅ ଛୁଟିଥିଲା। ଭାଜପା ନେତା ମନମୋହନ ସାମଲ ଓ ଅମିୟ ଦାଶ, ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହି ଦୁର୍ଘଟଣା ପାଇଁ ସେମାନେ ଶାସକ ଦଳକୁ ଦାୟୀ କରିଥିଲେ।







# ଗୋରୁ ଚାଲାଣରେ ଟିଟୋ ଗ୍ୟାଙ୍ଗ୍

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

- ମାଷ୍ଟରମାଇଣ୍ଡ ବଟୁ ଗିରଫ
- ଓଡ଼ିଶାରୁ ବାଂଲାଦେଶ ଚାଲାଣ ହେଉଥିଲା ଗୋରୁ, ଚମଡ଼ା
- କେନ୍ଦ୍ରାପଡ଼ାରୁ ଅନ୍ୟତମ ସହଯୋଗୀଙ୍କୁ ଗିରଫ କଲା ଏସ୍‌ଟିଏଫ୍

କେବଳ ବଟି ଆଦାୟ, ହତ୍ୟା, ଟେଣ୍ଡର ଫିକ୍ସିଂ, ବୋମାମାଡ଼ ନୁହେଁ, ଆନ୍ତଃ ରାଜ୍ୟ ଗୋଚାଲାଣରେ ବି ଟିଟୋ ଓରଫ ସୟଦ ଉସ୍‌ମାନ ଅଲୀ ମାଷ୍ଟରମାଇଣ୍ଡ। ଟିଟୋ ଗ୍ୟାଙ୍ଗ୍ ଓଡ଼ିଶାରୁ ବିଭିନ୍ନ ରାଜ୍ୟକୁ ଗୋରୁ ଚାଲାଣ କରୁଥିଲା। ଗୋରୁ ସଂଗ୍ରହଠାରୁ ଆରମ୍ଭ କରି ଗୋରୁ ବୋଝେଇ ଟ୍ରକଗୁଡ଼ିକୁ ବିଭିନ୍ନ ଥାନା ଅଞ୍ଚଳରେ ଏସ୍କର୍ଟ ଦେଇ ରାଜ୍ୟ ସୀମା ପାର କରାଇବା ପର୍ଯ୍ୟନ୍ତ ସବୁକିଛି ଟିଟୋ ଗ୍ୟାଙ୍ଗ ସମ୍ଭାଳୁଥିଲା। ଏସବୁର ମଙ୍ଗ ଧରିଥିଲେ ଖୋର୍ଦ୍ଧା ଜିଲା ସୁଣାପଲା ଗ୍ରାମର ବଟକୃଷ୍ଣ ପାଣି ଓରଫ ବଟୁ(୪୫)। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ବଟୁଙ୍କୁ ଗିରଫ କରିବା ପରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ବଟୁ ଭୁବନେଶ୍ୱର କଳିଙ୍ଗବିହାରରେ ଥିବା କେ-୪ ଏଲ୍‌ଆଇଜି ଫ୍ଲାଟ ନଂ. ୨୮୦ରେ ରହୁଥିଲେ। ତାଙ୍କଠାରୁ ୧୨ ଲକ୍ଷ ଟଙ୍କାର ଏକ ଦାମୀ ବାଇକ୍ ସହ ଦୁଇଟି ଚାରି ଚକିଆ ଯାନ ଏକ ବନ୍ଧୁକ ଜବତ ହୋଇଛି। ସେହିଭଳି ଟିଟୋଙ୍କର ଅନ୍ୟତମ ସହଯୋଗୀ କେନ୍ଦ୍ରାପଡ଼ା ଜିଲା ମହିପଲା ଗ୍ରାମର ସରୋଜ ପତି(୩୧)ଙ୍କୁ ଏସ୍‌ଟିଏଫ୍ କେନ୍ଦ୍ରାପଡ଼ାରୁ ଗିରଫ କରିଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବଟକୃଷ୍ଣ ଟିଟୋଙ୍କ ଗୋରୁ ଚାଲାଣ ର୍‍ୟାକେଟର ମଙ୍ଗ ଧରିଥିଲେ। ସେ ୮ବର୍ଷ ହେବ ଏହି ର୍‍ୟାକେଟ ଚଳାଇ ଆସୁଥିଲେ। ଖୋର୍ଦ୍ଧା ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଗୋରୁ ସଂଗ୍ରହ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। କେବଳ ଖୋର୍ଦ୍ଧା ନା ଅନ୍ୟ କୌଣସି ଅଞ୍ଚଳରୁ ଗୋଚାଲାଣରେ ବଟକୃଷ୍ଣଙ୍କ ସମ୍ପୃକ୍ତି ରହିଛି ସେନେଇ ଏସ୍‌ଟିଏଫ ଖୋଳତାଡ଼ କରୁଛି। ଖୋର୍ଦ୍ଧା ବେଗୁନିଆରୁ କୋଲକାତା-ତ୍ରିପୁରା ଦେଇ ବାଂଲାଦେଶକୁ ଗୋରୁ ଏବଂ ଚମଡ଼ା ଚାଲାଣ ହେଉଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଥର ସେ ବାଂଲାଦେଶକୁ ଗୋରୁଚାଲାଣ କରିଥିବା ଏସ୍‌ଟିଏଫ ପଚରାଉଚରାବେଳେ ଜାଣିବାକୁ ପାଇଛି। ଗୋରୁ ବୋଝେଇ ଗାଡ଼ିଗୁଡ଼ିକୁ ୨୫ରୁ ୩୦ ଯୁବକ ଏସ୍କର୍ଟ ଦିଅନ୍ତି। ସେମାନେ ବୋଲେରୋରେ ଗାଡ଼ି ଆଗରେ ଯାଇ ରାସ୍ତା କ୍ଲିୟର କରନ୍ତି। ଯଦି କେଉଁଠି ପୋଲିସ ଅଟକାଏ ତେବେ ଟଙ୍କା ଦେଇ ଚୁପ କରାନ୍ତି। ପ୍ରତି ଥର ଗୋରୁ ଚାଲାଣରେ ସେ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏସବୁ ଟଙ୍କା ବିଭିନ୍ନ ଥାନାକୁ ବଟି ଆକାରରେ ଯାଇଥାଏ। ସେହିପରି ଲାଭ ହେଉଥିବା ଟଙ୍କାରୁ କିଛି ଅଂଶ ଟିଟୋଙ୍କ ନିକଟକୁ ଯାଏ। ଖୋର୍ଦ୍ଧା ଅଞ୍ଚଳରେ ଟିଟୋ ଏକାଧିକ ଜମି କିଣିଛନ୍ତି। ଏଥିରେ ବଟକୃଷ୍ଣ ତାଙ୍କୁ ସହଯୋଗ କରୁଥିଲେ। ବଟକୃଷ୍ଣଙ୍କ ନାମରେ ଟେଣ୍ଡର ଫିକ୍ସିଂ, ଦାଦାବଟି, ବୋମା ମାଡ ଓ ହତ୍ୟା ଭଳି ସଙ୍ଗିନ ମାମଲା ରହିଛି।

ଅନ୍ୟପଟେ ସରୋଜ କେନ୍ଦ୍ରାପଡାରେ ଟିଟୋଙ୍କ ବେଆଇନ ଅର୍ଥ କାରବାର କଥା ବୁଝୁଥିଲେ। ବଟି ଆଦାୟ, ଲୁଟପାଟ ଭଳି ଅନେକ ମାମଲାରେ ସେ ସମ୍ପୃକ୍ତ ଥିବା ଜଣାପଡିଛି। ଏସ୍‌ଟିଏଫ ଡିଆଇଜି ହିମାଂଶୁ ଲାଲ୍ କହିଛନ୍ତି, ୮ବର୍ଷ ଧରି ଟିଟୋ ଇସାରାରେ ବଟକୃଷ୍ଣ ଗୋଚାଲାଣ ର୍‍ୟାକେଟ ଚଳାଉଥିଲେ। କୋଟି କୋଟି ଟଙ୍କାର ବ୍ୟବସାୟ ହେଉଥିଲା। ଏହି ଟଙ୍କାରେ ଟିଟୋ ଭୁବନେଶ୍ୱର, ବେଗୁନିଆ, ପୁରୀ ଓ ପିପିଲି ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ଜମି କିଣିଛନ୍ତି। ଏସ୍‌ଟିଏଫ ଏହାର ସୁରାକ ପାଇଛି। ଟିଟୋଙ୍କର ତିନୋଟି ଦାମୀ ଗାଡି ଜବତ ହୋଇଛି। ଏହି ଗାଡି ଭିତରେ ୧୨ ଲକ୍ଷ ଟଙ୍କାର ଏକ ହାର୍ଲି ଡାଭିଡ୍‌ସନ ବାଇକ୍ ରହିଛ, ଯାହାକୁ ବଟୁ ନିଜ ପାଖରେ ରଖିଥିଲେ।

ଏହାବ୍ୟତୀତ ଏସ୍‌ଟିଏଫ୍ ବର୍ତ୍ତମାନ ସୁଦ୍ଧା ଟିଟୋଙ୍କ ରାଜନୈତିକ ଲିଙ୍କ୍ ଖୋଲିବାରେ ବିଫଳ ହୋଇଛି। ଟିଟୋଙ୍କର ଅନେକ ରାଜନେତାଙ୍କ ସହ ସମ୍ପର୍କ ଥିଲେ ମଧ୍ୟ ଏସ୍‌ଟିଏଫ୍ ରାଜନୈତିକ ଚାପରେ ପଡ଼ି ଏସବୁକୁ ଅଣଦେଖା କରୁଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି।



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ



# କୋଚର ଦୂରେଇ ରହନ୍ତୁ

ଆଇସିଆଇସିଆଇ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଚନ୍ଦା କୋଚର ଆଇସିଆଇସିଆଇ ସିକ୍ୟୁରିଟିଜ୍ (ଆଇ-ସେକ୍) ବୋର୍ଡର ନିର୍ଦ୍ଦେଶକ ପଦରେ ପୁନଃ ଅବସ୍ଥାପିତ ହେବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ଅଗଷ୍ଟ ୩୦ରେ ଆଇ-ସେକ୍ ବୋର୍ଡର ବାର୍ଷିକ ସାଧାରଣ ବୈଠକରେ ପ୍ରସ୍ତାବଟି ବିଚାର ପାଇଁ ଉପସ୍ଥାପନ କରାଯିବ। ଯଦି ତାହା ଅନୁମୋଦନ ଲାଭ କରେ, ତେବେ ସେ ବ୍ୟାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଶାଖାର ମଙ୍ଗୁଆଳ ଭାବେ ପ୍ରତ୍ୟାବର୍ତ୍ତନ କରିବେ। ଆଇ-ସେକ୍‌ର ଏକ ବିଜ୍ଞପ୍ତି ଅନୁସାରେ କୋଚର ଉକ୍ତ ପଦରୁ ଅବସର ନେବା ପରେ ନିଜକୁ ଯୋଗ୍ୟ ମନେକରି ପୁନର୍ନିଯୁକ୍ତି ପାଇଁ ପ୍ରସ୍ତାବ ଦେଇଛନ୍ତି। ଯଦି ସେ ଉକ୍ତ ପଦ ଲାଗି ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ଏକ ସାଧାରଣ ରିଜଲ୍ୟୁଶନ ମାଧ୍ୟମରେ ତାଙ୍କର ପୁନର୍ନିଯୁକ୍ତିକୁ ଅନୁମୋଦନ ଦିଆଯିବ। କୋଚରଙ୍କ ଏ ପ୍ରସ୍ତାବ ନୈତିକତା ଦୃଷ୍ଟିରୁ ଦେଶର ଆର୍ଥିକ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କାମ କରୁଥିବା ବାବୁମାନଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ପ୍ରତିନିଧି ଉପଦେଷ୍ଟା ଫାର୍ମ 'ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡ୍‌ଭାଇଜରୀ' କୋଚରଙ୍କ ସମ୍ଭାବ୍ୟ ପୁନର୍ନିଯୁକ୍ତିକୁ ବିରୋଧ କରିବା ଲାଗି ଶେୟାର୍‌ହୋଲ୍‌ଡରମାନଙ୍କୁ ପରାମର୍ଶ ଦେଇଛି। ଦେଶର ବୃହତ୍ତମ ଘରୋଇ ବ୍ୟାଙ୍କରେ କର୍ପୋରେଟ୍ ପ୍ରଶାସନିକ କାର୍ଯ୍ୟରେ ସେ ତ୍ରୁଟିବିଚ୍ୟୁତି କରିଥିବା ନେଇ ତାଙ୍କ ବିରୋଧରେ ଅନେକ ଅଭିଯୋଗ ରହିଛି।

ସେବି ସମେତ ଅନେକ ନିୟାମକ ସଂସ୍ଥା ପକ୍ଷରୁ ତାଙ୍କ ବିରୋଧରେ ତଦନ୍ତ କରାଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ନିଜେ ମଧ୍ୟ ତାଙ୍କ ବିରୋଧରେ ଭିଡିଓକନ୍ ଗ୍ରୁପ୍‌କୁ ଋଣ ପ୍ରଦାନରେ କରିଥିବା ଅନିୟମିତତା ନେଇ ଏକ ଆଭ୍ୟନ୍ତରୀଣ ତଦନ୍ତ ଜାରି ରଖିଛି। ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ବି.ଏନ୍. ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଗଠିତ ଏକ ପ୍ୟାନେଲ କୋଚରଙ୍କ ବିରୋଧରେ ଥିବା ବିଭିନ୍ନ ଅଭିଯୋଗର ଏକ ନିରପେକ୍ଷ ତଦନ୍ତ କରୁଛନ୍ତି। ସିବିଆଇ ମଧ୍ୟ କୋଚରଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡିଓକନ୍ ଗ୍ରୁପ୍ ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍‌ଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଉପରେ ଏକ ପ୍ରାରମ୍ଭିକ ତଦନ୍ତ ପଞ୍ଜୀକୃତ କରିଛି। ଅଭିଯୋଗ ଅନୁସାରେ, ଭିଡିଓକନ୍ ଆଇସିଆଇସିଆଇ ବ୍ୟାଙ୍କରୁ ଦୁଇଟି ପର୍ଯ୍ୟାୟରେ ୩,୨୫୦ କୋଟି ଓ ୬୬୦ କୋଟି ଟଙ୍କା ଋଣ ପାଇବାର ଛଅମାସ ପରେ ଧୂତ୍ ଦୀପକ କୋଚରଙ୍କ ଫାର୍ମକୁ ବହୁ କୋଟି ଟଙ୍କା ଦେଇଥିଲେ। ଅଭିଯୋଗ ଅନୁସାରେ ୨୦୧୨ରେ ଋଣ

## ଆଜିର ଅର୍ଥନୀତି

ପାଇଲା ପରେ ଦୀପକ କୋଚରଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବ୍‌ଲସ୍‌କୁ ଧୂତ୍ ୧୦ ପ୍ରତିଶତ ବିଦେଶୀ ଫଣ୍ଡିଙ୍ଗ୍ ଆକାରରେ ଦେବେ ବୋଲି ସର୍ତ୍ତ ରହିଥିଲା। ୨୦୦୮ରେ ଦୀପକ କୋଚର ଓ ଧୂତ୍ ନ୍ୟୁପାୱାର ରିନ୍ୟୁଏବ୍‌ଲସ୍ ନାମରେ ୫୦:୫୦ ଶେୟାର୍‌ରେ ଏକ ଯୁଗ୍ମ ଉଦ୍ୟୋଗ ଆରମ୍ଭ କରିଥିଲେ।

କୋଚର ମଧ୍ୟ ଅନେକ ଆଇସିଆଇସିଆଇ ବ୍ୟାଙ୍କ ଗ୍ରୁପ୍ କମ୍ପାନୀ ଯଥା ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନ୍‌ସ୍ୟୁରାନ୍ସ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ, ଆଇସିଆଇସିଆଇ ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ଏବଂ ଆଇସିଆଇସିଆଇ ବ୍ୟାଙ୍କ କାନାଡ଼ାର ନିର୍ଦ୍ଦେଶକ ପଦରେ ରହିଛନ୍ତି। ମୂଳ ଫାର୍ମର ପରିଚାଳନା ନିର୍ଦ୍ଦେଶକ ଓ ସିଇଓଭାବେ ସେ ଆପେ ଆପେ ଏହିସବୁ ପଦବୀର ଅଧିକାରିଣୀ ହୋଇଥିଲେ। ବର୍ତ୍ତମାନ ତାଙ୍କର କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିବାରୁ ତାଙ୍କୁ ବାଧ୍ୟତାମୂଳକ ଭାବେ ଛୁଟି ଦିଆଯାଇଛି। ତେଣୁ ସେ ସ୍ୱେଚ୍ଛାକୃତ ଭାବେ ଉକ୍ତ ସମସ୍ତ ପଦବୀରୁ ଇସ୍ତଫା ଦେବା ଉଚିତ। କିନ୍ତୁ ତାହା ନ କରି ତାଙ୍କ ବିରୋଧରେ ତଦନ୍ତ ଚାଲିଥିବା ବେଳେ ସେ ଆଉ ଏକ ବୋର୍ଡ ପଦବୀରେ ପୁନର୍ନିଯୁକ୍ତି ଲାଗି ଆବେଦନ କରିବା ନିନ୍ଦନୀୟ ଓ ଅଧିକ ସନ୍ଦେହଜନକ। ୨୦୧୯ ମାର୍ଚ୍ଚ ମାସରେ କୋଚର ଅବସର ନେବାର ଅଛି।

ଯଦି କୋଚରଙ୍କୁ ଆଇ-ସେକ୍‌ରେ ନିଯୁକ୍ତି ଦିଆଯାଏ, ତେବେ ସଂସ୍ଥା ବଦନାମ ହେବା ସହିତ ସମଗ୍ର ଗ୍ରୁପ୍‌ର ସୁନାମରେ ଆଞ୍ଚ ଆସିବ। ବ୍ୟାଙ୍କ ମଧ୍ୟ ଏହାର ସୁନାମରେ ଆଞ୍ଚ ଆସିବା କାରଣ ଦର୍ଶାଇ କୋଚରଙ୍କୁ ବାଧ୍ୟତାମୂଳକ ଛୁଟି ଦେଇଥିବା ପ୍ରକାଶ କରିଥିଲା। ଏହି ପୃଷ୍ଠଭୂମିରେ କୋଚର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଆବେଦନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ। ଆଇ-ସେକ୍ ବୋର୍ଡ ମଧ୍ୟ ତରବର ହୋଇ ତାଙ୍କର ପୁନର୍ନିଯୁକ୍ତି ଲାଗି ଆଗ୍ରହ ପ୍ରକାଶ କରିବା ଦୁଃଖଦାୟକ। ତେବେ ତାଙ୍କ ବିରୋଧରେ ଆସିଥିବା ସାଂଘାତିକ ଅଭିଯୋଗଗୁଡ଼ିକ ମିଥ୍ୟା ବୋଲି ଯଦି ପ୍ରମାଣିତ ହୁଏ ଏବଂ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୁଅନ୍ତି, ତା'ପରେ ତାଙ୍କର ପୁନର୍ନିଯୁକ୍ତି ଲାଗି କୌଣସି ବାଧା ରହିବ ନାହିଁ। ସେ ପର୍ଯ୍ୟନ୍ତ ସେ ଗ୍ରୁପ୍‌ଠାରୁ ଦୂରରେ ରହିବା ଉଚିତ।

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି ହୃଦ ଯାଏ ତାତି। (ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | | | | | 6 | 7 | C | A | E | B | |
| | | | | 5 | | | | C | | | E | 7 | | |
| | 6 | 2 | 4 | | | 0 | 1 | | 3 | D | | | | |
| | | E | | | 1 | A | 5 | | | | 8 | | | |
| | | 9 | | C | 8 | | | D | 4 | | | | | |
| | 7 | 1 | 8 | 3 | E | 4 | 2 | | | | | | | |
| | 9 | D | | | | 6 | | | E | 8 | | | | |
| 0 | | | | | 9 | | 7 | E | | 1 | | | 5 | |
| | | | | | C | | | 3 | | | | 0 | | |
| | 4 | 8 | A | | 7 | | | 0 | B | 2 | D | | | |
| | 8 | 3 | | | | | | 1 | | B | 2 | | | |
| | D | | | | 4 | 7 | | | | | | | 0 | |
| | | 0 | 7 | | | D | | | 9 | | | 6 | 1 | |
| 4 | 2 | | 9 | | | | A | | | | | | | |
| | | | C | A | D | B | | | | 0 | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | 5 | D | 6 | 8 | C | E | 3 | 0 | 4 | A | B | 7 | 9 |
| 4 | 8 | 3 | 5 | A | 7 | 6 | 1 | 9 | B | 2 | C | D | E | 0 |
| 9 | 7 | B | 4 | E | 0 | 5 | A | D | 3 | 1 | 6 | C | 2 | 8 |
| E | C | A | 9 | 2 | 1 | 0 | B | 8 | D | 5 | 7 | 6 | 3 | 4 |
| 0 | D | 6 | C | B | 3 | 4 | 7 | 2 | 8 | E | 9 | A | 1 | 5 |
| B | 1 | C | 0 | 9 | 5 | 3 | 2 | 4 | A | 8 | D | 7 | 6 | E |
| 2 | 0 | 7 | B | D | 4 | A | 9 | C | E | 6 | 5 | 3 | 8 | 1 |
| 3 | E | 9 | A | 8 | C | 1 | 6 | 5 | 7 | B | 4 | 2 | 0 | D |
| A | 6 | 8 | 7 | 1 | E | B | D | 0 | 2 | 9 | 3 | 4 | 5 | C |
| D | 5 | 4 | 2 | 3 | 6 | E | 8 | 7 | C | 0 | 1 | 9 | B | A |
| C | 9 | D | 3 | 7 | B | 8 | 0 | E | 5 | A | 2 | 1 | 4 | 6 |
| 5 | A | 2 | 6 | 0 | 9 | 7 | 4 | B | 1 | D | E | 8 | C | 3 |
| 7 | 3 | 1 | 8 | 4 | D | 2 | 5 | 6 | 9 | C | 0 | E | A | B |
| 6 | B | 0 | E | C | A | D | 3 | 1 | 4 | 7 | 8 | 5 | 9 | 2 |
| 8 | 4 | E | 1 | 5 | 2 | 9 | C | A | 6 | 3 | B | 0 | D | 7 |

ଗତକାଲିର ଉତ୍ତର

# ପାକିସ୍ତାନର ଭବିଷ୍ୟତ-ଅନେକ ପ୍ରଶ୍ନବାଚୀ

**ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର, ଲେଖକ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା କୂଟନୀତିଜ୍ଞ କୁଲଦୀପ ନାୟାରଙ୍କର ବୁଧବାର ବିଳମ୍ବିତ ରାତ୍ରିରେ ପରଲୋକ ଘଟିଛି। ଅତୀତରେ ସେ ଧରିତ୍ରୀର ନିୟମିତ ଖବରଦାତା ଓ ସ୍ତମ୍ଭକାର ଥିଲେ। ପାଠକଙ୍କ ଅବଗତି ନିମନ୍ତେ ଧରିତ୍ରୀରେ ୨୩।୦୮।୧୯୮୮ ତାରିଖରେ ପ୍ରକାଶିତ ତାଙ୍କର ଏକ ଲେଖା ଏଠାରେ ପୁନରୁପସ୍ଥାପନ କରାଯାଉଛି।**

କୁଲଦୀପ ନାୟାର

ଜିଆଙ୍କ ଇଚ୍ଛା ମୁତାବକ ପାକିସ୍ତାନ କ'ଣ ଇସ୍‌ଲାମ ରାଷ୍ଟ୍ର ହେବ ? ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଦେଶରେ ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ସାଧାରଣ ନିର୍ବାଚନ ହେବ। ଯଦି ହେବ, ପୂର୍ବ ନିଷ୍ପତ୍ତିମତେ ନିର୍ଦ୍ଦଳୀୟ ଭିତ୍ତିରେ ହେବ ନା ନିଷ୍ପତ୍ତି ବଦଳିବ ?- ଏ କେତୋଟି ମୌଳିକ ପ୍ରଶ୍ନ ଜେନେରାଲ ଜିଆଙ୍କ ଆକସ୍ମିକ ମୃତ୍ୟୁ ପରେ ସମସ୍ତଙ୍କୁ ଆନ୍ଦୋଳିତ କରୁଛି।

ପାକିସ୍ତାନୀ ଜନସାଧାରଣ ଏବଂ ଜିଆଙ୍କ ମଧ୍ୟରେ ଗତ କିଛିବର୍ଷ ମଧ୍ୟରେ ସୁସମ୍ପର୍କ ରକ୍ଷା ହୋଇପାରି ନ ଥିଲେ ହେଁ ଜନସାଧାରଣ ଜାଣୁଥିଲେ ସେମାନେ କୌଣସି ବିକଳ୍ପ ଶାସନ ପଦ୍ଧତି ଓ ଶାସକ ଖୋଜି ପାଇବା ପର୍ଯ୍ୟନ୍ତ ଜିଆଙ୍କ ଶାସନ ଚାଲିବ ହିଁ ଚାଲିବ। ୧୧ ବର୍ଷ ତଳେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ନେତା ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ବହିଷ୍କାର କରି ଜେନେରାଲ ଜିଆ ସାମରିକ ଶାସନ ପ୍ରତିଷ୍ଠା କରିଥିଲେ। ତେବେ ସେ ପ୍ରଥମରୁ ହିଁ ଘୋଷଣା କରି ଆସୁଥିଲେ, ଦିନେନା ଦିନେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃ ପ୍ରବର୍ତ୍ତନ କରାଇବେ। ପାକିସ୍ତାନୀ ଜନସାଧାରଣ ଜିଆଙ୍କ ଏହି ଘୋଷଣା କେତେଦୂର ସତ୍ୟ, ତାହା ବୁଝିପାରୁ ନ ଥିଲେ। କିନ୍ତୁ ଜିଆ ପ୍ରଥମେ ତାଙ୍କ ଦ୍ୱାରା ମନୋନୀତ ଏକ ପରିଷଦ ମଜଲିସ୍ ମୁସୱାରିଆତ୍‌କୁ ସୀମିତ କ୍ଷମତା ଅର୍ପଣ କରିବା ଓ ପରେ ନିର୍ଦ୍ଦଳୀୟ ଭିତ୍ତିରେ ଏକ ସାଧାରଣ ନିର୍ବାଚନ କରାଇ ଜାତୀୟ ଆସେମ୍ବ୍ଲି ଗଠନ କରାଇବା ପରେ ଲୋକଙ୍କ ଧାରଣା ହୋଇଥିଲା-କ୍ରମେ ନିଶ୍ଚୟ ସାମରିକ ଶାସନ ହାତରୁ ଲୋକପ୍ରତିନିଧିଙ୍କ ନିକଟକୁ ଶାସନ କ୍ଷମତା ଲେଉଟିଆସିବ। କିନ୍ତୁ ଜିଆଙ୍କ ଖେଳ


ଧରିତ୍ରୀ
DHARITRI
TUESDAY AUGUST 23 1988
ପଶ୍ଚିମବଙ୍ଗ ବାମସାମ୍ମୁଖ୍ୟରେ ଖୁଲୁଟର ମତଭେଦ
ବିଶ୍ୱ ସମାଚାର
ହାଇକୋର୍ଟଙ୍କ ରାୟ:
ସତୀ ମନ୍ଦିରରେ ପୂଜାପାଠ ଗଳିବ
ଦାର୍ଜିଲିଂ ଚୁକ୍ତି ସ୍ୱାକ୍ଷରିତ
ସୟଦ ମୋଦୀ ହତ୍ୟାକାଣ୍ଡରେ ପତ୍ନୀ ଅମିତାଙ୍କ ହାତ !
ଆମେରିକାର ପ୍ରତିଶ୍ରୁତି
ଭୂମିକମ୍ପ ମୃତ୍ୟୁ ସଂଖ୍ୟା ଏକହଜାରକୁ ଟପିଲା
ପାକିସ୍ତାନର ଭବିଷ୍ୟତ ? ଅନେକ ପ୍ରଶ୍ନବାଚୀ
ପାଣିପାଗ

ଭିନ୍ନ ପ୍ରକାର। ତାଙ୍କର ନୀତି ଥିଲା, ନିର୍ବାଚିତ ଲୋକ ପ୍ରତିନିଧିଙ୍କ ହାତରେ ଖୁବ୍ କମ୍ କ୍ଷମତା ନ୍ୟସ୍ତ କରିବା, ଯେଭଳି ସେ କହିଥିଲେ ମହମ୍ମଦ ଖାଁ ଜୁନେଜୋଙ୍କୁ ବହିଷ୍କାର କରିବା ପୂର୍ବରୁ । ଆସନ୍ତା ନଭେମ୍ବର ମାସରେ ଘୋଷିତ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ସେ ଏଭଳି କୌଶଳ ପ୍ରସ୍ତୁତ କରିଥିଲେ ଯେଭଳି ପାକିସ୍ତାନ ପିପୁଲ୍ସ ପାର୍ଟି(ପିପିପି) ଭଳି ଦେଶର ଲୋକପ୍ରିୟ ରାଜନୈତିକ ଦଳକୁ ନିର୍ବାଚନ ଲଢିବାର ଏବଂ ଏହାର ନେତ୍ରୀ ବେନଜିର ଭୁଟ୍ଟୋଙ୍କୁ କ୍ଷମତାଠାରୁ ଦୂରରେ ରଖିବେ । ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନେଜୋଙ୍କୁ ଅଲଗା ରଖି ପୀର ପାଗୋରାଙ୍କ ନେତୃତ୍ୱ ଅଧୀନରେ ପାକିସ୍ତାନ ମୁସଲିମ ଲିଗ୍‌କୁ ସଂଗଠିତ କରିବାରେ ସଫଳତା ଜିଆଙ୍କ ଏହି ଉଦ୍ୟମର ଅଂଶବିଶେଷ ଥିଲା ।

ମନେହୁଏ, ଜେନେରାଲ ଜିଆ ନିର୍ବାଚନ କମିଶନଙ୍କ ସ୍ୱୀକୃତି ଲାଭ କରିଥିବା ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବା ସକାଶେ ଚିନ୍ତା କରୁଥିଲେ। ପାକିସ୍ତାନ ପିପୁଲ୍ସ ପାର୍ଟି ନିର୍ବାଚନ କମିଶନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଦଳ ମଧ୍ୟରେ ଅନ୍ୟତମ ।

ବର୍ତ୍ତମାନର କାମଚଳା ରାଷ୍ଟ୍ରପତି ଗୁଲାମ ଇଶାକ ଖାଁ ବିଭିନ୍ନ ଜାତିଆଣ ଗୋଷ୍ଠୀ କିମ୍ବା ହତାଶ ନେତାମାନଙ୍କୁ ଏକତ୍ରିତ କରି ରଖିପାରିବା ତ ଦୂରର କଥା, ପାକିସ୍ତାନରେ ତାଙ୍କ ନିଜ ଭିତ୍ତି ମଧ୍ୟ ସୁଦୃଢ଼ ନୁହେଁ। ଜାତୀୟ ଆସେମ୍ବ୍ଲିର ବାଚସ୍ପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ସେ ଫଖର ଇମାମଙ୍କଠାରୁ ହାରିଯାଇଥିଲେ। ତେଣୁ ଇଶାକ ଖାଁ ଜେନେରାଲ ଜିଆଙ୍କ ଭଳି କିମ୍ବା ତାଙ୍କ ନୀତି ଅନୁସରଣ କରି କାର୍ଯ୍ୟ କରିପାରିବେ ନାହିଁ । ସାମରିକ ପ୍ରଶାସନ ପ୍ରକୃତ କ୍ଷମତା ଉପଭୋଗ କରୁଥିବା ବେଳେ ଲୋକଙ୍କ ମନରେ ଲୋକପ୍ରିୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହେବା, ଉଜ୍ଜୀବିତ କରି ରଖିବା କ୍ଷମତା କେବଳ ଜିଆଙ୍କର ହିଁ ଥିଲା। ଶେରୱାନୀଠାରୁ ଖରିର କ୍ଷମତା ଥିଲା ବେଶି। ଏବେ ଏ ଦୁଇଟି ମଧ୍ୟରେ ଭାରସାମ୍ୟ ରଖିବା ଲୋକ ଆଉ କିଏ ଅଛି ?

ଜେନେରାଲ ଜିଆଙ୍କ ମୃତ୍ୟୁ ପରେ ପ୍ରଥମ କ୍ୟାବିନେଟ ବୈଠକରେ ତିନି ବାହିନୀର ମୁଖ୍ୟ ଉପସ୍ଥିତ ଥିଲେ। ଏଥିରୁ ଅନୁମାନ ହୁଏ ଭବିଷ୍ୟତରେ ପାକିସ୍ତାନରେ ଯେ କୌଣସି ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହେବ, ସାମରିକ ବାହିନୀର ମୁଖ୍ୟ ସେଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ତେବେ ଦେଶର ନୂତନ ସାମରିକ ମୁଖ୍ୟ ଯିଏ ହେବେ, ସେ କିଭଳି ଭାବେ କାର୍ଯ୍ୟ କରିବେ ସେଥିରୁ ପାକିସ୍ତାନର ଭବିଷ୍ୟତ ନିର୍ଭର କରିବ। ଏବେ ପାକିସ୍ତାନରେ ସାମରିକ ଆଇନ ପ୍ରବର୍ତ୍ତନର ସମ୍ଭାବନା ନାହିଁ। କିନ୍ତୁ ରାଜନେତିକ ଦଳମାନେ ଯଦି ଜିଆଙ୍କ ସ୍ଥାନ ପୂରଣ କରିବାକୁ ଚେଷ୍ଟା କରନ୍ତି, ସାମରିକ ଆଇନ ଜାରି ଅବଶ୍ୟମ୍ଭାବୀ। ସାମରିକ ବାହିନୀ ବର୍ତ୍ତମାନ ଯେଭଳି ଲୋଭନୀୟ ପଦବୀମାନଙ୍କରେ ଅଛନ୍ତି ଓ କ୍ଷମତା ଉପଭୋଗ କରୁଛନ୍ତି ତାହା ସେମାନେ କେବେ ହେଲେ ହାତରୁ ଛାଡିବାକୁ ମନକରିବେ ନାହିଁ। ଅନ୍ତତଃ ସେମାନେ ଏଭଳି ଏକ ପରିସ୍ଥିତି ପାଇଁ ଅଦ୍ୟାବଧି ନିଜକୁ ପ୍ରସ୍ତୁତ କରିନାହାନ୍ତି। ସେମାନେ ଆଜକୁ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି କ୍ଷମତା ଉପଭୋଗ କରିଆସିଛନ୍ତି।

ଆମ ଦୂରଦର୍ଶନ ପୁଣିଥରେ ତା'ର ଦାୟିତ୍ୱ ତୁଲାଇବାରେ ପଛୁଆ ପଡିଗଲା । ଜେନେରାଲ ଜିଆଙ୍କ ମୃତ୍ୟୁ ଖବର ଖବରକାଗଜ ଏବଂ ସମ୍ବାଦ ସଂସ୍ଥା ଅଫିସରେ ରାତିପ୍ରାୟ ସାଢେ ଆଠଟା ବେଳେ ପହଞ୍ଚିଲା। ହିନ୍ଦୀ ବୁଲେଟିନ ରାତି ୯ଟାରେ ଶେଷ ହୁଏ। ଅଥଚ ଏଥିରେ ଜିଆଙ୍କ ସମ୍ପର୍କରେ ଧାଡିଏ ସୁଦ୍ଧା ରହିଲା ନାହିଁ ।

# ନିଜେ ହିଁ ନିଜର ତୁଳନା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଗଙ୍ଗାଧର ମେହେରଙ୍କୁ ରାଧାନାଥ ରାୟଙ୍କ ଯୁଗରେ ଅନ୍ତର୍ଭୁକ୍ତ କରାଗଲେ ମଧ୍ୟ ସ୍ୱକୀୟ କାବ୍ୟଶୈଳୀ ଓ ବୈଶିଷ୍ଟ୍ୟ ଯୋଗୁ ସେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। 'ଚିଲିକା' ଓ 'ମହାଯାତ୍ରା'କୁ ଛାଡ଼ିଦେଲେ ରାଧାନାଥଙ୍କର ପ୍ରାୟ ସମସ୍ତ କାବ୍ୟକବିତା ବିଦେଶୀ କଥାବସ୍ତୁର ପଟ୍ଟଭୂମିରେ ପର୍ଯ୍ୟବସିତ। କିନ୍ତୁ ତାଙ୍କ ବିଶେଷତ୍ୱ ଏହି ଯେ, ନିଜ ପ୍ରତିଭା ଦ୍ୱାରା ବିଦେଶୀ କଥାବସ୍ତୁକୁ ତାଙ୍କ କାବ୍ୟ କବିତାରେ ସେ ନୂତନ ରୂପ ଦେଇଛନ୍ତି।

ଗଙ୍ଗାଧରଙ୍କ 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ' ଓ 'କୀଚକ ବଧ' ଆଦି କାବ୍ୟରେ ଆମେ ଯଦିଓ ମଧ୍ୟଯୁଗୀୟ ସାହିତ୍ୟଶୈଳୀର ବାସ୍ନା ପାଇଥାଉ, କିନ୍ତୁ ଏହି କାବ୍ୟ କାରିଗର ଶବ୍ଦ ସଂଯୋଜନା, ଛାନ୍ଦ ଓ ଅଳଂକାରରେ ଅନେକ ପରିବର୍ତ୍ତନ ଆଣିବା ଦ୍ୱାରା ଏଥିରେ ଆଧୁନିକତାର ପ୍ରବାହ ଦେଖିବାକୁ ମିଳେ। ଯଥାର୍ଥରେ କହିବାକୁ ଗଲେ ଗଙ୍ଗାଧର ହେଉଛନ୍ତି ମଧ୍ୟଯୁଗ ଓ ଆଧୁନିକ ଯୁଗ ସାହିତ୍ୟର ଏକ ସଂଯୋଗକାରୀ ସେତୁ।

ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ପ୍ରଥମେ 'ରସ ରତ୍ନାକର' କାବ୍ୟ ରଚନା କରିଥିଲେ। ଆଦ୍ୟପ୍ରାନ୍ତ 'ର' ଅକ୍ଷର ନିୟମରେ ଏହା ରଚିତ। ଆଠ ଛାନ୍ଦ ବିଶିଷ୍ଟ ଏହି କାବ୍ୟରେ କବି ନାୟିକା ଉଷା ଓ ନାୟକ ଅନିରୁଦ୍ଧଙ୍କ ପ୍ରଣୟ କାହାଣୀ ବର୍ଣ୍ଣନା କରିଛନ୍ତି। ଏଥିରେ ସେପରି କିଛି ବିଶେଷତ୍ୱ ଥିବା ମନେହୁଏ ନାହିଁ।

ସାତଗୋଟି ଛାନ୍ଦରେ ରଚିତ 'କୀଚକ ବଧ' ସାତଗୋଟି ଚରିତ୍ରର ସମାହାର। ସେଥିରୁ ପୁରୁଷ ଚରିତ୍ର ସଂଖ୍ୟା ଚାରି ଏବଂ ସ୍ତ୍ରୀ ଚରିତ୍ର ତିନି। ପୁରୁଷ ଚରିତ୍ରଗୁଡ଼ିକ ହେଉଛନ୍ତି- ଭୀମ, ରାଜା ବିରାଟ, ଯୁଧିଷ୍ଠିର ଏବଂ କୀଚକ। ନାରୀ ଚରିତ୍ରମାନେ- ଦ୍ରୌପଦୀ, ବିରାଟ ରାଜାଙ୍କ ପତ୍ନୀ ସୁଦେଷ୍ଣା ଓ କୀଚକର ଦାସୀ ଚପଳା। ମହାଭାରତର ବିରାଟ ପର୍ବ ଅବଲମ୍ବନରେ ଏହା ରଚିତ ହୋଇଥିଲେ ମଧ୍ୟ ଏଥିରେ କବିଙ୍କ କବିତ୍ୱ ଓ ମୌଳିକତା ସ୍ପଷ୍ଟ ବାରିହୁଏ। ୧୯୦୨ ମସିହାରେ କବିଙ୍କ ଜ୍ୟେଷ୍ଠ ପୁତ୍ରର ମୃତ୍ୟୁ ହୁଏ। ଏହି ଶୋକାକୁଳ ପରିବେଶ ମଧ୍ୟରେ ସେ ଲେଖିଛନ୍ତି 'କୀଚକ ବଧ' କାବ୍ୟ। ଏହାର ବିଶେଷତ୍ୱ ହେଉଛି, କବି ଉଭୟ ଭଲ ଓ ମନ୍ଦ ଗୁଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଭଲ ଗୁଣର ହିଁ ସବୁବେଳେ ବିଜୟ ହୋଇଥାଏ ବୋଲି କହିଛନ୍ତି। 'କୀଚକ ବଧ' କାବ୍ୟର ମୁଖବନ୍ଧରେ କବିବର ରାଧାନାଥ ରାୟ ଲେଖିଛନ୍ତି- ''ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି। ଏହି ହେତୁ ତାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସପ୍ରଧାନ ହୁଏ।''

କେବଳ ସେତିକି ନୁହେଁ, ଭକ୍ତକବି ମଧୁସୂଦନ ଯେପରି ପ୍ରକୃତି ମଧ୍ୟରେ ଈଶ୍ୱରୀୟ ସତ୍ତା ଅନୁଭବ କରିଛନ୍ତି, ଗଙ୍ଗାଧରଙ୍କ ପ୍ରକୃତିରେ ସେହିପରି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। କବି ନିଜକୁ ଅମୃତସିନ୍ଧୁର ବିନ୍ଦୁ ବୋଲି କହିଛନ୍ତି। 'ମଧୁମୟ' କବିତାରେ କବି ଲେଖିଛନ୍ତି- 'ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ / ମଧୁର ଝରଣ କରିବ ହରଣ ମୋ ପାପ ମରଣ ଭୟ' ଇତ୍ୟାଦି।

ଭକ୍ତି କବିତା 'ଅର୍ଘ୍ୟଥାଳି'ରେ କବି ଭଗବାନଙ୍କୁ ସିନ୍ଧୁ ସଙ୍ଗେ ତୁଳନା କରିବାକୁ ଦ୍ୱିଧାବୋଧ କରିଛନ୍ତି। ତାଙ୍କ ଭାଷାରେ- ''ବିଶ୍ୱ ଜୀବନ ହେ! ତୁମ୍ଭଙ୍କୁ କରୁଣା ସିନ୍ଧୁ / ବୋଲିବାକୁ ମନ ବଳୁନାହିଁ ଯେଣୁ / ସିନ୍ଧୁ ତବ କୃପାବିନ୍ଦୁ।'' ସିନ୍ଧୁ ଯାହାର କରୁଣାର ଅଣୁଟିଏ ମାତ୍ର, ସେହି ସିନ୍ଧୁକୁ କିପରି ଈଶ୍ୱରଙ୍କ ସହ ତୁଳନା କରାଯିବ! ପୁଣି କବି କହୁଛନ୍ତି ଏ ବିଶ୍ୱର ଯେ ସୃଷ୍ଟିକର୍ତ୍ତା, ତାଙ୍କୁ କ'ଣ ଦେଇ ପୂଜା କରାଯିବ ? କବିଙ୍କ ଭାଷାରେ ''ଯାହା ପରସାଦ ତାଙ୍କୁ ଅରପିଲେ ହେବ ସିନା ଅପରାଧ।''

'ତପସ୍ୱିନୀ' ଗଙ୍ଗାଧରଙ୍କ ସର୍ବଶ୍ରେଷ୍ଠ କୃତି। ଏଥିରେ ସେ ପ୍ରକୃତିକୁ ଜୀବନ୍ତ ଭାବେ ପ୍ରତିଭାତ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଗଙ୍ଗାଧରଙ୍କ ସୀତା ବିନୟୀ ଓ ସହନଶୀଳତାର ପ୍ରତୀକ। ତାଙ୍କ ପତିଭକ୍ତିର ତୁଳନା ନାହିଁ। ତାଙ୍କ ପ୍ରେମ ପବିତ୍ର ଓ ଶାଶ୍ୱତ। ଶ୍ରୀରାମଙ୍କ ଚରଣରେ ସେ ସମର୍ପିତା। ଭବଭୂତି, କାଳିଦାସ ଏବଂ ବାଲ୍ମୀକିଙ୍କଠାରୁ ମେହେରଙ୍କ ସୀତା ସ୍ୱତନ୍ତ୍ର ଏବଂ ସ୍ୱୟଂସମ୍ପୂର୍ଣ୍ଣା ; ରଘୁବଂଶର ସୀତା ରାମଚନ୍ଦ୍ର ତାଙ୍କୁ ଲୋକାପବାଦ ଭୟରେ ପରିତ୍ୟାଗ କରିଛନ୍ତି ବୋଲି କହିଥିବା ବେଳେ ତପସ୍ୱିନୀର ସୀତା ରାମଙ୍କୁ ଦୋଷାରୋପ ନ କରି ଅତ୍ୟନ୍ତ ବିନୟ ଭାବରେ କହିଛନ୍ତି- ''ମୁଁ ମରେ, ତୁମର ହେଉ କଳଙ୍କ ଭଞ୍ଜନ।''

'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଦୁଷ୍ମନ୍ତଙ୍କ ଦ୍ୱାରା ଶକୁନ୍ତଳା ପ୍ରତ୍ୟାଖ୍ୟାତ ହେଲା ପରେ କ୍ରୋଧଜର୍ଜରିତା ହୋଇଛନ୍ତି। କିନ୍ତୁ 'ପ୍ରଣୟବଲ୍ଲରୀ'ରେ ଶକୁନ୍ତଳା ପ୍ରଣୟମୁଗ୍ଧା ନାରୀ। ଏହାର କାରଣ ନିର୍ଦ୍ଦେଶ କରିବାକୁ ଯାଇ କବି କହିଛନ୍ତି- ପତିପତ୍ନୀର ପାରସ୍ପରିକ ବ୍ୟବହାରରେ କାହାର ହୃଦୟ ଭଗ୍ନ ହୋଇଗଲେ, ପ୍ରଣୟରେ ବିଷ ମିଶିଯାଏ। ଦୁଷ୍ମନ୍ତ ଯେଉଁ ବିଷ ଢାଳିଦେଇଥିଲେ, ତାହା ଶକୁନ୍ତଳାଙ୍କ ପ୍ରଣୟକୁମ୍ଭ ଭିତରେ ପଡ଼ି ନ ଥିଲା। ଗଙ୍ଗାଧରଙ୍କ କାବ୍ୟକବିତାରେ ବିଦେଶୀ କଥାବସ୍ତୁ ନକଲର ସ୍ଥାନ ନାହିଁ। ସୁତରାଂ ରାଧାନାଥଙ୍କ ସମକାଳୀନ ସାହିତ୍ୟ ଯୁଗରେ ଗଙ୍ଗାଧରଙ୍କ ତୁଳନା ନିଜେ ହିଁ ଗଙ୍ଗାଧର।

ଅତିରିକ୍ତ ଶାସନ ସଚିବ, ପୂର୍ତ୍ତ ବିଭାଗ,
ଓଡ଼ିଶା, ମୋ.: ୯୪୩୮୦୭୨୮୫୦

## ଏଇ ଭାରତରେ

ପିଲାମାନେ ଖେଳନା ଦେଖିଲେ ସେମାନଙ୍କ ଆନନ୍ଦ କହିଲେ ନ ସରେ। ଗୋଟିଏ ହାତରେ ନୁହେଁ, ଦୁଇ ହାତରେ ସେମାନେ ଖେଳନା ଧରି ଖେଳିବାକୁ ଭଲ ପାଆନ୍ତି। କିନ୍ତୁ ନିକଟରେ ପ୍ରଳୟଙ୍କରୀ ବନ୍ୟା କେରଳୀ ପିଲାଙ୍କ ସବୁ ଖେଳନା ଧୋଇନେଇଛି। ସେମାନେ ଏବେ କରିବେ କ'ଣ ? ସବୁବେଳେ ମନମାରି ବସୁଛନ୍ତି। ସେମାନଙ୍କ ହାତକୁ ଖେଳନା ବଢ଼ାଇଦେବା ପାଇଁ ନଗରୀଭିତ୍ତିକ ଏକ ଏନ୍‌ଜିଓ ଅଭିନବ ଅଭିଯାନ ଆରମ୍ଭ କରିଛି। ରିଲିଫ୍ କ୍ୟାମ୍ପ୍‌ର ପିଲାଙ୍କ ପାଇଁ 'ରାଇଟ୍ସ' ନାମକ ଏହି ସ୍ୱେଚ୍ଛାସେବୀ ସଂଗଠନ ଟଏ କାର୍, କ୍ରେୟନ୍, ଫୁଟବଲ୍, କ୍ରିକେଟ ବ୍ୟାଟ୍ ସମେତ ଗପବହି ସଂଗ୍ରହ କରୁଛି। ଅପ୍ରତ୍ୟାଶିତ ବନ୍ୟାରେ ଖେଳ ସାମଗ୍ରୀ ହରାଇଥିବା ପିଲାମାନେ ଏହାଦ୍ୱାରା କେତେକାଂଶରେ ଖୁସି ହୋଇପାରିବେ। ବୟସ୍କ ବ୍ୟକ୍ତିମାନେ ସର୍ବହରା ହୋଇପଡିଥିବା ବେଳେ ପିଲାଙ୍କ ପ୍ରତି ସେମାନଙ୍କର ଅଧିକ ଧ୍ୟାନ ରହୁନାହିଁ। ଏତିକିବେଳେ ପିଲାଙ୍କୁ ମନସ୍ତାତ୍ତ୍ୱିକ ସମର୍ଥନ ଯୋଗାଇ ଦେବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ରାଇଟ୍ସ ନିର୍ଦ୍ଦେଶକ ରାଧାଲକ୍ଷ୍ମୀ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କଠାରୁ ସଂଗ୍ରହ ବ୍ୟତୀତ କେତେକ କମ୍ପାନୀରୁ ଖେଳନା ଓ ଗପବହି ସଂଗ୍ରହ କରାଯାଉଛି। ସଂଗୃହୀତ କିଛି ଖେଳନା ଇତିମଧ୍ୟରେ ପିଲାମାନଙ୍କୁ ବଣ୍ଟାଯାଇ ସାରିଥିବା ଉକ୍ତ ସଂଗଠନ ପକ୍ଷରୁ କୁହାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୯୩**

- ପୂର୍ବତନ ଯୁଗୋସ୍ଲାଭିଆର ମୁସଲମାନ ସମ୍ପ୍ରଦାୟ ଅଧ୍ୟୁଷିତ ଅଞ୍ଚଳ ମୋଷ୍ଟାରକୁ ଜାତିସଂଘ ଆସନ୍ତା ବୁଧବାର ରିଲିଫ ସାମଗ୍ରୀ ପଠାଇବାକୁ ନିଷ୍ପତ୍ତି ଗ୍ରହଣ କରିଥିବାର ସୂଚନା।
- ରାଜସ୍ଥାନର ଫତେପୁର ସହରରେ ବିଷାକ୍ତ ମଦ୍ୟପାନ କରି ୨୯ଜଣ ଲୋକଙ୍କ ମୃତ୍ୟୁ।
- ମେହେନ୍ତର ପ୍ରଥାର ଉଚ୍ଛେଦ ପାଇଁ ଅଣାଯାଇଥିବା ସଫାଇ କର୍ମଚାରୀ ବିଲ୍‌ଟି ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମିଥ୍ୟା ମକଦ୍ଦମା

ମହାଶୟ,

ଧରିତ୍ରୀ(୬।୮)ରେ ପ୍ରକାଶିତ ପେସାଦାର ମିଥ୍ୟା ମକଦ୍ଦମାକାରୀଙ୍କ ବିରୋଧରେ ଦଣ୍ଡ ଜରୁରୀ ଶୀର୍ଷକ ଖବରଟି ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ମିଥ୍ୟା ମକଦ୍ଦମାର ପେସାଦାରମାନଙ୍କ ଏତାଦୃଶ କର୍ମକୁ ଘୃଣ୍ୟ ଓ ଅମାନୁଷିକ ବୋଲି ବିଚାରପତି କହିଛନ୍ତି। ସାଧାରଣ ଜନତା ଛଟପଟ ହେଲେ ତାଙ୍କୁ ବଞ୍ଚାଇବାକୁ କେହି ନାହାନ୍ତି। ଆଇନ ତା' ବାଟରେ। ପୁଣି ଆଇନର ହାତ କୁଆଡ଼େ ବହୁତ ଲମ୍ବା। ମକଦ୍ଦମା ଦାୟର ହେଲାପରେ, ତାହା ସତ କି ମିଛ ନିର୍ଣ୍ଣୟ ହେଲେ ମକଦ୍ଦମା ଦାଉରୁ ଅନେକେ ରକ୍ଷା ପାଆନ୍ତେ। ପେସାଦାର ମିଥ୍ୟା ମକଦ୍ଦମାକାରୀମାନେ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଲେ ଆଉ ମକଦ୍ଦମା କରିବାକୁ ମନ ବଳାନ୍ତେ ନାହିଁ।

କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

### ଲିଭ୍ ଇନ୍ ରିଲେଶନ୍‌ଶିପ୍

ସର୍ବୋଚ୍ଚ ନ୍ୟାୟାଳୟ ସାବାଳକ ଯୁବକ ଯୁବତୀ ସହମତିରେ ବସବାସ କରିପାରିବେ ବୋଲି ରାୟ ଦେଇଛନ୍ତି। ବିବାହ ନ କରି ଏପରି ବସବାସରେ ପିଲାଛୁଆ ହେଲେ ସେମାନେ ବାପାମା'ଙ୍କ ଉତ୍ତରାଧିକାରୀ ବିବେଚିତ ହୋଇ ସମ୍ପତ୍ତିରେ ଭାଗୀଦାର ହୋଇପାରିବେ। ଆମ ଦେଶରେ ଏହାକୁ ଗ୍ରହଣ କରିବା ଭଳି ସ୍ଥିତି ଆସିନାହିଁ। ସେପରି କେହି କଲେ ଲୋକନିନ୍ଦାର ପାତ୍ର ହୁଅନ୍ତି। ସିରିଏଲ୍, ସିନେମାରେ ପ୍ରେମ ଓ ଯୌନ ଆବେଦନକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ବ୍ୟଭିଚାର ଦିନକୁ ଦିନ ବଢ଼ିବାରେ ଲାଗିଛି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚିତାଭସ୍ମ ଶୋଭାଯାତ୍ରାକୁ ଅଣ୍ଡାମାଡ଼
### ଅଭିଯୋଗ କଲେ ପ୍ରଭାତୀ

**ପୁରୀ ଅଫିସ, ୨୩।୮ :** ମହୋଦଧିରେ ବିସର୍ଜନ ପାଇଁ ପୁରୀ ଆସୁଥିଲା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ। ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଶହ ଶହ ଜନସାଧାରଣ। ଚନ୍ଦନପୁର ଥାନା ନିକଟରେ ଚିତାଭସ୍ମ ଉପରକୁ ଜଣେ ଯୁବକ ଅଣ୍ଡାମାଡ଼ କରିଥିବା ଗଣମାଧମ ନିକଟରେ ଅଭିଯୋଗ କରିଛନ୍ତି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା। ସେ ଗଣମାଧମକୁ କହିଛନ୍ତି ଯେ, ଚନ୍ଦନପୁର ଥାନା ନିକଟରେ ବିଜୁ ଯୁବବାହିନୀର ଜଣେ କର୍ମୀ ଚିତାଭସ୍ମ ଗାଡ଼ିକୁ ଅଣ୍ଡାମାଡ଼ କରିଥିଲେ। ସୌଭାଗ୍ୟବଶତଃ ଅଣ୍ଡା ଚିତାଭସ୍ମ ଉପରେ ନ ପଡି ଟ୍ରକ୍‌ର ଡାହାଣ ପାର୍ଶ୍ୱରେ ପଡିଥିଲା। ସେଠାରେ ଗଣ୍ଡଗୋଳ ହୋଇଥିଲା। ଆମ ଲୋକମାନେ ଥାନାକୁ ଯାଇଥିଲେ। କିନ୍ତୁ ଥାନାରେ ପୋଲିସ ନ ଥିଲେ। ଏହା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ। ରାଷ୍ଟ୍ରନାୟକଙ୍କ ପ୍ରତି ଏଭଳି କରାଯିବା ନିନ୍ଦନୀୟ। ଏ ସଂକ୍ରାନ୍ତରେ ଭାଜପା ପକ୍ଷରୁ ଚନ୍ଦନପୁର ଥାନାରେ ଲିଖିତ ଏତଲା ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ମଧ ଚିତାଭସ୍ମ ଗାଡ଼ିକୁ ଅଣ୍ଡାମାଡ଼ ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଛନ୍ତି, ଏ ନେଇ ଚନ୍ଦନପୁର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଶୋଭାଯାତ୍ରା ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ଜୋସ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!!
ତୁରନ୍ତ ପ୍ରଭାବ
କୌଣସି କୋର୍ସର ଆବଶ୍ୟକତା ନାହିଁ
୧ କ୍ୟାପ୍‌ସୁଲ ୧ ଘଣ୍ଟା ପୂର୍ବରୁ ଖାଆନ୍ତୁ
ଶୀଘ୍ରପତନ ରୋକିବାରେ ସହାୟକ
100% ଆୟୁର୍ବେଦିକ
ସବୁ ମେଡିକାଲ୍/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ପ୍ଲେ ୱିନ୍ ପ୍ଲସ୍ କ୍ୟାପ୍‌ସୁଲ
Play Win Plus Capsule
ପାୱାରଫୁଲ୍ ଷ୍ଟାମିନା ପାଇଁ

# ମହୋଦଧିରେ ବିଲୀନହେଲା ଅଟଳଙ୍କ ଚିତାଭସ୍ମ

**ପୁରୀ ଅଫିସ, ୨୩।୮**

ମହାନ୍ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସକୁ ଗୁରୁବାର ଅପରାହ୍ନରେ ପୁରୀ ମହୋଦଧି ବିସର୍ଜନ କରାଯାଇଛି। ଶ୍ରୀକ୍ଷେତ୍ର ପଞ୍ଚତୀର୍ଥ ମଧ୍ୟରେ ଅନ୍ୟତମ ମହୋଦଧିରେ ବିଲୀନ ହୋଇଛି ବାଜପେୟୀଙ୍କ ଚିତାଭସ୍ମ। ଶ୍ରୀକ୍ଷେତ୍ର ମାଟିରେ ଅଗଣିତ ଜନତା ପ୍ରାକ୍ତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ବୁଧବାର ସନ୍ଧ୍ୟାରେ ବାଜପେୟୀଙ୍କ ଅସ୍ଥି କଳସ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରୁ ପୁରୀ ଅଭିମୁଖେ ଅସ୍ଥି କଳସକୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ମିନିଟ୍ରକ୍‌ରେ ଅସ୍ଥି କଳସକୁ ରଖାଯାଇଥିଲା। ପିପିଲି, ସତ୍ୟବାଦୀ, ଚନ୍ଦନପୁର, ଚାରିନଳା ଆଦି ସ୍ଥାନରେ ଜନସାଧାରଣ ଅଟଳଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅପରାହ୍ନ ୩ଟା ବେଳେ ଅସ୍ଥି କଳସ ପୁରୀ ଅଠରନଳାରେ ପହଞ୍ଚିଥିଲା।



ବାଜପେୟୀଙ୍କ ଅସ୍ଥି କଳସକୁ ମହୋଦଧିରେ ବିସର୍ଜନ କରାଯାଉଛି।

ସେଠାରେ ପୂର୍ବତନ ଜିଲା ପରିଷଦ ସଭାପତି ଶଙ୍କର୍ଷଣ ପରିଡ଼ା, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର, ଗୌରହରି ପ୍ରଧାନ, ଶ୍ରୀପ୍ରକାଶ ମିଶ୍ର, ପ୍ରୀତମ ଜଗଦ୍ଦେବ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ଆରମ୍ଭ ହୋଇଥିଲା ପଦଯାତ୍ରା। ଅସ୍ଥି କଳସକୁ ନେଇ ନେତା ଓ ଜନସାଧାରଣ ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ଏହାପରେ ଶୋଭାଯାତ୍ରା ଦୋଳମଣ୍ଡପ ସାହି, ମୋଚିସାହି ଛକ ଓ ଟାଉନହଲ

**ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କଲା ଅସ୍ଥି କଳସ**

ଦେଇ ସମୁଦ୍ରକୂଳ ଦିଗବାରେଣି ଖୁଣ୍ଟି ନିକଟରେ ପହଞ୍ଚିଥିଲା। ସେଠାରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଭାରତୀୟ ଜନତା ପାର୍ଟିର ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବେଦପାଠ ସହିତ ବୈଦିକ ରୀତିନୀତିରେ ଅସ୍ଥି କଳସକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ନେଇ ମହୋଦଧିରେ ବିସର୍ଜନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ନେତା ଗିରିଧର ଗମାଙ୍ଗ, ଭୃଗୁ ବକ୍ସିପାତ୍ର, ବିଶ୍ୱଭୂଷଣ ହରିଚନ୍ଦନ, ସୁରମା ପାଢୀ, ମନମୋହନ ସାମଲ, ପ୍ରଭାତି ପରିଡା, ବାଇଧର ମଲ୍ଲିକ, ରମାରଞ୍ଜନ ବଳିଆରସିଂ, କୃଷ୍ଣଚନ୍ଦ୍ର ଜଗଦ୍ଦେବ, ପ୍ରଭଞ୍ଜନ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ଶୋଭାଯାତ୍ରାକୁ ନେଇ ରାଜନୀତି

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

- ଏହା ପିକ୍‌ନିକ୍ ଯାତ୍ରା: ନିରଞ୍ଜନ
- ସାଧାରଣ ଜନତାଙ୍କ ଯୋଗଦାନ ନିରଞ୍ଜନବାବୁଙ୍କୁ ପୀଡ଼ା ଦେଇଛି: ଭାଜପା

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକୁ ଗୁରୁବାର ଭାଜପା କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ମହୋଦଧିରେ ବିସର୍ଜନ କରାଯାଇଛି। ଏହି ଶୋଭାଯାତ୍ରାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ଶୋଭାଯାତ୍ରା ସମୟରେ ବିଜେଡି କର୍ମୀ ଅଣ୍ଡାମାଡ କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ କଂଗ୍ରେସ ଏହାକୁ ପିକ୍‌ନିକ୍ ଯାତ୍ରା କହି ସମାଲୋଚନା କରିଛି। ଏହାକୁ ନେଇ ସବୁ ରାଜନୈତିକ ଦଳ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବାଜପେୟୀଙ୍କ ଚିତାଭସ୍ମ ଶୋଭାଯାତ୍ରାକୁ ନିନ୍ଦା କରି କହିଛନ୍ତି ଯେ, ଅଟଳଜୀଙ୍କ ଚିତାଭସ୍ମକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର ନିନ୍ଦନୀୟ। କିଛି ଭାଜପା ନେତାଙ୍କ ଆଚରଣ ବେଶି ଖରାପ ଲାଗିଲା। ଶୋଭାଯାତ୍ରା ସମୟରେ କିଛି ନେତାଙ୍କ ଆଚରଣ ଏପରି ଥିଲା ଲାଗୁଥିଲା ଯେମିତି ଶୋଭାଯାତ୍ରା ନୁହେଁ ପିକ୍‌ନିକ୍ ଯାତ୍ରା ହେଉଥିଲା। ଏପରି ଦୃଶ୍ୟ ଶୋକସନ୍ତପ୍ତ ପରିବାରକୁ କେତେ କଷ୍ଟ ଦେଇଥିବ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାସ କହିଛନ୍ତି ଯେ, ବାଜପେୟୀଙ୍କ ଅସ୍ଥି ବିସର୍ଜନ ପାଇଁ ଆସିବାକୁ ଆମେ ସ୍ୱାଗତ କରୁଛୁ। ଏଥିରୁ ଯଦି କିଏ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରୁଛି, ତାହା ଠିକ୍ ନୁହେଁ। ଭାଜପା ନେତୃବୃନ୍ଦ ଅଣ୍ଡାମାଡ ଘଟଣାରେ ବିଜେଡି ସମ୍ପୃକ୍ତି ଆଣିବା ଦୁର୍ଭାଗ୍ୟଜନକ। ଭାଜପା ରାଜ୍ୟ ନେତାମାନଙ୍କର ସବୁ କଥାରେ ବିଜେଡିକୁ ଟାଣି ରାଜନୀତି କରିବା ନୀତିଗତ ଅଭ୍ୟାସ ବୋଲି ସେ କହିଛନ୍ତି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଚିତାଭସ୍ମ ଶୋଭାଯାତ୍ରା ଦେଖି ନିରଞ୍ଜନବାବୁ ଏତେ ବ୍ୟତିବ୍ୟସ୍ତ କାହିଁକି। ବାଜପେୟୀଙ୍କ ଅସ୍ଥି ବିସର୍ଜନ ଶୋଭାଯାତ୍ରାରେ ସାଧାରଣ ଜନତା ବହୁ ମାତ୍ରାରେ ସାମିଲ ହୋଇଛନ୍ତି। କାରଣ ବାଜପେୟୀଙ୍କୁ ଓଡିଶାବାସୀ ଖୁବ୍ ଭଲ ପାଉଥିଲେ। ଏହା ନିରଞ୍ଜନବାବୁଙ୍କୁ ପୀଡା ଦେଇଛି ବୋଲି ମହାନ୍ତି କହିଛନ୍ତି।

# ୯ ଜିଲା ପାଇଁ ୪୭.୨୪କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

**ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ୯ ଜିଲାର ୧୦ଟି ବ୍ଲକ ପାଇଁ ୪୭.୨୪କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୨୧ ପଞ୍ଚାୟତ ପାଇଁ ୫.୨୬କୋଟି ଟଙ୍କାରେ ୧୯୫ ପ୍ରକଳ୍ପ, ପୁରୀ ଜିଲା ଗୋପ ବ୍ଲକର ୩୧ ପଞ୍ଚାୟତ ପାଇଁ ୯.୬୮ କୋଟି ଟଙ୍କାରେ ୪୨୬ ପ୍ରକଳ୍ପ, କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ୨୯ ପଞ୍ଚାୟତ ପାଇଁ ୭.୩୪କୋଟି ଟଙ୍କାରେ ୩୧୫ ପ୍ରକଳ୍ପ, କେନ୍ଦୁଝର ଜିଲା ଘସିପୁରା ବ୍ଲକର ୨୫ପଞ୍ଚାୟତ ପାଇଁ ୫.୯୮କୋଟି ଟଙ୍କାରେ ୨୧୯ ପ୍ରକଳ୍ପ, ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକର ୨୫ ପଞ୍ଚାୟତ ପାଇଁ ୩.୫୯କୋଟି ଟଙ୍କାରେ ୧୫୫ ପ୍ରକଳ୍ପ, ରାୟଗଡା ଜିଲା ବିଷମ କଟକ ବ୍ଲକର ୨୧ ପଞ୍ଚାୟତ ପାଇଁ ୩.୯୯କୋଟି ଟଙ୍କାରେ ୧୬୯ ପ୍ରକଳ୍ପ, ଗଜପତି ଜିଲା ଗୁମ୍ମା ବ୍ଲକର ୨୦ପଞ୍ଚାୟତ ପାଇଁ ୪କୋଟି ଟଙ୍କାରେ ୧୦୭ ପ୍ରକଳ୍ପ, କନ୍ଧମାଳ ଜିଲା ବାଲିଗୁଡା ବ୍ଲକର ୧୪ପଞ୍ଚାୟତ ପାଇଁ ୨.୮୦କୋଟି ଟଙ୍କାରେ ୬୯ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲା ଠିକିଙ୍ଗ ବ୍ଲକର ୧୦ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୧୦୧ପ୍ରକଳ୍ପ ଏବଂ ବିଶୋଇ ବ୍ଲକର ୧୩ପଞ୍ଚାୟତ ପାଇଁ ୩.୩୦କୋଟି ଟଙ୍କାରେ ୧୧୩ ପ୍ରକଳ୍ପ ମଞ୍ଜୁର ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ୧୫୫ବ୍ଲକର ୩୫୦୮ ପଞ୍ଚାୟତ ପାଇଁ ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିସବୁ ବ୍ଲକର ପଞ୍ଚାୟତଗୁଡିକରେ ୩୨,୪୭୨ ପ୍ରକଳ୍ପ ପାଇଁ ୭୯୩.୯୬କୋଟି ଟଙ୍କା ମଞ୍ଜୁର ହୋଇଛି।

# ୧୯୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ସିଟ୍ ବଢ଼ିବ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ରାଜ୍ୟର ଆଦିବାସୀ ଅଞ୍ଚଳରେ ଥିବା ୧୯୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ସିଟ୍ ବଢ଼ିବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ବିଭିନ୍ନ ବିଷୟର ମୋଟ୍ ସିଟ୍ ଉପରେ ୧୦% ସିଟ୍ ବୃଦ୍ଧି କରିବାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। କେବଳ ଆଦିବାସୀ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକରେ ସିଟ୍ ବଢାଇବାକୁ ବିଭାଗ ନିଷ୍ପତ୍ତି ନେଇଛି। ଅନ୍ୟ ବିଦ୍ୟାଳୟରେ ସିଟ୍ ବଢିବ ନାହିଁ ବୋଲି ଡେପୁଟି ଡାଇରେକ୍ଟର ଚିଠିରେ ଉଲ୍ଲେଖ କରିଛନ୍ତି। ଯେଉଁସବୁ ବିଦ୍ୟାଳୟରେ ବିଭିନ୍ନ ବିଭାଗର ସିଟ୍ ପୂରଣ ହୋଇସାରିଛି ସେହି ବିଦ୍ୟାଳୟରେ ସିଟ୍ ବୃଦ୍ଧି କରାଯିବ। ସେହି ବିଦ୍ୟାଳୟରେ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ପଢିବାକୁ ଚାହୁଁଥିବା ଲକ୍ଷ୍ୟକରି ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**"ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଗୁରପ୍ରୀତ୍ ସିଂ,** ପିତା: ଶ୍ରୀ ବଲ୍‌ବିନ୍ଦର ସିଂ, ଫ୍ଲାଟ୍ ନଂ.: ଏନ୍/୩-୨୦୦, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଯସୀତ୍ ସିଂ,** ଫ୍ଲାଟ୍ ନଂ.: ୫୦୨, ଅମ୍ରିତା ପ୍ୟାଲେସ୍, ସତ୍ୟ ନଗର, ଭୁବନେଶ୍ୱର, **୨) ଶ୍ରୀ ପ୍ରଦୀପ କୁମାର ସୁତାର,** ଫ୍ଲାଟ୍ ନଂ.: ୨୦୫, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱର | ୦୪.୦୪.୨୦୧୮ ସୁଦ୍ଧା ଟ.୧୨,୬୮,୪୨୫/- + ସେବାବଦ ସୁଧ | ୨୭.୦୪.୨୦୧୮ / ୨୨.୦୮.୨୦୧୮ | ସିଆରପି ଛକ ଠାରେ ଥିବା ଅମ୍ରିତା ସପିଙ୍ଗ୍ ଆର୍କେଡ୍‌ର ୩ୟ ମହଲାରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୩୦୨, ପ୍ଲଟ୍ ନଂ.: ୧୨୨୪, ଖାତା ନଂ.: ୧୪୦, ପରବର୍ତ୍ତୀ ଅନୁରୂପ ଚୂଡାନ୍ତ ହୋଇନଥିବା ହାଲ୍ ଖାତା ନଂ.: ୨୧୩୪, ହାଲ୍ ପ୍ଲଟ୍ ନଂ.: ୧୬, ମୌଜା: ନୟାପଲ୍ଲୀ, ୟୁନିଟ୍-୧୭, ଥାନା: ନୟାପଲ୍ଲୀ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୩.୦୮.୨୦୧୮ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ**
ତା. ୨୪.୦୮.୨୦୧୮ରିଖ

**ସାଧାରଣ ସଭା**
ସମୟ – ସଂଧ୍ୟା ୬ ଘଟିକା — ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରତାପ ଜେନା
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ବଳଭଦ୍ର ମାଝୀ, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ଝିନ ହିକକା, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଭୁଜବଳ ମାଝୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମାନସ ମାଡକାମୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଜଗନ୍ନାଥ ସାରକା, ମାନ୍ୟବର ବିଧାୟକ

ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଗୌରଚନ୍ଦ୍ର ତ୍ରିପାଠୀ, ବାଣିଜ୍ୟ ବିଭାଗ ମୁଖ୍ୟ, ଅଲ୍ ଇଣ୍ଡିଆ ରେଡିଓ, କଟକ

ସଭା ପରେ କୋରାପୁଟର ମୀରା ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ
ଆଦିବାସୀ ନୃତ୍ୟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ଭାରତବର୍ଷକୁ ବ୍ରିଟିଶ ଶାସନ କବଳରୁ ମୁକ୍ତ କରି ଭାରତଭୂମିର ସ୍ୱାଧୀନତା ପାଇଁ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ସଂଗ୍ରାମୀମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ । ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଏହି ସଂଗ୍ରାମୀମାନେ ଯେଭଳି ଆତ୍ମବଳିଦାନ ଓ ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ତାହା ଅତୁଳନୀୟ । ୧୯୪୨ ମସିହା ଅଗଷ୍ଟ ମାସ ୧୧ ତାରିଖରେ ନବରଙ୍ଗପୁରର ସଦାଶିବ ତ୍ରିପାଠୀ ପ୍ରମୁଖ ସଂଗ୍ରାମୀବୃନ୍ଦ ବ୍ରିଟିଶ୍ ପୋଲିସ୍ ଦ୍ୱାରା ଗିରଫ ହେବା ପରେ ପରେ ସେହି ମାସ ୨୪ ତାରିଖରେ ଅନ୍ୟ କର୍ମୀମାନେ ସଂଗ୍ରାମୀ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ଡ଼ାବୁଗାଁ ଅଭିମୁଖେ ଯାତ୍ରା କରିଥିଲେ । ଜାତୀୟ ପତାକା ଶୋଭିତ, ଭାରତମାତାର ଜୟଗାନ ଓ ଭାରତଛାଡ଼ ସ୍ଲୋଗାନ୍‌ରେ ପ୍ରକମ୍ପିତ ଶୋଭାଯାତ୍ରା ପାପଡ଼ାହାଣ୍ଡିର ତୁରୀ ନଦୀ ନିକଟରେ ପହଞ୍ଚିବାକ୍ଷଣି ବ୍ରିଟିଶ୍ ପୋଲିସର ଅମାନୁଷିକ ଗୁଳିବର୍ଷଣ, ଲାଠିମାଡ଼ ଓ ବନେଟ୍ ମାଡ଼ରେ ବହୁ ସଂଗ୍ରାମୀ ମୃତ୍ୟୁ ବରଣ କରିଥିଲେ । ଅନେକ ଗିରଫ ହୋଇ କାରାବରଣ କରିଥିଲେ । ଅତ୍ୟନ୍ତ ଲୋମହର୍ଷଣକାରୀ ଏହି ଐତିହାସିକ ଘଟଣା ବାସ୍ତବରେ ଅବିସ୍ମରଣୀୟ । ଆଜିର ଏହି ଆତ୍ମୋତ୍ସର୍ଗ ଦିବସରେ ସେହି ସଂଗ୍ରାମୀମାନଙ୍କୁ ଆମ ଓଡ଼ିଆ ଜାତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି ।

DADLS-85
15001/13/0177/1819

## CLASSIFIED DISPLAY

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
Estd.2000 logon : www.eeuromaritime.org
Ph.0674-2385773, M:9437114882, 9090366575

**ALL LEADING FOOTWEAR BRANDS**
LIBERTY, Lee Cooper, RED CHIEF, WOODLAND, Hitz, inblu, DUKE, Tracer, Helios, SOLETHREADS, NEOZ Italia, ID
For Dealership Contact
RAMJI ENTERPRISES
Hanspal, Bhubaneswar
Mob.: 9437006984, 7788000590

**EARN IN DOLLARS**
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

**ବ୍ରେନ୍‌ଷ୍ଟ୍ରୋକ୍**
ବ୍ରେନ୍‌ଷ୍ଟ୍ରୋକ୍ କିମ୍ବା ପାରାଲିସିସ୍ ଆକ୍ରାନ୍ତ ହେବାର ତିନି ଘଣ୍ଟା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍ ରେ ପହଞ୍ଚିଲେ ଅତ୍ୟାଧୁନିକ ଚିକିତ୍ସା ମାଧ୍ୟମରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ସମ୍ଭାବନା ରହିଛି ।
ASHWINI HOSPITAL empowered to heal...
ଯୋଗାଯୋଗ - ୭୮୯୪୪୬୦୪୪୩

# ଡେଙ୍ଗୁ ଆତଙ୍କ, ଚିହ୍ନଟ ହେଲେଣି ୧୧୦

**ଜଗତ୍‌ସିଂହପୁର ଅଫିସ, ୨୩।୮**

ଜଗତସିଂହପୁର ଜିଲାରେ ଡେଙ୍ଗୁକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଗଲାଣି। ଗତ ଜାନୁୟାରୀ ମାସରୁ ଇତିମଧ୍ୟରେ ଜିଲାରେ ୧୧୦ ଜଣ ଡେଙ୍ଗୁରେ ପୀଡିତ ହୋଇସାରିଛନ୍ତି। ଆଗକୁ ଏହି ସଂଖ୍ୟା ବଢିବାର ଆଶଙ୍କା ରହିଛି। କେବଳ ଏରସମା ବ୍ଲକ କନାଗୁଳି ଗାଁରେ ୪୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡ ବିନ୍ଧାର କାରଣ ହୋଇଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଏହି ଗାଁରେ ୨ଟି ଡାକ୍ତରୀ ଦଳ ଡେରା ପକାଇଛନ୍ତି। ଲୋକଙ୍କୁ ସଚେତନ କରାଯିବା ସହ ବିଭିନ୍ନ ମାଗଣା ଔଷଧ ଦିଆଯାଉଛି। ଗୁରୁବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ଏରସମା ବିଡିଓ ଏବଂ ଅନ୍ୟ କର୍ମଚାରୀମାନେ କନାଗୁଳି ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି ଗାଁର ବିଦ୍ୟାଳୟରେ ଏକ ବୈଠକ କରି କଣ ପାଇଁ ଡେଙ୍ଗୁ ବ୍ୟାପୁଛି ଏବଂ ଏହାର ପ୍ରତିକାର କ'ଣ ତାହା ବୁଝାଇଛନ୍ତି। ତେବେ କନାଗୁଳିର ଅଧିକାଂଶ ପରିବାର ସିମେଣ୍ଟ କୁଣ୍ଡ ରଖିଥିବା ଏବଂ ଏଥିରେ ଅଧିକ ଦିନ ପାଣି ଜମି ମଶା ବଂଶ ବିସ୍ତାର କରୁଥିବା କୁହାଯାଉଛି। ତେଣୁ ଉକ୍ତ କୁଣ୍ଡଗୁଡିକୁ ଓଲଟାଇବା ସହ ପରିବେଶ ପରିଷ୍କାର ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଲୋକେ ଖାଲି ଦେହରେ ନ ବୁଲି ପୋଷାକ ପିନ୍ଧି କିମ୍ବା କପଡା ଘୋଡାଇ ହୋଇ ଯାତାୟାତ କରିବାକୁ ପରାମର୍ଶ ଦିଆଯାଇଛି। ଆଗକୁ ସେଭଳି ବିପଦ ନ ଥିବା ସିଡିଏମ୍‌ଓ ଡା. ପଟ୍ଟନାୟକ କହିଥିଲେ ସୁଦ୍ଧା ସମ୍ଭାବ୍ୟ ପରିସ୍ଥିତିକୁ ଏଡାଯାଇ ନ ପାରେ ବୋଲି ଆଲୋଚନା ହେଉଛି।

ବିଗତ ବର୍ଷଗୁଡିକରେ ମଧ୍ୟ ଜିଲାରେ ଡେଙ୍ଗୁ ପରିସ୍ଥିତି ଅଣାୟତ ହୋଇଥିଲା। ୨୦୧୫ରେ ଜିଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ୩୯୩ ଥିବାବେଳେ ୨୦୧୪ରେ ୧୦୫୧ ଥିଲା। ଗତବର୍ଷ ଏହି ସଂଖ୍ୟା ୨୩୫କୁ ଖସି ଆସିଥିଲା। ଚଳିତବର୍ଷ ଏହି ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୧୧୦ରେ ପହଞ୍ଚିଲାଣି। ସେମାନଙ୍କ ମଧ୍ୟରେ ଗୁରୁବାର ଅପରାହ୍ନ ସୁଦ୍ଧା ଏରସମାରେ ୫୪, ପାରାଦୀପରେ ୧୩, କୁଜଙ୍ଗ ୧୦, ମଣ୍ଡାସାହି ୧୦, ମଣିଜଙ୍ଗା ୪, ରଘୁନାଥପୁର ୩, ନାଉଗାଁ ୨ ଓ ଜଣେ ଅଚିହ୍ନା ବ୍ୟକ୍ତି ରହିଛନ୍ତି। ଚିହ୍ନଟ ବ୍ୟକ୍ତିମାନଙ୍କୁ ମଶାରୀ ଭିତରେ ୧୫ ଦିନ ଏକୁଟିଆ ରହିବାକୁ ପରାମର୍ଶ ଦିଆଯାଇଛି। ଜ୍ୱର ହେଲେ ମେଲେରିଆ ଟେଷ୍ଟ କରାଯିବାର ସମସ୍ତ ବ୍ୟବସ୍ଥା ରହିଛି। କିନ୍ତୁ ଡେଙ୍ଗୁ ହୋଇଥିଲେ ଏଲିସା ପରୀକ୍ଷା ପାଇଁ ପାରାଦୀପ ପଠାଯାଉଛି। ଗୁରୁବାର ୬ ଜଣଙ୍କୁ ଏକ ବୋଲେରୋ ଓ ୧୦୮ ଆମ୍ବୁଲାନ୍ସରେ ପାରାଦୀପ ପଠାଯାଇଛି। ଅନ୍ୟ ସ୍ଥାନଗୁଡିକରେ ମଧ୍ୟ ମେଲେରିଆ ପରୀକ୍ଷା ସମସ୍ୟା ନ ଥିଲେ ସୁଦ୍ଧା ଯେଉଁଠି ଡେଙ୍ଗୁ ସନ୍ଦେହ କରାଯାଉଛି, ଏଲିସା ପରୀକ୍ଷା ସୁବିଧା ଥିବା ନିକଟସ୍ଥ ହସ୍ପିଟାଲକୁ ପଠାଯାଉଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ ଯେଭଳି ସଚେତନତା ସୃଷ୍ଟି କରାଯିବା କଥା ତାହା କରାଯାଇନାହିଁ। ଗତମାସ ପ୍ରଥମ ସପ୍ତାହରେ ଜିଲାର ୬ ଜଣ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। କିନ୍ତୁ ହଠାତ୍ ଏହି ସଂଖ୍ୟା ବଢିଯାଇଛି। ବଡ କଥା ହେଲା ଏହି ଦାୟିତ୍ୱରେ ଥିବା ଜିଲା ମେଲେରିଆ ଅଫିସର (ଡିଏମ୍‌ଓ)ଙ୍କ ଖାମଖିଆଲ ମନୋଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅନେକ ବ୍ୟକ୍ତି ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, କର୍ମଚାରୀମାନେ ଲୋକଙ୍କ ପାଖକୁ ଯାଇ ସଚେତନତା ସୃଷ୍ଟି କରିବା ପରିବର୍ତ୍ତେ କେବଳ ଫଟୋ ଉଠାଇ କାଗଜକଲମରେ ଦାୟିତ୍ୱ ସମ୍ପାଦନ କରିଥିଲେ। ଯେଉଁଥିପାଇଁ ଚଳିତ ବର୍ଷ ଡେଙ୍ଗୁ ରୋଗୀ ସଂଖ୍ୟା ଆହୁରି ବଢିବାର ଆଶଙ୍କା ଅଛି।

**ଜଗତ୍‌ସିଂହପୁର ଜିଲା**
- କନାଗୁଳି ଗାଁରେ ୪୯ ରୋଗୀ, ଏରସମା ବ୍ଲକରେ ସର୍ବାଧିକ ୫୪
- ସଚେତନତା ଅଭାବରୁ ପରିସ୍ଥିତି ସଙ୍ଗିନ
- ଏରସମାରେ ୫୪, ପାରାଦୀପରେ ୧୩, କୁଜଙ୍ଗ ୧୦
- ପୂର୍ବରୁ ସଚେତନତା ସୃଷ୍ଟିକୁ ଗୁରୁତ୍ୱ ଦେଇ ନ ଥିଲା ପ୍ରଶାସନ

## ଡାକବାଜି ଯନ୍ତ୍ର ଯୋଗେ ସଚେତନତା

**ଏରସମା, ୨୩।୮ (ସ୍ୱ.ପ୍ର.):**

ଏରସମା ବ୍ଲକ କୁଞ୍ଜକୋଠି ପଞ୍ଚାୟତସ୍ଥିତ କନାଗୁଳି ଗ୍ରାମରେ ଡେଙ୍ଗୁ ରୋଗ ନିୟନ୍ତ୍ରଣ ହୋଇପାରୁନି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ଚିନ୍ତାରେ ପଡିଛି। ରୋଗ ଅଣାୟତ ହେଉଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ପ୍ରକାଶ ଯେ, କନାଗୁଳି ରାଜସ୍ୱ ଗ୍ରାମର ବାଲିସାହି, ତଳପଡ଼ା, ଗଗେଡି ପଡା, ବାଗ ପଡା, ଗୌରଚଣ୍ଡି ପଡା ପ୍ରଭୃତି ୬ଟି ପଡା ଗ୍ରାମରେ ମୋଟ ୧୨୨ ଜଣ ଜ୍ୱରରେ ପୀଡିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୯ ଜଣ ଡେଙ୍ଗୁ ରୋଗରେ ପୀଡିତ ଥିବା ୨୩ ତାରିଖ ସୁଦ୍ଧା ଚିହ୍ନଟ ହୋଇଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଗୁରୁବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଅଶୋକ କୁମାର ପଟ୍ଟନାୟକ, ବିଡିଓ କୈଳାସ ଚନ୍ଦ୍ର ବେହେରା, ଏରସମା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ନାୟକ, ଜିଲା ମ୍ୟାଲେରିଆ ଅଧିକରୀ ଡା.ଶ୍ରୀ ରୟ, ବିପିଏମ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏଥିସହିତ ୧୫ଟି ଏସଏଚଜିଙ୍କୁ ନେଇ ମଧ୍ୟ ଏକ ସଚେତନତା ସଭା କରାଯାଇଥିଲା। ଗ୍ରାମର ଘରେ ଘରେ ବୁଲି ମଶାରୀ ଧୁଆଯାଇଛି। ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯାଇଥିବା ଡାକ୍ତରୀ ଦଳ ମାଗଣାରେ ଚିକିତ୍ସା ଯୋଗାଇ ଦେଉଛନ୍ତି ।

## ସଂକ୍ଷେପରେ

### ଇଫ୍‌କୋ ରେଲ୍‌ୱେ ସାଇଡିଂରେ ଶ୍ରମିକ ସଂଘ ଗଣ୍ଡଗୋଳ

**ପାରାଦୀପ, ୨୩।୮ (ସ୍ୱ.ପ୍ର.):** ପାରାଦୀପର ଇଫ୍‌କୋ ରେଲୱେ ସାଇଡିଂରେ ଗୁରୁବାର ସନ୍ଧ୍ୟାରେ ୨ ଶ୍ରମିକ ସଂଘ ମଧ୍ୟରେ ଗଣ୍ଡଗୋଳ ଘଟିଛି। କଥା କଟାକଟିକୁ ନେଇ ଏପରି ହୋଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ସାର ବସ୍ତା ବୋଝେଇ-ଖଲାସ କାମରେପ୍ରାୟ ୧୨ଶହ ଠିକା ଶ୍ରମିକ କାମ କରୁଛନ୍ତି। ସେଥିରେ ଅର୍ଦ୍ଧେକ ଶ୍ରମିକ ବାପି ସର୍ଖେଲଙ୍କ ସଂଘରେ ଥିବାବେଳେ ଆଉ ଅଧା ଘନଶ୍ୟାମ ଜେନା ୟୁନିୟନରେ ଅଛନ୍ତି। ୟୁନିୟନ ଅଦଳବଦଳକୁ ନେଇ ପ୍ରାୟତଃ ସେଠାରେ ଗଣ୍ଡଗୋଳ ଘଟିଥାଏ। ଗୁରୁବାର ସେହି ଘଟଣାକୁ ନେଇ ମାଡ଼ଗୋଳ ହୋଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ସେଠାରେ ସାର ବସ୍ତା ବୋଝେଇ ଖଲାସ କାମ ବନ୍ଦ ରହିଛି ଓ ପୋଲିସ ଉପସ୍ଥିତ ଅଛି।

### ଅମ୍ଳଜାନ ଅଭାବରୁ ହୋଇଛି ମାଛ ମଡ଼କ

**ପାରାଦୀପ, ୨୩।୮ (ସ୍ୱ.ପ୍ର.):** ପାରାଦୀପ କଂସାରିପାଟିଆ ମତ୍ସ୍ୟଡିଆ ନଦୀରେ ଗତ ୧୪ ତାରିଖରେ ବହୁଳ ମାତ୍ରାରେ ମାଛ ମଡ଼କ ହୋଇଥିଲା। ଉକ୍ତ ଘଟଣାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ମଲା ମାଛ ଓ ପାଣିର ନମୁନା ସଂଗ୍ରହ କରାଯାଇଥିଲା। ଘଟଣାର ୧୦ ଦିନ ପରେ ଗୁରୁବାର ବୋର୍ଡ ମାଛ ମରିବାର କାରଣ ସ୍ପଷ୍ଟ କରିଛି। ଅକ୍ସିଜେନ୍ ଅଭାବ ଯୋଗୁ ଏପରି ଭାବେ ମାଛ ମଡ଼କ ହୋଇଥିବା ବୋର୍ଡର ଆଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗ କହିଛନ୍ତି। ପ୍ରବଳ ବର୍ଷା ଯୋଗୁ ନଦୀର ୩ରୁ ୪ଟି ସ୍ଥାନରେ ଅକ୍ସିଜେନ ମାତ୍ର କମିଯାଇଥିଲା। ଏଥିପାଇଁ ସେହି ସ୍ଥାନରେ ମାଛ ମରିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍ ମାସରେ ବଟ ନଦୀରେ ଏଭଳି ମାଛ ମଡ଼କ ଘଟିଥିଲା। ସେତେବେଳେ ମଧ୍ୟ ଏଭଳି ଅମ୍ଳଜାନ ଅଭାବ ହୋଇଥିଲା।

### ପଣସପୁରରେ ଡେଙ୍ଗୁରୋଗୀ ଚିହ୍ନଟ

**ମାହାଙ୍ଗା/ଲଳିତଗିରି, ୨୩।୮ (ସ୍ୱ.ପ୍ର.):** ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ପଣସପୁର ଗ୍ରାମରେ ଗୁରୁବାର ଜଣେ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି । ସେ ହେଲେ ଗ୍ରାମର ଅଭିମନ୍ୟୁ ନାୟକଙ୍କ ପୁଅ ସତ୍ୟବ୍ରତ ନାୟକ(୨୨) । ସତ୍ୟବ୍ରତ ଜ୍ୱରରେ ପୀଡିତ ହେବା ପରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ରକ୍ତ ନମୁନା ପରୀକ୍ଷା ହେବା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଛି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ମାହାଙ୍ଗା/ଲଳିତଗିରି ୨୩।୮ (ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯିବା ସହ ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ପ୍ରଥମେ କୁହୁଣ୍ଡା ଛକଠାରୁ ଏକ ବାଇକ ଶୋଭାଯାତ୍ରା ଥିଲା। ପରେ ଜେନାଙ୍କ ଦ୍ୱାରା ଗୋପାଳପୁରଠାରେ ୮୩ ଲକ୍ଷ ଟଙ୍କା ବ୍ୟୟରେ ନୂତନ ପାନୀୟ ଜଳ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରାଯାଇଥିଲା। ଗୋପାଳପୁର ବଜାରରେ ୪ କୋଟି ୨୯ ଲକ୍ଷ ବ୍ୟୟରେ ବଡଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରିବା ପାଇଁ ଶିଳାନ୍ୟାସ କରାଯାଇଥିଲା । ପରେ ସିପୁରା ଗ୍ରାମରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା। ଏଥିସହ ୧.୫ କୋଟି ଟଙ୍କା ବ୍ୟୟ ଅଟକଳରେ ସିପୁରା-କୃଷ୍ଣଦାସପୁର ପୂର୍ତ୍ତ ରାସ୍ତା ଉନ୍ନତିକରଣ ପାଇଁ ଶିଳାନ୍ୟାସ ହୋଇଥିଲା । ଶେଷରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ,ଉପାଧ୍ୟକ୍ଷା ରଶିଦା ବେଗମ, ବ୍ଲକ୍ ବିଜେଡି ସଭାପତି ରାଜ କିଶୋର ଜେନା, ଜିଲା ବିଜେଡି ସମ୍ପାଦକ ଭିକାରୀ ଚରଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ମୋନାଲିସା ଦାଶ, ମୂଳବସନ୍ତ ସରପଞ୍ଚ ଲିଜା ସାହୁ ଓ ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଯୁବନେତା ରାକେଶ ସାହୁ,ଦୀପକ ଦାଶ, ହୃଷିକେଶ ସ୍ୱାଇଁ, ଅର୍ଜୁନ ସାହୁ ଓ ସୁବାସ କର ପ୍ରମୁଖ ଉପସ୍ଥିତ ଥିଲେ ।

## ଜମିହରା କୃଷକ ଏକତା ମଞ୍ଚର ରାସ୍ତାରୋକୋ

**ପାରାଦୀପ, ୨୩।୮ (ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ପାଇଁ ଜମି ହରାଇଥିବା ୧୭୫୨ ପରିବାରକୁ ନେଇ ଗଠିତ ହୋଇଛି ଜମିହରା କୃଷକ ଏକତା ମଞ୍ଚ। ଉକ୍ତ ମଞ୍ଚ ପକ୍ଷରୁ ଗୁରୁବାର ରଙ୍ଗିଆଗଡ଼ ଓଭରବ୍ରିଜଠାରେ ଘଣ୍ଟିକିଆ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। କୌଣସି ପୂର୍ବ ସୂଚନା ନ ଥାଇ ଶତାଧିକ ମହିଳା ପୁରୁଷ ବିଶୋଧନାଗାର ରାସ୍ତା ଅବରୋଧ କରିଥିଲେ ଓ ସମସ୍ତଙ୍କ ଗାଡି ଅଟକାଇ ପରିଚୟପତ୍ର ଦେଖିଥିଲେ। ଏପରି କରିବାର କାରଣ ସମ୍ପର୍କରେ ମଞ୍ଚର ପ୍ରକାଶ ତ୍ରିପାଠି କହିଛନ୍ତି ଯେ ଗତ ମେ ୧୮ରେ ଜିଲା ପ୍ରଶାସନ ଓ ବିଶୋଧନାଗାର କର୍ତ୍ତୃପକ୍ଷ ତ୍ରିପାକ୍ଷିକ ବୈଠକରେ ନିଯୁକ୍ତି ପ୍ରସଙ୍ଗର ସମାଧାନ କରିଥିଲେ। ସେହି ବୈଠକର ନିଷ୍ପତ୍ତି ଅନୁସାରେ ୭ ଦିନରେ ୧୦୦ ଜଣଙ୍କୁ ନିଯୁକ୍ତି ଦିଆଯିବ ଓ ଏହି ନିଯୁକ୍ତି ବିଶୋଧନାଗାରରେ ଥିବା ଠିକା କମ୍ପାନୀ ଦେବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ମାତ୍ର ୩୧ ଜଣଙ୍କୁ ନିଯୁକ୍ତି ମିଳିଛି। ପୁଞ୍ଜି ଲୋୟଡ ନାମକ କମ୍ପାନୀ ଆଦୌ ଉକ୍ତ ନିଷ୍ପତ୍ତିକୁ ଗୁରୁତ୍ୱ ଦେଉନାହିଁ। ସେଥିପାଇଁ ସେହି କମ୍ପାନୀ ଅଧିକାରୀଙ୍କୁ ଘେରାଉ କରିଛୁ। ରାସ୍ତା ଅବରୋଧ କରାଯାଇ ଏପରି ଯାଞ୍ଚ କରାଯାଉଥିଲେ ହେଁ ସେଠାରେ ଥିବା ଅଭୟଚାନ୍ଦପୁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

- ଜମିହରା ପରିବାରଙ୍କ ନିଯୁକ୍ତି ଦାବି ପ୍ରସଙ୍ଗ
- ଘଣ୍ଟିକିଆ ଗାଡି ଯାଞ୍ଚ
- ନିର୍ଦ୍ଦିଷ୍ଟ କମ୍ପାନୀ ବିରୋଧରେ ବିକ୍ଷୋଦ୍‌ଗାର



ତୈଳ ବିଶୋଧନାଗାର ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

## ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଇଦ୍-ଉଜ୍-ଜୁହା ଶାନ୍ତିଶୃଙ୍ଖଳାର ସହ ପାଳିତ

**ରସୁଲପୁର, ୨୩।୮ (ଡିଏନଏ)**

ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ସଂଖ୍ୟାଲଘୁ ସଂପ୍ରଦାୟ ମୁସଲିମ୍‌ଙ୍କ ପର୍ବ ଇଦ୍-ଉଜ୍-ଜୁହା ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ମୌଲବୀମାନେ ମସଜିଦ୍‌ରେ କୋରାନ ପାଠ, ସମୂହ ପ୍ରାର୍ଥନା, ବଳିପ୍ରଥାକୁ ନେଇଥିବା ନୀତିନିୟମକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଛି। ମୌଲବୀମାନେ ମୁସଲମାନ ଭାଇମାନଙ୍କୁ ଧାଡି ପ୍ରାର୍ଥନା କରାଇଛନ୍ତି। ଏହି ଅବସରରେ ବ୍ଲକର ରାହାମ୍ବା ପଂଚାୟତର ହାଜିବାଗ, ମିର୍ଜାପୁର, ବଡକଇଁଚି ପଂଚାୟତର ଗୋପିନାଥପୁର, ବାରବାଟୀ ପଞ୍ଚାୟତର ଦୁର୍ଗାପୁର ଇସଲାମ ନଗର, ଅତଲାପୁର ପଂଚାୟତର ବାଲିପାଟଣା, ଅତଲାପୁର, ଶ୍ରୀବନ୍ତପୁର ପଂଚାୟତର କାନପୁର, ବ୍ରହ୍ମବରଦା ପଂଚାୟତର ଇଦ୍‌ଗା ମସଜିଦ୍, ମହେଶ୍ୱର ପଂଚାୟତର ଦରଘା ବଜାର ଆଦି ସ୍ଥାନରେ ଇଦ୍-ଉଜତ-ଜୁହା ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଛି।

## ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ବାଙ୍କୀ, ୨୩।୮ (ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ସତ୍ୟଜିତ୍ ଦାସ୍‌ଙ୍କୁ ଗୁରୁବାର ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ରାଜୀବ ଗାନ୍ଧୀଙ୍କ ୭୪ତମ ଜୟନ୍ତି ପାଳନ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ଉତ୍ସବରେ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ରାଜ୍ୟ କଂଗ୍ରେସ୍ ପ୍ରଭାରୀ ଜିତେନ୍ଦ୍ର ସିଂ, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ସଭାପତି ସତ୍ୟବ୍ରତ ନାୟକ, ଖବରଦାତା ସୁରେଶ ଚନ୍ଦ୍ର ମନ୍ତ୍ରୀ ଓ ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଦାସଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି।

## ଅନ୍‌ଲାଇନରେ ନକ୍ସା ସଂଶୋଧନ ଆରମ୍ଭ

**ଆଠଗଡ, ୨୩।୮ (ସ୍ୱ.ପ୍ର.)**

ଆଠଗଡ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାରଠାରୁ ଅନ୍‌ଲାଇନ୍‌ରେ ନକ୍ସା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ଦାଖଲ ଖାରଜ ମାମଲା ଫଇସଲା ସମୟରେ ଜମି କିଣୁଥିବା ବ୍ୟକ୍ତି ପଟ୍ଟା ନେବା ବେଳେ ଅନ୍‌ଲାଇନ୍‌ରେ ନକ୍ସା ସଂଶୋଧନ କରିପାରିବେ। ଏହା ଦ୍ୱାରା ଜନସାଧାରଣ ଉପକୃତ ହେବା ସହ ଜମି ଜାଲିଆତି ମାମଲାରେ ସୁଧାର ଆସିବ। ଏହାକୁ ଦୃଷ୍ଟିରେ ରଖି ଆଠଗଡ ତହସିଲଦାର ବିନୋଦ କୁମାର ଜେନା ଓ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ଦ୍ୱାରା ଅନ୍‌ଲାଇନ ନକ୍ସା ସଂଶୋଧନ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଠଗଡ ସଦର, ଖୁଣ୍ଟକଟା, ମେଘା, ନିଧିପୁର, ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ରାଜସ୍ୱ ନିରୀକ୍ଷକ ଓ ଅମୀନମାନେ ଉପସ୍ଥିତ ଥିଲେ। ପୂର୍ବରୁ ଦାଖଲ ଖାରଜ ମାମଲା ସମୟରେ ଜମି କ୍ରେତା ପଟ୍ଟା ପାଉଥିଲେ ମଧ୍ୟ ନକ୍ସା ସଂଶୋଧନ କ୍ଷେତ୍ରରେ ବିଳମ୍ବ ହେଉଥିଲା।

## ବନ୍ଦରରେ ଅଚଳାବସ୍ଥା ଜାରି, ଧାରଣା ସ୍ଥଗିତ

**ପାରାଦୀପ, ୨୩।୮ (ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଭିତରେ ଗତ ୩ ଦିନ ହେଲା ଲାଗିଥିବା ଅଚଳାବସ୍ଥା ଗୁରୁବାର ବଳବତ୍ତର ରହିଛି। ତେବେ କାମ ବନ୍ଦ କରିଥିବା ଶ୍ରମିକ-ଅପରେଟରମାନେ ସାମୟିକ ଭାବେ ଧାରଣା ସ୍ଥଗିତ ରଖିଛନ୍ତି। ଏହା ସତ୍ତ୍ୱେ ସେମାନେ ରାତି ୧୦ଟା ସୁଦ୍ଧା ବନ୍ଦର ଭିତରକୁ ଯାଇ କାମ କରିନାହାନ୍ତି। କାରଣ ବନ୍ଦର ଭିତରେ ପ୍ରବେଶ ପାଇଁ ବନ୍ଦର ଟ୍ରାଫିକ ବିଭାଗରୁ କ୍ଲିୟରାନ୍ସ ମିଳିନାହିଁ। ଉକ୍ତ ଘଟଣାକୁ ନେଇ ଶ୍ରମିକ ଓ ଷ୍ଟିଭେଡର୍ସ ସଂସ୍ଥା ମଧ୍ୟରେ ଛନକା ପଶିଥିବା କୁହାଯାଉଛି। କାରଣ ବନ୍ଦର ଓ ଜିଲା ପ୍ରଶାସନ ଏବେ କେତେକ କଠୋର ପଦକ୍ଷେପ ପାଇଁ ଗୁପ୍ତ ରଣନୀତି ଚଳାଇଛି। ବାରମ୍ବାର ପୋର୍ଟ ଅଚଳ ହେବା ଦ୍ୱାରା ସମସ୍ତଙ୍କର କ୍ଷତି ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଖସଡ଼ା କରୁଥିବା ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଏକ ଷ୍ଟିଭେଡର୍ସ ସଂସ୍ଥାର ୭ଜଣ ଅପରେଟରଙ୍କ ଗେଟ୍ ପାଶ୍ ରଦ୍ଦ ଘଟଣାକୁ ନେଇ ୩ ଦିନ ହେଲା ଶ୍ରମିକମାନେ କାମ ବନ୍ଦ କରିଦେଇଥିଲେ। ଅପରେଟର-ଶ୍ରମିକ (ପ୍ରାୟ ୭୦୦)ଙ୍କ କାମ ବନ୍ଦ ଯୋଗୁ ଆନ୍ତଃ ପରିବହନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗୁରୁବାର ଶ୍ରମିକଙ୍କ ନେତା ଅଭୟ ସାହୁ ଓ ଷ୍ଟିଭେଡର୍ସ ସଂସ୍ଥା ଆଲୋଚନା ପରେ ଅପରାହ୍ନ ୨ଟାରୁ କାମ ବନ୍ଦ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି କୁହାଯାଇଛି।

### ■ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବିରେ ବଗଦିଆରେ ସମାବେଶ

## ମହିଳାଙ୍କ ଅଭୂତପୂର୍ବ ସମର୍ଥନ

**କୁଜଙ୍ଗ, ୨୩।୮ (ସ୍ୱ.ପ୍ର.)**

ଭୂତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ କରାଯାଉଥିବା ଦାବିକୁ ଗୁରୁବାର ବଗଦିଆ ପଞ୍ଚାୟତରେ ଅଭୁତ ପୂର୍ବ ସମର୍ଥନ ମିଳିଛି। ଏହି ପଞ୍ଚାୟତର ବହୁ ମହିଳା ପୁରୁଷ ଓ ବୁଦ୍ଧିଜୀବୀ ପ୍ରଶାସନ ଆମ ଦାବି ପୂରଣ ନ କଲେ ଆନ୍ଦୋଳନରେ ଝାସ ଦେବୁ ବୋଲି ବଜ୍ର କଣ୍ଠରେ ଘୋଷଣା କରିଛନ୍ତି। ବଗଦିଆ ରାଜୀବଗାନ୍ଧୀ ସେବାକେନ୍ଦ୍ର ପରିସରରେ ଗୁରୁବାର ସନ୍ଧ୍ୟାରେ ସମିତିର ୮ମ ସାଧାରଣ ଅଧିବେଶନ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ନୀରୁପମା ମହାରଣା ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ସୁରକ୍ଷା ସମିତି ସଂଯୋଜକ ରଘୁନାଥ ସାହୁଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପାରାଦୀପ ବନ୍ଦର ଓ ଏହାକୁ କେନ୍ଦ୍ର କରି ଗଢି ଉଠିଥିବା ଶିଳ୍ପ ସଂସ୍ଥା ପାଇଁ ଜମି ଓ ବାସ ହରାଇଥିବା ଲୋକଙ୍କ ମଧ୍ୟରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ବଗଦିଆବାସୀ ବୋଲି ସେ କହିଥିଲେ। ଅତି ନିକଟରେ ରହିଛି ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ। ଶିଳ୍ପ ପ୍ରଦୂଷଣ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ କ୍ରମଶଃ କର୍କଟ, ହୃଦ୍‌ରୋଗ, କିଡ୍‌ନୀ, ବ୍ରେନ୍ ଟ୍ୟୁମର ଆଦି ରୋଗର ଶିକାର ହେଉଛନ୍ତି। ସେମାନଙ୍କୁ ଉଚ୍ଚମାନର ଚିକିତ୍ସା ସେବା ପ୍ରଦାନ ପାଇଁ ଭୂତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ମେଡ଼ିକାଲ ନିର୍ମାଣ ଜରୁରୀ ବୋଲି ସମିତି ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଗ୍ରାମ ଉପକଣ୍ଠରେ ପ୍ଲାଷ୍ଟିକ ପାର୍କ, ଦୀପକ ଫର୍ଟିଲାଇଜର ଆଦି ଶିଳ୍ପ ହେବାକୁ ଯାଉଛି। ଫଳରେ ଶିଳ୍ପ ପ୍ରଦୂଷଣ ମାତ୍ରା ଆହୁରି ବୃଦ୍ଧି ପାଇବ। ଭୂତମୁଣ୍ଡେଇଠାରେ ଏହି ଉନ୍ନତମାନର ହସ୍‌ପିଟାଲ ପ୍ରତିଷ୍ଠା ହେଲେ କୁଜଙ୍ଗ, ପାରାଦୀପ ସମେତ ଅବିଭକ୍ତ କଟକ ଜିଲାର ଅର୍ଦ୍ଧାଧିକ ଜନସାଧାରଣ ଉପକୃତ ହେବେ ବୋଲି ଅଧିବେଶନରେ ବକ୍ତାମାନେ କହିଥିଲେ। ତେଣୁ ଏହି ଦାବି ପୂରଣ ପାଇଁ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ସେମାନେ ପ୍ରକାଶ କରିଥିଲେ। ଆସନ୍ତା ମାସ ୧୧ ତାରିଖରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯିବ। ଯଦି ପ୍ରଶାସନ ନ ଶୁଣେ, ତେବେ ଭୂତମୁଣ୍ଡାଇଠାରେ ଜାତୀୟ ଓ ରାଜ୍ୟରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ବୈଠକରେ ସମିତି ସହ ସଂଯୋଜକ ଦୁଷ୍ମନ୍ତ ମାଝୀ, ଶିକ୍ଷକ ନେତା ବାବୁରାମ ଚୌଧୁରୀ, ଚାଷୀନେତା ରବୀନ୍ଦ୍ରନାଥ ମାଝୀ, ଶ୍ରମିକନେତା ସୁବାସ ମହାପାତ୍ର, କୋଠି ସମିତି ସଭ୍ୟ ଅରକ୍ଷିତ ଦାସ, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ବିଶିଷ୍ଟ ନାରୀନେତ୍ରୀ ଜାନକୀ ମହାରଥା, ଦେବବାଳା ମହାପାତ୍ର, ଯଦୁମଣୀ ସାମଲ, ଆଲୋକ ସାହୁ, ସଚିତ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବଗଦିଆ ପଞ୍ଚାୟତ ପକ୍ଷରୁ ଆଞ୍ଚଳିକ ସୁରକ୍ଷା ସମିତିର ଦାବିକୁ ପୂର୍ଣ୍ଣ ସମର୍ଥନ କରାଯାଇଥିଲା। ଆଗାମୀ ଦିନରେ ଦାବି ହାସ ନିମନ୍ତେ ଆନ୍ଦୋଳନରେ ବଗଦିଆବାସୀ ବହୁ ସଂଖ୍ୟାରେ ଯୋଗ ଦେବେ ବୋଲି ସରପଞ୍ଚ ନୀରୁପମା ମହାରଣା ଘୋଷଣା କରିଥିଲେ।



ବଗଦିଆଠାରେ ହୋଇଥିବା ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

## ସଂକ୍ଷେପରେ



### କେରଳ ବନ୍ୟା ବିପନ୍ନଙ୍କ ପାଇଁ ସହାୟତା

ନାଉଗାଁ,୨୩।୮(ସ୍ୱ.ପ୍ର.): କେରଳର ବନ୍ୟା ବିପନ୍ନଙ୍କୁ ସହାୟତା ଦେବା ନିମନ୍ତେ ନାଉଗାଁ ବ୍ଲକର ଛାତ୍ରନେତା ସୁନିଲି ମାଟିଆଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ଅର୍ଥ ସଂଗ୍ରହ କରାଯାଉଛି। ସଂଗୃହିତ ଅର୍ଥକୁ କେରଳର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀଙ୍କ ମାଧମରେ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ନାଉଗାଁ ବଜାରର ସାମାଜିକ କର୍ମୀ ଅଜୟ ମହାନ୍ତି, ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧକ୍ଷ ଜଟାଧାରୀ ମହାନ୍ତି ପ୍ରମୁଖ ସହଯୋଗର ହାତ ବଢ଼ାଇଛନ୍ତି। ଗଙ୍ଗଦାହାଟ, ନାଉଗାଁ ବଜାର, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନ ଆଦି ଅର୍ଥଦାନ କରିଛନ୍ତି। ଏହି ଅର୍ଥ ସଂଗ୍ରହ ଅଭିଯାନରେ ଛାତ୍ରନେତା ଅଜୟ କୁମାର ସାହୁ, ଛାତ୍ର ସଂସଦ ସଭାପତି ସରୋଜ କୁମାର ଲେଙ୍କା, କ୍ରିଷ୍ଣାନନ୍ଦ ସାହୁ, ସନ୍ଦୀପ ମହାନ୍ତି, ସଞ୍ଜୟ ସ୍ୱାଇଁ ପ୍ରମୁଖ ସାମିଲ ହୋଇଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ତିର୍ତ୍ତୋଲ,୨୩।୮(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଛତ୍ରମଠସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ୨୨ ଜଣ ଛାତ୍ରୀଛାତ୍ର ୧୮ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅତିଥି ଭାବେ ବିଦ୍ୟାଳୟର ଉପଦେଷ୍ଟା ଧ୍ରୁନଚନ୍ଦ୍ର ସେନାପତି, ଅମରଜ୍ୟୋତି ସାହୁ, ସମ୍ପାଦକ ଜଗନ୍ନାଥ ଶତପଥୀ, ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ସାହୁ, ଶୋଭାରାଣୀ ନନ୍ଦ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ।

### ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ



ରଘୁନାଥପୁର, ୨୩।୮( ଡି.ଏନ.ଏ.)- ରଘୁନାଥପୁର ବ୍ଲକ ରାଢଙ୍ଗ ବଟ ମହାପୁରୁଷ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ଉଚ୍ଚ ଓ ମଧ ଇଂରାଜି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଯୁବବାହିନୀ ସଂଯୋଜକ ସୁଶାନ୍ତ ଜେନାଙ୍କ ପରିଚାଳନାରେ ଆୟୋଜିତ ସଚେତନତା ଭିତ୍ତିକ ସଭାରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ରିତୁପୂର୍ଣ୍ଣା ସେଠୀ, ସଭ୍ୟ ମାନସ ଦାସ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ବରିଷ୍ଠ ନାଗରିକ କାଳନ୍ଦୀ ଚରଣ ସ୍ୱାଇଁ, ଯୋସେଫ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଜୁ ଯୁବ ବାହିନୀର ସଭାପତି ଅମରେଶ ରାଉତ ଓ ସମସ୍ତ ସଭ୍ୟଙ୍କ ତତ୍ତ୍ୱାବଧାନରେ ଅତିଥି ବୃନ୍ଦ ସ୍ଥାନୀୟ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ।

### ମହନ୍ତଙ୍କ ସମାଧି ପ୍ରତିଷ୍ଠା ଦିବସ

କୁଜଙ୍ଗ,୨୩।୮(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ମହ୍ଲାସାହି ଜଗନ୍ନାଥ ମଠର ମହନ୍ତ ସ୍ୱର୍ଗତ ନିଗମାନନ୍ଦ ଦାସଙ୍କ ସମାଧୀ ପ୍ରତିଷ୍ଠା ଦିବସ ସ୍ଥାନୀୟ ମଠ ପରିସରରେ ପାଳିତ ହୋଇଛି। ସ୍ୱର୍ଗତ ମହନ୍ତଙ୍କ ଶିଷ୍ୟ ମହନ୍ତ ପ୍ରଫୁଲ୍ଲ ଦାସ ମଠର ଉତ୍ତରାଧିକାରୀ ଭାବେ ସମାଧୀ ପ୍ରତିଷ୍ଠା ଦିବସର ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ସହିତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରକାଶ ଯେ ଏହି ପ୍ରସିଦ୍ଧ ମଠରେ ଗୁରୁ ଶିଷ୍ୟ ପରମ୍ପରା ଅନୁଯାୟୀ ପିଢ଼ି ପରେ ପିଢ଼ି ପରିଚାଳିତ ହୋଇଆସୁଛି। ତ୍ରିବିକ୍ରମ ପାଣି, ପ୍ରଭାତ ଦାସ, ଅକ୍ଷୟ ସ୍ୱାଇଁ, ରଞ୍ଜିତ ପଣ୍ଡା, କୃତିବାସ କର, ରବୀନ୍ଦ୍ରନାଥ ପାଣି, ମଠର ଅନ୍ୟତମ ଶିଷ୍ୟ ନିଶ୍ଚଳାନନ୍ଦ ଦାସ, ନୀର ସାମନ୍ତରାୟ, ଶ୍ରୀନିବାସ ଜୁଝାରସିଂହ, ଅମୀର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସର୍କିଟ୍ ହାଉସ୍‌ରେ ଖବରଦାତା ସମ୍ମିଳନୀ ପରେ ଗଣ୍ଡଗୋଳ

# ବିଷ୍ଣୁଙ୍କ ଉପସ୍ଥିତିରେ କର୍ମଚାରୀଙ୍କୁ ମାଡ଼

ଜଗତ୍‌ସିଂହପୁର ଅଫିସ, ୨୩।୮

■ ହସ୍ତକ୍ଷେପ କଲେ ଜିଲାପାଳ
■ ଜଣେ ଗିରଫ, ଅନ୍ୟମାନେ ଫେରାର

ବୁଧବାର ସ୍ଥାନୀୟ ସର୍କିଟ୍ ହାଉସ ପରିସରରେ ଜଗତ୍‌ସିଂହପୁର ଜିଲା ବିଜେଡି ମହିଳା ସଙ୍ଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ସମ୍ମିଳନୀ ପରେ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସଙ୍କ ଉପସ୍ଥିତିରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏସ୍‌ପି ପ୍ରକାଶ ଆର୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସର୍କିଟ୍ ହାଉସ୍ ଭାରପ୍ରାପ୍ତ ପରିଚାଳକ ଶିବାନୀ ଶଙ୍କର ମହାନ୍ତିଙ୍କ ଅଭିଯୋଗ ଉପରେ ଜଗତ୍‌ସିଂହପୁର ପୋଲିସ ମାମଲା ନଂ.୧୯୫/୧୮ (ଦଫା ୩୮୩/ ୩୩୨/ ୨୯୪/ ୩୪୧/ ୩୨୩/ ୫୦୬/ ୩୪ ଆଇପିସି) ରୁଜୁ କରି ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି । ସେ ହେଲେ ତିର୍ତ୍ତୋଲ କନକପୁରର ଶାରଳା ମନ୍ଦିର ପୂଜକ ରମେଶ ଚନ୍ଦ୍ର ରାଉଳ ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି।

ବୁଧବାର ଅପରାହ୍ଣ ପ୍ରାୟ ୧ଟା ବେଳେ ବିଜୁ ମହିଳା ଜନତା ଦଳ ଜଗତ୍‌ସିଂହପୁର ବ୍ଲକ, ନାଉଗାଁ ବ୍ଲକ ଓ ଜଗତ୍‌ସିଂହପୁର ପୌର ପରିଷଦର ନୂଆ ସଭାପତି ଘୋଷଣା ସମ୍ପର୍କରେ ସର୍କିଟ୍ ହାଉସରେ ଏହି ଖବରଦାତା ସମ୍ମିଳନୀ ହୋଇଥିଲା। ଖବରଦାତାମାନେ ଚାଲିଗଲା ପରେ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ତାହା ପୁଣି ଖାଦ୍ୟକୁ ନେଇ। ଘଟଣା ଥିଲା ଏହିପରି। ପୂର୍ବରୁ ଖବରଦାତା ଓ ସର୍କିଟ୍ ହାଉସ କର୍ମଚାରୀମାନଙ୍କ ପାଇଁ ୪୦ଟି ମିଲ୍ ବ୍ୟବସ୍ଥା ହୋଇଥିଲା। କୁହାଯାଇଥିଲା ଅନ୍ୟ କେହି ଆସିଲେ ଦିଆଯିବ ନାହିଁ। କିନ୍ତୁ ରାଉଳ ଧସେଇ ପଶି ଭୋଜନ କରିବାକୁ ଚାହିଁଥିଲେ। ତାଙ୍କୁ ଫାଟକ ପାଖରେ ରୋଷେୟା ରଞ୍ଜିତ କୁମାର ମହାରଣା ଭିତରକୁ ଛାଡି ନ ଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ରାଉଳ ତାଙ୍କୁ ଗାଳିଗୁଲଜ ଓ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ପରେ ୧ ନମ୍ବର କୋଠରୀରେ ଥିବା ବିଷ୍ଣୁଙ୍କ ପାଇଁ ରଞ୍ଜିତ ମିଲ୍ ନେଇ ଯାଇଥିଲେ। ଖାଦ୍ୟ ଦେଲାବେଳେ ଭିତର ପଟୁ କବାଟ ବନ୍ଦ କରିବାକୁ ସେ କହିଥିଲେ। କିନ୍ତୁ କିଛି ସମୟ ପରେ ରାଉଳ ପହଞ୍ଚି କବାଟ ଠକ୍ ଠକ୍ କରି ଖୋଲିବା ପାଇଁ ଡାକିଥିଲେ। ବିଷ୍ଣୁଙ୍କ ନିର୍ଦ୍ଦେଶରେ ରଞ୍ଜିତ କବାଟ ଖୋଲିବା ମାତ୍ରେ ରାଉଳ ତାଙ୍କ ସହ ପୁଣି ଝଗଡ଼ା କରିଥିଲେ। ଏହି ସମୟରେ ରଞ୍ଜିତ ଓ ରାଉଳଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କିଛି ସମୟ ପରେ ରଞ୍ଜିତ ରୋଷଶାଳାକୁ ଯାଉଥିବା ବେଳେ ରାଉଳ ତାଙ୍କୁ ଗୋଇଠା, ବିଧା ମାରିଥିଲେ। ରଞ୍ଜିତ ବାହାରେ ଚିତ୍କାର କରି ପ୍ରତିବାଦ କରିଥିଲେ। ଏଥିସହ ସର୍କିଟ୍ ହାଉସ ଭାରପ୍ରାପ୍ତ ପରିଚାଳକ ମହାନ୍ତିଙ୍କୁ ମୋବାଇଲ ଯୋଗେ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚିଥିଲା। କିନ୍ତୁ ରଞ୍ଜିତଙ୍କ ପାଟି ଶୁଣି ସେ ଗଣ୍ଡଗୋଳ କରୁଥିବା ସନ୍ଦେହରେ ପୋଲିସ ତାଙ୍କୁ ଥାନାକୁ ନେଇ ଯାଇଥିଲା। ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ଧୀରେ ଧୀରେ ଖବର ଜିଲାପାଳଙ୍କ ନିକଟରେ ପହଞ୍ଚିଥିଲା। ରଞ୍ଜିତ ମଧ ଜିଲାପାଳଙ୍କ ନିକଟରେ ପହଞ୍ଚି ଅଭିଯୋଗ କରିଥିଲେ। ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ସର୍କିଟ ହାଉସ ଭାରପ୍ରାପ୍ତ ପରିଚାଳକ ମହାନ୍ତି କହିଛନ୍ତି, ସେ ସର୍କିଟ ହାଉସରେ ପହଞ୍ଚି ବିଷ୍ଣୁଙ୍କ ସହ ଏ ସମ୍ପର୍କରେ କଥା ହୋଇଥିଲେ। ସେ ମାମଲାର ସମାଧାନ କରିଦେବେ ବୋଲି କହିଥିଲେ। କିନ୍ତୁ ସର୍କିଟ୍ ହାଉସରେ ଯେଉଁଭଳି ଅଭାବନୀୟ ଘଟଣା ଘଟିଲା ତାହା ଗ୍ରହଣୀୟ ନୁହେଁ। ୪୦ ଜଣଙ୍କ ପାଇଁ ମିଲ୍ ବ୍ୟବସ୍ଥା ହୋଇଥିଲା। ଏଥିସହ ଆଗରୁ କୁହାଯାଇଥିଲା ଯେ କେବଳ ଖବରଦାତା ଓ ସର୍କିଟ୍ ହାଉସ କର୍ମଚାରୀମାନେ ହିଁ ଭୋଜନ କରିବେ। ତେଣୁ ବାହାର ଲୋକଙ୍କୁ ଭୋଜନ ଦେବା ସମ୍ଭବ ନ ଥିବା ବେଳେ ଜଣେ ସରକାରୀ କର୍ମଚାରୀଙ୍କୁ ଏଭଳି ମାଡ଼ ମାରି ଅପମାନିତ କରିବା ଦୁଃଖଦାୟକ ଘଟଣା। ରଞ୍ଜିତ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବା ପରେ ସେ ଥାନାକୁ ଏହି କପି ସହ ଅଭିଯୋଗ କରିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାଉଳ କହିଛନ୍ତି ଯେ, ରଞ୍ଜିତ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ପରେ ଚାପର ବଶବର୍ତ୍ତୀ ହୋଇ ଛାଡ଼ି ଦେଇଛି। ଅଯଥାରେ ତାଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି।

ତାରପୁର ବାଇପାସ୍‌ଠାରୁ ମାହାଳହାଟ ଆରଆଣ୍ଡବି ରାସ୍ତା

## ବାଙ୍କ ମୁଣ୍ଡରେ ଗର୍ତ୍ତ, ପଥଚାରୀଙ୍କ ପାଇଁ ବିପଦ




ରାସ୍ତା ପାର୍ଶ୍ୱରେ ସୃଷ୍ଟି ହୋଇଥିବା ବିରାଟ ଗର୍ତ୍ତ।

ରଘୁନାଥପୁର, ୨୩।୮( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ତାରପୁର ବାଇପାସ୍‌ଠାରୁ ମହାନଦୀ ବ୍ରିଜ୍ ଦେଇ ମାହାଳହାଟ ପର୍ଯ୍ୟନ୍ତ ଯାଇଥିବା ଆରଆଣ୍ଡବି ବିଭାଗ ଅଧୀନରେ ଥିବା ରାସ୍ତାର ବାଙ୍କ ମୁଣ୍ଡରେ ସୃଷ୍ଟି ହୋଇଛି ବିରାଟ ଗର୍ତ୍ତ। ଯାହାକି ଦୈନନ୍ଦିନ ଯାତାୟାତ କରୁଥିବା ପଥଚାରୀଙ୍କ ପାଇଁ ବିପଦ ସାବ୍ୟସ୍ତ ହୋଇଛି। ଫକୀରପଡା ଏସ୍‌ଡିଓ ତଥା ଜଇପୁର ଜେଇଙ୍କ ଅଧୀନରେ ରହିଥିବା ଏହି ରାସ୍ତାରେ ପ୍ରାୟ ପ୍ରତ୍ୟେକ ଦିନ ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡା ଜିଲାର ଜନସାଧାରଣ ଯାତାୟାତ କରିଥାନ୍ତି। ମାତ୍ର ମହାନଦୀ ବ୍ରିଜଠାରୁ ପଚାଶ ଫୁଟ ଦୂରତ୍ୱରେ ଠିକ୍ ମା’ ନାରାୟଣୀ ମନ୍ଦିରକୁ ଯିବା ପାଇଁ ଥିବା ବାଙ୍କରେ ରେନ୍ କଟ ହୋଇ ପିଚୁ ସହ ମାଟି ଅତଡା ଧସି ଗର୍ତ୍ତ ବଢି ଚାଲିଛି। ସ୍ଥାନୀୟ ଲୋକେ ଦୁର୍ଘଟଣାକୁ ଆଶଙ୍କା କରି ଏକ ଷ୍ଟପ ବୋର୍ଡ ସେଠାରେ ଥୋଇଥିଲେ ସୁଧା, ସମ୍ପୃକ୍ତ ବିଭାଗର ଏଥିପ୍ରତି ନଜର ନ ପଡିବା ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଅନ୍ୟପକ୍ଷରେ ବିଭାଗୀୟ ଯନ୍ତ୍ରୀ ତଥା ଏସଡିଓଙ୍କ ଖାମଖିଆଲ ମନୋଭାବ ଯୋଗୁ ଆଗକୁ ବର୍ଷା ପାଣିରେ ମାଟି ଅତଡା ଧସି କ୍ରମଶଃ ଗର୍ତ୍ତ ରାସ୍ତା ଅଧ ପର୍ଯ୍ୟନ୍ତ ଚାଲି ଆସିବାର ସମ୍ଭାବନା ସୃଷ୍ଟି ହୋଇଛି। କୌଣସି ମୁହୂର୍ତ୍ତରେ ବାଇକ୍ ଓ ଚାରିଚକିଆ ଯାନ ଉକ୍ତ ଗର୍ତ୍ତରେ ପଡି ଧନଜୀବନ ହାନି ହେବାକୁ ଏଡାଇ ଦିଆଯାଇ ନ ପାରେ। ଏହାର ମରାମତି ଯଦି ତୁରନ୍ତ କରା ନ ଯାଏ ତାହା ହେଲେ ୩ ଟି ଜିଲାର ସଂଯୋଗ ପଥ ବିଚ୍ଛିନ୍ନ ହେବ। ଏଥିସହ ଏହା ଉପରେ ନିର୍ଭର କରି ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଜଗତ୍‌ସିଂହପୁର ଏଜିକ୍ୟୁଟିଭ ଇଞ୍ଜିନିୟର ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ୩ଟି ଜିଲାର ଅଧିବାସୀଙ୍କ ପକ୍ଷରୁ ଦାବି ହେଉଛି।



ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ତୋରଣ ତିଆରି କରାଯାଉଛି।

## କଳାବଜାରରୁ ସାର କିଣୁଛନ୍ତି ଚାଷୀ

ନାଉଗାଁ,୨୩।୮(ସ୍ୱ.ପ୍ର.)

■ ସଚେତନତାର ଅଭାବ
■ ସରକାରୀ କେନ୍ଦ୍ର ଥାଇ ବାହାରୁ ସାର କିଣୁଛନ୍ତି ଚାଷୀ

ଚାଷୀ ଓ ଚାଷ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। କିନ୍ତୁ ଉକ୍ତ ଯୋଜନାଗୁଡିକ ଚାଷୀମାନଙ୍କ ପାଖରେ ପହଞ୍ଚିପାରୁ ନ ଥିବାରୁ ଏହାର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଚାଷୀମାନେ ଅନେକ ସମୟରେ ଠକେଇ ଓ କଳାବଜାର ଶିକାର ହେଉଛନ୍ତି। ନାଉଗାଁ ବ୍ଲକ ଅଧୀନ ୧୬ ପଞ୍ଚାୟତର ୭୫ ଭାଗ ଲୋକ ଚାଷ ଉପରେ ନିର୍ଭର କରୁଥିବାବେଳେ ଚଳିତବର୍ଷ ୭ ହଜାର ୪୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ବର୍ତ୍ତମାନ ଚାଷୀ ଧାନ ରୁଆରୋଇ କରୁଛନ୍ତି। ଧାନ ଗଛ ଭଲ ହେବା ସହିତ ଅଧିକ ଅମଳ ପାଇଁ ରାସାୟନିକ ସାର ପ୍ରୟୋଗ ଆବଶ୍ୟକ। ସେଥିପାଇଁ ସରକାର ଚାଷୀଙ୍କୁ ରିହାତି ଦରରେ ସାର ଯୋଗାଇ ଦେବାକୁ ବିକ୍ରିୟ କେନ୍ଦ୍ରମାନ ଖୋଲିଛନ୍ତି। କିନ୍ତୁ ଏହି ବ୍ଲକରେ ଖୋଲାଯାଇଥିବା ବିକ୍ରିୟ କେନ୍ଦ୍ରଗୁଡିକରୁ ଚାଷୀ ସାର ନ କିଣି କଳାବଜାରରୁ କିଣୁଛନ୍ତି। କୃଷି ବିଭାଗ ତଥ୍ୟ ଅନୁସାରେ ଏହି ବ୍ଲକରେ ଆବଶ୍ୟକ ପରିମାଣର ସାର ମହଜୁଦ ଅଛି। ନାଉଗାଁ, ଗଙ୍ଗଦାହାଟ, କର୍ଣ୍ଣେଶିଆ ହାଟ, ମୁଣ୍ଡାଲୋ ଓ ଅଲଣା ହାଟରେ ସରକାରଙ୍କ ତରଫରୁ ୨୭ଟି ବିକ୍ରୟ କେନ୍ଦ୍ର ଓ ବେସରକାରୀ ଭାବେ ୨୧ କେନ୍ଦ୍ରରେ ସାର ବିକ୍ରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସବୁ କେନ୍ଦ୍ରରୁ ଚାଷୀମାନେ ନିଜ ଆଧାର କାର୍ଡ ଦେଖାଇ ନାମ ପଞ୍ଜୀକୃତ କରିବା ସହ ସୁଲଭ ମୂଲ୍ୟରେ ଓ ରିହାତି ଦରରେ ସାର କ୍ରୟ କରିପାରିବେ। କିନ୍ତୁ ଏ ବିଷୟରେ ଚାଷୀମାନେ ସଚେତନ ହୋଇପାରୁ ନ ଥିବାରୁ କଳା ବଜାରରୁ ସାର କିଣୁଛନ୍ତି। ସରକାରୀ ଭାବେ ଗ୍ରୋମର ସାର ପ୍ୟାକେଟ ପିଛା ଦର ୧୧୨୨ ଟଙ୍କା ଥିବାବେଳେ କଳା ବଜାରରେ ୧୬୦୦ ଟଙ୍କା, ଡିଏପି ୧୦୭୬ ଥିବାବେଳେ ବେସରକାରୀ ଭାବେ ୧୪୦୦ ଟଙ୍କା, ପଟାସ ୫୭୫ ଥିବାବେଳେ ୧୦୦୦ ଟଙ୍କା, କୋଡିଏ କୋଡିଏ ୮୭୩ ଟଙ୍କା ଥିବା ବେଳେ କଳା ବଜାରରେ ୧୨୦୦ ଟଙ୍କାରେ ବିକ୍ରି ହେଉଛି। ବ୍ୟବସାୟୀମାନେ ସାର କଳାବଜାର କରି ଚାଷୀଙ୍କୁ ଶୋଷଣ କରିଚାଲିଛନ୍ତି। ତେଣୁ ସାର କଳାବଜାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିକ୍ରୟ କେନ୍ଦ୍ରରୁ ସାର କିଣିବାକୁ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏ ସମ୍ପର୍କରେ ନାଉଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ ଏହି ବ୍ଲକରେ ଯେତିକି ପରିମାଣ ସାର ଆବଶ୍ୟକ ସେତିକି ମହଜୁଦ ଅଛି। କିନ୍ତୁ ଚାଷୀମାନେ ସରକାରଙ୍କ ଧାର୍ଯ୍ୟ ବିକ୍ରୟ କେନ୍ଦ୍ରରୁ ସାର ନ କିଣି କଳାବଜାରରୁ କିଣୁଛନ୍ତି। ଏଥିଯୋଗୁ ସେମାନେ ଠକାମିର ଶିକାର ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି।

## ମିଳୁନି ଫସଲ ବୀମା, ଜିଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

ତିର୍ତ୍ତୋଲ,୨୩।୮(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କଟରାସ୍ଥିତ ସନ୍ଥ ବିନୋବା ସମବାୟ ସମିତିର ୩୧ ଜଣ ଚାଷୀ ଫସଲ ବୀମା ରାଶୀ ପାଇବାରୁ ବଞ୍ଚିତ ହୋଇଥିବା ଜଗତସିଂହପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ୨୦୧୭ରେ ଲଘୁଚାପ ଜନିତ ବର୍ଷାରେ ଏହି ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଫସଲ ନଷ୍ଟର ଭରଣା କରିବାକୁ ଖରିଫ ଫସଲ ବୀମା ପାଇଁ ଉକ୍ତ ସମବାୟ ସମିତିର ୩୬୨ ଚାଷୀ ଚିହ୍ନଟ ହୋଇଥିଲେ। ଏବେ ଏହି ଚାଷୀମାନଙ୍କ ମଧ୍ୟରୁ ୩୩୧ ଜଣ ଚାଷୀଙ୍କ ବୀମା ରାଶି ଆସିଥିବାବେଳେ ୩୧ ଜଣ ଚାଷୀଙ୍କ ବୀମା ରାଶି ଆସିନାହିଁ। ପ୍ରତ୍ୟେକ ଚାଷୀଙ୍କ ବୀମାରାଶି ଠିକ ସମୟରେ ଜମା ହୋଇଥିଲେ ମଧ ୩୧ ଜଣ ଫସଲ ବୀମା ରାଶିରୁ ବଞ୍ଚିତ ହେବା ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ତେଣୁ ସେମାନଙ୍କୁ ସେମାନଙ୍କ ନାର୍ଯ୍ୟ ପ୍ରାପ୍ୟ ପ୍ରଦାନ ପାଇଁ ଜିଲାପାଳ ପଦକ୍ଷେପ ନେବାକୁ କ୍ଷତିଗ୍ରସ୍ତ ଚାଷୀ ବାଇଧର ବଳ, ଦୀନବନ୍ଧୁ ଆଚାର୍ଯ୍ୟ, ଶିବଚରଣ ରାଉତ, ପ୍ରଭାକର ସ୍ୱାଇଁ, ଅଜିତ କୁମାର ବାରିକ ପ୍ରମୁଖ ନିବେଦନ କରିଛନ୍ତି। ଏଥିସହିତ ତିର୍ତ୍ତୋଲସ୍ଥିତ କଟକ କେନ୍ଦ୍ର ବ୍ୟାଙ୍କ ପରିଚାଳକ, ଏଆରସି ଜଗତ୍‌ସିଂହପୁର, ରାଜ୍ୟ କୃଷକ ସଂଗଠନ ଓ ନବ ନିର୍ମାଣ କୃଷକ ସଂଗଠନକୁ ଅବଗତ କରାଯାଇଛି। ଏଦିଗରେ ପ୍ରଶାସନ ପ୍ରଦକ୍ଷେପ ନ ନେଲେ ଚାଷୀମାନେ ୭ ଦିନ ପରେ ବିକଳ୍ପ ପନ୍ଥା ଭାବେ ସନ୍ଥ ବିନୋବା ସମିତି ଆଗରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମବାୟ ସମିତି ସମ୍ପାଦକ ପ୍ରଦୀପ୍ତ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ ସମିତି ଅଧୀନ ଦୁଇଟି ଗ୍ରାମ ଧୁସାଲୋ ଏବଂ ଗୋପାଳପୁରର ଚାଷୀଙ୍କ ନାମ ଭୁଲ କ୍ରମେ କୁଜଙ୍ଗ ଓ ରଘୁନାଥପୁର ବ୍ଲକରେ ସ୍ଥାନୀତ ହୋଇଯାଇଛି। ସେଥିପାଇଁ ସେମାନେ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ସଂଶୋଧନ କରାଯାଇ ସେମାନଙ୍କୁ ବୀମା ରାଶୀ ପ୍ରଦାନ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

## କୁଜଙ୍ଗରେ ମରୁଡି ସ୍ଥିତି, ଚାଷୀଙ୍କ ଭାଲେଣି ବଢୁଛି

କୁଜଙ୍ଗ,୨୩।୮(ସ୍ୱ.ପ୍ର.)

କୁଜଙ୍ଗରେ ଚଳିତ ଖରିଫ୍ ଫସଲକୁ ନେଇ ଚାଷୀଙ୍କ ଚିନ୍ତା ବଢିଚାଲିଛି। ଆଜି ସୁଧା ଅନେକ ଶାଖା କେନାଲରେ ପାଣି ଆସି ନ ଥିବାରୁ ରୁଆ ବେଉଷଣ କାର୍ଯ୍ୟ ପଛାଇଛି। ଏପରିକି ଅନେକ ଢିପ ଜମିରେ ମଧ ତଳି ଉପଡା ସରିନାହିଁ। ତଳି ଘେରାରେ ପାଣି ନ ଥିବା ଓ କେନାଲରେ ପାଣି ଆସୁ ନ ଥିବା ଯୋଗୁ କୁଜଙ୍ଗ, ନବାଡିଆ, ଗଣ୍ଡିକୀପୁର, ଫତେପୁର ଓ ମଙ୍ଗରାଜପୁର ଆଦି ଅଞ୍ଚଳରେ ଚାଷ କାର୍ଯ୍ୟ ପଛାଇଛି। ଯଦି ଏହି ସ୍ଥିତି ଲାଗିରହେ ତେବେ ବହୁ ଖେତ ରୁଆ ବେଉଷଣ ନ ହୋଇ ଖାଲି ପଡିବ। ବହୁ କ୍ଷେତରେ ମରୁଡି ପରିସ୍ଥିତ ଉପୁଜିବ ବୋଲି କୃଷକ ନେତା ତଥା ନବନିର୍ମାଣ କୃଷକ ସଂଘର ପ୍ରମୁଖ ବାବୁରାମ ଚୌଧୁରୀ, ବିଷ୍ଣୁ ସ୍ୱାଇଁ ପ୍ରମୁଖ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ସ୍ଥିତି ବିଗୁଡିଥିବା ବେଳେ ଏବେ କୃଷି ପାଇଁ ସାର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ସାରର କୃତ୍ରିମ ଅଭାବ ସାଙ୍ଗକୁ ଜମିକୁ ଜଳ ଉପଯୁକ୍ତ ସମୟରେ ନ ପହଞ୍ଚିବା ଯୋଗୁ ସ୍ଥିତି ସଂଗୀନ ହେବାରେ ଲାଗିଛି। ବହୁ ଅଞ୍ଚଳରେ ରୁଆ ଜମି ଫାଟିବାକୁ ବସିଥିବା ବେଳେ ଏବେବି ତଳିଘେରାରେ ପାଣି ନ ଥିବାରୁ ରୁଆ ବେଉଷଣ ହୋଇପାରୁନାହିଁ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଯୋଗ ଶିବିର



ଯୋଗ ଶିବିରରେ ଉପସ୍ଥିତ ଲୋକମାନେ।

ବିରିଡ଼ି/ବାଲିଆ,୨୩।୮(ଡି.ଏନ.ଏ.)

ବିରିଡ଼ି ବ୍ଲକ ଅଢଙ୍ଗଗଡ଼ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମହାପୁରୁଷ ଯଶୋବନ୍ତଙ୍କ ପୀଠରେ ରବିବାରଠାରୁ ଆରମ୍ଭ ହୋଇଥିବା ଯୋଗ ଶିକ୍ଷା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ୫ ଦିନ ବ୍ୟାପୀ ହୋଇଥିବା ଏହି ଶିବିରରେ ୩୦ଜଣ ବରିଷ୍ଠ ନାଗରିକ ଯୋଗ ଶିକ୍ଷା କରିଥିଲେ। ଯୋଗଗୁରୁ ବିଶ୍ୱନାଥ ସ୍ୱାଇଁ ଶିବିରରେ ବରିଷ୍ଠ ନାଗରିକମାନଙ୍କୁ ଆସନ, ପ୍ରାଣାୟମ, ସୂର୍ଯ୍ୟ ନମସ୍କାର, ଦିନଚର୍ଯ୍ୟା ସହିତ ଶେଷରେ ହବନ ଆଦି ଶିକ୍ଷାଦାନ କରିଥିଲେ। ଯୋଗ ଶିକ୍ଷା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ସୁଦୃଢ ହୋଇଥାଏ। ମଣିଷ ମନରେ ଶାନ୍ତି, ଏକାଗ୍ରତା ଆଣିବାରେ ଏହା ସହାୟକ ହୋଇଥାଏ ବୋଲି ଯୋଗ ଗୁରୁ ସ୍ୱାଇଁ ପ୍ରକାଶ କରିଥିଲେ। ଶିବିରରେ ବିରିଷ୍ଠ ନାଗରିକଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ତଥା ମଞ୍ଚର ସଭାପତି ପଦ୍ମନାଭ ଭୋଇ, ଉପସଭାପତି ପ୍ରଦୀପ୍ତ କିଶୋର ରାୟ, ସମ୍ପାଦକ ରାଜନାରାୟଣ ମହାନ୍ତି, ସଂଗଠନ ସମ୍ପାଦକ ନିରଞ୍ଜନ ବେହେରା, ରମେଶ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ଅଶୋକ କୁମାର ଦାସ, ଲିଙ୍ଗରାଜ ମଲ୍ଲ, ଅଜୟ କୁମାର ମହାନ୍ତି, ରଣଜିତ ରାୟ, କୁଞ୍ଜବିହାରୀ ଦାସ, ସୁଧାଂଶୁ ଶେଖର ସାହୁ, ପ୍ରଫୁଲ୍ଲ କୁମାର ରାୟ, ଅନାଦି ଚରଣ ଜେନା, ସୁରେନ୍ଦ୍ର ନାଥ ବେହେରା, ସୁଧିର କୁମାର ରାୟ ଓ ଉପଦେଷ୍ଟା କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଶିକ୍ଷା କରିଥିଲେ।

■ ଚିଙ୍ଗୁଡ଼ି ଚୋପା ଦୁର୍ଗନ୍ଧରେ ନାକ ଫାଟୁଛି

# ପ୍ରଶାସନର ତାଗିଦ୍ ସତ୍ତ୍ୱେ ଚାଲିଛି କାରବାର

ପାରାଦୀପ, ୨୩।୮(ସ୍ୱ.ପ୍ର.)



ଷଣ୍ଢକୁଦ ଉପାନ୍ତ କଂସାରିପାଟିଆଠାରେ ଗଦା ହୋଇଥିବା ଚିଙ୍ଗୁଡ଼ି ଖୋଳ ।

ପାରାଦୀପ ଷଣ୍ଢକୁଦ ଉପାନ୍ତ କଂସାରିପାଟିଆଠାରେ ଚିଙ୍ଗୁଡ଼ି ଚୋପା (ମଥା) ବ୍ୟବସାୟକୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ଚିଙ୍ଗୁଡ଼ି ଚୋପା ଗଦା ହୋଇପଡିଥିବାରୁ ଦୁର୍ଗନ୍ଧରେ ସ୍ଥାନୀୟ ଅଞ୍ଚଳ ଦେଇ ଯାତାୟାତ କରିହେଉନି। ତେଣୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ମାହାଳ, ତ୍ରିଲୋଚନପୁର ଓ ଢିଙ୍କିଆ ଆଦି ଗ୍ରାମର ଲୋକେ ଗତ ସୋମବାର ଏରସମା ତହସିଲଦାର, ଅଭୟଚାନ୍ଦପୁର ଥାନା ଓ ଜଟାଧାରୀ ମୁହାଣ ସାମୁଦ୍ରୀକ ଥାନାରେ ଅଭିଯୋଗ କରିଛନ୍ତି। ଗତ ୬ ମାସରେ ଏକାଧିକ ଲୋକ ଓ କମ୍ପାନୀ ପକ୍ଷରୁ ଏପରି ଅଭିଯୋଗ କରାଯାଇଛି। ଏହା ସତ୍ତ୍ୱେ ତୈଳ ବିଶୋଧନାଗାର ସଂଲଗ୍ନ କଂସାରିପାଟିଆ ନଦୀକୂଳରେ ବହୁଳ ଭାବେ ଚିଙ୍ଗୁଡି ଚୋପା ଗଦା ହୋଇରହିଛି। ଏପରି ଚିଙ୍ଗୁଡ଼ି ଚୋପା ଗଚ୍ଛିତ ରଖିବା ଓ ତାହାକୁ ଶୁଖାଇ କୁକୁଡ଼ା ଖାଦ୍ୟ କରିବା ଦ୍ୱାରା ସେହି ଅଞ୍ଚଳ ଦୁର୍ଗନ୍ଧ ହେଉଛି। ସେହି ସ୍ଥାନରୁ ପୋକ ବାହାରି ରାସ୍ତାରେ ଚାଲୁଛନ୍ତି। ଚିଙ୍ଗୁଡ଼ି ଚୋପା ପକାଇବାରେ ବ୍ୟବହୃତ ପଲିଥିନ୍, ପ୍ଲାଷ୍ଟିକ ନିକଟସ୍ଥ ନଦୀ ସମୁଦ୍ରରେ ମିଶୁଛି ବୋଲି ତ୍ରିନାଥ ଯୁବ ପରିଷଦ ତ୍ରିଲୋଚନପୁର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଉକ୍ତ ଚିଙ୍ଗୁଡ଼ି ଚୋପା ବ୍ୟବସାୟ ପୂର୍ବରୁ ପିପିଏଲ୍ ଛକପାଖ ରାଇସମିଲ୍ ବସ୍ତିରେ କେତେକ ବ୍ୟବସାୟ ଚଳାଉଥିଲେ। ବାରମ୍ବାର ଅଭିଯୋଗ ହେବାରୁ ଜିଲା ଓ ପୌର ପ୍ରଶାସନ ଗତବର୍ଷ ସେହି ରାଇସମିଲ୍‌ରୁ ସେସବୁ ବେପାର ବନ୍ଦ କରିଥିଲେ। ରାଇସ୍‌ମିଲ୍‌ରୁ ଚୋପା ଉଚ୍ଛେଦ ପରେ ସେହି ବ୍ୟବସାୟୀମାନେ କଂସାରିପାଟିଆଠାରେ ସରକାରୀ ଜାଗାରେ ଏହି ବେପାର ଚଳାଇଛନ୍ତି। ଯେବେଠାରୁ ସେହି ସ୍ଥାନରେ ଏହି କାରବାର ହେଲାଣି ସେଠାରେ ଥିବା ଠିକା ସଂସ୍ଥା, ମାଛ ଚାଷୀ ଓ ଯାତାୟାତ କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ସେହି ଚିଙ୍ଗୁଡ଼ି ଚୋପା ବିଭିନ୍ନ ପ୍ରୋସେସିଂ କାରଖାନାରୁ ସଂଗ୍ରହ କରାଯାଏ। ତାହାକୁ ଅଳ୍ପ ମାତ୍ରାରେ ପଚାଯାଇ ଶୁଖାଯାଏ। ପରେ ସେହି ଚୋପା କୁକୁଡ଼ା ଖାଦ୍ୟ ଭାବେ ବିକ୍ରି ହୁଏ। ଏପରି ବ୍ୟବସାୟରେ ଲାଭ ଅଧିକ ହେଉଥିବାରୁ ବ୍ୟବସାୟୀମାନେ କୌଣସିମତେ ବନ୍ଦ କରୁନାହାନ୍ତି ବୋଲି କଂସାରିପାଟିଆ ବାସିନ୍ଦା ନଗେନ ପଲେଇ କହିଛନ୍ତି। ସେହି ବ୍ୟବସାୟୀଙ୍କୁ ବିରୋଧ କଲେ ମାଡ଼ଗାଳି ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଏରସମା ତହସିଲଦାର ସେହି ଚିଙ୍ଗୁଡ଼ି ଚୋପାକୁ ହଟାଇବା ପାଇଁ ସ୍ଥାନୀୟ ୨ ଥାନକୁ ଚିଠି ଲେଖିଛନ୍ତି। ଏହାକୁ ମାସକ ମଧ୍ୟରେ ହଟାଯିବା ପାଇଁ ଚିଠିରେ ଦର୍ଶାଯାଇଛି। ଏହା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଆଗକୁ କ’ଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ଅଞ୍ଚଳବାସୀଙ୍କ ଅପେକ୍ଷା।

## ସଂକ୍ଷେପରେ

### ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ମାର୍ଶାଘାଇ,୨୩।୮ (ଡିଏନଏ):** ମାର୍ଶାଘାଇ ଥାନା ଗଡରୋମିତ ପଞ୍ଚାୟତ ସୁବଳା ଗ୍ରାମ ନିକଟ ଦେଇ ପ୍ରବାହିତ ଲୁଣା ନଦୀପଠାରୁ ଗୁରୁବାର ଅପରାହ୍ନରେ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହଟି ମାର୍ଶାଘାଇ ବ୍ଲକ କରିଲୋପାଟଣା ଗ୍ରାମର ହେମଲତା ପଣ୍ଡା(୯୦)ଙ୍କର ବୋଲି ପୋଲିସ କହିଛି। ଏ ନେଇ ମାର୍ଶାଘାଇ ଥାନାରେ ୨୦/୧୮ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ହେମଲତା ଗତ ୪ଦିନ ତଳେ ଲୁଣା ନଦୀରେ ବୁଡି ନିଖୋଜ ହୋଇ ଯାଇଥିଲେ। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ପଟ୍ଟାମୁଣ୍ଡାଇ ଟ୍ୟାକ୍ସି ମାଲିକ ସଂଘ ଗଠିତ

**ପଟ୍ଟାମୁଣ୍ଡାଇ,୨୩।୮(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇରେ ଟ୍ୟାକ୍ସି ମାଲିକମାନଙ୍କୁ ନେଇ ଏକ ସଂଘ ଗଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ଟ୍ୟାକ୍ସି ମାଲିକ ରହେମାନ ଖାନ୍‌ଙ୍କ ଆହ୍ୱାନରେ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା । ଟ୍ୟାକ୍ସି ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ମାଲିକମାନେ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ । ମ୍ୟୁନିସିପାଲିଟି ପକ୍ଷରୁ ଟ୍ୟାକ୍ସି ଷ୍ଟାଣ୍ଡ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରହିଥିଲେ ମଧ ତାହା ନିର୍ମାଣ ହେବାରେ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ଏହାଛଡା ଜନଗହଳିପୂର୍ଣ୍ଣ ପଟ୍ଟାମୁଣ୍ଡାଇ ବଜାରରେ କେଉଁଠି ହେଲେ ବି ଗାଡି ପାର୍କିଂ କରିବା କଷ୍ଟକର ହୋଇ ପଡୁଥିବା ବେଳେ ପୌର କର୍ତ୍ତୃପକ୍ଷ ତୁରନ୍ତ ଟ୍ୟାକ୍ସି ଷ୍ଟାଣ୍ଡ ନିର୍ମାଣ ପାଇଁ ବୈଠକରେ ଦାବି ହୋଇଥିଲା । ଏହି ଅବସରରେ ଟ୍ୟାକ୍ସି ମାଲିକ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ଅଜୟ କୁମାର ପଣ୍ଡା ସଭାପତି,ରାଜେଶ କୁମାର ନାୟକ ଉପସଭାପତି, ପ୍ରଦୀପ କୁମାର ଯତୀ ସମ୍ପାଦକ, ରହେମାନ ଖାନ୍ ସହ ସଂପାଦକ, ବିଶ୍ୱଜିତ୍ ସାମଲ କୋଷାଧ୍ୟକ୍ଷ, ସ୍ମୃତି ରଞ୍ଜନ ପାଢୀ ହିସାବ ନିରୀକ୍ଷକ ଓ ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଚଳିତବର୍ଷ ବିଶ୍ୱକର୍ମା ପୂଜାକୁ ସମାରୋହରେ ପାଳିତ କରିବାକୁ ନିଷ୍ପତ୍ତି ହୋଇଥିଲା ।

### ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ



**ରାଜକନିକା, ୨୩।୮ (ଡି.ଏନ୍.ଏ.):** ରାଜକନିକା ବ୍ଲକ ଅଧୀନ ପଧାନପଡ଼ା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମା' କୁଞ୍ଜକାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛଇ। ଯୁବ ବାହିନୀ ସଭାପତି ପ୍ରଦୀପ କୁମାର ଦାସ, ସମ୍ପାଦକ ଅଧୀର କୁମାର ଦାସ ଓ କୋଷାଧ୍ୟକ୍ଷ ଅଟଳ ବିହାରୀ ମଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁମନ୍ତ ଦାସ, ପ୍ରିୟ ରଞ୍ଜନ ଦାସ, ସଂଗ୍ରାମ କେଶରୀ ଦାସ, ଶ୍ରୀନିବାସ ମଲିକ ଓ ଶ୍ରୀନିବାସ ଦାସଙ୍କ ସମେତ ଯୁବ ବାହିନୀର ଅନ୍ୟସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଶାଳ, ଆକାଶି, ନିମ୍ବ ଓ ଦେବଦାରୁ ପ୍ରଭୃତି ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରବୀଣା ଦାସ, ପୂର୍ବତନ ସରପଞ୍ଚ ବୈଷ୍ଣବ ମିଶ୍ର , ରଙ୍ଗାଧର ଦାସ ଓ ନିରାକାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ଏକାଦଶ ଶ୍ରେଣୀର ଶିକ୍ଷାଦାନ ଆରମ୍ଭ

**ଡେରାବିଶ,୨୩। ୮(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧିନସ୍ଥ ଗୁଆଳସିଂ ସ୍ଥିତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ସିବିଏସ୍‌ଇ ପଦ୍ଧତିରେ ଚଳିତ ଶିକ୍ଷା ବର୍ଷ ଠାରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲା ଯାଇଛି । ତେବେ ଗୁରୁବାର ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଆରମ୍ଭ କରାଯାଇଛି । ଏହି ଅବସରରେ ପବ୍ଲିକ ସ୍କୁଲର ଅଧକ୍ଷ ପ୍ରାଧାପକ ଅର୍ଜୁନ ଚରଣ ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ବେହୁରା, ରୋଜାଲିନି ପତି, ବିଦ୍ୟାଳୟ ପରିସରରେ ଥିବା ଶ୍ରୀଗଣନାଥଙ୍କ ମୂର୍ତି ନିକଟରେ ପୂଜାର୍ଚ୍ଚନା କରି ଶିକ୍ଷାଦାନ ଆରମ୍ଭ କରିଛନ୍ତି ।

# ଗୋପୀନାଥପୁରରେ ବ୍ୟାପୁଛି ଡେଙ୍ଗୁ

**ମହାକାଳପଡା, ୨୩।୮ (ଡି.ଏନ୍.ଏ.)**

- ୧୫ ଦିନରେ ୪ ଆକ୍ରାନ୍ତ
- ଗ୍ରାମ ପରିଦର୍ଶନ କଲେ ସିଡିଏମ୍‌ଓ



ଗାଁ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଜଳାଶ୍ରୟ ।

କେନ୍ଦ୍ରାପଡା ଜିଲାର ମହାକାଳପଡା ବ୍ଲକ ଅଧୀନ ତେରଗାଁ ପଞ୍ଚାୟତର ସ୍ଥାନୀୟ ଗୋପୀନାଥପୁର ଶାସନ ଗ୍ରାମରେ ବୁଧବାର ଆଉ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପୂର୍ବରୁ ଏହି ଗ୍ରାମରେ ୩ଜଣ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ପୁଣି ଜଣେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।

ପ୍ରକାଶ ଯେ, ଗୋପୀନାଥପୁର ଶାସନ ଗ୍ରାମର ଜ୍ୟୋତିରଞ୍ଜନ ମିଶ୍ର (୨୩)ଙ୍କୁ ଗତ କିଛିଦିନ ହେବ ଜ୍ୱର ହେଉଥିଲା। ପରେ ତାଙ୍କୁ ପରିବାର ଲୋକେ ପାରାଦୀପସ୍ଥିତ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରକ୍ତ ପରୀକ୍ଷା ପରେ ସେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ତେବେ ପୂର୍ବରୁ ଏହି ଗ୍ରାମର ରାଜକିଶୋର ସାହୁ (୩୬), ନୀହାର ରଞ୍ଜନ ଦାଶ (୫୨) ଓ ପ୍ରଭଞ୍ଜନ ଦାଶ (୫୫) ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ସେମାନେ ଫେରିଥିବା ଜଣାପଡିଛି। ଅପରପକ୍ଷେ ବର୍ଷା ଜଳ ନିଷ୍କାସିତ ହୋଇ ନ ପରି ଦୀର୍ଘଦିନ ଧରି ଜମି ରହୁଥିବାରୁ ଗ୍ରାମରେ ଡେଙ୍ଗୁ, ମ୍ୟାଲେରିଆ ଭଳି ମାରାତ୍ମକ ରୋଗ ବ୍ୟାପୁଥିବା ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି।

ଏଥିସହ ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନିକଟରେ ଖବର ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧରିତ୍ରୀ ପ୍ରତିନିଧି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଧିକାରୀ ଡା. ବୈଷ୍ଣବ ଚରଣ ସାହୁଙ୍କୁ ଜଣାଇବା ପରେ ଗୁରୁବାର ଅପରାହ୍ନରେ ଡା. ସାହୁ ଗୋପୀନାଥପୁର ଶାସନ ପରିଦର୍ଶନ କରିଥିଲେ। ଏଥିସହ ଲୋକମାନଙ୍କଠାରୁ ଏ ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ଗ୍ରାମରେ କ୍ୟାମ୍ପ କରିବା ସହ ଲୋକମାନଙ୍କୁ ଡେଙ୍ଗୁ ରୋଗର ନିରାକରଣ ସମ୍ପର୍କରେ ସଚେତନ କରାଯିବ ବୋଲି ଡା. ସାହୁ ସୂଚନା ଦେଇଛନ୍ତି।

# ଘର ସଜାଡୁଛି ଜିଲା କଂଗ୍ରେସ

**କେନ୍ଦ୍ରାପଡା ଅଫିସ୍, ୨୩।୮**

ଆଗକୁ ଆସୁଛି ସାଧାରଣ ନିର୍ବାଚନ। କେନ୍ଦ୍ରାପଡା ଜିଲାରେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ କସରତ ଆରମ୍ଭ କରି ଦେଇଛନ୍ତି। ବିଭିନ୍ନ ସମୟରେ ମିଶ୍ରଣ ପର୍ବ କରି ବିଜେଡି ଓ ଭାଜପା ନିଜର ରାଜନୈତିକ ବଳ ସଂଗ୍ରହ କରୁଥିବା ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ନିଯୁକ୍ତ ମିଳିବା ପରେ ଘର ସଜଡ଼ା ଆରମ୍ଭ କରିଛି ଜିଲା କଂଗ୍ରେସ। ତେବେ କିଛି ଦିନ ପୂର୍ବେ ଜିଲା କଂଗ୍ରେସ ସଭାପତି ପଦ ପରିବର୍ତ୍ତନ କରିବା ସହ କର୍ମୀ ଓ ନେତାଙ୍କୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରାଯାଇଛି। ଜିଲା କଂଗ୍ରେସର ଏହି ଘର ସଜଡ଼ାରେ ଗୁରୁବାର ମଣ୍ଡଳସ୍ତରୀୟ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଜିଲା କଂଗ୍ରେସ ପ୍ରତି ଜୋନ୍‌କୁ ମଣ୍ଡଳ ଘୋଷଣା କରି ସଭାପତି ପଦରେ ବହୁ ନେତା ଓ କର୍ମୀଙ୍କୁ ଦାୟିତ୍ୱ ଦେଇଛି। ତେବେ ଅର୍ନ୍ତଦ୍ୱନ୍ଦ କମିନାହିଁ। ଜିଲାର ୩୨ଟି ଜୋନରୁ ୩୧ଟିରେ କଂଗ୍ରେସର ସଭାପତି ପଦ ଘୋଷଣା ହୋଇଥିବା ବେଳେ ୧୪ ନଂ. ଜୋନ୍‌ରେ ଦଳୀୟ ଅର୍ନ୍ତବିବାଦ ଯୋଗୁ ସଭାପତି ପଦ ପାଇଁ କୌଣସି ବ୍ୟକ୍ତି ମନୋନୀତ ହୋଇପାରିନାହାନ୍ତି। ସେହିପରି ମାର୍ଶାଘାଇ ୨୫ ନଂ. ଜୋନ୍‌ର ସଭାପତି ଯୁଗଳ କିଶୋର ଦାସଙ୍କୁ ଛାଡିଦେଲେ ଅନ୍ୟ ସମସ୍ତେ ନୂଆ। ଗତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡା ଜିଲାରେ କଂଗ୍ରେସର ଦବଦବା ଦେଖିବାକୁ ମିଳିଥିଲା। ଆଳି ଓ ରାଜନଗର ବିଧାନସଭା ନିର୍ବାଚନରେ ଜିତାପଟ ସହ କେନ୍ଦ୍ରାପଡା ଜିଲାରେ ନିଜର ଆଧିପତ୍ୟ ପ୍ରଦର୍ଶନ କରିଥିଲା କଂଗ୍ରେସ। ତେବେ ଗତ ୪ ବର୍ଷ ମଧ୍ୟରେ କଂଗ୍ରେସର ରଣନୀତି ଶୀଥିଳ ହୋଇଥିବାରୁ ଏହାର ପ୍ରଭାବ ଗତ ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିଥିଲା। ଜିଲାର ୩୨ଟି ଜୋନ୍‌ରୁ ଜଣେ ହେଲେ ଜିଲା ପରିଷଦ ପାର୍ଥୀ ଜିତିପାରି ନଥିଲେ। ଏ ପରିକି ଗତ ପଞ୍ଚାୟତ ଭୋଟରେ କଂଗ୍ରେସ ଭୋଟର ଭାଜପାକୁ ଢ଼ଳିଥିଲେ। ଫଳରେ ୩୨ଟି ଜୋନ୍‌ରୁ ୧୦ଟି

# ରାଧାମାଧବ ଜୀଉଙ୍କ ଝୁଲଣ ମହୋତ୍ସବ



ଝୁଲଣ ବେଦୀରେ ଶ୍ରୀ ରାଧାମାଧବ ଜୀଉ।

**ରାଜକନିକା, ୨୩।୮ (ଡି.ଏନ୍.ଏ)**

ରାଜକନିକା ବ୍ଲକ ଅଧୀନ କଣ୍ଠିଆ ଗ୍ରାମର ଶ୍ରୀଗୋପବନ୍ଧୁ ଜୀଉ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୁଧବାରଠାରୁ ଶ୍ରୀଶ୍ରୀ ରାଧାମାଧବ ଜୀଉଙ୍କ ଝୁଲଣ ମହୋତ୍ସବ ଆରମ୍ଭ ହୋଇଛି। ତେବେ ଗ୍ରାମବାସୀଙ୍କ ସହଯୋଗରେ ଶ୍ରୀଶ୍ରୀ ଗୋପବନ୍ଧୁ ଜୀଉଙ୍କ ପୀଠରେ ହୋଇଥିବା ସାଜସଜା ଭକ୍ତ ମାନଙ୍କୁ ଆକର୍ଷିତ କରିଛି। ଏହି ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଲୋ ଭୋଲଟେଜ୍ ସମସ୍ୟା: ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର

**ମାର୍ଶାଘାଇ,୨୩।୮(ଡିଏନଏ)**

ମହାକାଳପଡାର ବାବର ସେକ୍ସନ ଅଧୀନ ରତନପୁର ଗ୍ରାମରେ ଦୀର୍ଘ ଦିନ ହେବ ଲୋ ଭୋଲଟେଜ ସମସ୍ୟା ଲାଗି ରହିଛି ଏହାର ପ୍ରତିବାଦରେ ଗୁରୁବାର ଗ୍ରାମର ଉପଭୋକ୍ତାମାନେ ମାର୍ଶାଘାଇ ବିଦ୍ୟୁତ୍ ଡିଭିଜନ (ସେସୁ)କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀ ସ୍ମିତ ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଗ୍ରାମର ୧୩ ନଂ ୱାର୍ଡର ଉପଭୋକ୍ତାମାନେ ଲୋଭୋଲଟେଜ୍ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅକ୍ଷୟ କୁମାର ମଳିକ,ରମେଶ ଚନ୍ଦ୍ର ଓଝା, ନିରଞ୍ଜନ ସୂତାର, ଦେବେଶ ଦାସ,ଗୋଲେଖ ମଳିକଙ୍କ ସମେତ ୨୫ ଜଣ ଉପଭୋକ୍ତା ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇ ସମସ୍ୟା ସମାଧାନ ସଂପର୍କରେ ଆଲୋଚନା କରିଛନ୍ତି।

# ୩୧ ମଣ୍ଡଳ କଂଗ୍ରେସ କମିଟି ସଭାପତି ନିଯୁକ୍ତ

**କେନ୍ଦ୍ରାପଡା ଅଫିସ, ୨୩।୮**

ପ୍ରତି ଜୋନକୁ ମଣ୍ଡଳ ଭାବେ ଗ୍ରହଣ କରି କେନ୍ଦ୍ରାପଡା ଜିଲାର ୩୧ଟି ସ୍ଥାନରେ ମଣ୍ଡଳ କଂଗ୍ରେସ ସଭାପତିଙ୍କ ନାମ ଜିଲା କଂଗ୍ରେସ ସଭାପତି ଚିନ୍ମୟ ବେହୁରା ଗୁରୁବାର ଘୋଷଣା କରିଛନ୍ତି। ନିଖିଳ ଭାରତ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଜିଲାର ୩୨ଟି ଜୋନ୍ ମଧ୍ୟରୁ ୩୧ଟିରେ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଆଳି ବ୍ଲକର ୧ ନଂ. ଜୋନ୍ ସଭାପତି ଭାବେ ସର୍ବେଶ୍ୱର ସାମଲ, ୨ ନଂ.ରେ ପ୍ରଭାକର ସାହୁ, ୩ ନଂ.ରେ ନକୁଳ ପରିଡା ଓ ୪ ନଂ ଜୋନରେ ମାନଗୋବିନ୍ଦ ଦାଶଙ୍କୁ ମଣ୍ଡଳଙ୍କୁ ନିଯୁକ୍ତି ମିଳିଛି। ସେହିଭଳି କେନ୍ଦ୍ରାପଡ଼ା ବ୍ଲକ ଅଧୀନ ୫ ନଂ. ଜୋନ୍‌ରେ ନାରାୟଣ ପ୍ରସାଦ ପରିଡା, ୬ ନଂ.ରେ ପୀତବାସ ବେହେରା, ୭ ନଂ.ରେ ଚିତ୍ରସେନ ପରିଡ଼ା, ୮ ନଂ.ରେ ପ୍ରଭୁ ପ୍ରସାଦ ବରାଳ, ଗରଦପୁର ବ୍ଲକ ଅଧୀନ ୯ ନଂ. ରେ ରଞ୍ଜନ କୁମାର ରାଉତ, ୧୦ ନଂ. ରେ ଦିଲୀପ କୁମାର ରାଉତ, ୧୧ ନଂ.ରେ ସଂଗ୍ରାମ ପୃଷ୍ଟି, ଡେରାବିଶ ବ୍ଲକ ୧୨ ନଂ. ରେ ରାଜୀବ ଲୋଚନ ମିଶ୍ର, ୧୩ ନଂ.ରେ ପ୍ରମୋଦ କୁମାର ଲେଙ୍କା, ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ୧୫ ନଂ. ଜୋନ୍‌ରେ ଜ୍ୟୋତିରଞ୍ଜନ ପ୍ରଧାନ, ୧୬ ନଂ.ରେ ଅଜୟ କୁମାର ପ୍ରଧାନ, ୧୭ ନଂ.ରେ ଉମେଶ ଦାଶ ଓ ୧୮ ନଂ.ଜୋନ୍‌ରେ ପଞ୍ଚାନନ ଧଳ ସଭାପତି ପଦରେ ନିଯୁକ୍ତ ହୋଇଥିବା ଜିଲା କଂଗ୍ରେସ ସଭାପତି ବେହୁରା ସୂଚନା ଦେଇଛନ୍ତି। ଏଥିସହ ମହାକାଳପଡ଼ା ବ୍ଲକର ୧୯ ନଂ. ଜୋନରେ କୁଳମଣି ସାମଲ, ୨୦ ନଂ.ରେ ପ୍ରମୋଦ ଚନ୍ଦ୍ର ସ୍ୱାଇଁ, ୨୧ ନଂ.ରେ ଅକ୍ଷୟ ବେହୁରା, ୨୨ ନଂ.ରେ କବୀନ୍ଦ୍ର ସାମଲ, ୨୩ ନଂ.ରେ ତରୁଣକାନ୍ତି କାଞ୍ଜିଲାଲ, ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ୨୪ ନଂ. ଜୋନରେ ଦଇତାରୀ ନାୟକ, ୨୫ ନଂ.ରେ ଯୁଗଳ କିଶୋର ଦାସ, ୨୬ ନଂ.ରେ ସୁରେଶ ଚନ୍ଦ୍ର ପଣ୍ଡା, ରାଜକନିକା ବ୍ଲକ ଅଧୀନ ୨୭ ନଂ. ଜୋନ୍‌ରେ ଅଜୟ କୁମାର ଦାସ, ୨୮ ନଂ.ରେ ବିଦ୍ୟାଧର ବରଜ, ୨୯ ନଂ. ରେ ମଙ୍ଗୁଳି ଚରଣ ବେହେରା, ରାଜନଗର ବ୍ଲକର ୩୦ ନଂ. ଜୋନରେ ଅଶୋକ ବଳ, ୩୧ ନଂ.ରେ ଦେବେନ୍ଦ୍ର ଜେନା ଓ ୩୨ ନଂ. ଜୋନରେ ମାଧବ ଚନ୍ଦ୍ର ମାନ୍ନାଙ୍କୁ ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତି ମିଳିଥିବା ଏଥିପାଇଁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଖୁଦୁରୁକୁଣି ଓଷା ପ୍ରସ୍ତୁତି:ମୂର୍ତ୍ତି କିଣିବାକୁ ଭିଡ

**ମାର୍ଶାଘାଇ,୨୩।୮(ଡିଏନଏ)**



ଭାଦ୍ରବ ମାସର ରବିବାରରେ ଝିଅମାନେ ଖୁଦୁରୁକୁଣି ଓଷା କରିଥାନ୍ତି। ଏହି ଦିନ ସକାଳୁ ଜଳାଶ୍ରୟରେ ଗାଧୋଇ ଗାଧୁଆ ତୁଠରେ ମାଟିରେ ବାଲୁକା କରିଥାନ୍ତି। ଏହାକୁ ଫୁଲରେ ସଜାଇ ଧୂପ ଦୀପ ଦେଇ ଅରୁଆ ଚାଉଳ, କଦଳୀ, କାକୁଡି, ନଡିଆ, ଗୁଡ ଆଦି ଭୋଗ ଲାଗି କରିଥାନ୍ତି। ସନ୍ଧ୍ୟାରେ ଘରେ ଚିତା ପକାଇ, ଫୁଲ ଓ ରଙ୍ଗୀନ ଆଲୋକମାଳାରେ ସଜାଇ ଖୁଦୁରୁକୁଣି ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରିଥାନ୍ତି। ପୂଜା ସମୟରେ ଏହି ଓଷା ବହିକୁ ପଢିବାର ପରମ୍ପରା ରହିଛି। ସାଧବ ପରିବାରର ସାତ ଭାଇ ବଣିଜ କରିବା ପାଇଁ ଜଳପଥରେ ବିଦେଶ ଯାଇଥିବା ବେଳେ ସେମାନଙ୍କର ଏକମାତ୍ର ଭଉଣୀ ତଅପୋଇ ନିଜେ ଭାଉଜମାନଙ୍କ ଦ୍ୱାରା ନିର୍ଯାତିତା ହେବା ସତ୍ତ୍ୱେ ଭାଇମାନଙ୍କର ଶୁଭ ମନାସି ଖୁଦୁରୁକୁଣି ଓଷା କରିଥିବା କିମ୍ବଦନ୍ତୀ ରହିଛି। ଉପକୂଳ ଓଡିଶାର ଘରେ ଘରେ ଝିଅମାନେ ଖୁଦୁରୁକୁଣି ଓଷା କରିବା ଦେଖିବାକୁ ମିଳିଥାଏ। ଗହ୍ମା ପୂର୍ଣ୍ଣମାର ପୂର୍ବ ରବିବାରଠାରୁ କେତେକ ଅଞ୍ଚଳରେ ଏହି ଓଷା ପାଳନ କରାଯାଉଥିବା ଦେଖିବାକୁ ମିଳିଥାଏ । ଅଧିକାଂଶ ସ୍ଥାନରେ ଗହ୍ମାପୂର୍ଣ୍ଣମାର ପରବର୍ତ୍ତୀ ରବିବାର ଠାରୁ ଝିଅମାନେ ଏହି ଓଷା କରିଥାନ୍ତି। ଚଳିତବର୍ଷ ମାର୍ଶାଘାଇ ବ୍ଲକର ବିଭିନ୍ନ ଗ୍ରାମରେ ଖୁଦୁରୁକୁଣି ଓଷା ପାଇଁ ଝିଅମାନେ ପ୍ରସ୍ତୁତ ହୋଇ ମୃଣ୍ମୟୀ ମୂର୍ତ୍ତିସଂଗ୍ରହ କରିବାରେ ଲାଗି ପଡିଛନ୍ତି। ମାର୍ଶାଘାଇ ବଜାର ସଂଲଗ୍ନ କୁମ୍ଭାର ସାହିରେ ମୂର୍ତ୍ତି କିଣିବା ପାଇଁ ଭିଡ ପରିଲକ୍ଷିତ ହେଉଛି। ଏହି ସାହିର ଅଧିକାଂଶ ପରିବାର ଖୁଦୁରୁକୁଣି ମୂର୍ତ୍ତି ଗଢିବାରେ ଲାଗି ପଡିଛନ୍ତି। କୁମ୍ଭାର ପରିବାରର ପୁରୁଷଙ୍କ ସମେତ କିଶୋର, ମହିଳା, ଯୁବତୀ ସମସ୍ତେ ଏବେ ମୂର୍ତ୍ତି ନିର୍ମାଣ କରି ବିକ୍ରି କରିବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି। ବ୍ୟବସାୟୀମାନେ ମୂର୍ତ୍ତି ଆଣି ବିଭିନ୍ନ ବଜାରରେ ବିକ୍ରୟ କରିଥାନ୍ତି। ମାର୍ଶାଘାଇ ବ୍ଲକର ତିଖିରୀ ବଜାର, ଓସ୍ତର ହାଟ, ବଡପାଳ, ଖୁରୁସିଆ, ଧନିଆପଡା, ବଡକୂଳ, କରଞ୍ଜୀ ପ୍ରଭୃତି ସ୍ଥାନରୁ ଝିଅମାନେ ଖୁଦୁରୁକୁଣି ମୂର୍ତ୍ତି କିଣୁଥିବା ପରିଲକ୍ଷିତ ହେଉଛି। ଏଥିସହିତ ପୂଜାକୁ ଜାକଜମକରେ ପାଳନ କରିବା ଲାଗି ପ୍ରସ୍ତୁତିକୁ ଜୋରଦାର କରିଛନ୍ତି । ପୂଜା ସାମଗ୍ରୀ ଏବଂ ସାଜସଜ୍ଜା ପାଇଁ ଫୁଲ,ଲାଇଟ ଆଦି ସଂଗ୍ରହ କରିବା ପାଇଁ ଝିଅମାନେ ଦୋକାନରେ ଭିଡ ଲଗାଇବା ଦେଖିବାକୁ ମିଳିଛି ।

# ଜିଲାପାଳଙ୍କ ସମୀକ୍ଷା ବୈଠକ

**ମହାକାଳପଡ଼ା, ୨୩।୮(ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଜିଲାପାଳଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅଙ୍ଗନୱାଡି ଗୃହ ନିର୍ମାଣ ଆଦି ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ ସମୀକ୍ଷା କରିଥିଲେ। ଗ୍ରାମାଞ୍ଚଳର ବିକାଶ ଦିଗରେ ଗୁରୁତ୍ୱ ଦେବାକୁ ଜିଲାପାଳ ପ୍ରଶାସନିକ ଅଓ୍ୱକାରୀଙ୍କୁ କହିଥିଲେ। ଏଥିସହ ଏଥିରେ ଅବହେଳା କରୁଥିବା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ତାଗିଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରମେଶଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ମୁରଲୀଧର ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା କନଷ୍ଟ୍ରକ୍ସନ୍ ୱାର୍କସ ୟୁନିୟନର ସମ୍ମିଳନୀ




ସମ୍ମିଳନୀରେ ଯୋଗ ଦେଇଥିବା ଶ୍ରମିକ ନେତା ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ୍, ୨୩।୮**

ସିଆଇଟିୟୁ ସ୍ୱୀକୃତି ପ୍ରାପ୍ତ ଓଡ଼ିଶା କନଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନ (ଓସିଡବ୍ଲ୍ୟୁ)ର କେନ୍ଦ୍ରାପଡ଼ା ଜିଲା ସମ୍ମିଳନୀ ସହରସ୍ଥ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖଗେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶ୍ରମିକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷକନେତା ଗୟାଧର ଧଳ, ଉମେଶଚନ୍ଦ୍ର ସିଂହ, ବାବାଜି ପରିଡା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକଙ୍କ ସମସ୍ୟାକୁ ଅଣଦେଖା କରୁଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହାର ସମାଧାନ ପାଇଁ ସଂଗଠନ ଜରିଆରେ ଆନ୍ଦୋଳନକୁ ଓ୍ୱଲ୍ଲାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଶ୍ରମିକ ନେତା ଜଗତଜୀବନ ଦାସ ସମ୍ମିଳନିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କେରଳ ବନ୍ୟା ପରିସ୍ଥିତି ପାଇଁ ସଂଗୃହୀତ ଟଙ୍କା ଆସନ୍ତା ଶୁକ୍ରବାର ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ସମ୍ମିଳନିରେ ୨ଶହରୁ ଉର୍ଦ୍ଧ୍ୱ ଶ୍ରମିକ ଓ ଶ୍ରମିକ ନେତା ଯୋଗ ଦେଇଥିଲେ।

# ମୋ ସ୍କୁଲ ଅଭିଯାନ



ବିଦ୍ୟାପୀଠରେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡା ଅଫିସ, ୨୩।୮**

କେନ୍ଦ୍ରାପଡା ବ୍ଲକ ଚକ୍ରୋଡ଼ା ପଞ୍ଚାୟତ ତରାପୁରସ୍ଥିତ ଜାଗୁଳାଇ ବିଦ୍ୟାପୀଠରେ ମୋ ସ୍କୁଲ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ମଣ୍ଡଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇ ବିଦ୍ୟାପୀଠର ସାମଗ୍ରିକ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ପ୍ରତିଷ୍ଠାତା ସମ୍ପାଦକ ଡା. ପୁରୁଷୋତ୍ତମ ସାହୁ ଯୋଗ ଦେଇ ବିଦ୍ୟାପୀଠର ଭିତ୍ତିଭୂମି ସୁଦୃଢ଼ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ଗଠନ ହୋଇଥିଲା। ପୁରାତନ ଛାତ୍ର ରାଜେଶ ପଣ୍ଡାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏଥିସହ କମିଟି ସଦସ୍ୟ ଭାବେ ସରୋଜକାନ୍ତ ସାହୁ, ରମାକାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ସୁକାନ୍ତ ବାରିକ, ଉତ୍ତମ ଚରଣ ମଲ୍ଲିକ, ପୁଣ୍ୟଶ୍ଳୋକ ନାୟକ, ସେକ୍ ସଦାମ ପ୍ରମୁଖଙ୍କୁ ଗ୍ରହଣ କରାଯାଇଥିଲା। କଲ୍ୟାଣ ପ୍ରସାଦ ନାୟକ, ସଂଗ୍ରାମ କେଶରୀ ନାୟକ, ପ୍ରଭାକର ଦାସ, ରଶ୍ମିରଞ୍ଜନ ଦାସ, ଦୀନବନ୍ଧୁ ମହାନ୍ତି, ଆକାଶ ମହାନ୍ତି, ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମରଣଯନ୍ତା ପାଲଟିଛି ଖାନନଗର ପୋଲ

**ଡେରାବିଶ,୨୩।୮(ସ୍ୱ.ପ୍ର.)**

- ସଂଯୋଗୀକରଣ ରାସ୍ତା ଅବସ୍ଥା ଶୋଚନୀୟ
- ମରାମତି ପାଇଁ ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ



ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପୋଲ।

ଡେରାବିଶ ବ୍ଲକ ଅଂଚଳର ହୁରାସାହି-ଯଅଁରାବାରିମୂଳ ରାସ୍ତାର ଖାନନଗର ପୋଲଟି ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ନବେ ଦଶକରେ ନିର୍ମିତ ଏହି ପୋଲ ମରଣଯନ୍ତା ପାଲଟି ଥିବା ବେଳେ ଏହାର ସଂଯୋଗୀକରଣ ରାସ୍ତା ଅବସ୍ଥା ଆହୁରି ଶୋଚନୀୟ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ମରାମତି ପାଇଁ ୨୦୦୯ରେ ଜନୈକ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର କାମ ଅଧାରୁ ଛାଡି ଚାଲି ଯିବା ଫଳରେ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାରେ ବିଭିନ୍ନ ପୋଲ ନିର୍ମାଣ କରାଇଥିଲେ। କିନ୍ତୁ ଖାନନଗରଠାରେ ଖାନନଗର ସବ୍‌ମାଇନର ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ମିତ ଲକ୍ ପୋଲର ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦୌ ନଜର ଦେଇ ନଥିଲେ। ଫଳରେ ପୋଲ ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ନିମ୍ନମାନର କାମ ଯୋଗୁ ଏହାର ସଂଯୋଗୀକରଣ ରାସ୍ତା ବି ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତା ଦେଇ ଦୈନିକ ବହୁ ବସ୍ ଗରଦପୁର, ମାର୍ଶାଘାଇ ଓ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲରୁ କଟକ-ଭୁବନେଶ୍ୱର ଯାଉଛି। ଏଥିସହ ମାଲବାହୀ ଟ୍ରକ୍ ଓ ଟ୍ରାକ୍ଟର ମଧ ପ୍ରତିଦିନ ଯା'ଆସ କରୁଛି। କିନ୍ତୁ ଖାନନଗର ପୋଲ ଓ ସଂଯୋଗୀକରଣ ରାସ୍ତାର ଏଭଳି ଅବସ୍ଥା ଯୋଗୁ ଯେକୌଣସି ମୁହୂର୍ତ୍ତରେ ମଧ ଅଘଟଣ ଘଟିବାର ସମ୍ଭାବନା ରହିଛି। ହରିଅଙ୍କ ସମିତିସଭ୍ୟ ରଘୁନାଥ ଶତପଥୀ କହିଛନ୍ତି, ଏ ନେଇ ଏକାଧିକ ଥର ଜିଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ଯୋଗୁ ପୋଲର ମରାମତି ହୋଇପାରିନାହିଁ। ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ କହିଛନ୍ତି, ଖାନନଗର ପୋଲଟି ଦୀର୍ଘ ବର୍ଷ ହେବ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପୋଲ ଉପର ରାସ୍ତା ଦବି ଯାଇଥିବାରୁ ବର୍ଷା ଦିନେ ଏହା ଉପର ଦେଇ ଯା'ଆସ କରିବା ନିରାପଦ ନୁହେଁ। ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି ପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ସେପଟେ ଯଅଁରାବାରିମୂଳ ସରପଞ୍ଚ କବିତା ରାଉତ ଓ ଯୁବନେତା ରଜତ କୁମାର ବଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପାଟକୁରା ବିଧାୟକ ଦେବପ୍ରକାଶ ଅଗ୍ରୱାଲଙ୍କୁ ଭେଟି ଏହି ପୋଲର ପୁନରୁଦ୍ଧାର ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ଏ ବିଷୟରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସନ୍ଧିବିଗ୍ରହଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇନାହିଁ।

## ସଂକ୍ଷେପରେ

### କୁଲ୍‌ଦୀପ ନାୟାରଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା ଅଫିସ, ୨୩।୮:** ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ଓ ପୂର୍ବତନ ରାଜ୍ୟସଭା ଏମ୍‌ପି କୁଲଦୀପ ନାୟାରଙ୍କର ଗୁରୁବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ଜିଲା ଖବରଦାତା ସଙ୍ଘ ପକ୍ଷରୁ ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ସହରସ୍ଥିତ ଇଚ୍ଛାପୁରଠାରେ ଅନୁଷ୍ଠିତ ହୋଇଥିଲା। ସଙ୍ଘ ସଭାପତି ଅକ୍ଷୟ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅବନୀମୋହନ ଦାସ, ରାଜେଶ ବେହେରା, ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାୟାରଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ନିର୍ଭିକ ସ୍ତମ୍ଭକାର ଭାବେ ଜନପ୍ରୀୟ ହୋଇଥିବା ବେଳେ ତାଙ୍କ ଲିଖିତ ପୁସ୍ତକ 'ଗୋଟିଏ ଜୀବନ ଯଥେଷ୍ଟ ନୁହେଁ' ଭାରତରେ ବହୁ ଚର୍ଚ୍ଚାର ଖୋରାକ ଯୋଗାଉଥିଲା ବୋଲି ଉପସ୍ଥିତ ଖବରଦାତାମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ନାୟାରଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା।

### ସ୍ୱାସ୍ଥ୍ୟସେବା ଶିବିର

**କେନ୍ଦ୍ରାପଡା ଅଫିସ, ୨୩।୮:** କେନ୍ଦ୍ରାପଡ଼ା ବ୍ଲକ ଅଧୀନ କୋରୋ ଗଇଦୁଆରେ ଏକ ମାଗଣା ସ୍ୱସ୍ଥ୍ୟସେବା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଳକୃଷ୍ଣ ଯୋଗୀଙ୍କ ସ୍ମୃତିରେ ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ଉଦ୍‌ଘାଟନ କରିଥିଲେ। ଶିବିରରେ ଭେଷଜ ବିଭାଗର ଡା. ଗିରଶ ଶତପଥୀ, ଡା. ବୀରବର ଜେନା, ଶିଶୁରୋଗ ବିଶେଷଜ୍ଞ ଡା. ଗଙ୍ଗାଧର ସୁତାର, ଶଲ୍ୟ ବିଭାଗର ଡା. ସରୋଜ ମହାନ୍ତି ଓ ଡା. ଧରଣୀଧର ପାଣ୍ଡବ, ଡା. ସନ୍ଧ୍ୟାରାଣୀ ଶତପଥୀ, ଇଏନଟି ବିଶେଷଜ୍ଞ ଡା. ରାଜେନ୍ଦ୍ର ଶତପଥୀ, ସ୍ତ୍ରୀ ରୋଗ ବିଶେଷଜ୍ଞ ସରୋଜିନୀ ଯୋଗୀ, ଡା. ନିଶିଥ ଯାଦବ, ଡା. ରଶ୍ମିରଞ୍ଜନ ବେହେରା ଯୋଗ ଦେଇଥିଲେ। ଏଡି ଶିବିରରେ ୭୦୦ରୁ ଅଧିକ ରୋଗୀଙ୍କୁ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ଶ୍ରୀଧର ରାଉତ, ସୁନାକର ରାଉତ, ପୂର୍ବତନ ଏଡିଏମ୍ ନିରଞ୍ଜନ ସାହୁ, ନୃସିଂହ ଦାସ, ବାବୁଲି ଦାସ, ପ୍ରମୋଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଶାରୀରିକ ବ୍ୟାୟାମ ସମ୍ପଦ ପୁସ୍ତକ ଉନ୍ମୋଚିତ



**କେନ୍ଦ୍ରାପଡା ଅଫିସ, ୨୩।୮:** ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଛବି ପ୍ରସାଦ ମହାକୁଡ଼ଙ୍କ ଦ୍ୱାରା ରଚିତ ପୁସ୍ତକ 'ଶାରୀରିକ ବ୍ୟାୟାମ ସମ୍ପଦ' ସହରର ତିନିମୁହାଣୀସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ଛାତ୍ରନେତା ପ୍ରଦୀପ କୁମାର ସାହୁ, ଚିତ୍ତରଞ୍ଜନ ଦାସ, ସୁରେଶ ମର୍ଦ୍ଦରାଜ, ଗୌତମ ସ୍ୱାଇଁ, ରଞ୍ଜନ ସାହୁ, ସୂର୍ଯ୍ୟ ମହାନ୍ତି, କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ଦାସ ସାମିଲ ହୋଇଥିଲେ। ଏହି ଅବସରରେ ପୁସ୍ତକ ରଚୟିତା ମହାକୁଡ କହିଥିଲେଯେ,ଏହି ପୁସ୍ତକ କ୍ରୀଡ଼ାପ୍ରେମୀ, ବିଦ୍ୟାଳୟସ୍ତରରେ ଖେଳକୁଦ ଓ ବ୍ୟାୟାମର ଆବଶ୍ୟକତାକୁ ଅନୁଭବ କରି ଲେଖାଯାଇଛି। ବିଭିନ୍ନ ବ୍ୟାୟାମ ମାଧମରେ ଶରୀରର ଅଙ୍ଗ ପ୍ରତ୍ୟେଙ୍ଗ ଚାଳନା ହେବା ଯୋଗୁ ମଣିଷ ନିରୋଗ ରହିବା ସହ ଶାରିରିକ, ମାନସିକ ଅଭିବୃଦ୍ଧି ଘଟିବ।

### ବିଲରୁ ଚାଷୀଙ୍କ ମୃତଦେହ ଉଦ୍ଧାର

**ବାଙ୍କୀ,୨୩।୮(ସ୍ୱ.ପ୍ର.):** ବାଙ୍କୀ ଥାନା ଅନ୍ତର୍ଗତ ଗୋପ ଗ୍ରାମର ଏକ ବିଲରୁ ଗୁରୁବାର ଜଣେ ଚାଷୀଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଗୋପ ଗ୍ରାମର ସୂର୍ଯ୍ୟକାନ୍ତ ଜେନା (୫୫)। ସାପ କାମୁଡାରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୂର୍ଯ୍ୟକାନ୍ତ ସକାଳୁ ବିଲକୁ ପିଡିଆ ପକେଇବା ପାଇଁ ଯାଇଥିଲେ। କିନ୍ତୁ ଦ୍ୱିପହର ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିଥିଲେ। ଶେଷରେ ବିଲରେ ସୂର୍ଯ୍ୟକାନ୍ତ ସଜ୍ଞାହୀନ ଅବସ୍ଥାରେ ପଡିଥିବା ଦେଖି ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ।

■ ଅଧାରେ ଅଟକିଛି କଂକ୍ରିଟ୍ ପୋଲ ନିର୍ମାଣ

# ପଟା ପୋଲ ଭାଙ୍ଗିବା ପରେ ବାଉଁଶ ପୋଲ ଭରସା

**କେନ୍ଦ୍ରାପଡା ଅଫିସ, ୨୩।୮**



ପଟାପୋଲ ଭାଙ୍ଗିଗଲା ପରେ କେନ୍ଦ୍ରାପଡା ବ୍ଲକ ଘାଘରା ପଞ୍ଚାୟତବାସୀଙ୍କ ଭରସା ପାଲଟିଛି ବାଉଁଶ ପୋଲ । ଦୀର୍ଘ ୭ ବର୍ଷ ତଳେ ଏଠାରେ କଂକ୍ରିଟ୍ ପୋଲ ନିର୍ମାଣ ପାଇଁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହି ନିର୍ମାଣାଧୀନ ପୋଲ କାର୍ଯ୍ୟ ଅଧାରେ ଅଟକି ରହିଛି । ଅଦ୍ୟାବଧି ଏହି ପ୍ରକଳ୍ପରେ ମାତ୍ର କେତୋଟି ପିଲାର ନିର୍ମାଣ କରାଯାଇଛି। ଫଳରେ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ବାଉଁଶ ପୋଲ ଦେଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। କେନ୍ଦ୍ରାପଡା ସହରଠାରୁ ମାତ୍ର ୧୮ କିଲୋମିଟର ଦୂରରେ ଥିବା ଘାଘରା ପଞ୍ଚାୟତରେ ଏଭଳି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି। ମାତ୍ର ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ,ଏହି ପଞ୍ଚାୟତଟି ବ୍ରାହ୍ମଣୀ ନଦୀ ଅବବାହିକାରେ ରହିଛି । ବ୍ରାହ୍ମଣୀ ନଦୀର ଶାଖା ବ୍ରାହ୍ମଣୀ ନାଳ ପାର ହେଲେ ପଞ୍ଚାୟତର ୨ ଓ ୪ ନଂ ୱାର୍ଡକୁ ଯାଇହେବ । ୨ଟି ୱାର୍ଡର ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସହ ତରଡିପାଳ, ଘାଘରାଡ଼ିଅ ଓ ତୁଳସୀଡ଼ିଅ ଗ୍ରାମବାସୀ ଏହି ବାଉଁଶପୋଲ ଉପରେ ନିର୍ଭରଶୀଳ । ଏହି ବାଉଁଶ ପୋଲ ଦେଇ ଦୈନିକ ବିଦ୍ୟାଳୟକୁ ଯାତାୟାତ କରୁଥିବା ଶିଶୁ, ରୋଗୀ, ମୋଟରବାଇକ ଯାତ୍ରୀ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରିଥାନ୍ତି। ବ୍ରାହ୍ମଣୀରେ ବନ୍ୟା ଆସିଲେ ୨ ଓ ୪ ନଂ ୱାର୍ଡବାସୀଙ୍କ ଘରେ ବନ୍ୟାଜଳ ପ୍ରବେଶ କରେ। ଏହି ସମୟରେ ବାଉଁଶ ପୋଲରେ ଯାତାୟାତ ଠପ୍ ହୋଇଯାଏ। ଲୋକେ ଡଙ୍ଗା ଉପରେ ନିର୍ଭର କରିବାକୁ ବାଧ ହୋଇଥାନ୍ତି।

ଏସମ୍ପର୍କରେ ପୂର୍ବତନ ସମିତିସଭ୍ୟ ନାରାୟଣ ପରିଡା କୁହନ୍ତି ଯେ, ବର୍ଷାଋତୁରେ ଏହି ଦୁଇ ୱାର୍ଡବାସୀଙ୍କ ଯାତାୟାତ ବାଧାପ୍ରାପ୍ତ ହୁଏ। ପୂର୍ବରୁ ଏଠାରେ ଏକ ପଟାପୋଲ ଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗିଗଲା ।ଫଳରେ ଗାଁ ଲୋକେ ମିଳିତ ହୋଇ ଏହି ବାଉଁଶ ପୋଲ ନିର୍ମାଣ କରିଛନ୍ତି।

୨୦୦୯ ଜାନୁୟାରୀରେ ବରି-ଡେରାବିଶ ବିଧାନସଭା ନିର୍ବାଚନ ମଣ୍ଡଳୀର ତତ୍କାଳୀନ ବିଧାୟକ ଦେବାଶିଷ ନାୟକ ଓ ଏମପି ମୋହନ ଯେନା ଏହି ସ୍ଥାନରେ କଂକ୍ରିଟ ପୋଲ ନିର୍ମାଣ ପାଇଁ ଶୁଭ ଦେଇଥିଲେ । ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଜମି ବିବାଦକୁ ନେଇ ୨ ବର୍ଷ ନିର୍ମାଣ କାର୍ଯ୍ୟ ବନ୍ଦ ରହିଲା । ୨୦୧୧ରେ ଏହି ନିର୍ମାଣ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ବନ୍ଦ କରିଦେଲେ। ପୁନର୍ବାର ୩ କୋଟି ଟଙ୍କା ବ୍ୟୟ ବରାଦରେ ଉକ୍ତବର୍ଷ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା । ତେବେ କେତୋଟି ପିଲାର ବ୍ୟତୀତ ଏଠାରେ ନିର୍ମାଣ କାର୍ଯ୍ୟ ଅଗ୍ରଗତି ହୋଇ ନାହିଁ ବୋଲି ପୂର୍ବତନ ସମିତିସଭ୍ୟ ପରିଡା ପ୍ରକାଶ କରିଛନ୍ତି । ସେହିପରି ଗ୍ରାମର ପୂଜାରିଣୀ ସାହୁ କୁହନ୍ତି, ଗ୍ରାମରେ କୌଣସି ଅଗ୍ନିକାଣ୍ଡ ଅବା ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ଯାତାୟାତ ପାଇଁ ରାସ୍ତା ନ ଥିବାରୁ ଏଠାରେ ଅଗ୍ନିଶମ ସେବା ସଂସ୍ଥା ଗାଡି ପହଞ୍ଚିପାରେ ନାହିଁ। ୧୦୨ ଓ ୧୦୮ ସେବା ସାତ ସପନ ପାଲଟିଛି। ଏଥିଯୋଗୁ ରୋଗୀ ଓ ଗର୍ଭବତୀମାନଙ୍କୁ ସ୍ଥାନୀୟ ଲୋକେ ବାଉଁଶ ଚାରାରେ ଚିକିତ୍ସାଳୟକୁ ନେବାକୁ ବାଧ ହୋଇଥାନ୍ତି। ଅସୁବିଧାକୁ ଦୃଷ୍ଟିରେ ରଖି କେତେଜଣ ଗର୍ଭବତୀ ତତ୍କାଳ ଚିକିତ୍ସା ସେବା ନିମନ୍ତେ ସହରରେ ଘରଭଡା ନେଇ ରହୁଛନ୍ତି ବୋଲି ସେ କହିଛନ୍ତି । ସେହିପରି ଗ୍ରାମର ରଶ୍ମିବାଳା ପ୍ରଧାନ କୁହନ୍ତିଯେ, ବର୍ଷାଋତୁରେ ବନ୍ୟା ଆସିଲେ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହି ସମୟରେ ଉଭୟ ୱାର୍ଡ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ପିଲାମାନେ ପାଠ ପଢିବାକୁ ବିଦ୍ୟାଳୟକୁ ଯାଇପାରନ୍ତି ନାହିଁ। ଏପରିକି ନିକଟରେ ଥିବା ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଟଙ୍କା ଆଣିବା ମଧ କଷ୍ଟକର ହୋଇପଡେ ସେ କହନ୍ତି। କଂକ୍ରିଟ ପୋଲ ନିର୍ମାଣ ହେଲେ ସମସ୍ୟାର ସମାଧାନ ହୋଇ ପାରନ୍ତା। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସମ୍ପଦ ବିଭାଗ ଓ ଜିଲାପାଳଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୋଲ ନିର୍ମାଣ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି , ଏହି ଅଭିଯୋଗ ନିକଟରେ ନଜରକୁ ଆସିଛି । ଗ୍ରାମ୍ୟ ଉନ୍ନୟନ ବିଭାଗକୁ ତୁରନ୍ତ ଏଠାରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

**ଘାଘରା ପଞ୍ଚାୟତର ୨,୪ ନଂ ୱାର୍ଡ**
- ବର୍ଷାଋତୁରେ ବାହ୍ୟ ଜଗତରୁ ହୋଇଯାଏ ବିଚ୍ଛିନ୍ନ
- ୧୦୨ ଓ ୧୦୮ ସେବା ସାତ ସପନ
- ପ୍ରଶାସନ ଅଧିକାରୀଙ୍କ ଅବହେଳା ଅଭିଯୋଗ

## ୭ ପଞ୍ଚାୟତର ଚାଷୀଙ୍କୁ ମିଳିବ ବୀମା ଟଙ୍କା

**ଆଳି, ୨୩।୮ (ଡି.ଏନ୍.ଏ.)**

ଗତ ଖରିଫ ଋତୁରେ ଲଗାଣ ବର୍ଷା ଯୋଗୁ ଆଳି ଅଞ୍ଚଳର ଶହ ଶହ ଏକର ଫସଲ ନଷ୍ଟ ହୋଇଥିବା ବେଳେ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଟଙ୍କା ପାଇବାରୁ ବ୍ଲକର ୧୧ ପଞ୍ଚାୟତର ଚାଷୀ ବାଦ୍ ପଡ଼ିଥିଲେ। ତେବେ ଆଳି କୃଷକ କଲ୍ୟାଣ ସମିତିର କର୍ମକର୍ତ୍ତା ଏ ନେଇ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଓ କମିଶନର ରଞ୍ଜନା ଚୋପ୍ରାଙ୍କୁ ଭେଟି ଫସଲ କ୍ଷତି ବାବଦ ତଥ୍ୟ ପ୍ରଦାନ କରିଥିଲେ। ଏହା ପରେ ବାଦ୍ ପଡ଼ିଥିବା ୧୧ ପଞ୍ଚାୟତ ମଧ୍ୟରୁ ୭ ପଞ୍ଚାୟତର ଚାଷୀଙ୍କୁ ଫସଲ ବୀମା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ଦେମାଳ, ବାଳକାଟି, ବଡାମ୍ବିଳା, ବାଟିପଡ଼ା, ଭୁଇଁପୁର, ଜୁଆଣିଆ ଓ ଗୋବିନ୍ଦପୁର ପଞ୍ଚାୟତ ଏଥିରେ ସାମିଲ ହୋଇଛି।

ସୂଚନାଯୋଗ୍ୟ, ୨୦୧୭ ଖରିଫ ଫସଲ ସମୟରେ ଲଗାଣ ବର୍ଷା ଯୋଗୁ ଆଳି ବ୍ଲକ ଅଞ୍ଚଳର ଶତାଧିକ ଏକର ଚାଷ ଜମିରେ ଫସଲ ନଷ୍ଟ ହୋଇଥିଲା। ତେବେ ସମବାୟ ସମିତିରୁ ଋଣ ଆଣିବା ସମୟରେ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନେ ବୀମା କରାଇଥିବା ବେଳେ ବୀମା ବାବଦ ଟଙ୍କା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## ଡେରାବିଶର ବିଭିନ୍ନ ମଠ ମନ୍ଦିରରେ ଝୁଲଣ ଉତ୍ସବ



ଲଛମନଜୀଉଙ୍କ ମନ୍ଦିରରେ ଝୁଲଣ ଯାତ୍ରା।

**ଡେରାବିଶ,୨୩।୮(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଂଚଳରେ ଥିବା ବିଭିନ୍ନ ମଠ ମନ୍ଦିର ମାନଙ୍କରେ ଝୁଲଣ ଉତ୍ସବ ଆରମ୍ଭ ହୋଇଛି । ଆସନ୍ତା ରବିବାର ଗହ୍ମା ପୂର୍ଣ୍ଣମିରେ ଶେଷ ହେବାକୁଥିବା ଏହି ଝୁଲଣ ଯାତ୍ରା ପାଇଁ ପ୍ରତ୍ୟେକ ମଠ ଓ ମନ୍ଦିର ଉତ୍ସବ ମୁଖର ହୋଇଛି। ଏହି ଅବସରରେ ବ୍ଲକ ଅଧିନସ୍ଥ ବାଲିପାଟଣା ସ୍ଥିତ ଶ୍ରୀ ଲଛମନ୍‌ଜୀଙ୍କ ଝୁଲ ଯାତ୍ରା ଗତ ସୋମବାର ଠାରୁ ଆରମ୍ଭ ହୋଇଛି। ପ୍ରତ୍ୟେହ ସନ୍ଧ୍ୟାରେ ଲଛମନଜୀଉ ବିମାନରେ ଉପବେଶନ କରି ଶ୍ରଦ୍ଧାଳୁଙ୍କ ଦ୍ୱାରା ଝୁଲିଥାଆନ୍ତି । ଏଥିପାଇଁ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅନୁଷ୍ଠିତ ଭଜନ କୀର୍ତନ ଓ ଝୁଲଣ ଗୀତ ପରିବେଶଣ ବେଢ଼ାକୁ ଭକ୍ତିମୟ କରିଛି । ଏହି ଉତ୍ସବ ସାତଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ରବିବାର ଉଦ୍‌ଯାପିତ ହେବ । ସେହିପରି ବ୍ଲକ ଅଧିନସ୍ଥ ଗୋଲରାହାଟ ଠାରେ ଥିବା ଶ୍ରୀଦଧିବାମନଜୀଉଙ୍କ ମନ୍ଦିର, ବଜାର ସ୍ଥିତଶ୍ରୀ ଦାମୋଦରଜୀଉଙ୍କ ମନ୍ଦିର, ରାଜନଗର ଠାରେ ଥିବା ଶ୍ରୀ ରାଧାକାନ୍ତଜୀଉ, ଦାନପୁର ଠାରେ ଥିବା ଶ୍ରୀଗୋପିନାଥଜୀଉଙ୍କ ମନ୍ଦିର ବେଢ଼ା ଝୁଲଣା ଯାତ୍ରା ପାଇଁ ଚଳଚଂଚଳ ହୋଇଛି । ସେହିପରି ବ୍ଲକ ଅଧିନସ୍ଥ ଓଲଢ଼ି ମଠରେ ଶ୍ରୀ ଗୋପିନାଥଜୀଉଙ୍କ ଝୁଲଣ ଯାତ୍ରା ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି । ପାରମ୍ପରିକ ରିତିନୀତି ମଧରେ ପାଂଚଦିଦ ହେବାକୁ ଥିବା ଏହି ଝୁଲଣଯାତ୍ରା ଆସନ୍ତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ମନ୍ଦିର ପରିଚାଳନା ଟ୍ରଷ୍ଟି ହଳଧର ଦାଶ ଜଣାଇଛନ୍ତି । ଏଥିପାଇଁ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରୀ ଭାଗବତ ପାରାୟଣ, ପ୍ରବଚନ ଓ ଭଜନକୀର୍ତନରେ ବହୁ ସଂଖ୍ୟାରେ ଶଦ୍ଧାଳୁ ସାମିଲ ହୋଇଥିଲେ । ଅପରପକ୍ଷରେ ବ୍ଲକ ଅଧିନସ୍ଥ ଦକ୍ଷବ୍ରହ୍ମପୁର ମଠ, ପାଣିଓଳାସ୍ଥିତ ଶ୍ରୀ ଅଭିରାମ ପରମହଂସଦେବଙ୍କ ମଠ, ପବିତ୍ରପଡ଼ା ସ୍ଥିତ ଶ୍ରୀ ନିଗମାନନ୍ଦ ପରମହଂସଙ୍କ ମଠ ଓ ସଲାର ମଠ ସମେତ ବିଭିନ୍ନ ଦେବାଳୟରେ ଝୁଲଣଯାତ୍ରା ଗତ ବୁଧବାର ଠାରୁ ଆରମ୍ଭ ହୋଇଛି ।

## ଅଳପୁଆ ହାଇସ୍କୁଲ ସହ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ଦାବି

**ପଟ୍ଟାମୁଣ୍ଡାଇ,୨୩।୮(ସ୍ୱ.ପ୍ର.)**





ଧୋୟାଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ଅଳପୁଆ ଉଚ୍ଚ ବିଦ୍ୟାଳୟ।

ରାଜ୍ୟ ସରକାର ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ୧୮ଟି ସ୍ଥାନରେ ଗୋଟିଏ ପରିସରରେ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ପଟ୍ଟାମୁଣ୍ଡାଇ ବ୍ଲକରେ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୧୮ଟି ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ନିମପୁର ଉଚ୍ଚ ବିଦ୍ୟାଳୟ ସହିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଛି । ଅବଶିଷ୍ଟ ୧୭ଟି ସ୍ଥାନରେ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ବନ୍ଦ ରହିଛି । ଏଥିନେଇ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଭାପତି, ସମ୍ପାଦକ, ଶିକ୍ଷାବିତ୍, ଶିକ୍ଷାପ୍ରେମୀ ତଥା ସଚେତନ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଅଳପୁଆ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଟିଏ ପରିସରରେ ରହିଛି । ଏହି ଦୁଇଟି ଶିକ୍ଷାନୁଷ୍ଠାନ ମିଶ୍ରଣ ଜରୁରୀ ହୋଇ ପଡିଛି ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏହି ଶିକ୍ଷାନୁଷ୍ଠାନ ମିଶ୍ରଣ କରାଗଲେ ଆଗାମୀ ଦିନରେ ଜୁନିୟର କଲେଜ ପ୍ରତିଷ୍ଠା ହୋଇପାରିବା ନେଇ ଅଞ୍ଚଳବାସୀ ଆଶା ରଖିଛନ୍ତି । କିନ୍ତୁ କେତେକ ନ୍ୟସ୍ତସ୍ୱାର୍ଥ ସରକାରୀ କର୍ମଚାରୀ ଓ ଶିକ୍ଷକ ସଂଘ ଏହି ମିଶ୍ରଣ ପ୍ରିକ୍ରିୟାକୁ ବିରୋଧ କରି କୋର୍ଟରେ ମାମଲା ଦାଏର କରିଛନ୍ତି । ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ବନ୍ଦ ରହିଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି । ତେବେ ବିଳମ୍ବକୁ ଗ୍ରାମବାସୀ ଗ୍ରହଣ କରି ପାରୁ ନ ଥିବା ବେଳେ ମିଶ୍ରଣ ପ୍ରକ୍ରିୟାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ନଚେତ୍ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବାକୁ ବାଧ ହେବେ ବୋଲି ସୂର୍ଯ୍ୟମଣି ଦାଶ, ବିଭୁତି ଭୂଷଣ ପଟ୍ଟନାୟକ , ନରେନ୍ଦ୍ର କୁମାର ଧଳ , ଅଶୋକ କୁମାର ନାୟକ, ଉମ୍ବରୁଧର ଧଳ,ଗଗନ ବିହାରୀ ମହାଳିକ, ସରପଞ୍ଚ ରମେଶ ଦାସ, କୈଳାସ ଦାସ , ଜିଲା ପରିଷଦ ସଭ୍ୟ ନାରଦ ବିଶ୍ୱାଳ, ସମିତି ସଭ୍ୟ ନମିତା ଦାସ, କୃତ୍ତିବାସ ସାହୁ, ସୁକାନ୍ତ ରାଉତ, ଜାନକୀ ବିଶ୍ୱାଳ,କରୁଣାକର ଜେନା, ଆଡିତ୍ୟ ରାଉତ, ବଭ୍ରୁବାହାନ ଧଳଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ବିଜେଡିରେ ଯୋଗଦେଲେ କଂଗ୍ରେସ କର୍ମୀ

**ଆଳି, ୨୩।୮ (ଡି.ଏନ.ଏ.)**

ଆଳି ବ୍ଲକ ଭୂଇଁପୁର ପଞ୍ଚାୟତର ୨୫ କଂଗ୍ରେସ ପରିବାର ଗୁରୁବାର ପୂର୍ବାହ୍ନରେ ବିଜେଡିରେ ଯୋଗଦେଇଛନ୍ତି। ଭୁଇଁପୁର ସମିତିସଭ୍ୟ କ୍ଷୀରୋଦ ସାମଲଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ରାଜ୍ୟ ସଭା ଏମ୍‌ପି ପ୍ରତାପ ଦେବଙ୍କ ବାସଭବନରେ ପହଞ୍ଚି ବିଜେଡ଼ିରେ ଯୋଗଦଇଥିଲେ।

## ଚାନ୍ଦୋଳଠାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

**ଡେରାବିଶ, ୨୩।୮ (ସ୍ୱ.ପ୍ର.)**

କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ବସ୍ ରହଣୀସ୍ଥଳରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ନିମନ୍ତେ ଚାନ୍ଦୋଳ ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ୨ବର୍ଷ ପୂର୍ବେ କଟକ-ଚାନ୍ଦବାଲି ରାଜରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ସମୟରେ ଚାନ୍ଦୋଳଠାରେ ଥିବା ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା। ଏହି ରାସ୍ତାର ଅନ୍ୟ ବସ୍ ରହଣୀ ସ୍ଥଳଗୁଡ଼ିକରେ ବିଶ୍ରାମଗାର ନିର୍ମାଣ କରାଯାଇଥିଲେ ବି ଚାନ୍ଦୋଳଠାରେ ତିଆରି କରାଯାଇନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ କେନ୍ଦ୍ରାପଡ଼ା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଓ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ବସ୍ ରହଣୀସ୍ଥଳରୁ ପାଖଆଖ ପ୍ରାୟ ୧୦ଟି ପଞ୍ଚାୟତ ସହ ଲୁଣାନଦୀ ଆରପଟର ଜନସାଧାରଣ ବସ୍‌ରେ ଯାତାୟତ କରିଥାନ୍ତି। ବିଶ୍ରାମାଗାର ଭଙ୍ଗାଯିବା ପରଠାରୁ ଯାତ୍ରୀମାନେ ଖରା ବର୍ଷାରେ ରାସ୍ତାକଡ଼ରେ ଛିଡ଼ା ହେଉଛନ୍ତି। ଘଣ୍ଟା ଘଣ୍ଟା ଧରି ରାସ୍ତା ପାର୍ଶ୍ୱରେ ଠିଆ ହେବାକୁ ପଡୁଛି ଏହାଛଡ଼ା ଆଳି, ରାଜନଗର, ରାଜକନିକା, ଜମ୍ବୁ ଆଦି ଅଞ୍ଚଳରୁ କଟକ, ଭୁବନେଶ୍ୱର, ରାଉରକେଲା ଓ କଲିକତା ଅଞ୍ଚଳକୁ ଯାଉଥିବା ବସ୍‌ଗୁଡ଼ିକ ଏଠାରେ ରହିବା ସମୟରେ ବିଶେଷ କରି ମହିଳା ଯାତ୍ରୀମାନେ ଶୌଚ ହେବା ପାଇଁ ହୀନସ୍ତା ହେଉଛନ୍ତି। ଏଠାରେ ଏକ ଯାତ୍ରୀ ବିଶ୍ରାମାଗାର ସମେତ ଶୌଚାଳୟ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକିଙ୍କ ସମେତ ବ୍ୟବସାୟୀ ସଂଘ ସଭାପତି ନିଶାମଣି ବେହେରା ଓ ସମ୍ପାଦକ ରତ୍ନାକର ନାୟକ ଦାବି କରିଛନ୍ତି।

## ବ୍ଲକ ଅଫିସ ଆଗରେ କଂଗ୍ରେସ ପକ୍ଷରୁ ଗଣଧାରଣା





ଧାରଣାରେ ବସିଥିବା କଂଗ୍ରେସ କର୍ମୀମାନେ।

**ରାଜନଗର, ୨୩।୮ (ଡି.ଏନ୍.ଏ.)**

ରାଜନଗର ବ୍ଲକ ରାଜନଗର ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତର କଂଗ୍ରେସ ସମର୍ଥିତ ଲୋକ ପ୍ରତିନିଧିମାନଙ୍କୁ ଠିକ୍ ଭାବେ ଅବଗତ ନ କରାଇବା ସହ ସେମାନଙ୍କଠାରୁ ପ୍ରକଳ୍ପ ତାଲିକା ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ଅପରାହ୍ନରେ ବ୍ଲକ ଆଗରେ ଗଣଧାରଣା ଦିଆଯାଇଥିଲା। ଧାରଣା ଦିଆଯିବାର କିଛି ସମୟ ପରେ ଜିଲାପାଳ ଦାଶରଥି ଶତପଥୀ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଏହାପରେ ସେମାନଙ୍କଠାରୁ ପ୍ରକଳ୍ପ ତାଲିକା ଗ୍ରହଣ କରିବା ସହ ଧାରଣାରୁ ଉଠି ଯିବାକୁ କହିଥିଲେ। କିନ୍ତୁ କଂଗେସ କର୍ମୀମାନେ ଧାରଣାରେ ବସି ରହିଥିଲେ। ଗଣଧାରଣାରେ ବ୍ଲକ କଂଗ୍ରେସ କମିଟି ସଭାପତି ଚୌଧୁରୀ ରବୀନ୍ଦ୍ର କୁମାର ରାଉତରାୟ, ଅଶୋକ କୁମାର ବଳ, ଦେବେନ୍ଦ୍ର କୁମାର ଜେନା, ନଳିନୀକାନ୍ତ ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, ନରହରି ସ୍ୱାଇଁ, ଦାମୋଦର ବିଶ୍ୱାଳ, ଶତ୍ରୁଘ୍ନ ପରିଡ଼ା, ନୀଳମଣି ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସଂଗୀତା ବଳ, ଦୀପ୍ତିମୟୀ ବେହେରା, ରଶ୍ମିତା ସାହାଣୀ, ପ୍ରଭାତୀ ସେଠୀ ପ୍ରମୁଖ ସାମିଲ ଥିଲେ।

■ ରାଜନଗରରେ ଆମ ଗାଁ ଆମ ବିକାଶ

# ୩୧୫ ପ୍ରକଳ୍ପ ପାଇଁ ୭.୩୪ କୋଟି ମଞ୍ଜୁର

**ରାଜନଗର, ୨୩।୮ (ଡି.ଏନ୍.ଏ.)**





ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

ରାଜନଗର ବ୍ଲକସ୍ଥିତ ରାଜନଗର ହାଇସ୍କୁଲ ପଡ଼ିଆଠାରେ ଗୁରୁବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧମରେ ପଞ୍ଚାୟତର ଲୋକ ପ୍ରତିନିଧିଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହି ଅବସରରେ ରାଜନଗର ବ୍ଲକ ୨୯ଟି ପଞ୍ଚାୟତରେ ମୋଟ ୩୧୫ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ୭ କୋଟି ୩୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ବଗପାଟିଆଠାରେ ୧୦ ଲକ୍ଷ ଲେଖାଏଁ ବ୍ୟୟରେ ୨ଟି ପ୍ରୋଜେକ୍ଟ ନିର୍ମାଣ ହେବାକୁ ଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପ ୫ ଲକ୍ଷ ଟଙ୍କା ମଧ୍ୟରେ ନିର୍ମାଣ ହେବ। ପ୍ରକଳ୍ପଗୁଡିକର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହ ଶୀଘ୍ର ଶେଷ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡ଼ା, ବିଡିଓ ମନ୍ଦରଧର ମହାଳିକ, ତହସିଲଦାର ନୀହାର ରଞ୍ଜନ ମଲ୍ଲିକ, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ସବିତା ସେଠୀ, ରବୀନ୍ଦ୍ରନାଥ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ରପ୍ରସାଦ ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ ଧନ୍ୟବାଦ ଦେଇଥିଲେ।

## ଓଏମ୍‌ସି ନିଯୁକ୍ତି ପ୍ରକ୍ରିୟା ଉପରେ ରହିତାଦେଶ

**କଟକ ଅଫିସ, ୨୩।୮**

ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏଥିସହିତ ଉକ୍ତ ମାମଲାରେ ଜବାବ ଦାଖଲ ନିମନ୍ତେ ବିଭାଗୀୟ ସଚିବ ଓ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ସାଧାରଣ ପରିଚାଳକଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସୂଚନାଥାଉକି, ଖଣି ନିଗମରେ ୫୦ଟି କନିଷ୍ଠ କାର୍ଯ୍ୟନିର୍ବାହୀ ସହକାରୀ ପଦବୀ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହା ପରେ ଉକ୍ତ ପଦବୀ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହୋଇ ମେଧା ତାଲିକା ପ୍ରକାଶ ପାଇଥିଲା। ଭୁବନେଶ୍ୱର ଅଞ୍ଚଳର ସଞ୍ଜୀବ ପଣ୍ଡା ନାମକ ଜଣେ ପ୍ରାର୍ଥୀଙ୍କ ନାମ ମେଧା ତାଲିକାର ପଞ୍ଚମ ସ୍ଥାନରେ ରହିଥିଲା। କିନ୍ତୁ ସଞ୍ଜୀବ ନିଗମରୁ କୌଣସି ନିଯୁକ୍ତିପତ୍ର ପାଇ ନ ଥିଲେ। ଫଳରେ ଏହାକୁ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ସଞ୍ଜୀବଙ୍କ ପକ୍ଷରୁ ଆଡ୍‌ଭୋକେଟ ସୁଭ୍ରାଂଶୁ ଭୂଷଣ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ପୁରସ୍କୃତ



ଆଦର୍ଶ ବୈଷୟିକ ଶିକ୍ଷାନୁଷ୍ଠାନକୁ ପୁରସ୍କାର ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୨୩।୮**

ଅନୁଗୋଳର ଶିକ୍ଷାବିତ୍ ତଥା ସାମାଜିକକର୍ମୀ ମହେଶ ଚନ୍ଦ୍ର ଧଳଙ୍କୁ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଦ୍ୱାଦଶ ବିଶ୍ୱ ଶିକ୍ଷା ସମ୍ମିଳନୀରେ ପୁରସ୍କୃତ କରାଯାଇଛି। ବୈଷୟିକ ଶିକ୍ଷା କ୍ଷେତ୍ରରେ ନୂତନତା ତଥା ଅଭିନବ ଉପାୟରେ ଶିକ୍ଷା ପ୍ରଦାନର ଉତ୍କର୍ଷକୁ ବିଚାର କରି ଧଳଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଶିକ୍ଷାବିତ୍ ଧଳ ଜମି ଅଧିଗ୍ରହଣରେ କ୍ଷତିଗସ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ୨୦୦୯ରେ ଅନୁଗୋଳଠାରେ ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ପ୍ରତିଷ୍ଠା କରିଥିଲେ। ଆଦର୍ଶ ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ଧଳଙ୍କୁ ମିଳିଥିବା ଏହି ପୁରସ୍କାରକୁ ଅନୁଷ୍ଠାନର ତାଲିମ ଏବଂ ନିଯୁକ୍ତି ନିର୍ଦ୍ଦେଶକ ଡକ୍ଟର ଧରଣୀ ଧର ନାଥ ଅତିଥି ଏଆଇସିଟି ନିର୍ଦ୍ଦେଶକ ଡ. ଏମ୍.ଏସ୍. ମାନା ଏବଂ ଦୁବାଇସ୍ଥିତ କମିଟି ଫର୍‌ହାପିନେସ୍ ନିର୍ଦ୍ଦେଶକ ରାଲଫ୍ ବ୍ରେନରଙ୍କଠାରୁ ଗ୍ରହଣ କରିଥିଲେ।

### ■ ତଦନ୍ତ ପରେ ମୁହଁ ଖୋଲିଲେ ଅତିରିକ୍ତ ସଚିବ

# ରେଭେନ୍‌ଶାରେ ମହାଦୁର୍ନୀତି

**କଟକ ଅଫିସ, ୨୩।୮**

- ବିନା ଟେଣ୍ଡରରେ କିଣାଯାଇଛି କମ୍ପ୍ୟୁଟର
- ଠିକା ଅଧ୍ୟାପକଙ୍କୁ ମନଇଚ୍ଛା ପାହ୍ୟା ପ୍ରଦାନ
- ବେଆଇନ ଭାବେ ହୋଇଛି ଏକାଧିକ ନିଯୁକ୍ତି

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ହୋଇଛି ମହାଦୁର୍ନୀତି। ଶିକ୍ଷା ଉପକରଣଠାରୁ ଆରମ୍ଭ କରି ପ୍ରଫେସର ନିଯୁକ୍ତି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଅନିୟମିତତା କରାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି ଅଧ୍ୟକ୍ଷ ତଥା ବିଭାଗୀୟ ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସ ଗୁରୁବାର ଏ ସଂକ୍ରାନ୍ତରେ ମୁହଁ ଖୋଲିବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ତେବେ ତଦନ୍ତ ରିପୋର୍ଟକୁ ଶୀଘ୍ର ରାଜ୍ୟପାଳଙ୍କ ନିକଟରେ ଦାଖଲ କରିବେ ବୋଲି ସେ କହିଛନ୍ତି। ଅତିରିକ୍ତ ସଚିବଙ୍କ ଏହି ବିସ୍ଫୋରକ ବୟାନ ପରେ ଶିକ୍ଷାୟତନରେ ଦୁର୍ନୀତିକୁ ନେଇ ବିତର୍କ ଆରମ୍ଭ ହୋଇଛି। ଏଥିରେ ସମ୍ପୃକ୍ତ ଅଧିକାରୀମାନେ ଫସିବେ ନା ଖସିବେ ତାହାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି। ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ଅଗସ୍ତିଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଦୀର୍ଘ ସାଢ଼େ ୭ ଘଣ୍ଟା ଧରି ଅତିରିକ୍ତ ସଚିବ ଦାସ ଓ ଅନ୍ୟଜଣେ ଅଧିକାରୀ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ତଦନ୍ତବେଳେ ରେଭେନ୍‌ଶାରେ ବିନା ଟେଣ୍ଡରରେ ୯୫ଲକ୍ଷ ଟଙ୍କାର କମ୍ପ୍ୟୁଟର କିଣାଯାଇଥିବା ଜଣାପଡ଼ିଛି। ୨୦୧୪-୧୫ ଶିକ୍ଷାବର୍ଷରେ କର୍ତ୍ତୃପକ୍ଷ ଏହି ବେନିୟମ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ୨୦୧୫-୧୬ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମନମୁଖୀ ଭାବେ ଠିକା ଅଧ୍ୟାପକମାନଙ୍କୁ ରିଡର ପାହ୍ୟା ପ୍ରଦାନ କରିଥିଲେ। ତଦନ୍ତ ବେଳେ ଏହା ପଦାକୁ ଆସିଛି। ୨୦୧୭-୧୮ ଶିକ୍ଷା ବର୍ଷରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ୟଏକ ଗୁରୁତର ବେନିୟମ କାର୍ଯ୍ୟ ହୋଇଥିଲା। ବିନା ବିଜ୍ଞପ୍ତିରେ ବିଭିନ୍ନ ବିଭାଗଗୁଡ଼ିକରେ ଅତିଥି ଅଧ୍ୟାପକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେହିଭଳି କୁଳପତିଙ୍କ ଯାତାୟାତ ନିମନ୍ତେ ମାସିକ ୪୦ହଜାର ଟଙ୍କା ଖର୍ଚ୍ଚ ହେଉଛି ବୋଲି ତଦନ୍ତରୁ ଜଣାପଡ଼ିଛି। ଏମିତି ମାତ୍ର କେତୋଟି ଦୁର୍ନୀତି ପ୍ରସଙ୍ଗରେ ଅତିରିକ୍ତ ସଚିବ ଦାସ ମୁହଁ ଖୋଲିଥିବାବେଳେ ଅନ୍ୟ ସମସ୍ତ ଅନିୟମିତତା ଶୀଘ୍ର ଜଣାପଡ଼ିବ ବୋଲି ସେ କହିଛନ୍ତି।

ରେଭେନ୍‌ଶା ଦୁର୍ନୀତି ନେଇ ରାଜ୍ୟପାଳଙ୍କୁ ଅଭିଯୋଗ କରିଥିବା ସୂଚନା ଅଧିକାର କର୍ମୀ ଡ. ନୃସିଂହ ଚନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ରେଭେନ୍‌ଶାକୁ ପୈତୃକ ସମ୍ପତ୍ତି ଭାବେ ବ୍ୟବହାର କରାଯାଉଛି। ତଦନ୍ତ ହୋଇ ନ ଥିଲେ କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ବେନିୟମ କାର୍ଯ୍ୟ କରିଥାନ୍ତେ। ସେ ଅଭିଯୋଗ କରିଥିଲେ ଯେ, କ୍ୟାରିୟର ଆଡଭାନ୍ସମେଣ୍ଟ ସ୍କିମ୍ (ସିଏଏସ୍) ଜରିଆରେ ବିଶ୍ୱବିଦ୍ୟାଳୟର ୧୦ଜଣ ସହଯୋଗୀ ପ୍ରଫେସରଙ୍କୁ ପ୍ରଫେସର ପଦୋନ୍ନତି ମିଳିଛି। ୨୦୧୭ ଜୁନ୍ ୨୪ରୁ ଜୁଲାଇ ୨୨ ମଧ୍ୟରେ ହୋଇଥିବା ଏହି ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟର ସମ୍ବିଧାନ ସଂଶୋଧନ ନିୟମ-୧୯୯୦କୁ ଉଲ୍ଲଙ୍ଘନ କରାଯାଇଛି। ସାକ୍ଷାତକାର ପ୍ରକ୍ରିୟାରେ ୩ଜଣ ବିଷୟ ବିଶାରଦ ପରିବର୍ତ୍ତେ ୨ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହାର ତଦନ୍ତ କରିବାକୁ ସେ ରାଜ୍ୟପାଳଙ୍କୁ ନିବେଦନ କରିଥିଲେ।

ଏ ସମ୍ପର୍କରେ କୁଳସଚିବ ଅଗସ୍ତି କୁହନ୍ତି, ତଦନ୍ତବେଳେ ଯେଉଁ ତଥ୍ୟ ମଗାଯାଇଥିଲା ତାହା ପ୍ରଦାନ କରାଯାଇଛି। କେଉଁ କ୍ଷେତ୍ରରେ ଅନିୟମିତତା ହୋଇଛି ସେ ନେଇ ତଦନ୍ତ କମିଟି ଆମ ପାଖକୁ କୌଣସି ରିପୋର୍ଟ ପଠାଇ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

### ■ ବ୍ଲକ ଗ୍ରାଣ୍ଟ ଶିକ୍ଷକ-କର୍ମଚାରୀଙ୍କ ସତ୍ୟପାଠ ମାମଲା

# ସୁପ୍ରିମକୋର୍ଟ ଯିବେ ସରକାର

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ନୂତନ ଅନୁଦାନ ପାଇବା ପାଇଁ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କ ମୁଣ୍ଡ ଉପରେ ରାଜ୍ୟ ସରକାର ଲଦିଥିବା ସତ୍ୟପାଠ ଦାଖଲ ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଏହି ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯିବେ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନୂତନ ଅନୁଦାନ ନୀତି ଘୋଷଣା କରିବା ପରେ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ରାଜ୍ୟ ସରକାର ୨୦୧୮ ଜାନୁୟାରୀ ପହିଲାରୁ ତଥାକଥିତ ନୂତନ ଅନୁଦାନ ନୀତି ପ୍ରଣୟନ କରିଛନ୍ତି। ଏଥିରେ କୌଣସି ଚାକିରି ସର୍ତ୍ତାବଳୀ କିମ୍ବା ଅବସରକାଳୀନ ଫାଇଦା ନାହିଁ। କେବଳ ମୁଣ୍ଡାମୁଣ୍ଡି କିଛି ଅର୍ଥ ରାଶି ବୃଦ୍ଧି କରାଯାଇଛି ବୋଲି ଶିକ୍ଷକ ସଂଘ ଅଭିଯୋଗ କରିଛି। ଯେଉଁ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନ ଏହି ଅନୁଦାନ ଗ୍ରହଣ କରିବେ ସେମାନେ ସତ୍ୟପାଠ ଦାଖଲ କରିବାକୁ ବାଧ୍ୟହେବେ। ସତ୍ୟପାଠ ଜରିଆରେ ଶିକ୍ଷକମାନେ ହାତକାଟ ଲେଖିଦେବେ ଯେ ସରକାରଙ୍କ ବିରୋଧରେ ଅଦାଲତରେ ପୂର୍ବରୁ ରୁଜୁ କରିଥିବା ମାମଲାକୁ ସେମାନେ ପ୍ରତ୍ୟାହାର କରିବେ। ନିଜର ଦାବି ପୂରଣ ପାଇଁ ଭବିଷ୍ୟତରେ ନ୍ୟାୟାଳୟର ଆଶ୍ରୟ ନେଇ ପାରିବେ ନାହିଁ। ଏହାକୁ ବିରୋଧ କରି ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ମଧ୍ୟ ଏ ନେଇ କେତେଜଣ ଶିକ୍ଷକ ଓ ଅଧ୍ୟାପକଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ସରକାରଙ୍କ ଏହି ଅଜବ ନିଷ୍ପତ୍ତିକୁ ହାଇକୋର୍ଟ ଗତ ୨୧ ତାରିଖରେ ଖାରଜ କରି ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ବିରୋଧରେ ରାଜ୍ୟ ସରକାର ପୁଣି ସୁପ୍ରିମକୋର୍ଟ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

## କେରଳ ବନ୍ୟା ପୀଡ଼ିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

କେରଳ ବନ୍ୟା ପୀଡିତଙ୍କ ସହାୟତା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ବା ଉତ୍କଳିକା ପକ୍ଷରୁ ୧ ଲକ୍ଷ ଟଙ୍କା, ଓଡିଶା ସମବାୟ ଟସର ଓ ସିଲ୍କ ଫେଡେରେଶନ (ସେରିଫେଡ) ପକ୍ଷରୁ ୧ ଲକ୍ଷ ଏବଂ ଭୁବନେଶ୍ୱର ଫର୍ଚ୍ଚୁନ ସ୍ପିରିଟ ଲିମିଟେଡ ପକ୍ଷରୁ ୧ ଲକ୍ଷ ଟଙ୍କା ଦିଆଯାଇଛି। ଏହି ସବୁ ସଂସ୍ଥାର କର୍ମକର୍ତ୍ତାମାନେ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ରିଲିଫ ପାଣ୍ଠି ପାଇଁ ଚେକ୍ ପ୍ରଦାନ କରିଥିଲେ।

# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

**ବଲାଙ୍ଗୀର ଅଫିସ, ୨୩।୮**

ବର୍ଷା ଅଭାବ ଯୋଗୁ ଧାନ ଓ କପା ଚାଷ ଉଜୁଡିବା ପରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଲିହାଦର୍ହ ଗାଁର ଜଣେ ଚାଷୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ନାମ ଭଗତ ସଗରିଆ(୪୫) । ତାଙ୍କ ଅବସ୍ଥା ଗୁରୁତର ରହିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଭଗତ ଗୁରୁବାର ସକାଳୁ କ୍ଷେତକୁ ଯାଇ ସେଠି ବିଷପିଇ ଦେଇଥିଲେ।

## ୪୮୩ ଡାକ୍ତର ନିଯୁକ୍ତି ହେଲେ ୫୦୦ ଏଏସ୍‌ଓ ପଦବୀ ପୂରଣ ହେବ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଆହୁରି ୪୮୩ ଜଣ ଡାକ୍ତରଙ୍କୁ ଗୁରୁବାର ନିଯୁକ୍ତି ଦେଇଛନ୍ତି। ସେହି ଡାକ୍ତରମାନଙ୍କୁ ଜନସାଧାରଣଙ୍କ ସୁବିଧା ପାଇଁ ଦୁର୍ଗମ ଅଞ୍ଚଳରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡା ସଚିବାଳୟରେ ଖାଲିଥିବା ୫୦୦ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପଦବୀ ପୂରଣ କରିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ପଦବୀଗୁଡିକୁ ପୂରଣ କରିବାକୁ ଓଡିଶା ଲୋକସେବା ଆୟୋଗ (ଓପିଏସ୍‌ସି)ଙ୍କୁ ଅନୁରୋଧ କରାଯାଇଛି। ୨୦୧୮ ପାଇଁ ଏହି ନିଯୁକ୍ତି ପ୍ରକ୍ରିୟା କରାଯିବ। ଏହାଦ୍ୱାରା ସଚିବାଳୟର ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ ହୋଇପାରିବ।

**ODISHA HYDRO POWER CORPORATION LIMITED**
**BALIMELA HYDRO ELECTRIC PROJECT, POST: BALIMELA,**
**DIST: MALKANGIRI (ODISHA), PIN: 764051**
OHPC Phones: 06861-232581 (O)/232641 (R), Fax: 06861-232541
Email: unit.head_balimela@yahoo.com
No. BHEP/T-148 (Vol-II) / 4486 Dtd.21.08.18

**2nd Corrigendum Notice to Tender Call Notice No.BHEP: T-148 (Vol-II) / 3764 Group-B) Dated.12.07.2018**

Sub.: Repairing of Line concentrators (08 Nos.) of Unit-7 & 8 of BHEP, Balimela
No.CAD-754: The last date of this office Tender Call Notice No._BHEP: T-148 (Vol-II) / 3764 dtd.12.07.2018 for repairing of Line concentrators (08 Nos.) of Unit-7 & 8 of BHEP, Balimela is extended as follows.
Last date of sale of tender paper : **13.00 hrs. of 06.09.2018**
Last date of receipt of tender : **16.00 hrs. of 06.09.2018**
Date of opening of tender paper : **16.30 hrs. of 06.09.2018**
All other terms and conditions of the above TCN remains unaltered.
• For details of tender documents, terms and conditions, eligibility criteria and downloading please visit our website at **www.ohpcltd.com**.
04019/11/0065/1819 **Sd./- SR. GENERAL MANAGER (EL)**

# OFFICE OF THE MUNICIPAL COUNCIL, PHULBANI

## SHORT TENDER CALL NOTICE

**No. 4002/Mpty.Plb.** **Dated 23.08.2018**

Sealed tenders are ivited from Register Contractors of State PWD, PH and Municipal Contractor for execution of the following works. The tender paper can be had from the office of Phulbani Municipality in working day from **24.08.2018** to **10.09.2018** on payment of cost as mentioned against each work.

| Sl. No. | Name of the work | Estimated cost in Rs. | Place sale of tender paper | Tender paper cost in Rs. | EMD to be deposited in Rs. | Class of contractor | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of CC road at Bapujipalli from Rina Sethi house towards Rabin Nayak house, Ward No.1 | 1,70,000.00 | Cashier, Phulbani Municipality | 600.00 | 1,700.00 | D & C & Municipality | 30 days |
| 2 | Construction of CC road in front of Shaktidayani Mandir, Ward No.1 | 1,49,000.00 | Ditto | 600.00 | 1,490.00 | Ditto | 30 days |
| 3 | Improvement of road in front of Siba Mandir, Ward No.1 | 1,82,000.00 | Ditto | 600.00 | 1,820.00 | Ditto | 30 days |
| 4 | Construction of CC road at Damigaon Harijan Sahi, Ward No.2 | 1,23,000.00 | Ditto | 600.00 | 1.230.00 | Ditto | 30 days |
| 5 | Construction of CC road at Damigaon from Parbati Kanhar house towards river, Ward No.2 | 1,08,000.00 | Ditto | 600.00 | 1,080.00 | Ditto | 30 days |
| 6 | Construction of CC road at Mallick Sahi, Ward No.2 | 1,36,000.00 | Ditto | 600.00 | 1,360.00 | Ditto | 30 days |
| 7 | Construction of plat form and CC road at Dakapala School sahi near Burial Ground, Ward No.2 | 1,33,000.00 | Ditto | 600.00 | 1,330.00 | Ditto | 30 days |
| 8 | Construction of pump house chamber and road at back side of AJO High School, Phulbani, Ward No.3 | 1,25,000.00 | Ditto | 600.00 | 1,250.00 | Ditto | 30 days |
| 9 | Improvement of road from Urmila Behera house towards Suresan Nayak house at Mundia Sahi, Ward No.3 | 1,27,000.00 | Ditto | 600.00 | 1,270.00 | Ditto | 30 days |
| 10 | Improvement of road at Mundia Sahi from Rama Digal house towards Trinath Mandir, Ward No.3 | 1,65,000.00 | Ditto | 600.00 | 1,650.00 | Ditto | 30 days |
| 11 | Construction of road at Munida Sahi from Park road towards Antaryami Digal house, Ward No.3 | 1,05,000.00 | Ditto | 600.00 | 1,050.00 | Ditto | 30 days |
| 12 | Improvement of road at Nadikhandi Sahi in front of Gelu Panda house and in front of Hari Behera house, Ward No.3 | 1,03,000.00 | Ditto | 600.00 | 1,030.00 | Ditto | 30 days |
| 13 | Improvement of road at Pragati Marga, Phulbani sahi, Ward No.4 | 1,50,000.00 | Ditto | 600.00 | 1,500.00 | Ditto | 30 days |
| 14 | Construction of road from Prasanta Kara house towards Santanu Pattnaik house, Ward No.4 | 1,92,000.00 | Ditto | 600.00 | 1,920.00 | Ditto | 30 days |
| 15 | Improvement of road at Dhipa Sahi 2nd Lane, Ward No.4 | 1,59,000.00 | Ditto | 600.00 | 1,590.00 | Ditto | 30 days |
| 16 | Construction of Drain at Masterpada from Tiki Satpathy house towards Ganesh Behera house, Ward No.5 | 1,47,000.00 | Ditto | 600.00 | 1,470.00 | Ditto | 30 days |
| 17 | Construction of Drain at Masterpada from Balaram Pradhan house towards Tiki Satpathy house, Ward No.5 | 1,55,000.00 | Ditto | 600.00 | 1,550.00 | Ditto | 30 days |
| 18 | Construction of Drain and improvement of road near Rabi Dash house and Dasarathi Behera house at Masterpada, Ward No.5 | 1,98,000.00 | Ditto | 600.00 | 1.980.00 | Ditto | 30 days |
| 19 | Construction of CC road near Akura Prdhan house at Suna Mishra Gali, Ward No.6 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 20 | Construction of CC road from Biswarathi Pradhan house towards Babuli Pattajoshi house at Suna Mishra Gali, Ward No.6 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 21 | Construction of CC road from Saroj Kumar Mishara house towards Babuli Pattajoshi house at Suna Mishra Gali, Ward No.6 | 1,71,000.00 | Ditto | 600/.00 | 1,710.00 | Ditto | 30 days |
| 22 | Improvement of road near Ujjala Pattnaik house at Amalapada, Ward No.7 | 1,45,000.00 | Ditto | 600.00 | 1,450.00 | Ditto | 30 days |
| 23 | Construction of road from Brahman Devi Mandir towards Circular road at Amalapada, Ward No.7 | 1,86,000.00 | Ditto | 600.00 | 1,860.00 | Ditto | 30 days |
| 24 | Improvement of road from Prakash Tea house towards Debendra Nayak house at Amalapada, Ward No.7 | 1,74,000.00 | Ditto | 600.00 | 1,740.00 | Ditto | 30 days |
| 25 | Construction of road near Gass Godown at Narayani Sahi, Ward No.8 | 1,69,000.00 | Ditto | 600.00 | 1,690.00 | Ditto | 30 days |
| 26 | Construction of road from Samanta Babu house towards Rao Babu house at Prakruti Bihar, Ward No.8 | 1,42,000.00 | Ditto | 600.00 | 1,420.00 | Ditto | 30 days |
| 27 | Improvement of road from Prakruti Bihar towards main road, Ward No.8 | 1,90,000.00 | Ditto | 600.00 | 1,900.00 | Ditto | 30 days |
| 28 | Construction of road from Behera Service Centre towards Dharmendra house, Ward No.9 | 1,95,000.00 | Ditto | 600.00 | 1,950.00 | Ditto | 30 days |
| 29 | Improvement of road from Dash Babu house towards Bikram Behera house at Jiringipada, Ward No.9 | 1,58,000.00 | Ditto | 600.00 | 1,580.00 | Ditto | 30 days |
| 30 | Improvement of road at Penjisahi, Ward No.9 | 1,48,000.00 | Ditto | 600.00 | 1,480.00 | Ditto | 30 days |
| 31 | Construction of Drain at Baikumpa, Ward No.10 | 1,69,000.00 | Ditto | 600.00 | 1.690.00 | Ditto | 30 days |
| 32 | Construction of road at Kumbharpada near Anganwadi Centre, Ward No.10 | 1,78,000.00 | Ditto | 600.00 | 1,780.00 | Ditto | 30 days |
| 33 | Improvement of road at Baikhole, Ward No.10 | 1,54,000.00 | Ditto | 600.00 | 1,540.00 | Ditto | 30 days |
| 34 | Construction of road from Arjuna Sethi house towards Pramila Maharana house at Jiringipada, Ward No.11 | 1,60,000.00 | Ditto | 600.00 | 1,600.00 | Ditto | 30 days |
| 35 | Improvement of road at Chandan Nagar, Ward No.11 | 1,72,000.00 | Ditto | 600.00 | 1,720.00 | Ditto | 30 days |
| 36 | Construction of road from Udayanath Sahu house towards Laxman Das house at Dhadhibaman Sahi, Ward No.11 | 1,68,000.00 | Ditto | 600.00 | 1,680.00 | Ditto | 30 days |
| 37 | Improvement of road at Brahman sahi in front of Chidananda Play School, Ward No.12 | 1,99,000.00 | Ditto | 600.00 | 1,990.00 | Ditto | 30 days |
| 38 | Improvement of road from Circular road towars main road in front of DFO Office, Phulbani, Ward No.12 | 1,58,000.00 | Ditto | 600.00 | 1,580.00 | Ditto | 30 days |
| 39 | Improvement of road in front of ADM Res. Ward No.12 | 1,44,000.00 | Ditto | 600.00 | 1,440.00 | Ditto | 30 days |
| 40 | Improvement of road from Circular road towards Sameer Beher house at Kendupadar, Ward No.13 | 1,96,000.00 | Ditto | 600.00 | 1,960.00 | Ditto | 30 days |
| 41 | Construction of CC road at Kendupadar from Suman Behera house towards Ugresan Behera house, Ward No.13 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 42 | Construction of CC road at Kendupadar from Malaya Behera house towards Jogendra Behera house, Ward No.13 | 1,46,000.00 | Ditto | 600.00 | 1,460.00 | Ditto | 30 days |
| 43 | Construction of road at Salunki Sahi from Manahar Kanhar house towards Chakradhar Kanhar house | 1,50,000.00 | Ditto | 600.00 | 1,500.00 | Ditto | 30 days |
| 44 | Construction of road at Salunki Sahi near Pabitra Kanhar house | 1,50,000.00 | Ditto | 600.00 | 1,500.00 | Ditto | 30 days |
| 45 | Construction of drain and road from Salunki sahi towards river | 1,97,000.00 | Ditto | 600.00 | 1,970.00 | Ditto | 30 days |
| 46 | Construction of Guard Wall at Right side of Jagannath Mandir, Phulbani | 1,38,000.00 | Ditto | 600.00 | 1,380.00 | Ditto | 30 days |
| 47 | Construction of Gurad Wall at Left side of Jagannath Mandir, Phulbani | 1,38,000.00 | Ditto | 600.00 | 1,380.00 | Ditto | 30 days |

1. Last date of sale of tender paper which can be hard from Cashier in Phulbani Municipality up to **5.00 PM** on **10.09.2018** on payment of cost.
2. Time and date of receipt of Tender Paper in Phulbani Municipality up to **1.00 PM on 11.09.2018**.
3. Time and date of opening of tenders in Phulbani Municipality in presence of all Tenderers or their representative at **3.00 PM** on **11.09.2018.**
4. EMD an amount equal to 1% of total quoted value M.R./in shape of DD of any nationalized Bank in favour of Executive Officer, Phulbani Municipality payable at Phulbani/ Money Receipt will be deposited along with tender.
5. Xerox copy to valid and up-to-date ITCC/Pan Card and VAT Clearance Certificate in (VAT-612) to be furnished along with tender.
6. Tender received without EMD will be liable for rejection.
7. Tender received after due date and time will be rejected.
8. If any dates (i.e. last date of sale of tender paper, last date of submission and opening of tender etc.) will declared as Government holiday then the next working date shall considered for sale of tender paper and submission of tenders respectively at the same time and venue.
9. Authority reserves right to reject any or all tenders without assigning any reason thereof.

**Sd./- Executive Officer,**
**Phulbani Municipality**

# ନୂଆ ରଣଜୀ ଫର୍ମାଟ



ନିର୍ମଳ କୁମାର ମିଶ୍ର

ବିସିସିଆଇ ସିଓଏ (କମିଟି ଅଫ୍ ଆଡ୍ମିନିଷ୍ଟ୍ରେଶନ୍), ଟେକ୍ନିକାଲ୍ ଆଣ୍ଡ ଫିକ୍ସଚର କମିଟି ଗତ ମେ ୭ ତାରିଖରେ ମୁମ୍ବାଇଠାରେ ଏବଂ ଜୁନ୍ ୨୨ ତାରିଖରେ କୋଲକାତାଠାରେ ବସି ଆଗାମୀ ସିଜନ୍ ପାଇଁ ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି। ଲୋଧା କମିଟି ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏନଏଡିପି (ନ୍ୟୁ ଏରିଆ ଡେଭଲପମେଣ୍ଟ ପ୍ରୋଗ୍ରାମ)କୁ କାର୍ଯ୍ୟକାରୀ କରିବାକୁ ଯାଇ ନର୍ଥ ଇଷ୍ଟ ରାଜ୍ୟଗୁଡ଼ିକରୁ ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ ଏବଂ ଉତ୍ତରାଖଣ୍ଡ ସହିତ ପୂର୍ବରୁ ରଣଜୀ ମାନ୍ୟତା ପାଇଥିବା ବିହାରକୁ ରଣଜୀ ଟ୍ରଫିରେ ପୁନଃ ପ୍ରବେଶ କରାଯାଇଛି। ତେଣୁ ଏଥର ଏହି ୯ଟି ରାଜ୍ୟ ରଣଜୀ ଟ୍ରଫି ଖେଳିବା ନିଶ୍ଚିତ ହୋଇଛି। ତେଣୁ ମୋଟ ଅଂଶ ଗ୍ରହଣକାରୀ ଦଳ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି।

ନୂତନ ଫର୍ମାଟରେ ଏଥର ଖେଳାଯିବ ବିସିସିଆଇର ଏହି ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟ। ଏହି ଘୋଷଣା ପରେ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଲୋଧା କମିଟିର ପ୍ରତିବନ୍ଧକ ସତ୍ତ୍ୱେ ବିଭିନ୍ନ ରାଜ୍ୟ ଆସୋସିଏଶନ ଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ତେବେ ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଏକମାସରୁ କମ୍ ସମୟ ରହିଥିବାରୁ ଏହାର କାର୍ଯ୍ୟକାରିତାକୁ ନେଇ ସିଓଏ ଆଶଙ୍କା ପ୍ରକାଶ କରିଛି। ୨୦୧୭-୧୮ ସିଜନ୍ ରଣଜୀ ଫର୍ମାଟରେ ମୋଟ ୨୮ଟି ଟିମ୍ ଭାଗ ନେଇଥିବା ବେଳେ ୯୧ଟି ମ୍ୟାଚ ଖେଳାଯାଇଥିଲା। ମାତ୍ର ଚଳିତ ସିଜନ୍‌ରେ ୩୭ଟି ଟିମ୍ ଭାଗ ନେବା ଫଳରେ ୧୬୦ଟି ମ୍ୟାଚ ଖେଳାଯିବ।



ଫଳରେ ବିସିସିଆଇକୁ ଅଧିକ ଅର୍ଥ ଏବଂ ପଡ଼ିଆର ଆବଶ୍ୟକ ପଡିବ। ଉତ୍ତମ ଟେକ୍ନୋଲୋଜି ଉପଲବ୍ଧ ଥିବା ପଡ଼ିଆରେ ମ୍ୟାଚ କରିବାକୁ ହେବ। ୮୫ତମ ସଂସ୍କରଣରେ ସର୍ବାଧିକ ସଂଖ୍ୟକ ୨୦୧୭ଟି ମ୍ୟାଚ ଉଭୟ ପୁରୁଷ ଏବଂ ମହିଳା ବିଭାଗର ବିଭିନ୍ନ ଫର୍ମାଟରେ ଖେଳାଯିବ। ଯାହାକି ବିସିସିଆଇ ପାଇଁ ଏକ ସର୍ବକାଳୀନ ରେକର୍ଡ ଅଟେ। ୪ଟି ମୁଖ୍ୟ ଟୁର୍ନାମେଣ୍ଟ ମଧ୍ୟରୁ ଦୁଲିପ୍ ଟ୍ରଫି ଅଗଷ୍ଟ ୧୭ ତାରିଖରୁ ଆରମ୍ଭ ହୋଇ ଯାଇଥିବାବେଳେ ବିଜୟ ହଜାରେ ଟ୍ରଫି ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଚାଲିବ। ଦେଓଧର ଟ୍ରଫି ଅକ୍ଟୋବର ୨୩ରୁ ୨୭ (୪ଟି ଏକଦିବସୀୟ ମ୍ୟାଚ), ରଣଜୀ ଟ୍ରଫି ନଭେମ୍ବର ୧ରୁ ଆରମ୍ଭ ହୋଇ ଫେବୃୟାରୀ ୭ ପର୍ଯ୍ୟନ୍ତ ଚାଲିବ। ସେହିପରି ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଆଇପିଏଲ ଖେଳାଳି ନିଲାମ ପରେ ଫେବୃୟାରୀ ୨୧ତାରିଖରୁ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି।

ରଣଜୀ ଟ୍ରଫିରେ ୪ଟି ଗ୍ରୁପ ରହିଛି। ଗ୍ରୁପ-ଏ (୯ଟି ଦଳ), ଗ୍ରୁପ-ବି (୯ଟି ଦଳ), ଗ୍ରୁପ-ସି (୧୦ ଦଳ) ଏବଂ ପ୍ଲେଟ ଗ୍ରୁପରେ ସମସ୍ତ ନୂତନ ଦଳ (୯ଟି) ସ୍ଥାନ ପାଇଛନ୍ତି। ଗ୍ରୁପ -ଏ ଏବଂ ଗ୍ରୁପ-ବି ରୁ ଶ୍ରେଷ୍ଠ ୫ଟି ଦଳ, ଗ୍ରୁପ୍-ସିରୁ ଶ୍ରେଷ୍ଠ ୨ଟି ଦଳ ଏବଂ ପ୍ଲେଟ ଗ୍ରୁପରୁ ଶ୍ରେଷ୍ଠ ଗୋଟିଏ ଦଳ ନକ୍ ଆଉଟ ପର୍ଯ୍ୟାୟ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଗତବର୍ଷର ରଣଜୀ ଟ୍ରଫି ଫଳାଫଳ ଆଧାରରେ ଏଲିଟ୍ ଗ୍ରୁପ୍-ଏ ଏବଂ ଗ୍ରୁପ-ବିରେ ଶ୍ରେଷ୍ଠ ୧୮ଟି ଦଳ ସ୍ଥାନ ପାଇଥିବା ବେଳେ ଗ୍ରୁପ-ସି ରେ ଅନ୍ୟ ୧୦ଟି ଦଳ ସେମାନଙ୍କର ସଫଳତାର ରେକର୍ଡ ଅନୁସାରେ ସ୍ଥାନ ପାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ଲେଟ ଗ୍ରୁପର ଶ୍ରେଷ୍ଠ ଦଳ ଆସନ୍ତା ବର୍ଷ ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇବ। ସେହିପରି ଗ୍ରୁପ୍-ଏ ଏବଂ ଗ୍ରୁପ୍-ବିର ଟେବୁଲ ଶେଷରେ ଥିବା ଦୁଇଟି ଦଳ ଆସନ୍ତା ବର୍ଷ ଗ୍ରୁପ-ସିକୁ ଯିବେ। ବିଜୟ ହଜାରେ ଟ୍ରଫି ମଧ୍ୟ ରଣଜୀ ଫର୍ମାଟରେ ଅନୁଷ୍ଠିତ ହେବ।

ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଟି୨୦ ମ୍ୟାଚ ଗୁଡ଼ିକ ୫ଟି ଗ୍ରୁପରେ ଖେଳାଯିବ। ଗ୍ରୁପ-ଏ ଏବଂ ଗ୍ରୁପ-ବିରେ ୮ଟି ଲେଖାଏ ଦଳ ରହିଥିବା ବେଳେ ଗ୍ରୁପ୍-ସି, ଡି ଏବଂ ଇ ରେ ୭ଟି ଲେଖାଏଁ ଦଳ ରହିବେ। ପୂର୍ବବର୍ଷର ସଫଳତା ଆଧାରରେ ଏବଂ ର୍‍ୟାଙ୍କିଙ୍ଗ ସହିତ ଦଳ ଗୁଡ଼ିକ ୫ଟି ଗ୍ରୁପରେ ସ୍ଥାନ ପାଇବେ। ରଣଜୀ ଟ୍ରଫିରେ ଲିଗ୍ ମ୍ୟାଚ ଗୁଡ଼ିକ ଘରୋଇ ଏବଂ ବାହାର ପରିବେଶରେ ହେବାର ସମ୍ଭାବନା ଥିବାବେଳେ ନକ୍ ଆଉଟ୍ ମ୍ୟାଚ ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ।

ନୂଆ ଫର୍ମାଟ ଅନୁସାରେ ଓଡ଼ିଶା ରଣଜୀ ଦଳ ପୁନର୍ବାର ଏଲିଟ୍ ଗ୍ରୁପ-ସିରେ ସ୍ଥାନ ପାଇଛି। ଗତ ବର୍ଷ ଗ୍ରୁପ-ସିରେ ସ୍ଥାନ ପାଇଥିବା ଟିମ୍ ଓଡ଼ିଶା ୬ଷ୍ଠ ସ୍ଥାନ ଅଧିକାର କରିଥିଲା। ଦଳ ୨ଟି ମ୍ୟାଚ ହାରିଥିଲା ଏବଂ ୪ଟି ମ୍ୟାଚ୍ ଡ୍ର ରଖିବାରେ ସଫଳ ହୋଇଥିଲା। ମଧ୍ୟ ପ୍ରଦେଶ ଏବଂ ମୁମ୍ବାଇ ଏହି ଗ୍ରୁପରୁ ନକ୍ ଆଉଟ୍ ପର୍ଯ୍ୟାୟକୁ ଯାଇଥିଲେ। ନ୍ୟୁ ଏରିଆ ଡେଭଲପମେଣ୍ଟ ପ୍ରୋଗ୍ରାମ ମାଧ୍ୟମରେ ନୂତନ ଭାବରେ ରଣଜୀ ଫର୍ମାଟରେ ସାମିଲ ହୋଇଥିବା ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଆସୋସିଏସନ୍‌ଗୁଡ଼ିକ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଥିବା ବେଳେ ଏହି ରାଜ୍ୟର ଯୁବ ଖେଳାଳିମାନେ ଫର୍ମାଟକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି।

## ରଣଜୀ ଗ୍ରୁପିଂ

- **ଏଲିଟ୍ ଗ୍ରୁପ୍ 'ଏ':** ବରୋଦା, ଛତିଶଗଡ଼, ଗୁଜରାଟ, କର୍ନାଟକ, ମହାରାଷ୍ଟ୍ର, ବମ୍ବେ, ରେଲବାଇ, ସୌରାଷ୍ଟ୍ର, ବିଦର୍ଭ।
- **ଏଲିଟ ଗ୍ରୁପ୍ 'ବି':** ଦିଲ୍ଲୀ, ବେଙ୍ଗଲ, କେରଳ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହାଇଦ୍ରାବାଦ୍, ହିମାଚଳପ୍ରଦେଶ, ତାମିଲନାଡୁ।
- **ଏଲିଟ୍ ଗ୍ରୁପ୍ 'ସି':** ଓଡ଼ିଶା, ଆସାମ, ଗୋଆ, ହରିୟାଣା, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, ସର୍ଭିସେସ୍, ରାଜସ୍ଥାନ, ତ୍ରିପୁରା, ଉତ୍ତରପ୍ରଦେଶ।
- **ପ୍ଲେଟ ଗ୍ରୁପ୍:** ବିହାର, ଅରୁଣାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ, ଉତ୍ତରାଖଣ୍ଡ ।

## କପି

ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ
ଟିମ୍ ଟ୍ୱିଟରରେ ଝଡ଼
ଟିମ୍ ମେମ୍ବରଙ୍କ ଫଟୋରେ ବିରାଟ
ଅନୁଷ୍କା ଘରଣୀ ବଡ଼
ବଡ଼ ମୁଖେ ନାହିଁ ବାଡ଼
ନୈଶ୍ୟ ଭୋଜି କହି ବିସିସିଆଇଟା
କହେ କଥା ଭାଇ ଛାଡ଼।
ଜାପାନ ପରିକା ଶ୍ରୀଲଙ୍କା କ୍ରିକେଟ
ଅଡିଏନ୍ସ କଥା ଧର
ସାଉଥ୍ ଆଫ୍ରିକା-ଶ୍ରୀଲଙ୍କା ମ୍ୟାଚ
ଚାଲୁଥିଲା ରବିବାର
ଲଙ୍କା ହାରିଗଲା ଧୀର
ହାର ଗ୍ଲାନି ଭୁଲି ଦର୍ଶକ ପଡ଼ିଆ
ସଫା କରି ପଫୁଲାର।
ତେର ବର୍ଷ ବୟସରେ ସିନିୟର
କ୍ରିକେଟ ଦଳରେ ଖେଳି
ଆୟର୍ଲାଣ୍ଡର ଏଲିନା ହକିରେ
ଏବେ ପୁଣି ବାହୁବଳି
ଭଲକର କପି କାଳି
ମନ୍ଦ କପିକଲେ ଅଧାରେ ଜୀବନ
ନଉକାଟା ଯାଏ ଟଳି।

**-ସୁବାସ ଚନ୍ଦ୍ର ପ୍ରଧାନ**

# ବଲ୍ ବ୍ୟାଡ୍ମିଣ୍ଟନର ନୂଆ ପ୍ରତିଭା
# ଆଶୁତୋଷ



କମ୍ ଲୋକପ୍ରିୟ ହୋଇଥିଲେ ମଧ୍ୟ ବଲ୍ ବ୍ୟାଡମିଣ୍ଟନ କ୍ରୀଡ଼ାରେ ବିଶ୍ୱର ଅନେକ ଦେଶ ସକ୍ରିୟ ଅଛନ୍ତି। କ୍ରିକେଟ୍ ପାଗଳ ଭାରତରେ ବଲ୍‌ବ୍ୟାଡମିଣ୍ଟନ୍ ନିଜ ଉପସ୍ଥିତି ଏବଂ ପରିଚୟ ପାଇଁ ସଂଘର୍ଷ କରୁଛି । ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶାରେ ମଧ୍ୟ ସ୍ଥିତି ସମାନ । ତେବେ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବ ସତ୍ତ୍ୱେ ବହୁ ଖେଳାଳି ଏହି କ୍ରୀଡ଼ାକୁ ଆପଣାଇଛନ୍ତି । ପ୍ରବଳ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ହିଁ ଏମାନଙ୍କ ପୁଞ୍ଜି। ବଲ୍ ବ୍ୟାଡମିଣ୍ଟନ୍‌କୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଥିବା ଏପରି ଜଣେ ଖେଳାଳି ହେଲେ ବ୍ରହ୍ମପୁରର ଆଶୁତୋଷ ରଥ । ନିଜ ଅଞ୍ଚଳରେ ସୁନା ପୁଅ ଭାବେ ପରିଚିତ ଆଶୁତୋଷ। କାରଣ ହେଲା, ବ୍ରହ୍ମପୁର ଭଳି ଏକ ସହରରୁ ଯାଇ ସେ ଭାରତୀୟ ଦଳରେ ସାମିଲ୍ ହୋଇପାରିଛନ୍ତି। ମାର୍ଚ୍ଚ ୧୭ରୁ ୧୯ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ହୋଇଥିଲା ଟେଷ୍ଟ ସିରିଜ୍। ଭାରତ ସହ ଏହି ସିରିଜ୍‌ରେ ଖେଳିଥିଲେ ଇଣ୍ଡୋନେସିଆ ଏବଂ ମାଲେସିଆ । ବିଶ୍ୱସ୍ତରୀୟ ଏହି ପ୍ରତିଯୋଗିତାରେ ଭାରତକୁ ମିଳିଛି ସ୍ୱର୍ଣ୍ଣ ପଦକ । ଆଉ ଏକ ସ୍ୱର୍ଣ୍ଣ ବିଜୟୀ ଦଳରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇ କେବଳ ନିଜ ଅଞ୍ଚଳ ପାଇଁ ନୁହେଁ ସମଗ୍ର ରାଜ୍ୟର ସୁନା ପୁଅ ପାଲଟିଯାଇଛନ୍ତି ଆଶୁତୋଷ ।

ବଲ୍ ବ୍ୟାଡମିଣ୍ଟନ ଦୁନିଆକୁ ଆଶୁତୋଷଙ୍କ ଆଗମନ ମଧ୍ୟ ଅକସ୍ମାତ। ବ୍ରହ୍ମପୁରର ଅଗ୍ରଣୀ କ୍ଲବ, ଆଲ୍‌ଫା ସ୍ପୋର୍ଟିଂ ପାଇଁ କ୍ରିକେଟ ଖେଳୁଥିଲେ ଆଶୁତୋଷ । ୨୦୧୫ ମସିହାର କଥା। ସେହି ସମୟରେ ଖଲିକୋଟ କଲେଜ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବଲ୍ ବ୍ୟାଡ଼ମିଣ୍ଟନ୍ ପ୍ରତିଯୋଗିତା ଚାଲିଥାଏ। ଏକଦା କ୍ରିକେଟରେ କ୍ୟାରିୟର୍ କରିବାକୁ ଲକ୍ଷ୍ୟ ରଖିଥିବା ଆଶୁତୋଷ ହଠାତ୍ ବଲ୍ ବ୍ୟାଡମିଣ୍ଟନ୍ ପ୍ରତି ଆକର୍ଷିତ ହେବାରେ ଲାଗିଲେ । ପୂର୍ବରୁ ଏହି ଖେଳ ବିଷୟରେ ବିଶେଷ ଜ୍ଞାନ ନ ଥିଲେ ମଧ୍ୟ ଖେଳିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ। ଜଣାଶୁଣା କୋଚ ସଞ୍ଜୟ ବିଷୋୟୀ ଏବଂ ସୁନିତା ପଣ୍ଡାଙ୍କ ଅଧୀନରେ ପ୍ରଶିକ୍ଷଣ ନେଲେ। କ୍ରିକେଟ ବ୍ୟାଟ ଛାଡ଼ି ହାତରେ ଧରିଲେ ର୍‍ୟାକେଟ୍ । ଉଭୟଙ୍କଠାରୁ ବଲ୍ ବ୍ୟାଡମିଣ୍ଟନ ଟେକ୍ନିକ୍ ଶିଖିଲେ। ଏହା ପରଠୁ ଆଉ ଆଶୁତୋଷ ପଛକୁ ଫେରି ଚାହିଁନାହାନ୍ତି। ଧୀରେ ଧୀରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଗୁଡ଼ିକରେ ଭାଗନେଲେ । ୨୦୧୬ମସିହା ଜୁନ୍ ୧୦ତାରିଖରେ ଜଗତସିଂହପୁରଠାରେ ଆୟୋଜିତ ହୋଇଥିଲା ୨୩ତମ ରାଜ୍ୟ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍। ପ୍ରଥମ ଟୁର୍ନାମେଣ୍ଟରେ ସେ ପ୍ରଭାବି ପ୍ରଦର୍ଶନ କରିଥିଲେ। ଏହା ପରେ ସେହି ବର୍ଷ ଡିସେମ୍ବର ୧୧ତାରିଖରେ ଜୟପୁରଠାରେ ଅନୁଷ୍ଠିତ ୨୪ତମ ସିନିୟର ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍‌ରେ ଗଞ୍ଜାମ ତରଫରୁ ଖେଳିଥିଲେ । ଏହା ପରେ ଗୋଟିଏପରେ ଗୋଟିଏ ପାହାଚ ଚଢ଼ି ଆଗକୁ ବଢ଼ିଥିଲେ ଆଶୁତୋଷ । ୨୦୧୭ଜୁନ୍ ୮ରେ ୨୪ତମ ରାଜ୍ୟ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍, ୨୦୧୭ ଡିସେମ୍ବର ୧ ତାରିଖରେ କଟକଠାରେ ଅନୁଷ୍ଠିତ ୨୫ତମ ସିନିୟର ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଖେଳିବାକୁ ସେ ସୁଯୋଗ ପାଇଥିଲେ।

ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଆଶୁତୋଷଙ୍କ ପ୍ରଭାବୀ ପ୍ରଦର୍ଶନ ରାଜ୍ୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲା । ଫଳରେ ଖୁବ୍ ଶୀଘ୍ର ତାଙ୍କୁ ଓଡ଼ିଶା ଦଳରେ ସ୍ଥାନ ମିଳିଥିଲା । ୨୦୧୭ଜୁନ ୨୭ତାରିଖରେ ଦିଲ୍ଲୀଠାରେ ଆୟୋଜିତ ସିନିୟର ଆନ୍ତଃଜୋନ୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍‌ରେ ସେ ଓଡ଼ିଶା ତରଫରୁ ଖେଳିବାକୁ ସୁଯୋଗ ପାଇଥିଲେ। ଏହା ପରେ ସେହି ବର୍ଷ ଡିସେମ୍ବର ୪ରେ ୬୩ତମ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଖେଳିଥିଲେ। ଏହି ଚାମ୍ପିୟନ୍‌ଶିପ୍‌ରେ ତାଙ୍କ ପ୍ରଦର୍ଶନରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏଣୁ ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଥିଲା । ଭାରତ ତରଫରୁ ସେ ଏବେ ମାଲେସିଆ ଏବଂ ଇଣ୍ଡୋନେସିଆ ବିରୋଧରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଖେଳି ସଫଳତା ହାସଲ କରିଛନ୍ତି ।

ବ୍ରହ୍ମପୁର ସହର ପାଣିଗ୍ରାହୀପେଣ୍ଠ ବ୍ରଜରାଜନଗର ଚତୁର୍ଥ ଲେନ୍ ନିବାସୀ ଲକ୍ଷ୍ମୀ କୁମାରୀ ରଥ ଓ ପ୍ରଶାନ୍ତ କୁମାର ରଥଙ୍କ ପୁଅ ଆଶୁତୋଷ । ବାପା ପ୍ରଶାନ୍ତ ଜଣେ ପୋଲିସ ଅଧିକାରୀ । ବଲ୍‌ବ୍ୟାଡମିଣ୍ଟନ୍‌ରେ କ୍ୟାରିୟର୍ ଗଢ଼ିବାକୁ ସ୍ୱପ୍ନ ଥିବା କୁହନ୍ତି ଆଶୁତୋଷ । ସଂପ୍ରତି ସେ ଏକ ଘରୋଇ କଲେଜରେ ବିସିଏ ପ୍ରଥମ ବର୍ଷର ଛାତ୍ର । ପାଠ ସହ ଖେଳକୁ ସେ ସମାନ ଗୁରୁତ୍ୱ ଦିଅନ୍ତି ବୋଲି କହିଛନ୍ତି । ରାଜ୍ୟ ବାହାରେ ସେ ଅନେକ ଟୁର୍ନାମେଣ୍ଟରେ ଭାଗନେଇଛନ୍ତି। ଓଡ଼ିଶା ଅପେକ୍ଷା ଅନ୍ୟ ରାଜ୍ୟଗୁଡ଼ିକରେ ବଲ୍‌ବ୍ୟାଡମିଣ୍ଟନ ପ୍ରତି ବହୁତ ପ୍ରୋତ୍ସାହନ ରହିଛି। ଓଡ଼ିଶାରେ ଭଲ କୋଚ ନ ଥିବା ଯୋଗୁ ଭଲ ଖେଳାଳି ବାହାରି ପାରୁନାହାନ୍ତି। ଖଲିକୋଟ କଲେଜ ଷ୍ଟାଡିୟମ୍‌ରେ କେତେକ ଖେଳାଳି ଏବଂ କୋଚ ସୁନୀତା ପଣ୍ଡା ଏବଂ ସଞ୍ଜୟ ବିଷୋୟୀଙ୍କ ଉଦ୍ୟମରେ ମାଟିରେ ଏକ କୋର୍ଟ ନିର୍ମାଣ କରାଯାଇଛି । ସେଥିରେ ସେମାନେ ଖେଳୁଛନ୍ତି। ଅର୍ଥାଭାବ ରହିଛି । ଯଦି ସରକାର ଏକ ସ୍ୱତନ୍ତ୍ର କୋର୍ଟ ନିର୍ମାଣ ସହ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବେ, ତେବେ ବ୍ରହ୍ମପୁରରୁ ମଧ୍ୟ ବହୁ ଖେଳାଳି ବାହାରିପାରିବେ ବୋଲି କହିଛନ୍ତି ଆଶୁତୋଷ ।

**ବଲ୍ ବ୍ୟାଡମିଣ୍ଟନ୍‌କୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଥିବା ଖେଳାଳି ଜଣକ ହେଲେ ବ୍ରହ୍ମପୁରର ଆଶୁତୋଷ ରଥ । ଭାରତୀୟ ଦଳରେ ସାମିଲ ହୋଇ ସ୍ୱର୍ଣ୍ଣ ପଦକ ପାଇଥିବାରୁ କେବଳ ନିଜ ଅଞ୍ଚଳ ପାଇଁ ନୁହେଁ ସମଗ୍ର ରାଜ୍ୟର ସୁନା ପୁଅ ପାଲଟିଯାଇଛନ୍ତି ଏହି ବଲ ବ୍ୟାଡ୍ମିଣ୍ଟନ ପ୍ରତିଭା ।**

-ଆଶୀର୍ବାଦ ରାଉତ, ବ୍ରହ୍ମପୁର

# ହକି ବିଶ୍ୱକପ
# ସଜେଇ ହେଉଛି କଳିଙ୍ଗ

ଜାକର୍ତ୍ତା/ପାଲେମବାଙ୍ଗ ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ରେକର୍ଡ ସୃଷ୍ଟି ସହ ଦମ୍‌ଦାର ପ୍ରଦର୍ଶନ ବଜାୟ ରଖିଥିବାବେଳେ ବିଶ୍ୱକପ ମହାକୁମ୍ଭ ପାଇଁ ସଜେଇ ହେଉଛି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏହି ମେଗା ଇଭେଣ୍ଟ। ଭାଗନେବେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ। ତାରକା ଖେଳାଳିଙ୍କ ଉପସ୍ଥିତିରେ ଦେଖିବାକୁ ମିଳିବ ହକି ରୋମାଞ୍ଚ। ଏଥିପାଇଁ କେବଳ ଓଡ଼ିଶା କାହିଁକି ସମଗ୍ର ବିଶ୍ୱ କ୍ରୀଡ଼ାପ୍ରେମୀଙ୍କ ନଜର ଏବେ କଳିଙ୍ଗ ଷ୍ଟାଡିୟମ ଆଡ଼କୁ ଆକର୍ଷିତ ହେବାକୁ ଲାଗିଛି। ଏସିଆନ ଗେମ୍ସ କପ୍ ପରେ ଏହି ଆକର୍ଷଣ ଆହୁରି ବଢ଼ିବ। କାରଣ ଜାକର୍ତ୍ତାରେ ଭାରତ ପ୍ରଥମ ମ୍ୟାଚରେ ଇଣ୍ଡୋନେସିଆକୁ ୧୭-୦ ଏବଂ ଦ୍ୱିତୀୟ ମ୍ୟାଚରେ ହଂକଂ ଚାଇନାକୁ ୨୬-୦ ଗୋଲରେ ହରାଇ ୮୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି। ଏସିଆଡ୍‌ରେ ଯଦି ଭାରତ ଚାମ୍ପିୟନ ହୁଏ ତେବେ ବିଶ୍ୱକପ ପ୍ରତି ଦର୍ଶକଙ୍କ ଆକର୍ଷଣ ଯେ ଦ୍ୱିଗୁଣିତ ହେବ ଏଥିରେ ଦ୍ୱିମତ ନାହିଁ।

### ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ବିଶ୍ୱକପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ହକି ଗ୍ୟାଲେରିର ସମ୍ପ୍ରସାରଣ ଏବଂ ଷ୍ଟାଡିୟମ ନବୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସୁରକ୍ଷା ଦୃଷ୍ଟିରୁ ଅନ୍ତର୍ଜାତୀୟ ହକି ଫେଡେରେଶନ ଏବଂ ହକି ଇଣ୍ଡିଆର ପରାମର୍ଶକ୍ରମେ ହକି ଷ୍ଟାଡିୟମକୁ ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ଜନସାଧାରଣଙ୍କ ପାଇଁ ବନ୍ଦ କରାଯାଇଛି। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଷ୍ଟାଡିୟମ ମଧ୍ୟକୁ ପ୍ରବେଶରେ କଟକଣା ଲାଗିଛି। "ନିର୍ମାଣ କାର୍ଯ୍ୟ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାଡିୟମ ବାହାର କାର୍ଯ୍ୟ ପାଖାପାଖି ଆଉ ଏକ ସପ୍ତାହ ମଧ୍ୟରେ ଶେଷ ହୋଇଯିବ। ଭିତର ରଙ୍ଗ, ସାଜସଜ୍ଜା ଏବଂ ଅନ୍ୟାନ୍ୟ କାର୍ଯ୍ୟ ସପ୍ତାହେ/ଦୁଇ ସପ୍ତାହ ମଧ୍ୟରେ ସରିବ। ତେଣୁ ଆହତ ସମସ୍ୟା ଏବଂ ଅନ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖା ଯାଇ ଏଫଆଇଏଚ୍ ଓ ହକି ଇଣ୍ଡିଆ ପ୍ରତିନିଧିଙ୍କ ପରାମର୍ଶ କ୍ରମେ ଷ୍ଟାଡିୟମକୁ ବନ୍ଦ ରଖା ଯାଇଛି" ବୋଲି ଷ୍ଟାଡିୟମ ଇନ୍‌ଚାର୍ଜ ବାରିଜ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ନର୍ଥ, ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡରେ ସିଟ୍ ସ୍ଥାପନ ହୋଇ ସାରିଛି। ଭିଆଇପି ଗ୍ୟାଲେରି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାଡିୟମର ପ୍ରବେଶ ଦ୍ୱାରକୁ ମଧ୍ୟ ସଜା ଯାଉଛି। ଷ୍ଟାଡିୟମ ନିକଟରେ ୨ଟି ଫୁଟ୍ ଓଭରବ୍ରିଜ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। "ଟୁର୍ନାମେଣ୍ଟ ସମୟରେ ସୁରକ୍ଷା ବ୍ୟବସ୍ଥା ପାଇଁ ୭୦-୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ପ୍ରତ୍ୟେକ ଦଳ ପାଇଁ (ସୁରକ୍ଷା ଅଧିକାରୀ) ପିଏସ୍‌ଓ ଓ ପ୍ରୋଟୋକଲ୍ ଅଫିସର ନିଯୁକ୍ତ କରାଯିବ" ବୋଲି ପୋଲିସ୍ କମିଶନର ସତ୍ୟଜିତ୍ ମହାନ୍ତି ପ୍ରକାଶ କରିଛନ୍ତି।

### ଉତ୍ସାହ ବଢ଼ିଛି

ବିଶ୍ୱକପ୍‌କୁ ହକିପ୍ରେମୀମାନେ ଯେପରି ସୁବିଧାରେ ଉପଭୋଗ କରିପାରିବେ ତାହାକୁ ଦୃଷ୍ଟିରେ ରଖାଯାଇ ଅନ୍‌ଲାଇନ୍ ଟିକେଟ ବିକ୍ରି ବହୁ ଦିନ ପୂର୍ବରୁ ଆରମ୍ଭ ହୋଇଛି। ଏଥିପ୍ରତି ମଧ୍ୟ ଦର୍ଶକଙ୍କ ଉତ୍ସାହ ପରିଲକ୍ଷିତ ହୋଇଛି। ଉଦ୍‌ଘାଟନୀ ଦିବସ ପାଇଁ ଅନ୍‌ଲାଇନ୍‌ରେ ଉପଲବ୍ଧଥିବା ନର୍ଥ, ସାଉଥ୍ ଓ ଇଷ୍ଟ ଷ୍ଟାଣ୍ଡର ସମସ୍ତ ଟିକେଟ ବିକ୍ରି ହୋଇଯିବା ଏହାର ଜ୍ୱଳନ୍ତ ଉଦାହରଣ। ହକି ବିଶ୍ୱକପ ଦେଖିବାକୁ ଆସୁଥିବା ଦର୍ଶକମାନେ ସ୍ମରଣୀୟ ଅନୁଭୂତି ନେଇ ଫେରିବେ। ଏଥିପାଇଁ ଆୟୋଜକ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କେବଳ ଷ୍ଟାଡିୟମର ଚତୁଃପାର୍ଶ୍ୱ ନୁହେଁ ସମଗ୍ର ସହରର ସୌନ୍ଦର୍ଯ୍ୟୀକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ହକି ବିଶ୍ୱକପ ପ୍ରତି ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଆହୁରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

### ଅବଗଣନା ଆରମ୍ଭ

ହକି ବିଶ୍ୱକପର ୧୦୦ ଦିନିଆ ଅବଗଣନା ଗତ ୨୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଜାକର୍ତ୍ତାରେ ଥିବା ହକି ଖେଳାଳିମାନେ 'ଆଉ ୧୦୦ ଦିନ ରହିଲା, ଆଗାମୀ ନଭେମ୍ବରରେ ଭାରତରେ ଦେଖାହେବ, ଭୁବନେଶ୍ୱର ଚାଲ, ଭାରତ ଆପଣମାନଙ୍କୁ ଅପେକ୍ଷା କରିଛି''ଆଦି ଲେଖାଥିବା ପ୍ଲାକାର୍ଡ ଧରି ହକି ବିଶ୍ୱକପ ଦେଖିବାକୁ କ୍ରୀଡ଼ାପ୍ରେମୀଙ୍କୁ ଆହ୍ୱାନ କରିଛନ୍ତି। ବିଶ୍ୱକପ ପୂର୍ବରୁ ଏଠାରେ ଭାରତୀୟ ଦଳର ୨ ପର୍ଯ୍ୟାୟ ବିଶିଷ୍ଟ କ୍ୟାମ୍ପ ହେବ। ପ୍ରଥମ କ୍ୟାମ୍ପ ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ଏବଂ ଦ୍ୱିତୀୟ କ୍ୟାମ୍ପ ନଭେମ୍ବର ୧ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟିକେଟ ନ ପାଇ ଷ୍ଟାଡିୟମ ଭିତରକୁ ଯାଇ ପାରୁ ନ ଥିବା ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ। ଭୁବନେଶ୍ୱରର ୪ଟି ସ୍ଥାନ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଜନତା ମଇଦାନ, ଆଦିବାସୀ ପଡ଼ିଆ ଓ ବରମୁଣ୍ଡା ପଡ଼ିଆରେ ବଡ଼ ଏଲଇଡି ସ୍କ୍ରିନ ଲଗାଯିବାର ଯୋଜନା ରହିଛି ବୋଲି କ୍ରୀଡ଼ା ସଚିବ ବିଶାଳ ଦେବ ସୂଚନା ଦେଇଛନ୍ତି।

### ଫ୍ୟାନ ଜୋନ

ହକି ବିଶ୍ୱକପ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପାଇଁ ଭଲ ଖବର ହେଲା ଯେ ଏଥର ପ୍ରଥମଥରପାଇଁ ଫ୍ୟାନ ଜୋନ୍ ରହିବ। ଫଳରେ ଟିକେଟଧାରୀ ଦର୍ଶକମାନେ ଗେଟ୍ ନମ୍ବର-୩ ନିକଟରେ ଫ୍ୟାନ ଜୋନ୍‌ରେ ସେମାନଙ୍କ ପ୍ରିୟ ହକି ତାରକାଙ୍କ ସହ କଥା ହେବାର ସୁଯୋଗ ପାଇବେ। ଏଥିରେ ଫୁଡ୍ କୋର୍ଟ ଏବଂ ମ୍ୟୁଜିକ୍ ପ୍ରଭୃତି ଉପଲବ୍ଧ ହେବ।

### ଗ୍ରୁପ 'ସି'ରେ ଭାରତ

ମେଗା ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ୧୬ ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଆୟୋଜକ ଭାରତ ଗ୍ରୁପ'ସି'ରେ ବେଲ୍‌ଜିୟମ, କାନାଡ଼ା ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି। ଗ୍ରୁପ 'ଏ'ରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ସ୍ପେନ, ଫ୍ରାନ୍ସ, ଗ୍ରୁପ 'ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଆୟର୍ଲାଣ୍ଡ, ଚାଇନା ଏବଂ ଗ୍ରୁପ 'ଡି'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ମାଲେସିଆ ଓ ପାକିସ୍ତାନ ସ୍ଥାନ ପାଇଛି। ଲିଗ୍ ପର୍ଯ୍ୟାୟରେ ମୋଟ ୩୬ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଗ୍ରୁପର ଶୀର୍ଷସ୍ଥାନୀୟ ୪ ଦଳ ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ମ୍ୟାଚ ମାଧ୍ୟମରେ କ୍ୱାର୍ଟର ଫାଇନାଲର ଅବଶିଷ୍ଟ ୪ଟି ସ୍ଥାନ ଦଖଲ କରିବେ।



ନବନିର୍ମିତ କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସ।

## ସଂକ୍ଷେପରେ

### ୫ଜି ଅତିରିକ୍ତ ସ୍ପେକ୍ଟ୍ରମ ଆବଣ୍ଟନ ଲାଗି ସୁପାରିସ

ନୂଆଦିଲ୍ଲୀ,୨୩-୮(ପି.ଟି.) ଦେଶରେ ୫ଜି ଆରମ୍ଭ କରିବା ଲାଗି ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଗଠନ ହୋଇଥିବା ଷ୍ଟିଅରିଂ କମିଟି ପରବର୍ତ୍ତୀ ଜେନେରେସନର ୱାରଲେସ ସର୍ଭିସ ଯୋଗାଣ ଲାଗି ଅତିରିକ୍ତ ସ୍ପେକ୍ଟ୍ରମ ଆବଣ୍ଟନ କରିବାକୁ ସୁପାରିସ କରିଛନ୍ତି। ଏଥିପାଇଁ ଚଳିତବର୍ଷ ପ୍ରଥମ କିସ୍ତି ରେଡିଓୱେଭ ଆବଣ୍ଟନ ନେଇ ଘୋଷଣା କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କୁ କରାଯାଇଥିବା ସୁପାରିସରେ କୁହାଯାଇଛି। କେନ୍ଦ୍ର ସରକାର ଦେଶରେ ନୂଆ ସ୍ପେକ୍ଟ୍ରମ ପଲିସି ଜରିଆରେ ଟେଲିକମ ସେକ୍ଟରକୁ ଆଗେଇନେବାକୁ ଯାଉଥିବା ବେଳେ କମିଟି ପକ୍ଷରୁ ଗୁରୁବାର ଦାଖଲ କରାଯାଇଥିବା ରିପୋର୍ଟରେ ବହୁ ସୁପାରିସ କରାଯାଇଛି। ୫ଜି ଯୋଗୁ ଦେଶର ଅର୍ଥନୀତି ଉପରେ ୧ ଟ୍ରିଲିୟନ ଡଲାର ପ୍ରଭାବ ପଡିବାକୁ ଯାଉଛି ବୋଲି ରିପୋର୍ଟରେ କୁହାଯାଇଛି।

### ୟୁ.କେ. ବର୍ମା ଆସୋଚାମ୍ ମହାସଚିବ

ASSOCHAM INDIA

ନୂଆଦିଲ୍ଲୀ,୨୩-୮(ପି.ଟି): ଶିଳ୍ପ ସଂଘ ଦି ଆସୋସିଏଟେଡ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ(ଆସୋଚାମ)ର ନୂଆ ମହାସଚିବ ଭାବେ ଉଦୟ କୁମାର ବର୍ମା ଗୁରୁବାର ଯୋଗ ଦେଇଛନ୍ତି। ବର୍ମା ଜଣେ ଅବସରପ୍ରାପ୍ତ ପ୍ରଶାସକ ଥିବାବେଳେ ବର୍ତ୍ତମାନର ମହାସଚିବ ଡି.ଏସ୍ ରାୱତଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ରାୱତ ଆସୋଚାମର ମହାସଚିବ ପଦବୀରେ ଦୀର୍ଘ ୧୪ ବର୍ଷ କାର୍ଯ୍ୟ କରିବା ପରେ ଉକ୍ତ ପଦବୀ ଛାଡିଥିବା ସଂଘ ଏକ ଇସ୍ତାହାରରେ ପ୍ରକାଶ କରିଛି। ଅପରପକ୍ଷରେ ବର୍ମା ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିବା ସହ ୨୦୧୩ ଜୁନ ୩୦ରେ ଅବସର ଗ୍ରହଣ କରିଥିଲେ। ଉଭୟ କେନ୍ଦ୍ର ତଥା ରାଜ୍ୟ ସ୍ତରରେ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ପୂର୍ବତନ ମହାସଚିବ ରାୱତ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସରକାର ଏବଂ କମ୍ପାନୀଗୁଡିକ ମଧ୍ୟରେ ଉତ୍ତମ ସମ୍ବନ୍ଧ ରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଉଭୟ ଘରୋଇ ତଥା ବିଶ୍ୱ ସ୍ତରର ନେଟ୍‌ୱର୍କରେ ଆସୋଚାମକୁ ପ୍ରତିନିଧିତ୍ୱ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ସଂଘର ସଭାପତି ସନ୍ଦୀପ ଜଜୋଡିଆ କହିଛନ୍ତି। ବର୍ମାଙ୍କର ଅଭିଜ୍ଞତା ଆସୋଚାମ ପାଇଁ ବିଶେଷ ଭାବେ ଲାଭକାରୀ ହେବ ବୋଲି ସେ ସୂଚନା ଦେଇଛନ୍ତି।

### ଅଭିବୃଦ୍ଧି ୭.୫% ରହିବ:ମୁଡିସ୍




ନୂଆଦିଲ୍ଲୀ,୨୩-୮: ଭାରତର ଆର୍ଥିକ ଅଭିବୃଦ୍ଧି ହାର ଚଳିତ ବର୍ଷ ଓ ୨୦୧୯ରେ ୭.୫% ରହିବ ବୋଲି ବିଶ୍ୱ ରେଟିଂ ଏଜେନ୍ସି ମୁଡିସ୍ ପକ୍ଷରୁ ଏହାର ରିପୋର୍ଟରେ ଅନୁମାନ କରାଯାଇଛି। ମୁଡିସ୍ ଇନଭେଷ୍ଟର ସର୍ଭିସ ରିପୋର୍ଟରେ କୁହାଯାଇଛି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଭାରତ ପାଇଁ ଚ୍ୟାଲେଞ୍ଜ ହୋଇଥିଲେ ହେଁ ଏହା ଏହି ବାହ୍ୟ ଚାପକୁ ସହଜରେ ସାମ୍ନା କରିପାରିବ। ଆର୍ଥିକ ବର୍ଷ ୨୦୧୮-୧୯ରେ ବିଶ୍ୱର ଆର୍ଥିକ ଦୃଶ୍ୟପଟ ଉପରେ ଏଜେନ୍ସି ରିପୋର୍ଟରେ କୁହାଯାଇଛି ଯେ, ଗତ କିଛି ମାସ ହେଲା ଇନ୍ଧନ ଦାମରେ ଅହେତୁକ ବୃଦ୍ଧି ଯୋଗୁ ପ୍ରାୟ ସବୁ ଦେଶର ମୁଦ୍ରା ଅସ୍ଥିର ହୋଇଛି। ତେବେ ଜି-୨୦ର ବହୁ ଦେଶର ଆର୍ଥିକ ସ୍ଥିତି ଅତ୍ୟନ୍ତ ମଜଭୁତ ରହିବାର ସମ୍ଭାବନା ରହିଛି। ୨୦୧୮ ଲାଗି ଜି-୨୦ ଦେଶର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଓ ୨୦୧୯ରେ ୩.୧ ପ୍ରତିଶତ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଭାରତର ଅର୍ଥନୀତି ଅଭିବୃଦ୍ଧି ଉଭୟ ୨୦୧୮ ଓ ୨୦୧୯ ଲାଗି ୭.୫% ରହିବ ବୋଲି ସ୍ପଷ୍ଟ କରାଯାଇଛି। ଉଲ୍ଲେଖଥାଉକି, ଏଥିପୂର୍ବରୁ ମୁଡିସ୍ ୨୦୧୮ ଲାଗି ଏହାର ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୭.୫%ରୁ ୭.୩%କୁ ହ୍ରାସ ପାଇବ ବୋଲି ଅନୁମାନ କରିଥିଲା। କିନ୍ତୁ ମୁଡିସ୍‌ର ଅନୁମାନକୁ ଭୁଲ୍ ପ୍ରମାଣିତ କରି ଦେଶର ଆର୍ଥିକ ବିକାଶ ହାର ପ୍ରଥମ କ୍ୱାର୍ଟରରେ ୭.୭% ରହିଛି।

---

> ସରକାର ମେସେଜିଂ ଆପ୍‌ଗୁଡିକ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରିବା ସପକ୍ଷରେ ନାହାନ୍ତି, ମାତ୍ର ଏହାର ଅପବ୍ୟବହାର ରୋକିବା ଉପରେ ଗୁରୁତ୍ୱ ଦେଉଛନ୍ତି।
> –ଅରୁଣା ସୁନ୍ଦର ରାଜନ, ଟେଲିକମ୍ ସଚିବ



> ଟଙ୍କା ମୂଲ୍ୟ ହ୍ରାସଜନିତ ପ୍ରଭାବକୁ ନେଇ ବେଶି ଚିନ୍ତା କରିବାର ଆବଶ୍ୟକତା ନାହିଁ।
> –ସଞ୍ଜୀବ ସାନ୍ୟାଲ, ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା, ଅର୍ଥ ମନ୍ତ୍ରଣାଳୟ



# ଲାଞ୍ଜିଗଡ଼ ୟୁନିଟ୍ କ୍ଷମତା ବଢାଇବ ବେଦାନ୍ତ

ନୂଆଦିଲ୍ଲୀ,୨୩-୮(ପି.ଟି.)

- ବାର୍ଷିକ ୬ ନିୟୁତ ଟନକୁ ବଢ଼ିବ
- ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ କାର୍ଯ୍ୟ
- ନିୟମଗିରି ବାଦ୍ ବିକଳ୍ପ ବକ୍ସାଇଟ ବ୍ୟବସ୍ଥା ଉପରେ ଗୁରୁତ୍ୱ
- ସମ୍ପ୍ରସାରଣ ନେଇ ସ୍ପଷ୍ଟ କଲେ ବେଦାନ୍ତ ସିଇଓ



ଅନିଲ ଅଗ୍ରୱାଲଙ୍କ ବେଦାନ୍ତ ଲିମିଟେଡ୍ ଓଡିଶାର କଳାହାଣ୍ଡି ଜିଲାସ୍ଥିତ ଲାଞ୍ଜିଗଡରେ ଥିବା ଏହାର ରିଫାଇନେରି କ୍ଷମତାକୁ ବଢାଇବ। ୨୦୨୧ ସୁଦ୍ଧା ଉକ୍ତ ୟୁନିଟର କ୍ଷମତା ବାର୍ଷିକ ୬ ନିୟୁତ ଟନ୍‌କୁ ବୃଦ୍ଧି କରିବା ଲାଗି କମ୍ପାନୀ ଯୋଜନା ରଖିଛି। ନିୟମଗିରିରୁ ବକ୍ସାଇଟ ପାଇବା ଆଶା ଏକ ପକ୍ଷେ ବିଫଳ ହେବା ଯୋଗୁ କମ୍ପାନୀ ବିକଳ୍ପ ବକ୍ସାଇଟ ବ୍ୟବସ୍ଥା ସପକ୍ଷରେ ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୟୁନିଟ୍‌ର ସମ୍ପ୍ରସାରଣ ଆବଶ୍ୟକତା ପୂରଣ ଲାଗି ବକ୍ସାଇଟର ପର୍ଯ୍ୟାପ୍ତ ବିକଳ୍ପ ରହିଛି। ନିୟମଗିରି ପର୍ବତରେ ରହିଥିବା ଗୁଣବତ୍ତା ବକ୍ସାଇଟ ବାଦ୍ ବିକଳ୍ପ ଆଧାରରେ ଏଭଳି ଯୋଜନା ହାତକୁ ନିଆଯିବ ବୋଲି କମ୍ପାନୀର ଆଲୁମିନା ଏବଂ ପାୱାର ବିଜନେସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଅଜୟ କୁମାର ଦୀକ୍ଷିତ ଗୁରୁବାର ସୂଚନା ଦେଇଛନ୍ତି।

ଲାଞ୍ଜିଗଡରେ ରହିଥିବା କମ୍ପାନୀର ୟୁନିଟ୍‌ରୁ ଗତବର୍ଷ ବାର୍ଷିକ ୧.୨ ନିୟୁତ ଟନ୍ ଆଲୁମିନା ଉତ୍ପାଦନ ହୋଇଥିଲା। ୟୁନିଟ୍‌ର ବର୍ତ୍ତମାନର ବାର୍ଷିକ କ୍ଷମତା ୨ ନିୟୁତ ଟନ୍ ରହିଛି। ଉକ୍ତ ୟୁନିଟ୍ ଲାଗି କମ୍ପାନୀ ଘରୋଇ ବଜାରର ବିଭିନ୍ନ ଖଣିରୁ ୨.୫ରୁ ୩ ନିୟୁତ ଟନ୍ ବକ୍ସାଇଟ ବର୍ତ୍ତମାନ ଆମଦାନୀ କରୁଛି। ୟୁନିଟ୍‌ର ସମ୍ପ୍ରସାରଣ ହେଲେ ବାର୍ଷିକ ମୋଟ୍ ୧୮ ନିୟୁତ ଟନ୍ ବକ୍ସାଇଟ ଆବଶ୍ୟକ ହେବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ନିୟମଗିରିରୁ କମ୍ପାନୀ ବକ୍ସାଇଟ ଲାଭକରିବାର ଯୋଜନା ରହିଥିଲା। ରାଜ୍ୟ ସରକାରଙ୍କ ଖଣି ନିଗମ ପକ୍ଷରୁ କମ୍ପାନୀକୁ ବକ୍ସାଇଟ ଯୋଗାଣ ହେବାର ଯୋଜନା ଧାର୍ଯ୍ୟ ହୋଇଥିଲା। ମାତ୍ର ଉକ୍ତ ଖଣି ଖନନକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ ହେବା ଯୋଗୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୩ରେ ଉକ୍ତ ଯୋଜନା ଉପରେ ନିଷେଧାଦେଶ ଜାରି କରିଥିଲେ।

ଘରୋଇ ବଜାରର ବକ୍ସାଇଟ ଆଧାରରେ ଏହି ସମ୍ପ୍ରସାରଣ ହେବ। ଘରୋଇ ବଜାରରେ ବିଡିଂ ତଥା ଲିଙ୍କେଜ କମ୍ପାନୀକୁ ମିଳିବା ନେଇ ଆଶାବାଦୀ ରହିଛୁ ବୋଲି ଦୀକ୍ଷିତ ସୂଚନା ଦେଇଛନ୍ତି। ନୂଆ ବକ୍ସାଇଟ ଖଣି ନିଲାମରେ ବେଦାନ୍ତ ଭାଗନେବ ବୋଲି ସେ ସ୍ପଷ୍ଟ କରିଛନ୍ତି। କମ୍ପାନୀ ବର୍ତ୍ତମାନ ବ୍ରାଜିଲ ଏବଂ ଗୁଏନାରୁ ବକ୍ସାଇଟ ଆମଦାନୀ କରୁଥିବା ବେଳେ ଏହା ଆନ୍ଧ୍ର ପ୍ରଦେଶର ବନ୍ଦରକୁ ଆସୁଛି। ସେଠାରୁ ଲାଞ୍ଜିଗଡକୁ ୨୭୫ କିମି ଟ୍ରେନ ଯୋଗେ ବକ୍ସାଇଟ ଆସୁଛି। ସମ୍ପ୍ରସାରଣ ଲାଗି କମ୍ପାନୀ ପରିବେଶ ସହ ଅନ୍ୟାନ୍ୟ ମଞ୍ଜୁରୀ ଲାଭ କରିଛି। ଏଥି ଲାଗି ନୂଆ ଜମିର ଆବଶ୍ୟକତା ନାହିଁ। ସମ୍ପ୍ରସାରଣ କାର୍ଯ୍ୟ ୨୦୨୧ ସୁଦ୍ଧା ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ‘ଟ୍ରେନ୍ ୧୮’ର ପରୀକ୍ଷାମୂଳକ ଶୁଭାରମ୍ଭ ହେବ

ନୂଆଦିଲ୍ଲୀ,୨୩-୮

**କ’ଣ ରହିଛି ସୁବିଧା**

- ସ୍ୱୟଂଚାଳିତ ଡୋର, ଅତ୍ୟାଧୁନିକ ଫୁଟ୍ ଷ୍ଟେପ୍
- ଅନ୍‌ବୋର୍ଡ ୱାଇଫାଇ, ଇନଫୋଟେନମେଣ୍ଟ
- ଜିପିଏସ୍ ସୂଚନା ସେବା
- ମଡ୍ୟୁଲାର ଟଏଲେଟ୍, ବାୟୋ ଭାକ୍ୟୁମ୍ ସିଷ୍ଟମ୍
- ଉନ୍ନତ ସିଟ୍, ଏଲଇଡି ଲାଇଟ
- ଦିବ୍ୟାଙ୍ଗଙ୍କ ସୁବିଧା ମୁତାବକ ଟଏଲେଟ୍




ରେଲୱେ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ସ୍ୱଳ୍ପ ଦ୍ରୁତଗାମୀ ‘ଟ୍ରେନ୍ ୧୮’ ସେପ୍ଟେମ୍ବର ପହିଲାରୁ ପରିକ୍ଷାମୂଳକ ଭାବେ ଗଡିବ। ଏ ନେଇ ରେଲୱେର ଜଣେ ବରିଷ୍ଠ ଅଧିକାରି ଗୁରୁବାର ସୂଚନା ଦେଇଛନ୍ତି। ସେପ୍ଟେମ୍ବରରେ ଏହି ଟ୍ରେନର ପରୀକ୍ଷାମୂଳକ ଶୁଭାରମ୍ଭ ନେଇ ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ଅଧିକାରୀ ଜଣଙ୍କ କହିଛନ୍ତି। ପରୀକ୍ଷଣ ପରେ ଯାଇ ଏହାର ଚଳାଚଳ ନେଇ ନିଷ୍ପତ୍ତି ହେବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ରେଲୱେର ଟେକ୍ନିକାଲ ଆଡଭାଇଜର ଭାବେ କାର୍ଯ୍ୟ କରୁଥିବା ରିସର୍ଚ୍ଚ ଡିଜାଇନ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ (ଆରଡିଏସଓ) ଏହାର ପରୀକ୍ଷଣ କରିବା ସହ ବୈଧତା ନେଇ ରିପୋର୍ଟ ଦେବ।

ଏହାକୁ ପୂର୍ବରୁ ଜୁଲାଇରେ ଆଣିବା ଲାଗି ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି(ଆଇସିଏଫ୍)ରେ ଉକ୍ତ ଟ୍ରେନକୁ ପ୍ରସ୍ତୁତ କରାଯାଇଛି। ଏହାର ଘଣ୍ଟାପ୍ରତି ବେଗ ୧୬୦ କିମି ରହିବ। ନୂଆ ଟ୍ରେନ ଶୁଭାରମ୍ଭ ହେଲେ ଶତାବ୍ଦୀ ଏକ୍ସପ୍ରେସ ସ୍ଥାନରେ ଏହା ଚଳାଚଳ କରିବ ବୋଲି ରେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏଭଳି ୬ ଟ୍ରେନ ପ୍ରସ୍ତୁତି ଯୋଜନା ରହିଛି। ନୂଆ ଟ୍ରେନରେ ପରିବର୍ଦ୍ଧିତ ଯାତ୍ରୀ ସୁବିଧା ରହିବ।

■ ଭାରତର ନିର୍ଦ୍ଦେଶକୁ ମାନିବନି ହ୍ୱାଟ୍ସଆପ୍

# ସଫ୍ଟୱେର ତିଆରି କରିବାକୁ ଅରାଜି




ନୂଆଦିଲ୍ଲୀ,୨୩-୮

ହ୍ୱାଟ୍ସଆପ୍ ନିଜ ପ୍ଲାଟଫର୍ମରେ ସୂଚନାର ମୂଳ ଉତ୍ସ ଜାଣିବା ଲାଗି ସଫ୍ଟୱେୟାର ତିଆରି କରିବ ନାହିଁ। ଏସଂକ୍ରାନ୍ତରେ ଭାରତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କମ୍ପାନୀ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ହ୍ୱାଟ୍ସଆପରେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା ପ୍ରଚାର ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ଭିଡ ଦ୍ୱାରା ହିଂସାକାଣ୍ଡ ବ୍ୟାପୁଛି ବୋଲି ଭାରତ ଅଭିଯୋଗ କରିଛି। ଏହାକୁ ରୋକିବା ଲାଗି କମ୍ପାନୀ ଏଭଳି ସୂଚନାର ମୂଳ ଉତ୍ସ ଖୋଜି ବାହାର କରିବା ଉଦ୍ଦେଶ୍ୟରେ ସଫ୍ଟୱେୟାର ବିକଶିତ କରୁ ବୋଲି ଭାରତ ପକ୍ଷରୁ ଏହାକୁ ଦୁଇଥର ନିର୍ଦ୍ଦେଶ ଦିଆଯାଇଥିଲା।

କମ୍ପାନୀର ନିଷ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରି ହ୍ୱାଟ୍ସଆପ୍ ମୁଖପାତ୍ର କହିଛନ୍ତି ଯେ, ଡାକ୍ତର, ବ୍ୟାଙ୍କ, ପରିବାରବର୍ଗ ଭଳି ସାଧାରଣ ଲୋକେ ସମ୍ବେଦନଶୀଳ ସୂଚନାର ଆଦାନପ୍ରଦାନ ଲାଗି ହ୍ୱାଟ୍ସଆପ୍ ଉପରେ ନିର୍ଭରଶୀଳ। ଏଭଳି ସଫ୍ଟୱେର ବିକଶିତ କରିବା ଦ୍ୱାରା ଏଣ୍ଡ୍ ଟୁ ଏଣ୍ଡ୍ ଏନକ୍ରିପସନ ଉପରେ ଏହାର ପ୍ରଭାବ ପଡିବ। ଏହାଦ୍ୱାରା ସୋସିଆଲ ମିଡିଆର ଦୁରୂପଯୋଗ ସମ୍ଭାବନା ଆହୁରି ବଢ଼ିଯିବ। ଅପରପକ୍ଷରେ କମ୍ପାନୀ ଭାରତରେ ସମସ୍ତ ପକ୍ଷଙ୍କ ସହ ମିଶି ମିଥ୍ୟା ସୂଚନା ପ୍ରଦାନରୁ ଦୂରେଇ ରହିବା ନେଇ ସମସ୍ତଙ୍କୁ ପ୍ରବର୍ତ୍ତାଇବ। ସୂଚନାଥାଉକି, ହ୍ୱାଟ୍ସଆପ ପ୍ରମୁଖ କ୍ରିସ ଡାନିଏଲ୍ସ ନିକଟରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଭେଟିଥିଲେ। ଦେଶରେ ହ୍ୱାଟ୍ସଆପ୍‌ର ଏକ ସ୍ଥାନୀୟ କର୍ପୋରେଟ ଅଫିସ ସ୍ଥାପନ କରିବାକୁ କମ୍ପାନୀକୁ କୁହାଯାଇଛି ବୋଲି ବୈଠକ ପରେ ଶ୍ରୀ ପ୍ରସାଦ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ। ତେବେ ଡାନିଏଲ୍ସ ଏସଂକ୍ରାନ୍ତରେ କୌଣସି ମତାମତ ଦେଇ ନଥିଲେ। କେନ୍ଦ୍ର ସରକାର ହ୍ୱାଟ୍ସଆପ୍,ଫେସବୁକ ଓ ଟ୍ୱିଟର ଭଳି ସୋସିଆଲ ମିଡିଆ ମାଧ୍ୟମରେ ମିଥ୍ୟା ସୂଚନା ପ୍ରଚାରକୁ ରୋକିବା ଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛନ୍ତି।

■ ବିମୁଦ୍ରୀକରଣକୁ ୨୧ ମାସ

# ଏଟିଏମ୍ ରିକାଲିବ୍ରେଶନ ସାରିନି ଏସ୍‌ବିଆଇ

ନୂଆଦିଲ୍ଲୀ,୨୩-୮(ପି.ଟି)




- ୧୮ ହଜାର ଏଟିଏମ୍‌ରେ ଆସୁନି ନୂଆ ନୋଟ୍
- ରିକାଲିବ୍ରେଶନରେ ସାରିଛି ୨୨.୫ କୋଟି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏହାର ମୋଟ୍ ଅଟୋମେଟେଡ୍ ଟେଲର ମେଶିନ(ଏଟିଏମ୍) ମଧ୍ୟରୁ ଆଉ ୧୮,୧୩୫ର ରିକାଲିବ୍ରେଶନ କରିବ। ବିମୁଦ୍ରୀକରଣର ୨୧ ମାସ ପରେ ମଧ୍ୟରେ ବ୍ୟାଙ୍କ ଏହି ଏଟିଏମ୍‌ଗୁଡିକର ରିକାଲିବ୍ରେଶନ କରିନ ଥିବା ସୂଚନା ଅଧିକାର ଦ୍ୱାରା ମଗାଯାଇଥିବା ତଥ୍ୟରୁ ଏହା ଜଣା ପଡିଛି। ରିକାଲିବ୍ରେଶନ ଏକ ଧାରା ହୋଇଥିବା ବେଳେ ଏଟିଏମ୍‌ରେ ଟଙ୍କା ଧରି ରଖୁଥିବା କ୍ୟାସେଟ୍‌ଗୁଡିକୁ ପରିବର୍ତ୍ତନ କରାଯାଇଥାଏ। ଏହା ନୋଟର ଆକାର ଅନୁସାରେ ହୋଇଥାଏ ବୋଲି ଜଣା ଯାଇଛି। ମଧ୍ୟପ୍ରଦେଶ ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ଏଟିଏମ୍ ରିକାଲିବ୍ରେଶନ ନେଇ ଏସ୍‌ବିଆଇର ଉତ୍ତର ଲୋଡିଥିଲେ। ସୂଚନା ଯୋଗ୍ୟ ବିମୁଦ୍ରୀକରଣ ପରେ ବଜାରରକୁ ଆସିଥିବା ୨୦୦୦, ୫୦୦ ସମେତ ଅନ୍ୟ ନୋଟଗୁଡିକ ଲାଗି ଏଟିଏମ୍ ରିକାଲିବ୍ରେଶନର ଆବଶ୍ୟକତା ରହିଥିଲା। ମୋଟ୍ ୫୯,୫୨୧ ଏଟିଏମ୍ ମଧ୍ୟରୁ ୪୧,୩୮୬ ରିକାଲିବ୍ରେଶନ ହୋଇଥିବା ବ୍ୟାଙ୍କ ସୂଚନା ଦେଇଛି। ଏଥି ଲାଗି ୨୨.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଏହା କହିଛି। ଏପରି ସ୍ଥିତିରେ ୧୮,୧୩୫ ଏଟିଏମ୍‌ରେ ନୂଆ ନୋଟ୍ ଆସୁ ନ ଥିବା ବ୍ୟାଙ୍କ ସୂଚନା ଦେଇଛି।

# କାର୍ଯ୍ୟରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଜେଟ୍‌ଲୀ

ନୂଆଦିଲ୍ଲୀ,୨୩-୮(ପି.ଟି)

କେନ୍ଦ୍ର ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଦୀର୍ଘଦିନ ପରେ ଗୁରୁବାର ପୁଣି ଥରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। କିଡ୍‌ନୀ ପ୍ରତ୍ୟାରୋପଣ ଚିକିତ୍ସା ଯୋଗୁ ସେ ଦୀର୍ଘଦିନ ହେବ ଅଫିସ ଆସୁ ନ ଥିଲେ। ତାଙ୍କ ସ୍ଥାନରେ ଅନ୍ତରୀଣ ଅର୍ଥମନ୍ତ୍ରୀ ଭାବେ ପୀୟୁଷ ଗୋଏଲ କାର୍ଯ୍ୟଭାର ତୁଲାଉଥିଲେ। ଦୀର୍ଘ ୧୦୦ ଦିନ ପରେ ଜେଟ୍‌ଲୀ ପୁଣିଥରେ ଅଫିସରେ ଯୋଗ ଦେଇଥିବା ବେଳେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି। ମେ ୧୪ରେ ଜେଟ୍‌ଲୀଙ୍କର ଅପରେଶନ ହୋଇଥିବା ବେଳେ ଏହାର ଦେଢ ମାସ ଆଗରୁ ସେ ଅଫିସ ଆସିବା ବନ୍ଦ କରି ଦେଇଥିଲେ।ଗୁରୁବାର ଜେଟଲୀ ନର୍ଥ ବ୍ଲକସ୍ଥିତ କାର୍ଯ୍ୟାଳୟରେ ଦିନ ୧୧ଟାରେ ତାଙ୍କର ବ୍ୟକ୍ତିଗତ ଷ୍ଟାଫଙ୍କ ସହ ନଜର ଆସିଥିଲେ। କାର୍ଯ୍ୟରେ ଆରମ୍ଭ ଲାଗି ଡାକ୍ତର ତାଙ୍କୁ ଅନୁମତି ଦେବା ପରେ ସେ ଅଫିସରେ ଯୋଗ ଦେଇଥିବା ଜଣେ ଅଧିକାରୀ କହିଛନ୍ତି। ଏହି ଅବସରରେ ସେ ଅର୍ଥ ସଚିବ ହସମୁଖ ଆଧିଆଙ୍କ ସମେତ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି), କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ(ସିବିଆଇସି)ର ଉଚ୍ଚ ପଦାଧିକାରୀଙ୍କୁ ଭେଟିଛନ୍ତି।

■ ଭିଡିଓକନ୍ ଋଣ ମାମଲା

# ଅଢ଼େଇ ମାସରେ ଚନ୍ଦାଙ୍କ ଭାଗ୍ୟ ନିର୍ଦ୍ଧାରଣ

ନୂଆଦିଲ୍ଲୀ,୨୩-୮



ଚନ୍ଦା କୋଚ୍ଚର

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓକନ ଗ୍ରୁପକୁ ଦିଆଯାଇଥିବା ଋଣରେ ଏହାର ଏମ୍‌ଡି ତଥା ସିଇଓ ଚନ୍ଦା କୋଚ୍ଚରଙ୍କ ହାତ ରହିଥିବା ନେଇ ଯାଞ୍ଚ କରୁଥିବା ଜଷ୍ଟିସ ବି.ଏନ. ଶ୍ରୀକ୍ରିଷ୍ଣା କମିଟିର ରିପୋର୍ଟ ଆସନ୍ତା ଅଢ଼େଇ ମାସ ମଧ୍ୟରେ ଆସିଯିବ। ଏହି ରିପୋର୍ଟ ମିଳିବା ପରେ ହିଁ ଚନ୍ଦାଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବ୍ୟାଙ୍କ ଅଧ୍ୟକ୍ଷ ଜି.ସି. ଚତୁର୍ବେଦୀ ଗୁରୁବାର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରୁ ଅବସର ନେବାକୁ ଯାଉଥିବା ଚନ୍ଦା ପୁନର୍ବାର ତାଙ୍କୁ ବୋର୍ଡରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଛନ୍ତି।

ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଚତୁର୍ବେଦୀ କହିଛନ୍ତି ଯେ, ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟକୁ ବ୍ୟାଙ୍କ ଅପେକ୍ଷା କରିଛି। ଏହା ଆସନ୍ତା ୨ରୁ ଅଢ଼େଇ ମାସ ମଧ୍ୟରେ ମିଳିଯିବ। ଏହାପରେ ବ୍ୟାଙ୍କ ଚନ୍ଦାଙ୍କ ସମ୍ପର୍କରେ ନିଷ୍ପତ୍ତି ନେବ। ସେହିପରି ଭିଡିଓକନ ଗ୍ରୁପକୁ ଋଣ ଦେବା ମାମଲାରେ ଶ୍ରୀକ୍ରିଷ୍ଣା କମିଟିର ରିପୋର୍ଟ ମିଳିବା ପରେ ହିଁ ଷ୍ଟକ ମାର୍କେଟ ନିୟନ୍ତ୍ରକ ସେବି ପକ୍ଷରୁ ଦିଆଯାଇଥିବା ନୋଟିସର ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡର ସଦସ୍ୟ ଥିବା ଚନ୍ଦା ପୁନର୍ବାର ବୋର୍ଡର ସଦସ୍ୟ ପଦରେ ନିଯୁକ୍ତ ହେବାକୁ ଆଗ୍ରହୀ ଥିବା ବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ୨୦୧୭-୧୮ ବାର୍ଷିକ ସାଧାରଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉକି, ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରେ ୮ ଜଣ ସଦସ୍ୟ ରହିଛନ୍ତି। ତନ୍ମଧ୍ୟରେ ୪ ଜଣ ସ୍ୱାଧୀନ ସଦସ୍ୟ ଅଛନ୍ତି। ଦୁଇ ଜଣ ନନ୍-ଏକଜିକ୍ୟୁଟିଭ ଡାଇରେକ୍ଟରଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ମନୋନୀତ କରାଯାଏ। ଯେଉଁଦିନ ଆଇସିଆଇସିଆଇ ସିକ୍ୟୁରିଟିଜର ବାର୍ଷିକ ସାଧାରଣ ବୈଠକ ବସିବ ସେହିଦିନ ଚନ୍ଦାଙ୍କ ବୋର୍ଡରେ କାର୍ଯ୍ୟକାଳ ଶେଷ ହେବ।

RDA

## ROURKELA DEVELOPMENT AUTHORITY
UDIT NAGAR, ROURKELA- 769012

Advertisement No. 3689 /RDA, XI-79/2018 Dated : 23.08.2018

**APPOINTMENT OF PLANNING ASSISTANT AND AMIN IN ROURKELA DEVELOPMENT AUTHORITY ON CONTRACTUAL BASIS**

1. Applications are invited in the prescribed format from the eligible candidates for contractual appointment to the post of Planning Asistant and Amin in Rourkela Development Authority, Rourkela having requisite qualification noted against each from the recognized institution of the Odisha Council of Technical Education & Vocational Training and +2 Pass with survey training respectively.

| Sl. No. | Name of the Post | No. of Post | Educational Qualification | Monthly remuneration | Minimum / Maximum age limit | Tenure of contract |
|---|---|---|---|---|---|---|
| 1 | Planning Assistant | 01 | Diploma in Resource Management Environmental Studies, Planning Forestry or Diploma in Architecture or related field and some experience in a planning office or the equivalent combination of training and experience | Negotiable | Not less than 21 years or more than 35 years | 1 year (extendable based on performance) |
| 2 | Amin | 03 | +2 Pass with survey training and some experience in field survey over revenue land for 3 years. | Negotiable | Not less than 21 years or more than 35 years | 1 year (extendable based on performance) |

2. The application in prescribed format (Annexure-A) along with two recent passport size photographs duly signed in full on the front side, proof of residence, self certified copies of educational qualifications with mark sheets of HSC examination and above character certificate from a Gazetted Officer and copies of work experience must be sent by Registered post / Speed Post/ Courier so as to reach the Secretary, RDA, Rourkela, Uditnagar, Rourkela - 769012, District - Sundargarh on or before 29.09.2018.
3. Any application received beyond the stipulated date, incomplete in any respect or in violation of any condition is liable for rejection.
4. The particulars indicating the required qualifications, terms and conditions, application form, last date of submission of application etc. can be down loaded from the website of Rourkela Development Authority http://rda-rourkela.in

Sd./- Secretary, Rourkela Development Authority

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. Civil/EST- 32 / 2018 -19 / 17391 Dt. 20.08.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, delivery, installation, testing and commissioning of 13 Passenger Panoramic machine room less Elevator for Tech Tower, Bhubaneswar.

| Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil - EST-32/ 2018-19 | 04 (Four) Calendar Months | Rs.1,48,93,220.00 | 18.00 Hours of 28.08.2018 | 17.00 Hours of 12.09.2018 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil), I/C
IDCO, Bhubaneswar

## ସଂକ୍ଷେପରେ

### ବାସ୍କେଟ ବଲ: ଭାରତୀୟ ମହିଳା ଆଉଟ୍

ଜାକର୍ତ୍ତା, ୨୩।୮(ପି.ଟି.)- ଏସିଆନ୍ ଗେମ୍ସ ବାସ୍କେଟ ବଲ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ଏଥି ସହିତ ଏସିଆନ ଗେମ୍ସରୁ ମହିଳା ଦଳ ବିଦାୟ ନେଇଛି। ଅନ୍ତିମ ଗ୍ରୁପ୍ ଏ ମ୍ୟାଚରେ ଭାରତ ଆୟୋଜକ ଇଣ୍ଡୋନେସିଆଠାରୁ ୬୬-୬୯ରେ ପରାସ୍ତ ହୋଇଛି। ଏହା ପୂର୍ବରୁ ଭାରତ କାଜାଖସ୍ତାନଠାରୁ ୬୧- ୭୯, ତାଇପେଠାରୁ ୬୧-୮୪ ଓ ମିଳିତ କୋରିଆ ଦଳଠାରୁ ୫୪-୧୦୪ରେ ପରାସ୍ତ ହୋଇଥିଲା। ଭାରତ ଗ୍ରୁପ୍‌ରେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଥିବା ବେଳେ ତାଇପେ ଶୀର୍ଷରେ ରହିଛି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ।

### ଗୋଆ ରଣଜୀ ଦଳରେ ଆଝାରଙ୍କ ପୁଅ

ପଣଜୀ, ୨୩।୮: ଆଗାମୀ ରଣଜୀ ସିଜନ ଲାଗି ଘୋଷିତ ସାମ୍ଭବ୍ୟ ଗୋଆ ଦଳରେ ସ୍ଥାନ ପାଇଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ପୁଅ ମହମ୍ମଦ ଆସୁଦ୍ଦିନ। ନିଜ ସମୟରେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଥିବା ଆଝାରୁଦ୍ଦିନ ଏବେ ଗୋଆ ଦଳର ମେଣ୍ଟର ଦାୟିତ୍ୱରେ ଅଛନ୍ତି। କିନ୍ତୁ ଗୋଆ କ୍ରିକେଟ ଆସୋସିଏଶନ (ଜିସିଏ) ପକ୍ଷରୁ ଏ ନେଇ କୌଣସି ଘୋଷଣା କରାଯାଇନାହିଁ। ନିକଟରେ ପୂର୍ବତନ ଅଧିନାୟକ କହିଥିଲେ, ଗୋଆ କ୍ରିକେଟକୁ ସାହାଯ୍ୟ କରିବା ଲାଗି ସେ କିଛି ବି କରିପାରିବେ। ତେବେ ସେ ରାଜ୍ୟ ଦଳକୁ ପରାମର୍ଶ ଦେବେ ବୋଲି ସ୍ପଷ୍ଟ ହୋଉଛି। ''ଆଝାରୁଦ୍ଦିନ ଦଳୀୟ ପରାମର୍ଶ ଦାୟିତ୍ୱ ତୁଲାଇବା ଲାଗି ରାଜି ହୋଇଯାଇଛନ୍ତି। କିନ୍ତୁ ଏ ନେଇ ଜିସିଏ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ'' ବୋଲି ଜିସିଏର ଜଣେ କର୍ମକର୍ତ୍ତା କହିଛନ୍ତି। ଆଝାରୁଦ୍ଦିନଙ୍କ ୨୮ ବର୍ଷୀୟ ପୁଅ ଗତ ମଙ୍ଗଳବାର ବସିସିଆଇ ପକ୍ଷରୁ ଜିସିଏ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଆଣ୍ଟି କରପଶନ ସେମିନାରରେ ଯୋଗ ଦେଇଥିଲେ। ଆଉ ଏବେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେ ଏପର୍ଯ୍ୟନ୍ତ ରଣଜୀ ପଦାର୍ପଣ କରି ନ ଥିଲେ ମଧ ହାଇଦ୍ରାବାଦ ଘରୋଇ ଲିଗ୍‌ରେ ଖେଳୁଛନ୍ତି। ସେ ରାଜନୀତି ଯୋଗୁ କ୍ରିକେଟକୁ ପ୍ରାଧାନ୍ୟ ଦେଇନାହାନ୍ତି। କିନ୍ତୁ ତାଙ୍କ ନିକଟରେ ଦକ୍ଷତା ଅଛି।

### ଏଏଫ୍‌ସି କପ୍ ସେମିରେ ହାରିଲା ବେଙ୍ଗାଲୁରୁ ଏଫ୍‌ସି

ବେଙ୍ଗାଲୁରୁ, ୨୩।୮(ପି.ଟି.)- ଚଳିତ ଏଏଫ୍‌ସି କପ୍ ଇଣ୍ଟର ଜୋନ ପ୍ରତିଯୋଗିତାରେ ବେଙ୍ଗାଲୁରୁ ଏଫ୍‌ସି ଦଳ ଲଢୁଆ ପ୍ରଦର୍ଶନ କରିବା ସତ୍ତ୍ୱେ ସେମିଫାଇନାଲରେ ପରାଜିତ ହୋଇଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୨-୩ ଗୋଲ୍‌ରେ ତୁର୍କମେନିସ୍ତାନ କ୍ଲବ ଆଲଟ୍ୟାନ ଆସ୍ୟାର ଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ତୁର୍କମେନିସ୍ତାନ କ୍ଲବ ପକ୍ଷରୁ ଦୁଇଟି ଗୋଲ ହୋଇଥିଲା। ମାତ୍ର ସେମାନେ ସ୍କୋର କରି ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଓ୍ୱାହ୍ୟତ ଓରାଜସାହେଡୋ ୪୬ତମ ଗୋଲ ଦେଇ ଭ୍ରମଣକାରୀ ଦଳକୁ ୩-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଏହାପରେ ରାହୁଲ ଭେକେ (୬୩ତମ) ଓ ଇରିକ ପାର୍ଟାଲୁ (୮୮ତମ) ସ୍କୋର କରି ଆଲଟ୍ୟାନ ଆସ୍ୟା କ୍ଲବର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ।

# ୧୫ ବର୍ଷୀୟ ଶୁଟର୍ ଶାର୍ଦ୍ଦୁଳଙ୍କୁ ରୌପ୍ୟ

ପାଲେମବାଙ୍ଗ, ୨୩।୮(ପି.ଟି.)

ଏସିଆନ୍ ଗେମ୍ସରେ ଭାରତକୁ ଶୁଟିଂରେ ଆଉ ଏକ ରୌପ୍ୟ ପଦକ ମିଳିଛି। ୧୬ ବର୍ଷୀୟ ସୌରଭ ଚୌଧୁରୀ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିବା ପରେ ଆଉ ଜଣେ ସ୍ୱଳ୍ପ ବୟସ୍କ ଶୁଟର ଦେଶ ପାଇଁ ପଦକ ଜିତିଛନ୍ତି। ଗୁରୁବାର ପଞ୍ଚମ ଦିବସରେ ଭାରତର ୧୫ ବର୍ଷୀୟ ଶାର୍ଦ୍ଦୁଳ ବିହାନ ପୁରୁଷ ଡବଲ ଟ୍ରାପ୍ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍ତରପ୍ରଦେଶର ମିରଟ ସହରର ଶାର୍ଦ୍ଦୁଳ ଫାଇନାଲରେ ୭୩ ଶୁଟ୍ କରିଥିଲେ। ଫାଇନାଲକୁ ଯିବା ପୂର୍ବରୁ ସେ ଯୋଗ୍ୟତାପର୍ଯ୍ୟାୟରେ ମଧ ଦମ୍‌ଦାର ପ୍ରଦର୍ଶନ କରି ଶୀର୍ଷ ସ୍ଥାନରେ ରହିଥିଲେ।

ତେବେ ଏହି ଇଭେଣ୍ଟରେ ଦକ୍ଷିଣ କୋରିଆର ୩୪ ବର୍ଷୀୟ ହ୍ୟୁନଉ ଶିନ୍ ସ୍ୱର୍ଣ୍ଣ ଓ କାତାରର ୪୨ ବର୍ଷୀୟ ଶୁଟର ହମାଦ ଅଲି ଅଲ ମାରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ସାଧାରଣ ଶଟ୍‌ଗନ୍ ଇଭେଣ୍ଟରେ ବୟସ୍କ ଶୁଟର ପ୍ରାଧାନ୍ୟବିସ୍ତାର କରିଥିବା ଲକ୍ଷ୍ୟ କରାଯାଏ। କିନ୍ତୁ ଗୁରୁବାର ଏପରି ହୋଇ ନ ଥିଲା। ୨୦୦୩ରେ ଜନ୍ମଗ୍ରହଣ କରିଥିବା ଶାର୍ଦ୍ଦୁଳ ଏବେ ମିରଟର ମୋଦିପୁରମ୍ ସ୍ଥିତ ଦୟାବତୀ ମୋଦି ଏକାଡେମୀରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଅଭିଜ୍ଞ ତଥା ବୟସ୍କ ଶୁଟରଙ୍କ ଉପସ୍ଥିତି ତାଙ୍କୁ ଆଦୌ ବିଚଳିତ କରି ନ ଥିଲା। ବ୍ରୋଞ୍ଜ ପଦକ ଜିତିଥିବା ହମାଦ ବୟସରେ ତାଙ୍କଠାରୁ ୩ ଗୁଣା ହେବେ। ଶାର୍ଦ୍ଦୁଳଙ୍କ ରୌପ୍ୟ ସହ ଭାରତ ଜାକାବାରିଙ୍ଗ୍ ଶୁଟିଂ ରେଞ୍ଜ୍‌ରେ ମୋଟ ଉପରେ ଅଷ୍ଟମ ପଦକ ହାସଲ କରିଛି।

ଏବେ ଭାରତୀୟ ଶୁଟରମାନେ ଅଳ୍ପ ବୟସରେ ବଡ଼ ବଡ଼ ଇଭେଣ୍ଟରେ ପଦକ ଜିତିବାର ଅଭ୍ୟାସ ଆରମ୍ଭ କଲେଣି। ଏହାପୂର୍ବରୁ ୧୫ ବର୍ଷରେ ଅନିଶ ଭାନୱାଲା ଓ ୧୬ ବର୍ଷରେ ମନୁ ଭାକର



ରୌପ୍ୟପଦକ ସହ ଯୁବ ଶୁଟର ଶାର୍ଦ୍ଦୁଳ ବିହାନ।

ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୪ ବର୍ଷ ତଳେ ଶାର୍ଦ୍ଦୁଳ ଶୁଟିଂକୁ ଗୁରୁତ୍ୱର ସହ ଗ୍ରହଣ କରି କ୍ୟାରିୟର ଆରମ୍ଭ କରିଥିଲେ। ସେ ଶାମଲିରେ ରହୁଥିବା କୋଚ୍ ଅନୱର ସୁଲତାନଙ୍କ ତତ୍ତ୍ୱାବଧାନରେ ଶୁଟିଂ ଶିକ୍ଷା କରିବା ଆରମ୍ଭ କରିଥିଲେ। ଶାର୍ଦ୍ଦୁଳଙ୍କ ଏହି ସଫଳତାରେ କୋଚ୍ ଅନୱର ବେଶ୍ ଖୁସି ଜାହିର କରିଛନ୍ତି। ଏବେ ଟ୍ରାପ୍ ଇଭେଣ୍ଟ ପାଇଁ ତାଙ୍କୁ ପ୍ରସ୍ତୁତ କରାଇବି ବୋଲି ସେ କହିଛନ୍ତି। ଶାର୍ଦ୍ଦୁଳଙ୍କ ପାଖରେ ଅସାଧାରଣ ପ୍ରତିଭା ରହିଛି ଓ ଆଗକୁ ସେ ଆହୁରି ସଫଳ ହେବେ ବୋଲି ସୁଲତାନ ଆଶା ପ୍ରକାଶ କରିଛନ୍ତି। ସମୟ ଅଭାବ ସତ୍ତ୍ୱେ ପାଠପଢା ଓ ଶୁଟିଂରେ ସେ ସନ୍ତୁଳନ ରକ୍ଷା କରି ମାତ୍ର ୧୫ ବର୍ଷ ବୟସରେ ଏସିଆନ ଗେମ୍ସ ରୌପ ପଦକ ହାସଲ କରିବା ଏକ ବଡ଼ ସଫଳତା ବୋଲି ଶାର୍ଦ୍ଦୁଳଙ୍କ ଦାଦା ମନୋଜ କହିଛନ୍ତି। ପୂର୍ବରୁ ମୁଁ ନର୍ଥ ଜୋନ୍ ମିଟ୍‌ରେ ଏକ ପଦକ ହାସଲ କରିଥିଲି ବୋଲି ଶାର୍ଦ୍ଦୁଳ କହିଛନ୍ତି।

ଡାହାଣହାତି ଶୁଟର ଶାର୍ଦ୍ଦୁଳ ୨୦୧୭ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୬୧ତମ ଶଟ୍‌ଗନ୍ ଜାତୀୟ ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ୪ଟି ନ୍ୟାଶନାଲ ଟାଇଟଲ ହାସଲ କରିଥିଲେ। ସେହିପରି ଜର୍ମାନୀରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍‌ରେ ମଧ ସେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଭାରତୀୟ କୋଚ୍ ମାନଶେର ସିଂ ଶାର୍ଦ୍ଦୁଳଙ୍କ ପ୍ରଦର୍ଶନକୁ ତାରିଫ କରିଛନ୍ତି। ସବୁ ପ୍ରତିଯୋଗୀ ମୋଠାରୁ ଅଧିକ ବୟସର ଓ ଏଥିପାଇଁ ମୋତେ ମାନେଶର ସାର୍ ନିର୍ଭୀକ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ପରାମର୍ଶ ଦେଇଥିଲେ ବୋଲି ଶାର୍ଦ୍ଦୁଳ କହିଛନ୍ତି। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ (ଏନ୍ଆରଏଆଇ) ଅଧ୍ୟକ୍ଷ ରନିନ୍ଦର ସିଂ ମଧ ଏହି ଐତିହାସିକ ପ୍ରଦର୍ଶନ ପାଇଁ ଶାର୍ଦ୍ଦୁଳଙ୍କୁ ତାରିଫ କରିଛନ୍ତି।

ପୁରୁଷ ଡବଲ ଟ୍ରାପ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ଶୁଟର ଅଙ୍କୁର ମିତ୍ତଲ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ। ଶ୍ରେୟାସି ସିଂ ଓ ବର୍ଷା ବର୍ମନ ମଧ ନିରାଶ କରିଥିଲେ। ମହିଳା ଡବଲ ଟ୍ରାପ୍‌ରେ ଏହି ଦୁଇ ଖେଳାଳି ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

## ପୁରୁଷ ଦଳର ବିପର୍ଯ୍ୟୟ, ଫାଇନାଲରେ ମହିଳା



ପୁରୁଷ କବାଡିରେ ଭାରତ ଓ ଇରାନ ମଧରେ ଅନୁଷ୍ଠିତ ମ୍ୟାଚ।

ଜାକର୍ତ୍ତା, ୨୩।୮(ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ କବାଡି ଦଳର ପତିଆରା ଶେଷରେ କ୍ଷୁର୍ଣ୍ଣ ହୋଇଛି। ଇତିହାସରେ ପ୍ରଥମଥର ପାଇଁ ଭାରତୀୟ ପୁରୁଷ କବାଡ଼ି ଦଳ ଫାଇନାଲକୁ ଉଠିବାରେ ବିଫଳ ହେବା ସହ ପ୍ରଥମଥର ପାଇଁ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଫଳରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଦୌଡରୁ ଭାରତ ବାଦ ପଡିବା ସହ ଶେଷରେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଭାରତ ଇରାନଠାରୁ ପରାସ୍ତ ହୋଇ ଝଟ୍‌କା ଖାଇଛି । ପୂର୍ବରୁ ଏସିଆଡ୍‌ରେ ଭାରତୀୟ ପୁରୁଷ ଦଳ ସବୁବେଳେ ସ୍ୱର୍ଣ୍ଣ ପଦକ ହାସଲ କରି ଆସୁଥିଲା। କ୍ରମାଗତ ୭ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ ସେମିରେ ଇରାନଠାରୁ ୧୮–୨୭ରେ ପରାସ୍ତ ହୋଇଛି। ପରାଜୟ ପରେ କେତେକ ଭାରତୀୟ ଖେଳାଳିଙ୍କ ଆଖିରେ ଲୁହ ଆସିଯାଇଥିଲା। ଇରାନ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ବାଜି ମାରିଥିଲା। ଏହି ମ୍ୟାଚରେ ଭାରତ ଚାପର ସମ୍ମୁଖୀନ ହୋଇଥିବା ପରିଲକ୍ଷିତ ହୋଇଥିଲା। ଭାରତୀୟ ପୁରୁଷ ଦଳ ପୂର୍ବରୁ ୭ଥର ସ୍ୱର୍ଣ୍ଣ ଜିତିଥିଲା।

ଅପରପକ୍ଷରେ ଭାରତୀୟ ମହିଳା କବାଡ଼ି ଦଳ କ୍ରମାଗତ ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିବା ସହ ଚାଇନିଜ ତାଇପେଇକୁ ୨୭– ୧୪ରେ ପରାସ୍ତ କରି ଫାଇନାଲକୁ ଉଠିଛି। ଗତ ଦୁଇଟି ସଂସ୍କରଣରେ ଭାରତ ସ୍ୱର୍ଣ୍ଣ ଜିତିଥିଲା। ପୁଣି ଭାରତୀୟ ମହିଳା ଦଳ ମଧ ୨୦୧୨, ୨୦୧୩ ଓ ୨୦୧୪ରେ ୩ଥର ବିଶ୍ୱକପ୍ ହାସଲ କରିଥିଲା। ଏବେ ଫାଇନାଲରେ ଭାରତ ଇରାନ୍ କିମ୍ବା ଥାଇଲାଣ୍ଡକୁ ଭେଟିବ। ଗ୍ରୁପ୍ ଏରେ ଶୀର୍ଷ ସ୍ଥାନରେ ରହିବା ସହ ଭାରତ ସେମିରେ ପ୍ରବେଶ କରିଥିଲା।

## ନିରାଶ କଲେ ଭାରତୀୟ ରୋୟର

ପାଲେମବାଙ୍ଗ, ୨୩।୮(ପି.ଟି.)

ଏସିଆନ ଗେମ୍ସ ରୋଇଂରେ ଭାରତୀୟ ରୋୟରମାନେ ଗୁରୁବାର ମାମୁଲି ପ୍ରଦର୍ଶନ କରିଛନ୍ତି। ଭାରତ ପାଖାପାଖି ୪ଟି ମେଡାଲ ହାତଛଡ଼ା କରିଛି। ଏଥି ମଧ୍ୟରେ ପୁରୁଷ ସିଙ୍ଗଲ ସ୍କଲ୍ସ ଓ ଡବଲ ସ୍କଲ୍ସ ମଧ ସାମିଲ ରହିଛି।

ସ୍ୱର୍ଣ୍ଣ ଫେଭରାଇଟ ଦତ୍ତୁ ଭୋକାନାଲ ସିଙ୍ଗଲ ସ୍କଲ୍ସ ଫାଇନାଲରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହା ଭାରତ ପାଇଁ ଜବରଦସ୍ତ ଝଟ୍‌କା ସଦୃଶ ହୋଇଛି। ସେହିପରି ଡବଲ ସ୍କଲ୍ସରେ ଭାରତକୁ ଆହୁରି ନିରାଶ ହେବାକୁ ପଡିଛି। ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଫେଭରାଇଟ ସାୱର୍ଣ୍ଣ ସିଂ ଓ ଓମ୍ ପ୍ରକାଶ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେହିପରି ପୁରୁଷ ପେୟାର ଇଭେଣ୍ଟରେ ଭାରତ ମଲକିତ ସିଂ ଓ ଗୁରିନ୍ଦର ସିଂ ଅଳ୍ପକେ ବ୍ରୋଞ୍ଜ୍ ପଦକରୁ ବଞ୍ଚିତ ହୋଇଛନ୍ତି। ପୁରୁଷ ଲାଇଟୱେଟ୍ ଫୋରରେ ଚତୁର୍ଥ ସ୍ଥାନରେ ରହିଛି। ତେବେ ଶୁକ୍ରବାର ଭାରତ ରୋଇଂରେ କେତେଟି ପଦକ ଜିତିବା ଆଶା କରାଯାଉଛି।

## ଖାଡେଙ୍କ ନୂତନ ଜାତୀୟ ରେକର୍ଡ

ଜାକର୍ତ୍ତା, ୨୩।୮(ପି.ଟି.)

ବିର୍ଦ୍ଧୱାଲ ଖାଡେ ୫୦ ମିଟର ବଟରଫ୍ଲାଏ ସନ୍ତରଣ ଇଭେଣ୍ଟରେ ନୂତନ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ଖାଡେ ଯୋଗ୍ୟତା ପର୍ଯ୍ୟାୟରେ ୨ୟ ହିଟ୍ ଅଂଶଗ୍ରହଣ କରି ରେସ୍‌କୁ ୨୪.୦୯ ସେକେଣ୍ଡରେ ଶେଷ କରି ନିଜ ରେକର୍ଡ ଭାଙ୍ଗିଛନ୍ତି। ସେ ୯ ବର୍ଷ ପୂର୍ବେ ଜାତୀୟ ରେକର୍ଡର (୨୪.୧୪ ସେ.) ଅଧିକାରୀ ହୋଇଥିଲେ। କିନ୍ତୁ ସେ ପଦକ ପର୍ଯ୍ୟାୟରେ ସେ ବିଫଳ ହୋଇଛନ୍ତି। ସେ ଫାଇନାଲ ରେସ୍‌କୁ ୨୪.୪୮ ସେକେଣ୍ଡ ଶେଷ କରି ଅନ୍ତିମ ତଥା ୮ମ ସ୍ଥାନରେ ରହିଥିଲେ।

## ଅଙ୍କିତାଙ୍କୁ ବ୍ରୋଞ୍ଜ୍, ଆଉ ୨ ପଦକ ନିଶ୍ଚିତ

ପାଲେମବାଙ୍ଗ, ୨୩।୮ (ପି.ଟି.)

ଏସିଆନ୍ ଗେମ୍ସ ଟେନିସ୍‌ରେ ଗୁରୁବାର ଭାରତ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି। ମହିଳା ଖେଳାଳି ଅଙ୍କିତା ରାଇନା ବ୍ରୋଞ୍ଜ୍ ପଦକ ହାସଲ କରିଥିବା ବେଳେ ଭାରତ ପାଇଁ ଆଉ ୨ ପଦକ ନିଶ୍ଚିତ ହୋଇଛି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ବିଶ୍ୱର ୧୮୯ତମ ଖେଳାଳି ଅଙ୍କିତା ବିଶ୍ୱର ୩୪ ନମ୍ବର ଖେଳାଳି ଟପ୍ ସିଡ୍ ଚାଇନାର ଶୁଆଇ ଝାଙ୍ଗଙ୍କଠାରୁ ୪–୬, ୬–୭ ସେଟରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ୨୫ ବର୍ଷୀୟା ଅଙ୍କିତା ବେଶ୍ ଲଢୁଆ ପ୍ରଦର୍ଶନ କରିଥିଲେ ମଧ ବିଜୟୀ ହୋଇ ପାରି ନ ଥିଲେ। ସାନିଆ ମିର୍ଜାଙ୍କ ପରେ ଅଙ୍କିତା ଦ୍ୱିତୀୟ ମହିଳା ଖେଳାଳି ଭାବେ ସିଙ୍ଗଲ୍ସରେ ଏସିଆନ ଗେମ୍ସ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ସାନିଆ ୨୦୦୬ ଦୋହା ଏସିଆଡ୍‌ରେ ରୌପ୍ୟ ଓ ୨୦୧୦ ଗୁଆଝଉ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ଅଙ୍କିତା ରାଇନା।

ସେହିପରି ପୁରୁଷ ଡବଲ୍ସ ଇଭେଣ୍ଟରେ ଅଭିଜ୍ଞ ଭାରତୀୟ ଯୋଡି ରୋହନ ବୋପାନ୍ନା ଓ ଦିଭିଜ୍ ଶରଣ ସେମିଫାଇନାଲରେ ବିଜୟୀ ହୋଇ ଫାଇନାଲକୁ ଉଠିଛନ୍ତି। ଫଳରେ ଅତିକମର ଏହି ଯୋଡି ରୌପ୍ୟ ପଦକ ଜିତିବା ନିଶ୍ଚିତ ହୋଇଛି। ତେବେ ଶୁକ୍ରବାର ସ୍ୱର୍ଣ୍ଣ ପଦକ ପାଇଁ ଏହି ଯୋଡି ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ବୋପାନ୍ନା– ଶରଣ ସେମିରେ ଜାପାନର କାଟିଓ ଉସୁଗି ଓ ଶୋ ଶିମାବୁକୁରୋଙ୍କୁ ୪–୬,୬–୩,୧୦–୮ ସେଟରେ ହରାଇ ଫାଇନାଲକୁ ଉଠିଛନ୍ତି।

ସେହିପରି ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୬୧ ନମ୍ବର ଖେଳାଳି ଭାରତର ପ୍ରାଜନେଶ ଗୁଣେଶ୍ୱରନ କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆର ୨୭୩ ନମ୍ବର ଖେଳାଳି କ୍ୱୋନ ସୁନଉଙ୍କୁ ୬–୭, ୬–୪, ୭–୬ ମାରାଥନ ସେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ଗୁଣେଶ୍ୱରନଙ୍କୁ ୪ ଘଣ୍ଟା ଆବଶ୍ୟକ ହୋଇଥିଲା। ଫଳରେ ସେ ଅତିକମ୍‌ରେ ବ୍ରୋଞ୍ଜ ଜିତିବା ନିଶ୍ଚିତ ହୋଇଛି।

## ସ୍କ୍ୱାଶରେ ଘୋଷାଲ– ସାନ୍ଧୁ ପଦକ ନିଶ୍ଚିତ କଲେ

ଜାକର୍ତ୍ତା, ୨୩।୮(ପି.ଟି.)

ଏସିଆନ୍ ଗେମ୍ସରେ ଭାରତ ସ୍କ୍ୱାଶରେ ଅତିକମ୍‌ରେ ଏକ ବ୍ରୋଞ୍ଜ୍ ପଦକ ନିଶ୍ଚିତ କରିଛି। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଭାରତ ସୌରଭ ଘୋଷାଲ ଓ ହରିନ୍ଦର ପାଲ ସାନ୍ଧୁ ପରସ୍ପରକୁ ଭେଟିବେ। ଫଳରେ ଜଣେ ଭାରତୀୟ ଖେଳାଳି ସେମିକୁ ଉଠିବେ। ଫଳରେ ଭାରତକୁ ଗୋଟିଏ ବ୍ରୋଞ୍ଜ୍ ମିଳିବା ନିଶ୍ଚିତ ହୋଇଛି। ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ଜ୍ୟୋତ୍ସ୍ନା ଚିନାପ୍ପା ଓ ଦୀପିକା ପାଲିକଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଘୋଷାଲ ଶ୍ରୀଲଙ୍କାର ମହମ୍ମଦ ଇସ୍‌ମାଇଲ ମୁକ୍ତାର ୱାକିଲଙ୍କୁ ୧୧–୨୧, ୧୧–୨, ୧୧–୧ ସିଧା ସଳଖ ଗେମ୍ସରେ ପ୍ରଥମେ ପରାସ୍ତ କରିଥିଲେ। ସେହିପରି ସାନ୍ଧୁ କୋରିଆର କୋ ୟୋଙ୍ଗଜୋଙ୍କୁ ୧୧–୮, ୧୧–୩, ୧୧–୫ରେ ପ୍ରଥମେ ହରାଇ ଅଗ୍ରଗତି କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଘୋଷାଲ ପାକିସ୍ତାନର ଅସଲାମ ତାଏବଙ୍କୁ ୧୧–୫, ୧୧–୩, ୧୧–୧୩, ୧୧–୮ରେ ଓ ସାନ୍ଧୁ ଫିଲିଫାଇନ୍ସର ଗାର୍ସିଆ ରୋବର୍ଟ ଆଣ୍ଟୁୟଙ୍କୁ ୧୧–୪, ୨–୧୧, ୧୨–୧୦, ୧୫–୧୩ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୫୫ | ୪୦ | ୨୧ | ୧୧୬ |
| ଜାପାନ | ୨୫ | ୨୮ | ୩୩ | ୮୬ |
| କୋରିଆ | ୧୬ | ୨୦ | ୨୭ | ୬୩ |
| ଇରାନ | ୧୦ | ୯ | ୮ | ୨୭ |
| ଇଣ୍ଡୋନେସିଆ | ୮ | ୬ | ୧୦ | ୨୪ |
| ଥାଇଲାଣ୍ଡ | ୬ | ୪ | ୧୬ | ୨୬ |
| ଉତ୍ତର କୋରିଆ | ୬ | ୨ | ୫ | ୧୩ |
| ଚାଇନିଜ୍ ତାଇପେ | ୫ | ୬ | ୧୧ | ୨୨ |
| ଉଜବେକିସ୍ତାନ | ୪ | ୮ | ୭ | ୧୯ |
| ଭାରତ | ୪ | ୪ | ୧୦ | ୧୮ |

## ସିନ୍ଧୁ, ସାଇନା ଦ୍ୱିତୀୟ ରାଉଣ୍ଡରେ

ଜାକର୍ତ୍ତା, ୨୩।୮(ପି.ଟି.)

ଏସିଆନ ଗେମ୍ସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଦୁଇ ଭାରତୀୟ ମହିଳା ତାରକା ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ବିଜୟ ଅଭିଯାନ ଆରମ୍ଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ଓପନିଂ ରାଉଣ୍ଡରେ ବିଶ୍ୱର ୫୨ ନମ୍ବର ଖେଳାଳି ଭୁ ଥି ଟ୍ରାଙ୍ଗ୍‌ଠାରୁ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇଥିଲେ ମଧ ଶେଷରେ ୨୧– ୧୦, ୧୨–୨୧, ୨୩–୨୧ରେ ୫୨ ମିନିଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

ସେହିପରି ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ଇରାନର ସୋରାୟା ଅଖାଜିଆଘଙ୍କୁ ମାତ୍ର ୨୬ ମିନିଟରେ ୨୧– ୭, ୨୧– ୯ରେ ଅତି ସହଜରେ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଉଭୟ ଖେଳାଳି ଇଣ୍ଡୋନେସିଆ ଖେଳାଳିମାନଙ୍କୁ ଭେଟିବେ। ସିନ୍ଧୁ ତୁନଜୁଙ୍ଗ ଗ୍ରିଗୋରିଆ ମାରିସ୍କାଙ୍କୁ ଓ ସାଇନା ଫିଟ୍ରିଆନିଙ୍କୁ ଭେଟିବେ।





ରିଟର୍ନ ଶଟ୍ ଅବସରରେ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ।

ସେହିପରି ମହିଳା ଡବଲ୍ସ ଇଭେଣ୍ଟରେ ଭାରତ ଅଶ୍ୱିନୀ ପୋନାପ୍ପା ଓ ଏନ୍ ସକ୍କି ରେଡ୍ଡୀ ୨୧–୧୬, ୨୧–୧୫ରେ ହଂକଂର ଏନ୍‌ଜି ୱିଙ୍ଗ୍ ୟୁଙ୍ଗ୍ ଓ ୟେୟୁଙ୍ଗ ଏନଗାଟିଙ୍ଗ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ପୁରୁଷ ଡବଲ୍ସରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟପଦକ ବିଜେତା ଭାରତର ଚିରାଗ ଶେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ହଂକଂର ୟୋନି ଚ୍ଛୁଙ୍ଗ୍ ଓ ଚୁନ ହେଇ ଟାମଙ୍କୁ ୨୧–୧୨, ୨୧– ୧୪ରେ ହରାଇ ଅଗ୍ରଗତି କରିଛନ୍ତି।

### ଋତୁପର୍ଣ୍ଣା ପଣ୍ଡା ହାରିଲେ

ମହିଳା ଡବଲ୍ସରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ଓ ଆରତି ସୁନିଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ଯୋଡି ୧୧–୨୧,୬– ୨୧ରେ ଥାଇଲାଣ୍ଡର ଛାୟାନ୍ତି ଚଲଡଚାଲମ ଓ ଫାଟାଇମାସ ମୁଏନୱଙ୍ଗଙ୍କଠାରୁ ପରାସ୍ତ ହୋଇଛନ୍ତି।



“ ସାଉଥାମ୍ପଟନଠାରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରେ ଭାରତ ବିଜୟ ହାସଲ କରିପାରେ, କାରଣ ସେଠିକାର କଣ୍ଡିଶନ ଓ ପିଚ୍ ଭାରତୀୟଙ୍କୁ ସୁହାଇବ।

–ହରଭଜନ ସିଂ, ଭେଟେରାନ ଅଫ୍ ସ୍ପିନର



“ ୟୋ ୟୋ ଟେଷ୍ଟରେ ଫେଲ୍ ହେବାରୁ ମୁଁ ଇଂଲଣ୍ଡ ଟୁର୍‌ରେ ସାମିଲ ହୋଇ ପାରିଲିନି। ଏଥିପାଇଁ ଦୁଃଖିତ ଥିଲେ ମଧ୍ୟ ଏହି ବ୍ୟବସ୍ଥାକୁ ମୁଁ ବିରୋଧ କରେନି।

–ଅମ୍ବାତି ରାୟୁଡୁ, ଭାରତୀୟ କ୍ରିକେଟର

**ସଂକ୍ଷେପରେ**

## ଟି୨୦ ଫର୍ମାଟରୁ ଝୁଲଣଙ୍କ ଅବସର



ନୂଆଦିଲ୍ଲୀ,୨୩।୮-ଭାରତୀୟ ମହିଳା ଦଳର ପେସର ଝୁଲଣ ଗୋସ୍ୱାମୀ ଗୁରୁବାର ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଛନ୍ତି। ଫଳରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳକୁ ଅଭିଜ୍ଞ ବୋଲରଙ୍କ ବିନା ଖେଳିବାକୁ ପଡ଼ିବ। ୱେଷ୍ଟଇଣ୍ଡିଜ୍‌ଠାରେ ଚଳିତବର୍ଷ ନଭେମ୍ବରରେ ଏହି ଆଇସିସି ଇଭେଣ୍ଟ ଖେଳାଯିବ। ୨୦୦୬ରୁ ଆରମ୍ଭ ହୋଇଥିବା ଛୋଟିଆ ଫର୍ମାଟରେ ସେ ୬୮ ମ୍ୟାଚ୍ ଖେଳିଛନ୍ତି। ୩୫ ବର୍ଷୀୟା ବୋଲର ୫୮ ଉଇକେଟ ନେଇଛନ୍ତି। ଏହି ଫର୍ମାଟରେ ୨୦୧୨ ଅଷ୍ଟ୍ରେଲିଆ ବିପକ୍ଷରେ ୧୧ ରନ୍ ବିନିମୟରେ ୫ ଉଇକେଟ ନେଇଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ତାଙ୍କ ବ୍ୟତୀତ ସ୍ପିନର ପୁନମ ଯାଦବ(୫୩) ଓ ଏକତା ବିସ୍ତ (୫୦) ଭାରତୀୟ ବୋଲର ଭାବେ ୫୦ରୁ ଉର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ତେବେ ସେ ଦିନିକିଆ ଫର୍ମାଟରେ ଜାତୀୟ ଦଳ ଲାଗି ଉପଲବ୍ଧ ରହିବେ ବୋଲି ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି, ଝୁଲଣ ଅନ୍ତର୍ଜାତୀୟ ଦିନିକିଆରେ ସର୍ବାଧିକ ଉଇକେଟ ନେଇଥିବା ବୋଲର। ସେ ଏକମାତ୍ର ବୋଲର ଭାବେ ୨୦୦ ଦିନିକିଆ ଉଇକେଟ ନେଇଛନ୍ତି। ଏହାବାଦ୍ ସେ ଏକମାତ୍ର ଭାରତୀୟ ବୋଲର ଭାବେ ସମସ୍ତ ଫର୍ମାଟରେ ୫ ଉଇକେଟ ହାସଲ ନେଇଛନ୍ତି।

# ଶୀର୍ଷକୁ ଫେରିଲେ କୋହଲି

ଦୁବାଇ, ୨୩।୮(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନଟିଂହାମରେ ଇଂଲଣ୍ଡ ବିପକ୍ଷରେ ସମାପ୍ତ ହୋଇଥିବା ୩ୟ ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ କୋହଲି ଶୀର୍ଷ ସ୍ଥାନକୁ ଫେରିବାରେ ସଫଳ ହୋଇଛନ୍ତି। ଏହି ମ୍ୟାଚ୍‌ର ଉଭୟ ଇନିଂସରେ କୋହଲି ଯଥାକ୍ରମେ ୯୭ ଓ ୧୦୩ ରନ ସମେତ ମୋଟ୍ ୨୦୦ ରନ ସଂଗ୍ରହ କରିଥିଲେ। କୋହଲିଙ୍କ ଏହି ଇନିଂସ ଯୋଗୁ ଭାରତ ମ୍ୟାଚ୍‌କୁ ୨୦୩ ରନର ବୃହତ ବ୍ୟବଧାନରେ ଜିତି ନେଇଥିଲା। ଚଳିତ ସିରିଜର ପ୍ରଥମ ମ୍ୟାଚ୍‌ର ଉଭୟ ଇନିଂସରେ କୋହଲି ଯଥାକ୍ରମେ ୧୪୯ ଓ ୫୧ ରନର ଇନିଂସ ଖେଳିଥିଲେ। ଏହି ଇନିଂସ ଯୋଗୁ ସେ ପ୍ରଥମଥର ଲାଗି ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ଲାଭ କରିଥିଲେ। ତେବେ ଲର୍ଡ୍ସ ଟେଷ୍ଟରେ ନୈରାଶ୍ୟଜନକ ବ୍ୟାଟିଂ ପ୍ରଦର୍ଶନ ଯୋଗୁ ତାଙ୍କୁ ଶୀର୍ଷ ମାନ୍ୟତା ହରାଇବାକୁ ପଡ଼ିଥିଲା। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ କୋହଲିଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୯୩୭ ରହିଛି, ଯାହା ସର୍ବକାଳୀନ ଏକାଦଶତମ ରେଟିଂ ପଏଣ୍ଟ। ଟପ୍-୧୦ ରେଟିଂ ପଏଣ୍ଟ ମଧ୍ୟରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସାର୍ ଡନ୍ ବ୍ରାଡ୍‌ମ୍ୟାନ (୯୬୧ ପଏଣ୍ଟ) ରହିଥିବାବେଳେ ଷ୍ଟିଭ ସ୍ମିଥ୍ (୯୪୭), ଲେନ୍ ହଟନ (୯୪୫), ଜ୍ୟାକ ହବ୍ସ (୯୪୨), ରିକି ପଣ୍ଟିଂ (୯୪୨), ପିଟର ମେ (୯୪୧), ଗ୍ୟାରୀ ସୋବର୍ସ, କ୍ଲାଏଡ୍ ୱାଲକଟ୍, ଭିଭିଆନ୍ ରିଚାର୍ଡ୍ସ ଓ କୁମାର ସଙ୍ଗକାରା (ସମସ୍ତେ ୯୩୮ ପଏଣ୍ଟ) ପର୍ଯ୍ୟାୟକ୍ରମେ ପଛକୁ ପଛ ରହିଛନ୍ତି।

## ବ୍ରାଡମ୍ୟାନ, ପଣ୍ଟିଂଙ୍କୁ ଟପିଲେ

ନୂଆଦିଲ୍ଲୀ,୨୩।୮(ପି.ଟି.)

ବିରାଟ କୋହଲି ପ୍ରଥମ ଟେଷ୍ଟ ଅଧିନାୟକ ଭାବେ ଦଳର ବିଜୟ ଲାଗି ୭ମ ଥର ୨୦୦ କିମ୍ବା ତାଠାରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ଏହି କ୍ଷେତ୍ରରେ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନ ଓ ରିକି ପଣ୍ଟିଂଙ୍କୁ ଅତିକ୍ରମ କରିଛନ୍ତି। ଉଭୟେ ପୂର୍ବତନ ଅଷ୍ଟ୍ରେଲିଆନ ୬ ଥର ଦଳୀୟ ବିଜୟରେ ୨୦୦ କିମ୍ବା ତାଠାରୁ ଉର୍ଦ୍ଧ୍ୱ ରନ କରିଥିଲେ। ଏହି ତାଲିକାରେ କୋହଲିଙ୍କ ବ୍ୟତୀତ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରହିଛନ୍ତି। ୨୦୧୩ରେ ଚେନ୍ନାଇଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ୨୨୪ ରନ୍ କରିଥିଲେ।



ଏହାବାଦ୍ ଭାରତୀୟ ଅଧିନାୟକ ଭାବେ କୋହଲି ୧୦ମ ଥର ଲାଗି ଦ୍ୱିଶତକ ମାରିଛନ୍ତି। ଯେ କୌଣସି ଭାରତୀୟ ଅଧିନାୟକଙ୍କ ପାଇଁ ଏହା ମଧ୍ୟ ଏକ ରେକର୍ଡ।

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟ୍ସମ୍ୟାନ ତାଲିକାରେ ୨ୟ ସର୍ବୋଚ୍ଚ ଭାରତୀୟ ଖେଳାଳି ଭାବେ ଚେତେଶ୍ୱର ପୂଜାରା (୬ଷ୍ଠ) ରହିଛନ୍ତି। ନଟିଂହାମ ଟେଷ୍ଟରେ ଭଲ ଇନିଂସ ଖେଳିଥିଲେ ମଧ୍ୟ ତାଙ୍କ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେବେ ଅଜିଙ୍କ୍ୟ ରାହାନେ, ଶିଖର ଧାୱନ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଯଥାକ୍ରମେ ୪ଟି, ୪ଟି ଓ ୮ଟି ସ୍ଥାନ ଉପରକୁ ଉଠିଛନ୍ତି। ରାହାନେ ୧୯ତମ ସ୍ଥାନରେ ରହିଥିବାବେଳେ ଧାୱନ ୨୨ ଓ ପାଣ୍ଡ୍ୟା ୫୧ତମ ସ୍ଥାନ ଲାଭ କରିଛନ୍ତି। ବୋଲିଂ ମାନ୍ୟତାରେ ମଧ୍ୟ ପାଣ୍ଡ୍ୟା ଏକାଥରକେ ୨୩ଟି ପାହାଚ ଉପରକୁ ଉଠି ୫୧ତମ ସ୍ଥାନ ପାଇଛନ୍ତି। ସେହିଭଳି ନଟିଂହାମ ବିଜୟରେ ୫ ଉଇକେଟ୍ ହାସଲ କରିଥିବା ଯଶପ୍ରୀତ୍ ବୁମ୍‌ରା ୮ଟି ପାହାଚ ଲମ୍ଫ ପ୍ରଦାନ କରି କ୍ୟାରିୟର ଶ୍ରେଷ୍ଠ ୩୭ତମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡର ଜୋଶ୍ ବଟ୍‌ଲର ୨୨ଟି ସ୍ଥାନ ଉପରକୁ ଉଠି ୪୭ତମ ସ୍ଥାନରେ ରହିଛନ୍ତି।

## ଶୁଭେନ୍ଦୁଙ୍କୁ ପ୍ରଶିକ୍ଷକ ଦାୟିତ୍ୱ

କଟକ ଅଫିସ,୨୩।୮

ଚାଇନାର ସାଙ୍ଘାଇଠାରେ ୧୫ ବର୍ଷରୁ କମ୍ ବାଳକ ଜୀନସାନ କପ୍ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ନିମନ୍ତେ ଭାରତୀୟ ଦଳ ଗୁରୁବାର କଟକରୁ ଚାଇନା ଅଭିମୁଖେ ଯାତ୍ରା କରିଛି। ଗତ ୫ ତାରିଖରୁ କଟକରେ ଜାତୀୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା। ଘୋଷିତ ଜାତୀୟ ଦଳରେ ଓଡ଼ିଶାର ୨ ଖେଳାଳିଙ୍କୁ ମିଶାଇ ମୋଟ୍ ୪ଜଣ ଉକ୍ତ ଟୁର୍ନାମେଣ୍ଟ ନିମନ୍ତେ ଚାଇନା ଗସ୍ତରେ ଯାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ୨ ଓଡ଼ିଶା ଖେଳାଳି ହେଲେ ପୁରୁଷୋତ୍ତମ କେରକେଟା ଓ ଅମନ ଖାଲ୍‌କୋ। ମୁଖ୍ୟ କୋଚ୍ ଭାବେ ରାଜ୍ୟର ଏଏଫ୍‌ସି-ଏ ଲାଇସେନ୍ସ ପ୍ରାପ୍ତ କୋଚ୍ ଶୁଭେନ୍ଦୁ ପଣ୍ଡା ଓ ଫିଜିଓ ଭାବେ ମୁକ୍ତି ପ୍ରସାଦ ଦାସ ଦଳରେ ରହିଛନ୍ତି। ଶୁକ୍ରବାର ଦିଲ୍ଲୀରେ ପହଞ୍ଚିବା ପରେ ଦଳ ସେଠାରୁ ଚାଇନା ଯାତ୍ରା କରିବ ବୋଲି ଜଣାପଡ଼ିଛି।



ଶୁଭେନ୍ଦୁ ପଣ୍ଡା

## ଆଜିଠାରୁ ରାଜ୍ୟ ସିନିୟର ମହିଳା ଫୁଟ୍‌ବଲ ଶିବିର

କଟକ ଅଫିସ,୨୩।୮

ଆଗାମୀ ଦିନରେ ହେବାକୁ ଥିବା ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ନିମନ୍ତେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ କଟକରେ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ଶିବିର ଶୁକ୍ରବାରଠାରୁ ଆରମ୍ଭ ହେବ। ଶିବିରରେ ଯୋଗଦେବାକୁ ଥିବା ଇଚ୍ଛୁକ ଖେଳାଳିମାନେ ଫାଓ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

## ପୂର୍ବତନ ବ୍ରାଜିଲ ଫୁଟ୍‌ବଲ ମୁଖ୍ୟଙ୍କୁ ୪ବର୍ଷ ଜେଲ୍



ନ୍ୟୁୟର୍କ, ୨୩।୮(ଏଏଫ୍‌ପି):ଫିଫା ଦୁର୍ନୀତି ସ୍କାଣ୍ଡାଲରେ ସମ୍ପୃକ୍ତି ପାଇଁ ଆମେରିକାର ଜଣେ ବିଚାରପତି ୮୬ ବର୍ଷୀୟ ପୂର୍ବତନ ବ୍ରାଜିଲ ଫୁଟ୍‌ବଲ ମୁଖ୍ୟଙ୍କୁ ୪ବର୍ଷ ଜେଲ ଦଣ୍ଡବିଧାନ କରିଛନ୍ତି। କୋପା ଆମେରିକା ଓ କୋପା ଲିବର୍ଟାଡୋର୍ସ ଭଳି ବଡ଼ ଟୁର୍ନାମେଣ୍ଟର ପ୍ରସାରଣ ଅଧିକାର ଚୁକ୍ତି ନେଇ ସ୍ପୋର୍ଟ୍ସ ମାର୍କେଟିଂ କମ୍ପାନୀଗୁଡ଼ିକଠାରୁ ୬.୬ ନିୟୁତ ଆମେରିକୀୟ ଡଲାର ଲାଞ୍ଚ ନେଇଥିବା ଅଭିଯୋଗରେ କୋସ୍ ମାରିଆ ମାରିନ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୫ ମେ ୨୭ରେ ଜୁରିଚ୍‌ର ଏକ ବିଳାସପୂର୍ଣ୍ଣ ହୋଟେଲରୁ ଦୁର୍ନୀତି ଅଭିଯୋଗରେ ଯେଉଁ ୭ଜଣ ଫିଫା ଅଫିସିଆଲ ଗିରଫ ହୋଇଥିଲେ ସେମାନଙ୍କ ମଧ୍ୟରେ ମାରିନ୍ ଅନ୍ୟତମ ଥିଲେ। ଗିରଫ ୭ଜଣଙ୍କୁ ମଧ୍ୟରୁ ମାରିନ ପ୍ରଥମ ବ୍ୟକ୍ତି ଭାବେ ଆମେରିକା ସଂଘୀୟ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛନ୍ତି।

# ଭାରତ ଏ’, ଭାରତ ବି’ ବିଜୟୀ

ବେଙ୍ଗାଲୁରୁ, ୨୩।୮ (ପି.ଟି.)

ମନୀଷ ପାଣ୍ଡେ (୯୫) ଓ ଅମ୍ବାତି ରାୟୁଡୁ (୬୨)ଙ୍କ ଅପରାଜିତ ବ୍ୟାଟିଂ ସହାୟତାରେ ଭାରତ ବି’ ଓ ଭାରତ ଏ’ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଏ’ ଓ ଅଷ୍ଟ୍ରେଲିଆ ଏ’ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ଚଳିତ ଚତୁଃରାଷ୍ଟ୍ରୀୟ ସିରିଜରେ ଗୁରୁବାର ବର୍ଷା ବାଧାପ୍ରାପ୍ତ ଏକ ମ୍ୟାଚରେ ଭାରତ ବି’ ଡକୱର୍ଥ-ଲୁଇସ୍ ପଦ୍ଧତିରେ ୩୦ ରନରେ ଦକ୍ଷିଣ ଆଫ୍ରିକା ଏ’ ଦଳକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଏ’ ବିପକ୍ଷରେ ଭାରତ ଏ’ ୫ ଉଇକେଟରେ ବିଜୟ ହାସଲ କରିଛି।

ଏଠାରୁ ୪୦ କିଲୋମିଟର ଦୂର ଆଲୁରଠାରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଏ’ ୪୭.୩ ଓଭରରେ ୨୩୧ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରରସେନୁରାନମୁଥୁସ୍ୱାମୀ୫୫ରନ ଏବଂ ଫରହାନ ବେହାର୍ଦ୍ଦିନ ୪୩ ରନ କରିଥିଲେ।

ବୋଲିଂରେ ଭାରତ ବି’ ତରଫରୁ ପ୍ରସିଦ୍ଧ କ୍ରିଷ୍ଣା ୪୯ରନ ବିନିମୟରେ ୪ଟି ଉଇକେଟ ନେଇଥିବା ବେଳେ ଶ୍ରେୟାସ ଗୋପାଳ ତାଙ୍କ ୧୦ ଓଭର ବୋଲିଂରେ ୪୨ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ସିଦ୍ଧାର୍ଥ କାଉଲ, ନବଦୀପ ସଇନି ଓ ଦୀପକ ହୁଡା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ।

ଜବାବରେ ଭାରତ ବି’ ୨୭ ବଲ ବାକି ୫ ଉଇକେଟ ବିନିମୟରେ ୨୧୪ ରନ କରିଥିବାବେଳେ ବର୍ଷା ହୋଇଥିଲା। ଅମ୍ପାୟରମାନେ ବାଧ୍ୟ ହୋଇ ଡି-ଏଲ୍ ପଦ୍ଧତିରେ ଫଳାଫଳ ଘୋଷଣା କରିଥିଲେ।

ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ଭାରତ ବି’ ମାତ୍ର ୨୨ ରନ ସ୍କୋରରେ ଦୁଇଟି ଉଇକେଟ ହରାଇଥିଲା। କିନ୍ତୁ ଶବନମ ଗିଲ୍ (୪୨) ଓ ପାଣ୍ଡେ ତୃତୀୟ ଉଇକେଟରେ ୮୮ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। କେଦାର ଯାଦବ (୨୩) ଓ ଈଶାନ କିଷାନ (୨୪) ଯଥାକ୍ରମେ ସିସାଣ୍ଡା ମଙ୍ଗଲା ଓ ମୁଥୁସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ ମଧ୍ୟ ଦଳକୁ ବିଜୟ ଦ୍ୱାର ଦେଶରେ ପହଞ୍ଚାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକା ଏ’ ପକ୍ଷରୁ ଡେନ୍ ପାଟରସନ ଦୁଇଟି ଉଇକେଟ ଅକ୍ତିଆର କରିଥିବାବେଳେ ତାବ୍ରେଜ୍ ଶାମ୍‌ଶି ମୁଥୁସାମି ଓ ମଙ୍ଗଲା ପ୍ରମୁଖ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ଅନ୍ୟପକ୍ଷରେ ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଏ’ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୩୨ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ଏ’ ଏକଦା ୨୯ରନରେ ଅଧିନାୟକ ଶ୍ରେୟାସ ଆୟାରଙ୍କ ସମେତ ୪ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ରାୟୁଡୁଙ୍କ ଲଢୁଆ ଅର୍ଦ୍ଧ ଶତକ ଏବଂ କ୍ରୁନାଲ ପାଣ୍ଡ୍ୟା (୪୯)ଙ୍କ ଉପଯୋଗୀ ଇନିଂସ ସହାୟତାରେ ଭାରତ ଏ’ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଭାରତ ଏ’ ୩୮.୩ ଓଭରରେ ୫ ଉଇକେଟ ବିନିମୟରେ ୧୫୨ ରନ କରି ମ୍ୟାଚ ଜିତିନେଇଥିଲା। ଅଷ୍ଟ୍ରେଲିଆ ଏ’ ତରଫରୁ ଝେ ରିଚାର୍ଡସନ ୩ଟି ଏବଂ ଆଷ୍ଟନ ଅଗର ଏବଂ ଡି’ ଆର୍ସି ଶର୍ଟ ଗୋଟିଏ ଲେଖାଏଁ ଉଇକେଟ ଦଖଲ କରିଥିଲେ।



ଭାରତ ଏ’ ଓ ଅଷ୍ଟ୍ରେଲିଆ ଏ’ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଚତୁଃରାଷ୍ଟ୍ରୀୟ ସିରିଜ**

## ଜୁନିୟର ବାଳିକା ଜାତୀୟ ଫୁଟବଲ: କ୍ୱାର୍ଟରରେ ଓଡ଼ିଶା

କଟକ ଅଫିସ,୨୩।୮

ଗୋଆଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ଓଡ଼ିଶା ପ୍ରବେଶ କରିଛି । ଲିଗ୍ ପର୍ଯ୍ୟାୟରେ ୨ଟି ଯାକ ମ୍ୟାଚ୍ ଓଡ଼ିଶା ସହଜରେ ବିଜୟୀ ହୋଇଥିଲା । ଗତ ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୮-୨ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିବା ବେଳେ ଗୁରୁବାରର ମ୍ୟାଚ୍‌ରେ ଅରୁଣାଚଳପ୍ରଦେଶକୁ ୪-୦ ଗୋଲରେ ହରାଇଛି । ଅରୁଣାଚଳପ୍ରଦେଶ ବିପକ୍ଷ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଓଡ଼ିଶା ପକ୍ଷରୁ ଗୋଟିଏ ଗୋଲ ହୋଇଥିଲା । ୨୩ତମ ମିନିଟ୍‌ରେ ଦୀପା ନାୟକ ଦେଇଥିବା ଏହି ଗୋଲ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧକୁ ୧-୦ ଗୋଲରେ ଅଗ୍ରଣୀ ରଖିଥିଲା । ସୁସ୍ମିତା ତନ୍ତୀ ୬୯ତମ ମିନିଟରେ ଅନ୍ୟଏକ ଗୋଲ ଦେଇ ଗୋଲ ବ୍ୟବଧାନରେ ବୃଦ୍ଧି ଆଣିଥିଲେ । ମ୍ୟାଚ୍‌ର ଅନ୍ତିମ କିଛି ମିନିଟ୍ ଅର୍ଥାତ୍ ୮୧ତମ ଓ ୮୯ତମ ମିନିଟ୍‌ରେ ମନୀଷା ନାୟକ ୨ଟି ଗୋଲ ଦେବା ଯୋଗୁଁ ଓଡ଼ିଶା ୪-୦ରେ ବିଜୟ ଲାଭ କରିଛି। କ୍ୱାର୍ଟର ମୁକାବିଲାରେ ଓଡ଼ିଶା କେଉଁ ଦଳକୁ ଭେଟିବ ତାହା ଏ ଯାଏଁ ସ୍ଥିର ହୋଇ ନାହିଁ।



ଉତ୍କଳ କରାଟେ ମିଟ୍‌ରେ ଷ୍ଟ୍ରଙ୍ଗ୍ ମ୍ୟାନ୍ ପ୍ରତିଯୋଗିତା ଅବସରରେ ଜଣେ ପ୍ରତିଯୋଗୀ।

# ଡିପିଏସ୍‌କୁ ହରାଇଲା ୟୁନିଟ୍-୬

ଭୁବନେଶ୍ୱର, ୨୩।୮(ସ୍ପୋର୍ଟ୍ସ ବ୍ୟୁରୋ)

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସରକାରୀ ୟୁନିଟ୍-୬ ହାଇସ୍କୁଲ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚ୍‌ରେ ୟୁନିଟ୍-୬ ହାଇସ୍କୁଲ ୧-୦ ଗୋଲରେ ଡିପିଏସ୍ କଳିଙ୍ଗାକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ବିକାଶ ନାୟକ ମ୍ୟାଚ୍‌ର ୩୧ତମ ମିନିଟ୍‌ରେ ଏକମାତ୍ର ଗୋଲ୍‌ଟି କରିଥିଲେ। ୟୁନିଟ୍-୬ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଧୁସୂଦନ ମଲିକ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ସୋନୁ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ସରକାରୀ ୟୁନିଟ୍-୧ ହାଇସ୍କୁଲ ଓ ରାମକୃଷ୍ଣ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ୨ୟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ। ଟାଟା ସ୍ପଞ୍ଜ୍ ଆଇରନ୍‌ର ଏମ୍‌ଡି ସଞ୍ଜୟ ପଟ୍ଟନାୟକ ଓ ବରିଷ୍ଠ ଅଧିକାରୀ ଶ୍ରୀକାନ୍ତ କୁମାର ମିଶ୍ର ଅତିଥି ଭାବେ ୨ୟ ମ୍ୟାଚ୍‌ରେ ଉପସ୍ଥିତ ରହି ୟୁନିଟ୍-୧ ହାଇସ୍କୁଲର ମଳୟ ମାଝିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତପନ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଅମିୟ ମିଶ୍ର, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସରୋଜ ମହାରଣା, ଶ୍ରୀକାନ୍ତ ପଣ୍ଡା, କୀର୍ତ୍ତି ସ୍ୱାଇଁ, ରାଜେନ୍ଦ୍ର ବାରିକ, ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିଲେ। ମହେଶ୍ୱର ସିଂ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର କଳିଙ୍ଗ ବିଦ୍ୟାପୀଠ (ସାମପୁର) ଓ ଡିଏଭି (ୟୁନିଟ-୮) ଏବଂ ଅରବିନ୍ଦ ହାଇସ୍କୁଲ (ଗଣ୍ଡରପୁର) ଓ କିସ୍ ମଧ୍ୟରେ ମୁକାବିଲା ଅନୁଷ୍ଠିତ ହେବ।




ଅତିଥିଙ୍କ ଠାରୁ ମଳୟ ମାଝି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ୟୁଥ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳା, ପୁରୁଷ ହକି ଦଳ ଘୋଷିତ

**ଭାରତୀୟ ପୁରୁଷ ଦଳ**

ଗୋଲକିପର: ପ୍ରଶାନ୍ତ କୁମାର ଚୌହାନ, ପୱନ, ଡିଫେଣ୍ଡର: ରବିଚନ୍ଦ୍ର ସିଂ ମୋଇରଙ୍ଗଥେମ୍, ସଞ୍ଜୟ, ମିଡ୍‌ଫିଲ୍ଡର: ବିବେକ ସାଗର ପ୍ରସାଦ (ଅଧିନାୟକ), ମନିନ୍ଦର ସିଂ, ଫରୱାର୍ଡ: ଶିବମ୍ ଆନନ୍ଦ, ରାହୁଲ କୁମାର ରାଜଭାର, ସୁଦୀପ ଚିରମାକୋ।



ବିବେକ ସାଗର ପ୍ରସାଦ

**ଭାରତୀୟ ମହିଳା ଦଳ**

ଗୋଲକିପର: ବିଚୁ ଦେବୀ ଖାରିବାମ, ଖୁସ୍‌ବୁ, ଡିଫେଣ୍ଡର: ଈଶିକା ଚୌଧାରୀ, ସାଲିମା ଟେଟେ(ଅଧିନାୟିକା), ମିଡ୍‌ଫିଲ୍ଡର: ରୀତ୍, ଚେତନା, ଫରୱାର୍ଡ: ସଙ୍ଗୀତା କୁମାରୀ, ମୁମତାଜ ଖାଁ, ଲାଲରେମସିଆମି।



ସାଲିମା ଟେଟେ

ନୂଆଦିଲ୍ଲୀ, ୨୩।୮

ବୁଏନ୍ସ ଆରିଜଠାରେ ୟୁଥ୍ ଅଲିମ୍ପିକ ଗେମ୍ସ ଅକ୍ଟୋବର ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ହେବାକୁଥିବା ଫାଇଭ୍-ଏ-ସାଇଡ୍ ହକି ଟୁର୍ନାମେଣ୍ଟ ପାଇଁ ଗୁରୁବାର ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷିତ ହୋଇଛି। ପ୍ରତି ଦଳରେ ୯ ଜଣ ଲେଖାଏ ଖେଳାଳି(୨ ଗୋଲକିପର, ୨ ଡିଫେଣ୍ଡର, ୨ ମିଡ୍‌ଫିଲ୍ଡର, ୩ ଫରୱାର୍ଡ) ରହିଛନ୍ତି। ସାଲିମା ଟେଟେ ମହିଳା ଓ ବିବେକ ସାଗର ପ୍ରସାଦ ପୁରୁଷ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ୟୁଥ୍ ଅଲିମ୍ପିକ୍ସରେ ୧୨ଟି ଲେଖାଏ ମହିଳା ଓ ପୁରୁଷ ଦଳ ଭାଗନେବେ। ପୁରୁଷ ବିଭାଗରେ ଭାରତ ୨୦୧୪ ୟୁଥ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଅଷ୍ଟ୍ରେଲିଆ, ରୌପ୍ୟପଦକ ହାସଲକାରୀ କାନାଡ଼ା, ଆୟୋଜକ ଆର୍ଜେଣ୍ଟିନା, ଅଷ୍ଟ୍ରିଆ, ବାଂଲାଦେଶ, ପୋଲାଣ୍ଡ, ମେକ୍ସିକୋ, ମାଲେସିଆ, କେନିୟା, ଜାମ୍ବିଆ ଓ ଭାନୁଆତୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ମହିଳା ଦଳ ୨୦୧୪ ଚାମ୍ପିୟନ ଚାଇନା, ଆୟୋଜକ ଆର୍ଜେଣ୍ଟିନା, ଅଷ୍ଟ୍ରିଆ, ପୋଲାଣ୍ଡ, ଉରୁଗୁଏ, ମେକ୍ସିକୋ, ଅଷ୍ଟ୍ରେଲିଆ, ନାମ୍ବିଆ, ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ଭାନୁଆତୁକୁ ଭେଟିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com  ପୃଷ୍ଠା ୧୮  Press Regd. No. R.N. 21326/74  Postal Regd. No. BN/42/18-20.  ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୪/୨୦୧୮  Bhubaneswar, Friday, August 24/ 2018

## ସଂକ୍ଷେପରେ

### ଯୌତୁକ ଜୁଇରେ ନବବଧୂ, ସ୍ୱାମୀ ଅଟକ

**କୋରେଇ,୨୩।୮(ସ୍ୱ.ପ୍ର):** କୋରେଇ ଥାନା ଅର୍ନ୍ତଗତ ଅନ୍ଧାରି ପଞ୍ଚାୟତ କୋରାବନ୍ଦୀ ଗ୍ରାମର ଜଣେ ନବବଧୂ ଦେହରେ କିରାସିନ ଢ଼ାଳି ପୋଡ଼ି ମାରି ଦେବାପରେ ଏହାକୁ ଆତ୍ମହତ୍ୟାର ରୂପଦେବାକୁ ସ୍ୱାମୀ ଓ ଶ୍ୱଶୁର, ଶାଶୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ମୃତ ନବବଧୂଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ପ୍ରକାଶ ଯେ, ସୁକିନ୍ଦା ମଙ୍ଗଳପୁର ଅଞ୍ଚଳର ମାନ ନାୟକଙ୍କ ଝିଅ ସସ୍ମିତାଙ୍କୁ କୋରାବନ୍ଦୀ ଗ୍ରାମର ଚନ୍ଦ୍ରମଣି ସାମଲଙ୍କ ପୁଅ ସୁଶାନ୍ତ ସାମଲ ଗତ ୩ମାସ ତଳେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ପ୍ରଦାନ କରିଥିଲେ। ବିବାହର କିଛି ଦିନ ପରେ ୱାସିଂମେଶିନ୍, ଫ୍ରିଜ୍ ଆଣିବା ପାଇଁ ସସ୍ମିତାଙ୍କୁ ଶ୍ୱଶୁର ଘର ଲୋକ କହିଥିଲେ। ତେବେ ଏଥିରେ ସସ୍ମିତା ରାଜି ନ ହେବାରୁ ଶାଶୁ ଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ବୁଧବାର ଭୋର୍ ସମୟରେ ସସ୍ମିତା ନିଜ ଦେହରେ କିରାସିନ ଢ଼ାଳି ଆତ୍ମହତ୍ୟା କରିଥିବା ଶାଶୁ ଘରଲୋକେ ସସ୍ମିତାଙ୍କ ବାପାଙ୍କୁ ଜଣାଇଥିଲେ।

## କୋରେଇ ନାବାଳିକା ହତ୍ୟା ଘଟଣା

# ଏନ୍‌ସିପିସିଆରରେ ମାମଲା ରୁଜୁ

**ଯାଜପୁର ଅଫିସ,୨୩।୮**

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ଫଜଲପୁର ଗ୍ରାମର ବହୁଚର୍ଚ୍ଚିତ ନାବାଳିକା ହତ୍ୟା ଘଟଣାରେ ଦେଶର ବିଭିନ୍ନ କମିଶନରେ ମାମଲା ରୁଜୁ ହେଉଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ଅନୁସୂଚିତ ଜାତି କମିଶନ ଓ ଜାତୀୟ ମାନବାଧିକାର କମିଶନ ପରେ ଏବେ ଜାତୀୟ ବାଳ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର) ମାମଲା ରୁଜୁ କରିଛି। ଯାଜପୁର ଏସ୍‌ପିଙ୍କୁ ଏନ୍‌ସିପିସିଆର ସଦସ୍ୟ ୟଶବନ୍ତ ଜୈନ ୩୦ଦିନ ମଧ୍ୟରେ ମାମଲାର ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିବେଦନ କରିଛନ୍ତି। କୋରେଇ ନାବାଳିକା ହତ୍ୟାକାଣ୍ଡ ଜିଲାରେ ଏକ ସମ୍ବେଦନଶୀଳ ଘଟଣା ହୋଇଛି। ଏଥିପାଇଁ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଥାନା ଘେରାଉ କରିବା ସହିତ ବିଭିନ୍ନ ଦଫାରେ ଆଇନ ଜାଲରେ ଫସିଛନ୍ତି। ଗତ ଜୁନ ୧୮ତାରିଖରେ ପିତାମାତାଙ୍କ ଅନୁପସ୍ଥିତିରେ ଜଣେ ୧୭ବର୍ଷ ବୟସ୍କା ନାବାଳିକାଙ୍କୁ ହତ୍ୟାକରି ନିକଟସ୍ଥ ପୋଖରୀରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଛାଡି ଦେଇ ଘଟଣାର ପ୍ରତ୍ୟେକ୍ଷଦର୍ଶୀ ଜଣେ ନାବାଳକଙ୍କୁ ପୋଲିସ

### ୩୦ ଦିନ ମଧ୍ୟରେ ଏସ୍‌ପିଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ


यशवंत जैन
Yashwant Jain
सदस्य
Member

भारत सरकार
GOVERNMENT OF INDIA
राष्ट्रीय बाल अधिकार संरक्षण आयोग
NATIONAL COMMISSION FOR PROTECTION OF CHILD RIGHTS
नई दिल्ली – 110 001
New Delhi - 110 001
NCPCR

F.No.: OR-95958/2018-19/Comp/77877  Date: 9/8/2018

To,
The Superintendent of Police
Police Headquarters,
District Jajpur, Odisha

Subject: Complaint of Sh. Udayanth Sahoo regarding Ms. Sunita Jena, 17 years old murdered in the month of June, 2018.

Sir/Madam,

The National Commission for Protection of Child Rights (NCPCR) has been constituted under the provisions of the Commissions for Protection of Child Rights (CPCR) Act, 2005 for protection of child rights and other related matters. One of the functions assigned to the Commission under Section 13 (1)(j) of CPCR Act is to inquire into complaints and suo motu cognizance in relation to deprivation and violation of child rights.

2. The Commission has received complaint from Sh. Udayanth Sahoo dated 19/07/2018 on the subject cited enclosed. The gist of the complaint / allegation is as under:

"It is alleged that Ms. Sunita Jena (Age – 17 yrs at the time of incident) who was murdered in the month of June 2018. Police has filed a case no. 113/19 19/06/2018 u/s 302 IPC and Mrs. Chinamye Sahoo took the charge of investigation."

3. After perusing the complaint, the Commission has taken cognizance of the matter and directed that the matter be referred to you for investigation/inquiry and report to the Commission.

4. You are accordingly requested to investigate / inquire into the matter and take further necessary action. A factual report, along with authenticated copies of the relevant documents, be sent to the Commission within 30 days of issue of this letter. The Report should indicate inter-alia the information on the following points:

i. Copy of FIR.
ii. Action Taken Report in the present matter based on the accusation of the Juvenile SK Sahil.
iii. Whether charge sheet has been filed or not in the present case?
iv. Copy of the medical examination of the accused juvenile namely Sk Sahil.
v. Copy of the Charge sheet if filed in the present case.

5. In case, any other Commission duly constituted under any law, has also taken up this matter with you or any other authority, a copy of their communication may also be furnished.

6. Please quote the number and date of this letter mentioned at the top while responding.

(Yashwant Jain)

Copy to: Sh. Udayanath Sahoo, Advocate, High Court of Orissa, At/P.O-Chandikhol, District Jajpur, Odisha

द्वितीय तल, चन्द्रलोक बिल्डिंग, 36, जनपथ, नई दिल्ली–110 001
IInd Floor, Chanderlok Building, 36, Janpath, New Delhi-110 001
दूरभाष /Ph. :011-23478261,फैक्स /Fax: 011-23724028
ई–मेल–E-mail : yashwant.ncpcr@gov.in
Web:www.ncpcr.gov.in Lodge your complaint at :www.ebaalnidan.nic.in

ଗିରଫ କରିଥିଲା। ଏହାସହ ଥାନାରେ ଅଭିଯୁକ୍ତ ନାବାଳକଙ୍କୁ ଜଣେ ଇନ୍ସପେକ୍ଟର ଓ ଦୁଇ ଜଣ କନଷ୍ଟେବଳ କରେଣ୍ଟ ଦେଇ ଠେଙ୍ଗାରେ ପିଟିବା ସହ ସାଦା କାଗଜରେ କବୁଲନାମା ଲେଖାଇ ନେବା ଅଭିଯୋଗ ଆଣିଥିଲେ ଆଇନଜୀବୀ ଉଦୟନାଥ ସାହୁ। ଏହି ସ୍ପର୍ଶକାତର ଘଟଣାକୁ ଜାତୀୟସ୍ତରର ସ୍ୱାଧୀନ ତଦନ୍ତକାରୀ ସଂସ୍ଥା ଦ୍ୱାରା ନିରପେକ୍ଷ ତଦନ୍ତ ନିମନ୍ତେ ଆଇନଜୀବୀ ସାହୁ ପ୍ରଧାନମନ୍ତ୍ରୀଙ୍କ ସମେତ ଏନଏଚ୍‌ଆରସି, ଜାତୀୟ ଅନୁସୂଚିତ ଜାତି କମିଶନ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ରାଜ୍ୟସ୍ତରରେ କେହି ଶୁଣି ନ ଥିବାବେଳେ ଜାତୀୟସ୍ତରରେ ମାମଲା ରୁଜୁ ହୋଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପିଏମଓପିଜି/ଡି/୨୦୧୮/୦୨୭୩୯୩୨ ପତ୍ରସଂଖ୍ୟାରେ ରାଜ୍ୟ ମୁଖ୍ୟ ଶାସନସଚିବଙ୍କୁ ଏହି ମାମଲାର ଠିକଣା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଛି। ମୁଖ୍ୟ ଶାସନ ସଚିବ ତାଙ୍କସ୍ତରରେ କିଛି ପଦକ୍ଷେପ ନେଇଥିବା ଶୁଣିବାକୁ ମିଳୁଛି। ତେବେ ଆବେଦନକୁ ଗୁରୁତ୍ୱ ଦେଇ ଏନସିପିସିଆର ଫାଇଲସଂଖ୍ୟା ୯୫୯୫୮/୨୦୧୮-୧୯/ସିଓଏମପି/୭୭୮୭୭)ରେ ଗତ ଅଗଷ୍ଟ ୯ ତାରିଖରେ ଯାଜପୁର ଏସପିଙ୍କୁ ମାମଲା ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ, ଏତଲା ଓ ଚାର୍ଜସିଟ ସହିତ ଗିରଫ ନାବାଳକଙ୍କ ମେଡିକାଲ ପରୀକ୍ଷା ରିପୋର୍ଟ ଦାଖଲ କରିବାକୁ ପତ୍ରରେ ଦର୍ଶାଯାଇଛି।

# ଶରତ ରାଉତ ହେଲେ ପଶ୍ଚିମବଙ୍ଗ କଂଗ୍ରେସ ପ୍ରଭାରୀ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତଙ୍କୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସମ୍ପାଦକ ଭାବେ ଗୁରୁବାର ନିଯୁକ୍ତ କରିଛନ୍ତି। ଶରତଙ୍କୁ ଏଆଇସିସି ପକ୍ଷରୁ ପଶ୍ଚିମବଙ୍ଗ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ଶରତଙ୍କ ବ୍ୟତୀତ ଦେଶର ଅନ୍ୟ ସାତ ଜଣ ନେତାଙ୍କୁ ମଧ୍ୟ ଦଳରେ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଶରତ ପୂର୍ବରୁ ସୁକିନ୍ଦା

### ଦାୟିତ୍ୱ ଦେଲେ ରାହୁଲ

ବିଧାନସଭା ଆସନରୁ ୧୯୮୦ ଓ ୧୯୮୫ରେ ଦୁଇଥର ବିଜୟୀ ହୋଇଥିଲେ। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ସମୟରେ ରାଉତ ସୂଚନା ଓ ଲୋକସମ୍ପର୍କ, ଯୋଜନା ଓ ସମନ୍ୱୟ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ରହିଥିଲେ। ନିକଟରେ ରାଉତଙ୍କୁ ପିସିସି ଇସ୍ତାହାର କମିଟି ଆବାହକ ଭାବେ ନିଯୁକ୍ତି ମିଳିଛି।


ଶରତ ରାଉତ

ଏହି ଅବସରରେ ଶରତ କହିଛନ୍ତି ଯେ, ଓଡିଶାରେ କଂଗ୍ରେସ ୧୮ବର୍ଷ ହେବ ସରକାରରେ ନାହିଁ। ସେଥିପାଇଁ ଆମେ ଲଢେଇ ଜାରି ରଖିଛୁ। ଏହି ବିରୋଧୀ ଆସନରେ ଥିବା ସମୟରେ ପାଇଥିବା ଅଭିଜ୍ଞତା ପଶ୍ଚିମବଙ୍ଗରେ କାମ କରିବାକୁ ସାହାଯ୍ୟ କରିବ। ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋ ଉପରେ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଥିବାରୁ ତାଙ୍କ ପାଖରେ ମୁଁ କୃତଜ୍ଞ। ସମସ୍ତଙ୍କ ସହଯୋଗରେ ଠିକ୍ ଭାବେ ମୋ କାର୍ଯ୍ୟ ତୁଲାଇବି ବୋଲି ସେ କହିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ନାବାଳିକାଙ୍କୁ ପ୍ରତାରଣା କରି ଅଭିଯୁକ୍ତ ଗିରଫ

**କଳିଙ୍ଗନଗର/ଡୁବୁରୀ, ୨୩।୮(ଡି.ଏନ୍.ଏ):** କଳିଙ୍ଗନଗର ଥାନା ଅର୍ନ୍ତଗତ ଡୁବୁରି ଗ୍ରାମର ଜଣେ ଆଦିବାସୀ ନାବାଳିକାଙ୍କୁ ଗର୍ଭବତୀ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ଲକ୍ଷ୍ମଣ ବେହେରା(୨୪) । ପ୍ରକାଶ ଯେ, ଲକ୍ଷ୍ମଣ ତାଙ୍କ ଭଉଣୀ ଘର ଡୁବୁରିଠାରେ ରହି ଗାଡି ଚଳାଉଥିଲେ। ସେହି ଗ୍ରାମର ଜଣେ ଆଦିବାସୀ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। କିଛି ମାସ ପରେ ନାବାଳିକା ଗର୍ଭବତୀ ହେବା ଜାଣିବାରୁ ଲକ୍ଷ୍ମଣ ସ୍ଥାନୀୟ ଅଞ୍ଚଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ନାବାଳିକାଙ୍କ ମାତାପିତା ଜାଣିବାପରେ କଳିଙ୍ଗନଗର ଥାନାରେ ଲକ୍ଷ୍ମଣଙ୍କ ବିରୋଧରେ ଗତ ଜୁନ୍ ୨୯ତାରିଖରେ ଅଭିଯୋଗ କରିଥିଲେ। କଳିଙ୍ଗନଗର ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା( ନଂ-୮୬/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ବୁଧବାର ବିଶେଷ ସୂତ୍ରରୁ ଖବର ପାଇ କଳିଙ୍ଗନଗର ପୋଲିସ ଅନୁଗୋ ଜିଲା ବିକ୍ରମପୁର ଥାନାର ଗୋବରା ଗ୍ରାମରେ ଚଢାଉ କରି ଲକ୍ଷ୍ମଣଙ୍କୁ ଗିରଫ କରିଥିଲା।

### ଖରସ୍ରୋତା ନଦୀରେ ସନ୍ଧ୍ୟା ଆଳତି ଉତ୍ସବ

**ସିଂହପୁର ୨୩।୮(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ନଦୀ କୂଳ ଡାକବଙ୍ଗଳା ନିକଟରେ ଗୁରୁବାର ଶ୍ରାବଣ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ପୂର୍ଣ୍ଣତୋୟା ନଦୀ ପଠାରେ ଜଳଦେବତାଙ୍କ ଆଳତୀ ଉତ୍ସବ ହୋଇଛି। ସନ୍ଧ୍ୟାରେ ଏହି ଉତ୍ସବରେ ମୁଖ୍ୟ ପୁରୋଧା ଭାବେ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଉତ୍ତର ପ୍ରାନ୍ତର ସନ୍ଥ ପ୍ରତିନିଧି ଓ ସଂଯୋଜକ ତଥା ପରମହଂସ ଭାଗବତ ପ୍ରଚାର ସମିତିର ଅଧକ୍ଷ ବିଦ୍ୟା ଭୂଷଣ ଗୌର ଶ୍ୟାମାନନ୍ଦ ମହାରାଜ ଯୋଗ ଦେଇଥିଲେ। ଭାରତ ବର୍ଷରେ ନଦୀ ମାତୃକାର ଉପାସନା ଓ ସୃଷ୍ଟି ସମ୍ବନ୍ଧରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ସନ୍ଧ୍ୟା ଆଳତୀ ଉତ୍ସବରେ ସିଂହପୁର ଅଞ୍ଚଳର ବହୁ ମହିଳାପୁରୁଷ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନାରାୟଣ ବଳିଆର ସିଂ, ଅମୀୟ ସାମଲ, ନିରଞ୍ଜନ ଦାସ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ମଳୟ ଦାଶ, ସୁନାକର ପାତ୍ର, ରଞ୍ଜିତ ମହାପାତ୍ର, ଜ୍ଞାନେନ୍ଦ୍ର ବେଉରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୋବାଇଲ ଚୋରି ଅଭିଯୋଗ: ଦୁଇ କୋର୍ଟ ଚାଲାଣ

**କୋରେଇ, ୨୩।୮(ସ୍ୱ.ପ୍ର):** ପାଣିକୋଇଲି ପୋଲିସ ୨ ମୋବାଇଲ ଲୁଟେରାଙ୍କୁ ଗିରଫ କରିବା ପରେ ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସୋତି ଗ୍ରାମର ଆରତ ମଳିକ ବୁଧବାର ସନ୍ଧ୍ୟାରେ ପାଣିକୋଇଲି ବଜାରରେ ଥିବା ସମୟରେ ଦୁଇ ଜଣ ତାଙ୍କ ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ଆରତ କିନ୍ତୁ ଚିହ୍ନି ପାରିଥିଲେ। ଏ ନେଇ ଅଭିଯୋଗ ପରେ ଦୁଇ ପେଶାଦାର ଚୋର ପାଣିକୋଇଲି ଥାନା ଅନ୍ତର୍ଗତ ତେଲିଆ ଗ୍ରାମର ଚନ୍ଦ୍ରକାନ୍ତ ମହାପାତ୍ର(୨୨) ଓ ଆଲିଆ ଗ୍ରାମର ଦିଲ୍ଲିପ ବଳ(୧୯) ତାଙ୍କର ମୋବାଇଲ ଫୋନକୁ ଛଡ଼ାଇ ନେବାକୁ ଚେଷ୍ଟା କରୁଥିବା ଅପରାଧରେ ଉଭୟଙ୍କୁ ପୋଲିସ ଗିରଫ କରିଥିଲା। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଅଜୟ କୁମାର ଜେନା ପ୍ରକାଶ କରିଛନ୍ତି।

### ପବିତ୍ର ଇଦ୍-ଉଜ-ଜୁହା ପାଳିତ

**ଚଣ୍ଡିଖୋଲ, ୨୩।୮(ଡ଼ି.ଏନ.ଏ):** ମୁସଲମାନ ସମ୍ପ୍ରଦାୟର ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଜ-ଯୁହା ଚଣ୍ଡିଖୋଲ ଅଞ୍ଚଳରେ ଆନନ୍ଦ ଉଲ୍ଲାସ ସହ ପାଳିତ ହୋଇଛି। ବୁଧବାର ମୁଲମାନ ଭାଇମାନେ ଇଦ୍‌ଗା ପଡ଼ିଆରେ ସମବେତ ହୋଇ ନମାଜ ପାଠ କରିଥିଲେ। ପରେ ପରେ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ସୁଙ୍ଗୁଡ଼ା ସ୍ଥିତ ଇଦ୍‌ଗା ପଡ଼ିଆରେ ସମବେତ ମୁସଲମାନ ଭାଇମାନଙ୍କୁ ନମାଜ ପାଠ କରାଇ ମୌଲାନା ସେକ୍ ସାହାବୁଦ୍ଧିନ୍ ମଣିଷ ମନରୁ ହିଂସା, ଘୃଣା, ଇର୍ଷା, ଅହଙ୍କାର ଭେଦଭାବ ଦୂର କରିବା ପାଇଁ ଶପଥ ନେବାକୁ ପରାମର୍ଶ ଦେଇଥିଲେ।

■ ଗାଁକୁ ଯାଇ ସମସ୍ୟାର ସମାଧାନ ବାଟବଣା

# ପାଣିର ଗାର ସାଜିଛି ସଚିବଙ୍କ ନିର୍ଦ୍ଦେଶ

■ ୬ ମାସ ପରେ ଜବାବ ତଲବ

■ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା

**ଯାଜପୁର ଅଫିସ,୨୩।୮**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବମାନଙ୍କୁ ଗାଁକୁ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଲୋକହିତକର ଯୋଜନାର ସମୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଏହିକ୍ରମରେ ଗତ ଫେବୃୟାରୀ ୨ ଓ ୩ ତାରିଖରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବ ଭି.ଭି. ଯାଦବ ଯାଜପୁର ଗସ୍ତରେ ଆସି ପାନୀୟ ଜଳ, ଶିକ୍ଷା, ଜଳ ସମ୍ପଦ, ଶ୍ରମ, ସ୍ୱାସ୍ଥ୍ୟ ଓ ଆଦିବାସୀ ହରିଜନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଗସ୍ତ କରିଥିଲେ। ସଚିବଙ୍କ କାର୍ଯ୍ୟାଳୟରୁ ଯୁଗ୍ମ ସଚିବ ଫେବୃୟାରୀ ୧୭ତାରିଖରୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ, ରାଜ୍ୟ ସମବାୟ ସମିତି ନିବନ୍ଧକ ଓ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦିଷ୍ଟ ଭାବେ ଧାନ ସଂଗ୍ରହ ସଂକ୍ରାନ୍ତୀୟ ମନ୍ତବ୍ୟ ଉପରେ ଜବାବ ଦାଖଲ କରିବାକୁ କୁହାଯାଇଥିଲା। ହେଲେ ୬ମାସ ପରେ ବି ସଚିବଙ୍କ ଏହି ନିର୍ଦ୍ଦେଶ ପାଣିର ଗାର ହୋଇଛି। ଏବେ ରାଜ୍ୟ ସମବାୟ ସମିତି ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସଚିବଙ୍କ ମନ୍ତବ୍ୟ ଉପରେ ଅଧିକତର କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ୧୫ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

୨୦୧୫ରେ କାର୍ଯ୍ୟକାରୀ ହୋଇଥିବା ରସୁଲପୁର ବ୍ଲକ ବାରବାଟି ପଞ୍ଚାୟତର ବାରବାଟି ଜଳଯୋଗାଣ ପ୍ରକଳ୍ପକୁ ସଚିବ ଯାଦବ ପରିଦର୍ଶନରେ ଯାଇଥିଲେ। ଏହି ପ୍ରକଳ୍ପରେ ଓଭରହେଡ ଟ୍ୟାଙ୍କ ନାହିଁ। ୨୫ଟି ଷ୍ଟାଣ୍ଡ ପୋଷ୍ଟ ଜରିଆରେ ସିଧାସଳଖ ଜଳ ଯୋଗାଣ ହେଉଛି। ୨୦ଟି ପରିବାରଙ୍କୁ ଏଥିରୁ ପାଇପ ସଂଯୋଗ ଦିଆଯାଇଛି। ହେଲେ ସେମାନେ ପ୍ରାପ୍ୟ ପ୍ରଦାନ କରୁ ନ ଥିବା ସଚିବ ତାଙ୍କ ଗସ୍ତରେ ଜାଣି ପାରିଥିଲେ। ଏହାସହ ଚିତ୍ରକୁଳା ସ୍କୁଲରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଥିରେ ୧୧୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ। ଏମାନଙ୍କ ପାଇଁ ୬ଜଣ ଶିକ୍ଷକଙ୍କୁ ଅବସ୍ଥାପିତ କରାଯାଇଛି। ହେଲେ ୪ଟି ଶ୍ରେଣୀ ଗୋଟିଏ କୋଠରୀରେ ଚାଲିଛି। ଏପରିକି ସ୍କୁଲଗୃହର ମରାମତି ଆବଶ୍ୟକ ଥିବା ସେ ଦେଖିଥିଲେ। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲରେ ୧୩୨ଜଣ ଛାତ୍ରୀ ରହୁଛନ୍ତି। ହେଲେ ରୋଷେଇ ଘର ବ୍ୟବହାର ହେଉନାହିଁ କି ବିଭିନ୍ନ କୋଠରୀରେ ଆବଶ୍ୟକ ଆଲୋକ ବ୍ୟବସ୍ଥା ନାହିଁ। ଶିକ୍ଷା ବିଭାଗକୁ ଏହାର ପ୍ରତିକାର କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁଜନପୁର ପଞ୍ଚାୟତର କାଶିପୁର ଗ୍ରାମରେ ଫେବୃୟାରୀ ମାସ କିରୋସିନ କୋଟା ଉଠାଇ ନ ଥିଲେ। ତନ୍ତୀଘାଇ ମେଗା ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ୫୦୦ ହେକ୍ଟର ଜମିରେ ଜଳଯୋଗାଣ ପରିକଳ୍ପନା କରାଯାଇଛି। ହେଲେ ସଚିବଙ୍କ ଗସ୍ତ ସମୟରେ ପମ୍ପହାଉସ ଛାତ ପର୍ଯ୍ୟନ୍ତ ନିର୍ମାଣ ହୋଇଥିଲା। ୨୦୧୮ ଜୁନ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ପ୍ରକଳ୍ପର ୫୦ପ୍ରତିଶତ କାର୍ଯ୍ୟ ମଧ୍ୟ ସରିନାହିଁ। କୋରେଇ ବ୍ଲକ ବେଗନା ଆଦର୍ଶ ବିଦ୍ୟାଳୟରେ ୧୫୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୬ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଗତବର୍ଷଠାରୁ ଶିକ୍ଷାଦାନ ଆରମ୍ଭ ହୋଇଛି। ହେଲେ ଲାବୋରେଟୋରୀ ଭିତ୍ତିଭୂମି ହୋଇ ନ ଥିଲା। ସେହିପରି ସ୍କୁଲର ନିର୍ମାଣ ବାକି ରହିଥିଲା। ଜିଲା ଧାନ ସଂଗ୍ରହରେ ମନ୍ଥରତାକୁ ନେଇ ସଚିବ ଉଦ୍‌ବେଗ ପ୍ରକାଶ କରିଥିଲେ। ପାଣିକୋଇଲି ପେକ୍ସରେ ଦୈନିକ ମାତ୍ର ୧୦୦୦କୁଇଣ୍ଟାଲ ଧାନ ରଖାଯିବାକୁ ଅନୁମତି ଦିଆଯାଉଥିଲା। ଜିଲା ବାହାରୁ ମିଲର୍ସ ନିୟୋଜିତ ହୋଇଥିଲେ ହେଁ ବିଭିନ୍ନ ଅନିୟନ୍ତ୍ରିତ ଶକ୍ତିର ବିରୋଧ ଯୋଗୁ ଜିଲାରେ ଧାନ ସଂଗ୍ରହ ତ୍ୱରାନ୍ୱିତ ହୋଇ ପାରୁ ନ ଥିବା ଚାଷୀମାନେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ଏହାର ପ୍ରତିକାର କରିବାକୁ ସଚିବ ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ବିଭିନ୍ନ ପେକ୍ସରେ ଧାନ କିଣା ଆରମ୍ଭ ହୋଇ ନ ଥିଲା। ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରାମୟ ଯୋଜନା, ନିର୍ମିତ ନୂତନ ଗୃହର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ୪୨୦ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଏକଲବ୍ୟ ମୋଡେଲ ଆବାସିକ ସ୍କୁଲର ମରାମତିର ଆବଶ୍ୟକତା ରହିଥିବା ସେ ଉପଲବ୍ଧି କରିଥିଲେ। ଏନେଇ ତୁରନ୍ତ ଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସଚିବଙ୍କ ୬ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ଯୋଗାଣ ଓ ସମବାୟ ବିଭାଗର ପଦକ୍ଷେପ ନୈରାଶ୍ୟଜନକ ରହିଛି। ତେଣୁ ରାଜ୍ୟ ସମବାୟ ସମିତି(କ୍ରେଡିଟ)ର ଉପନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୧୬୦୮୩/୨୦।୮।୨୦୧୮ରେ ଆସନ୍ତା ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ ଉପରେ ଜବାବ ତଲବ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

■ ବୈରୀ ଥାନାରେ କର୍ମଚାରୀ ଅଭାବ

# ପାଟ୍ରୋଲିଂ ପରିଚାଳନାରେ ଅଚଳାବସ୍ଥା




ବୈରୀ ପୋଲିସ ଷ୍ଟେଶନ।

**ଚଣ୍ଡିଖୋଲ/ଛତିଆ, ୨୩।୮(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ବୈରୀ ଥାନାରେ କର୍ମଚାରୀ ଅଭାବ ଯୋଗୁ ଥାନା ଅଧିନରେ ଥିବା ବିଭିନ୍ନ ଗ୍ରାମ ଓ ରାସ୍ତା ଓ ଜାତୀୟ ରାଜପଥରେ ପାଟ୍ରୋଲିଂ ଠିକ୍ ଭାବେ କରାଯାଇପାରୁ ନାହିଁ। ଫଳରେ ଦିନକୁଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହି ଥାନା ଅଧିନରେ ଛତିଆ, ଚମ୍ପାପୁର, ସୋଲର, ବୈରୀ, ପାରିଆ, ବନ୍ତଳା, ସମିଆ, ନେଳିଆ, ଶାଳପଡ଼ା ଆଦି ପଞ୍ଚାୟତ ରହିଥିବାବେଳେ ପର୍ଯ୍ୟଟନସ୍ଥଳ ପ୍ରସିଦ୍ଧ ଛତିଆ ବଟ, ଅମରାବତୀ ପୀଠ ରହିଛି। ଏହା ସହ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଓ ସ୍କୁଲ,କଲେଜ,ପୋଲିସ ଟ୍ରେନିଂ ସଂସ୍ଥାନ ଆଦି ବହୁ ଅନୁଷ୍ଠାନ ଏବଂ ଅନେକଗୁଡ଼ିଏ ଶିଳ୍ପସଂସ୍ଥା ରହିଛି। ଏହି ଅଞ୍ଚଳର ଆଇନ୍ ଶୃଙ୍ଖଳା ରକ୍ଷା ନିମନ୍ତେ ଛତିଆଠାରେ ଏକ ବିଟ୍ ହାଉସ୍ ରହିଛି। ଏସବୁକୁ ଦୃଷ୍ଟିରେ ରଖି ସରକାର ବୈରୀ ଫାଣ୍ଡିକୁ ୨୦୧୬ରେ ଥାନାର ମାନ୍ୟତା ଦେଇଥିଲେ। ତେବେ ଏହି ଥାନା ପ୍ରତିଷ୍ଠା ହେବାପରେ ଅଦ୍ୟାବଧି କର୍ମଚାରୀଙ୍କ ଅଭାବ ଲାଗି ରହିଛି। ଯାହାକୁ ନେଇ ଏପରି ବ୍ୟସ୍ତ ବହୁଳ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିଚାଳନା କରିବାରେ ପୋଲିସ ସଫଳ ହେଉନାହିଁ। ଏବେ ବୈରୀ ଥାନାରେ ଥାନାଧିକାରୀ ବ୍ୟତିତ ଜଣେ ହେଲେ ସବ୍‌ଇନିସ୍‌ପେକ୍ଟର ନ ଥିବାରୁ ବହୁ ସମୟରେ ଅଭିଯୋଗଗୁଡ଼ିକର ତଦନ୍ତ ହେବାରେ ବିଳମ୍ବ ଘଟୁଛି। ଯାଜପୁର ଜିଲାର ପ୍ରତ୍ୟେକ ଫାଣ୍ଡି ଓ ଥାନାଗୁଡ଼ିକରେ ସବ୍‌ଇନ୍‌ସପେକ୍ଟର ଥିଲେ ମଧ୍ୟ ବୈରୀ ଥାନାରେ ସବ୍‌ଇନ୍‌ସପେକ୍ଟର ପଦବୀ ସହ ଅନ୍ୟାନ୍ୟ କର୍ମଚାରୀଙ୍କ ପଦବୀ ଖାଲି ପଡ଼ିଛି। ଏହି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

## ଯାଜପୁର ସିମେଣ୍ଟ କାରଖାନାର ଭୂମିପୂଜା




ସିମେଣ୍ଟ କାରଖାନାର ଭୂମି ପୂଜା ଉତ୍ସବରେ ଉପସ୍ଥିତ ଅଧିକାରୀ।

**କଳିଙ୍ଗନଗର,୨୩।୮(ଡି.ଏନ୍.ଏ)**

କଳିଙ୍ଗନଗରର ଚାନ୍ଦିଆ ପଞ୍ଚାୟତରେ ଗୁରୁବାର ଆଉଏକ ସମେଣ୍ଟ କାରଖାନାର ଭୂମିପୂଜା ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କରାଖାନାକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଭଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗଦେଇଥିବା କାରାଖାନାର ଅଧକ୍ଷ ଏ. ରାମ କ୍ରିଷ୍ଣନ୍ ଓ ସଭାପତି କେ. ଗଣେଷ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଇଡ୍‌କୋର ଯାଜପୁର ଡିଭିଜିନାଲ ମୁଖ୍ୟ ରାଜକିଶୋର ନାୟକ ଏବଂ ଇଫ୍‌କଲର ଡି.କେ ସେନାପତି ଉପସ୍ଥିତ ଥିଲେ। ଏହି ସିମେଣ୍ଟ କାରାଖାନା ଇଡ୍‌କୋଠାରୁ ୨୭ଏକର ଜାଗା ନେଇ ନିର୍ମିତ କରିବ। ଏଥିରେ ପ୍ରାଏ ୪୦୦କୋଟି ଟଙ୍କାର ଅର୍ଥ ବିନିଯୋଗ ହୋଇ୧.୫ମିଲିୟନ ଟନ୍‌ର ସିମେଣ୍ଟ ଉତ୍ପାଦନ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଘରେ ନ ପଶୁଣୁରୁ ଚାଳ ବାଜିବା ପରି ପରିସ୍ଥିତି ଭୂମିପୁଜା ସମୟରେ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଜମି ହରାଇଥିବା ଲୋକମାନେ ସେମାନଙ୍କ ଜମି ବାବଦକୁ ଅର୍ଥ ପାଇ ନ ଥିବାରୁ କିଛି ସମୟ ପାଇଁ ଏଠାରେ ଉତ୍ତେଜନା ଉପୁଜିଥିବା ଦେଖିବାକୁ ମିଳିଥିଲା। ଇଡକୋ ଅଧିକାରୀଙ୍କୁ ଏ ବିଷୟରେ ପଚାରିବାରୁ ସେ ଏହାକୁ ସ୍ୱୀକାର କରିବା ସହ ସ୍ଥାନୀୟ ଅଦିବାସୀଙ୍କ ଜମିବାବଦକୁ କିଛି ଅର୍ଥ ବାକି ରହିଥିଲେ ମଧ ସେପ୍ଟେମ୍ବର ମାସରେ ଗ୍ରାମ୍ୟ ସଭା ଜରିଆରେ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

## ବଡ଼ବିରୁହାଁରେ କଂଗ୍ରେସର ସାଙ୍ଗଠନିକ ବୈଠକ

**କୋରେଇ,୨୩।୮(ସ୍ୱ.ପ୍ର)**

କୋରେଇ ବ୍ଲକ୍ ବଡ଼ବିରୁହାଁ ପଞ୍ଚାୟତ ବଡ଼ବିରୁହାଁ ଗ୍ରାମ ମା' ତାରିଣୀ ପୀଠରେ କଂଗ୍ରେସର ଏକ ସାଙ୍ଗଠିକ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୋରେଇ ବ୍ଲକ ସଭାପତି ମଧୁସୁଦନ ସାହୁ, ୩ ନମ୍ବର ଜୋନ୍ ସଭାପତି ଯୋଗେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପଞ୍ଚାୟତ ସଭାପତି ଭାବେ ପୂର୍ବତନ ସରପଞ୍ଚ ଅନନ୍ତ ଚରଣ କବି, ଯୁବ ସଭାପତି ଭାବେ ସୁଦର୍ଶନ ମହାନ୍ତି ଏବଂ ଦଳିତ ସେଲ୍ ମହିଳା ସଭାନେତ୍ରୀ ଭାବେ ମାଧବୀଲତା ମଳିକଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିରେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଏବଂ ବନ୍ଦିତା ପରିଡ଼ାଙ୍କୁ ସଂଗଠନ ଦାୟିତ୍ୱ ଦିଆଯାଇଥିବାରୁ ଏକ ଅଭିନନ୍ଦନ ପ୍ରସ୍ତାବ ଗୃହିତ ହୋଇଥିଲା। ଏଥିସହିତ ଜୋନ୍ ସଭାପତି ଭାବେ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଣିକୋଇଲି ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**କୋରେଇ, ୨୩।୮(ସ୍ୱ.ପ୍ର)**



ଜଣେ ଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପରିଚାଳନା କମିଟିର ସଭାପତି କେଶବ ଚନ୍ଦ୍ର ଭକ୍ତ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ସମରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ମା'ତାରିଣୀ ମହାବିଦ୍ୟାଳୟର ଅଧାପକ ବଳରାମ ପଣ୍ଡା, ଶଙ୍ଖଚିଲା ଶିଶୁମନ୍ଦିରର ପୂର୍ବତନ ଆଚାର୍ଯ୍ୟ ମାନସ କୁମାର ସାହୁ ଓ ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ମେଳାରେ ମୋଟ ୧୦୪ଟି ପ୍ରକଳ୍ପ ଅଂଶଗ୍ରହଣ କରିଥିବା ବେଳେ ସେଥିମଧ୍ୟରୁ ୧୬ଟି ପ୍ରକଳ୍ପକୁ ସଙ୍କୁଳସ୍ତରୀୟ ମେଳାକୁ ଚୟନ କରାଯାଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ପକ୍ଷରୁ ଉପସଭାପତି ମଧୁସୂଦନ ପଣ୍ଡା, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଦାସ, କୋଷାଧକ୍ଷ ବୈଷ୍ଣବ ଚରଣ ସାହୁ, ଉପଦେଷ୍ଟା ରଘୁନାଥ ମାଝୀ, ନାରାୟଣ ସାହୁ, ଇନ୍ଦ୍ରମଣୀ ବେହେରା ଓ ପ୍ରଫୁଲ କୁମାର ଦାଶ ପ୍ରମୁଖ ଯୋଗଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଓ ସେବିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ

**ଚଣ୍ଡିଖୋଲ ,୨୩।୮(ଡ଼ି.ଏନ.ଏ)**

ଚଣ୍ଡିଖୋଲସ୍ଥିତ ଉଦୀୟମାନ ଅନୁଷ୍ଠାନର ଶୋଡ଼ଷତମ ବାର୍ଷିକ ଉତ୍ସବ ଉପଲକ୍ଷେ ଚଳିତବର୍ଷ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସେପ୍ଟେମ୍ବର ୮ତାରିଖ ସକାଳ ୯ଘଟିକା ସମୟରେ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବାକୁ ଥିବାବେଳେ ଅକ୍ଟୋବର ମାସ ୨ତାରିଖ ସକାଳ ୯ଘଟିକା ସମୟରେ ସେହି ସ୍ଥାନରେ ସଙ୍ଗୀତ, ନୃତ୍ୟଧାରା, କୌତୁକ ପୋଷାକ ଓ ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାର ଶତାଧିକ ସ୍କୁଲ/କଲେଜ ଛାତ୍ରୀଛାତ୍ରମାନେ ଭାଗନେଇ ପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ୨୭ତମ ଜ୍ଞାନ ବିଜ୍ଞାନ ମେଳା

**ଯାଜପୁରରୋଡ଼,୨୩।୮(ନି.ପ୍ର.)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁସୂଦନ ନଗରରେ୨୭ତମ ଜ୍ଞାନବିଜ୍ଞାନ ମେଳା ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ପୂର୍ବାହ୍ନ ୧୦ଘଟିକା ୧୫ ମି, ସମୟରେ ମେଳା ଆରମ୍ଭ ହୋଇଥିଲା। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ୟାସନଗର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଅଧାପକ ଦଶରଥ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ରଶ୍ମି ରଞ୍ଜନ ବିଶ୍ୱାଳ, ସଭାପତି ଅକ୍ଷୟ କୁମାର ପଣ୍ଡା ଏଥିରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଅକ୍ଷୟ ପଣ୍ଡା ଧର୍ମ ଓ ନୈତିକତା ବିନା ବିଜ୍ଞାନ ଅନ୍ଧ ଓ ଜ୍ଞାନକୁ ଆୟତ୍ତ କରିବାକୁ ହେଲେ ଶୃଙ୍ଖଳା, ଆଦର୍ଶକୁ ଧରି ରଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ବିଜ୍ଞାନ ମେଳାରେ ମୋଟରେ ୩୬୦ଜଣ ପ୍ରତିଭାଗୀ ନିଜ ନିଜର ପ୍ରକଳ୍ପ ସହ ଅଂଶ ଗ୍ରହଣ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଉଦ୍ୟାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଓ ପିଲାମାନଙ୍କ ପୂର୍ଣ୍ଣ ସହ ଯୋଗରେ ବିଜ୍ଞାନମେଳା ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା।

## ନିଜେ ଲୁଟ କରି ପୋଲିସ ଫାଶରେ ବ୍ୟାଙ୍କ କର୍ମଚାରୀ

**ଯାଜପୁର ଅଫିସ,୨୩।୮**

ନିଜେ ଟଙ୍କା ଆତ୍ମସାତ କରି ଲୁଟର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଅଭିଯୋଗରେ କୋଡାକ-ମହେନ୍ଦ୍ରା ବ୍ୟାଙ୍କର କର୍ମଚାରୀ ପୋଲିସ ଫାଶରେ ଧରା ପଡିଛନ୍ତି। କର୍ମଚାରୀ ଜଣକ ହେଲେ ପ୍ରତାପ କୁମାର ଦାସ। ଯାଜପୁର ସଦର ଥାନା କେଶ ନମ୍ବର ୧୭୩/୨୦୧୮ରେ ଏକ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ତାଙ୍କ ଘରୁ ୭୦ ହଜାର ଟଙ୍କା ଜବତ କରିଛି। ପ୍ରକାଶ ଯେ, ଗତ ଜୁଲାଇ ୨୬ ତାରିଖରେ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଓ ମରଣାନ୍ତକ ଆକ୍ରମଣ କରି ଲୁଟ ହୋଇଥିବା ନେଇ ଯାଜପୁର ସଦର ଥାନାରେ ବ୍ୟାଙ୍କ କର୍ମଚାରୀ ଦାସ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଥିଲେ ଯେ, ପାଣିକୋଇଲିରୁ ଯାଜପୁର ଟାଉନକୁ ଟଙ୍କା ନେଇ ଫେରୁଥିବାବେଳେ ୩ ଜଣ ଲୁଟେରା ମରଣାନ୍ତକ ଆକ୍ରମଣ କରିବା ସହିତ ୧ ଲକ୍ଷ ୩୦ ହଜାର ଟଙ୍କା ସବୁ ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ ୧୪୯/୨୦୧୮ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। କିନ୍ତୁ ଏହି ଘଟଣାରେ ଅନ୍ୟ କେହି ଲୁଟେରା ସଂପୃକ୍ତ ନାହାନ୍ତି ବରଂ ନିଜେ ଲୁଟର ବ୍ଲୁ ପ୍ରିଣ୍ଟ ଭିଆଇଥିବା ପୋଲିସ ତଦନ୍ତରେ ସନ୍ଦେହ କରିଥିଲା। ଏପରିକି ଉକ୍ତ କର୍ମଚାରୀ ଜଣକ ଲୁଟ ପାଇଁ ନିଜର ଦେହକୁ ବ୍ଲେଡରେ କାଟି ପକାଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲଙ୍କ ନେତୃତ୍ୱରେ ସଦର ଥାନାଧିକାରୀ ତଦନ୍ତ କରିଥିଲେ। ପୂର୍ବରୁ ମଧ ଏହି ଥାନା ଅଧିନରେ ଜଣେ ବେପାରୀଙ୍କ୍ ଗୋଡହାତ ବାନ୍ଧି ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା ଓ ପରେ ଉକ୍ତ ବେପାରୀ ହିଁ ଲୁଟରେ ସଂପୃକ୍ତ ଥିବା ପୋଲିସ ଜାଣି ପାରିଥିଲା। ବର୍ତ୍ତମାନ ବହୁ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଏହି ଉପାୟରେ କମ୍ପାନୀ ଟଙ୍କାକୁ ଆତ୍ମସାତ କରିବାକୁ ଉଦ୍ୟମ କରୁଥିବା ଏସଡିପିଓ ମଲ୍ଲ ପ୍ରକାଶ କରିଛନ୍ତି।

■ ରାଜନେତାଙ୍କ ହାତବାରିସି ସାଜିଛି ପୋଲିସ

# ହତ୍ୟା ଅଭିଯୋଗ ପରେ ମଧ ରୁଜୁ ହେଉନି ମାମଲା

**କୋରେଇ, ୨୩।୮(ସ୍ୱ.ପ୍ର)**

ଯାଜପୁର ଜିଲାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଛି। ଜିଲା ପୋଲିସ ଓ ବିଭିନ୍ନ ଥାନାର ଅଧିକାରୀମାନେ ରାଜନେତାଙ୍କ ହାତବାରିସୀ ସାଜି ବେଆଇନ କାମକୁ ପ୍ରୋତ୍ସାହନ ଦେଇ ସାଧାରଣ ନାଗରିକଙ୍କୁ ନ୍ୟାୟ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଯାହାର ଏକ ଉଦାହରଣ ହେଲା ଗତ ୩ତାରିଖ ରାତି ୯ଟା ସମୟରେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ଗୁରୁଦାସପୁର ଗ୍ରାମର ନାରାୟଣ ଜେନାଙ୍କ ପୁଅ ତପନଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରି ମକେଇପୁର ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ଶିବ ମନ୍ଦିର ନିକଟରେ ପକେଇ ଦେଇ ପଳାଇଯାଇଥିଲେ। ପରେ ତପନଙ୍କ ବାପା ସମେତ ସ୍ଥାନୀୟ ଅଧିବାସୀ ବହୁ ଖୋଜାଖୋଜି କରିଥିଲେ । ପରେ ଯାଜପୁର ମେଡିକାଲ ଯାଇ ଅନୁସନ୍ଧାନ କରିବା ପରେ ପୁଅକୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିବା ଜାଣିବାକୁ ପାଇଥିଲେ। ପରେ ପୁଅକୁ କଟକ ବଡ଼ ଡ଼ାକ୍ତରଖାନାରେ ଆଇସିୟୁରେ ପାଇଥିଲେ ଅଲେଖ। ସେଠାରେ ସାତ ଦିନ ରହିବା ପରେ ତପନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତପନଙ୍କ ଭାଇ ଜିତୁ ପ୍ରକାଶ ଜେନା ଯାଜପୁର ଥାନାରେ ଭାଇଙ୍କୁ ହତ୍ୟା କରାଯାଇଛି ବୋଲି ଏତଲା ଦେବା ସହିତ ଅଭିଯୁକ୍ତଙ୍କ ନାମ ଏତଲାରେ ଉଲ୍ଲେଖ କରିଥିଲେ। ହେଲେ ଅଭିଯୁକ୍ତମାନେ ଜିଲାର ଜଣେ ବିଧାୟକଙ୍କ ପାଖ ଲୋକ ହୋଇଥିବାରୁ ସେମାନଙ୍କ ନାମରେ ଅଭିଯୋଗକୁ ଦେଖି ପୋଲିସ ମାମଲା ରୁଜୁ କରିବାକୁ ଭୟ କରିଥିଲା। ପରେ ତପନଙ୍କ ପିତା ଅଲେଖ ୧୭ ତାରିଖରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନାଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲେ। ଏସ୍‌ପି ଘଟଣାକୁ ଗୁରୁତର ସହ ନେଇ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଜପୁର ଟାଉନ ପୋଲିସକୁ ନିର୍ଦ୍ଦେଶ ଦେବା ପରେ ମଧ ମାମଲା ରୁଜୁ ହୋଇପାରି ନାହିଁ। ଫଳରେ ବାଧହୋଇ ଅଲେଖ ଅନ୍ ଲାଇନରେ ଅଭିଯୋଗ କରିଛନ୍ତି। ଏତଲାର ରେଜିଷ୍ଟ୍ରେଶନ ନମ୍ବର ୨୪୫୦୩୦୨୫୦୭୧୮୦୦୦୦୭। ଏଥିସହିତ ଜାତୀୟ ମାନବଧିକାର କମିଶନଙ୍କ ପାଖରେ ମଧ ଅଭିଯୋଗ ଦାଖଲ କରି ନ୍ୟାୟ ଭିକ୍ଷା କରିଛନ୍ତି। ହତ୍ୟା ଭଳି ଏକ ସଙ୍ଗୀନ ଅଭିଯୋଗରେ ମଧ ଯାଜପୁର ଟାଉନ ପୋଲିସ ମାମଲା ରୁଜୁ ନ କରିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।




ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ମୃତ ତପନଙ୍କ ଭାଇ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଛାତ୍ର ଗୁରୁତର

କାଳିଆପାଣି, ୨୩।୮(ଡି.ଏନ୍.ଏ)- ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କୋଳିପଶୀ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟ ଶ୍ରେଣୀଗୃହରେ ଥିବା ବିଦ୍ୟୁତ୍ ବୋର୍ଡରେ ବାହାରିଥିବା ତାରରେ ହାତ ବାଜିଯିବାରୁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଟିସ୍କୋ ହସ୍ପିଟାଲକୁ ନିଆଯାଇଥିଲା। ପରେ କଳିଙ୍ଗନଗର ସ୍ଥିତ ଟାଟା ମେଡ଼ିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଛାତ୍ରଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି। କଂସ ପଞ୍ଚାୟତ କୋଳିପଶୀ ପ୍ରାଥମିକ ବିଦ୍ୟାଳୟ ସ୍କୁଲରେ ଓସ୍ତପାଳ ଗ୍ରାମର ରୋହିତ ବେହେରାଙ୍କ ପୁଅ ଦଶରଥ ବେହେରା (୧୧) ଷଷ୍ଠ ଶ୍ରେଣୀରେ ପାଠ ପଢନ୍ତି। ବିଦ୍ୟାଳୟରେ ଖେଳୁଥିବା ସମୟରେ ଶ୍ରେଣୀ ଗୃହରେ ରହିଥିବା ବିଦ୍ୟୁତ ବୋର୍ଡ଼ରେ ହାତ ବାଜିବାରୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ପିଲାମାନେ ଶିକ୍ଷକଙ୍କୁ ଜଣାଇବାରୁ ତୁରନ୍ତ ଦଶରଥଙ୍କୁ ଡ଼ାକ୍ତରଖାନାକୁ ଆଣାଯାଇ ଥିଲା । ତେବେ ବିଦ୍ୟାଳୟରେ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର ରହିଥିବା ବେଳେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ନଜରକୁ ନ ଆସିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

### ପୁଣି ସ୍ଥାନାନ୍ତର ହେଲା ହାଣ୍ଡିଆ ହାଟ

ଡୁବୁରୀ, ୨୩।୮(ଡି.ଏନ୍.ଏ)- ଡୁବୁରୀ -ନରଣପୁର ମୁଖ୍ୟ ରାସ୍ତା କଡରେ ସାପ୍ତାହିକ ହାଣ୍ଡିଆ ହାଟକୁ ନେଇ ବିବାଦ ବଢିବାରେ ଲାଗିଛି । ଗତ ଗୁରୁବାର ହାଟକୁ ସ୍ଥାନୀୟ ପୋଲିସ ପ୍ରଶାସନ ମୁଖ୍ୟରାସ୍ତାଠାରୁ ଦେଢଶହ ମିଟର ଦୂରକୁ ଉଠାଇଥିଲା । ହେଲେ ଉକ୍ତ ସ୍ଥାନଟି ଡୁବୁରୀ ଗ୍ରାମର ପ୍ରେମନାରାୟଣ ଦାସଙ୍କ ନିଜସ୍ୱ ଜାଗା ହୋଇଥିବାରୁ ସେ ଏହାକୁ ବିରୋଧ କରିଥିଲେ । ଉକ୍ତ ଜାଗାରୁ ମାହାସୁଲ ବାବଦରେ ହାଟ ନିଲାମ ଧାରୀ ହଜାର ହଜାର ଟଙ୍କା ଆଦାୟ କରିବେ ତାହା ଆଦୌ ସମୁଚିନ ନୁହେଁ ବୋଲି ପ୍ରେମ ନାରାୟଣ ଦର୍ଶାଇବା ସହ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ଯାହାକୁ ନେଇ ପୋଲିସ ପୁଣ୍ଣଥରେ ହାଣ୍ଡିଆ ହାଟକୁ ସେହି ସ୍ଥାନରୁ ଶହେ ମିଟର ସ୍ଥାନାନ୍ତର କରିଛି । ତେବେ ସମ୍ପୃକ୍ତ ସ୍ଥାନଟି ସରକାରୀ ଜମି ଅନ୍ତର୍ଭୁକ୍ତ ହୋଇଥିଲେ ମଧ ସେଥିରେ ଅଞ୍ଚଳର କେତେକ ବ୍ୟକ୍ତିଙ୍କ ପଟ୍ଟାଭୁକ୍ତ ଜମି ରହିଥିବା କୁହାଯାଉଛି। ଏପରି ସ୍ଥଳେ ଦୀର୍ଘ ୫୦ ବର୍ଷର ଏହି ହାଣ୍ଡିଆ ହାଟ ବନ୍ଦ ହୋଇଯିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

### ବିଦ୍ୟାଳୟ ପରିସରରେ ଚାରାରୋପଣ

ଧର୍ମଶାଳା, ୨୩।୮(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତ ବାସୁଦେବପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ ଏବଂ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ତଥା ସମାଜସେବୀ ଶ୍ରୀନିବାସ ଜେନା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ବେଣୁଧର ଶରଣ, ଅଖିଳ କୁମାର ସ୍ୱାଇଁ, ଛବିନ୍ଦ୍ର ମଳିକ ଓ ଯଦୁନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମସୁନ୍ଦର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ସହକାରୀ ଶିକ୍ଷକ କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯଦୁନାଥ ଦାସମହାପାତ୍ରଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା, ୨୩।୮(ଡି.ଏନ୍.ଏ.)- ପ୍ରାକ୍ତନ ଶିକ୍ଷାମନ୍ତ୍ରୀ କବି ଓ ନାଟ୍ୟକାର ଯଦୁନାଥ ଦାସମହାପାତ୍ରଙ୍କ ବିୟୋଗରେ ବୁଧବାର ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି । ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଯଦୁନାଥଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ବଟକୃଷ୍ଣ ଓଝା, ରୁଦ୍ର ନାରାୟଣ ପୃଷ୍ଟି, ପ୍ରଭାକର ଶତପଥୀ, ସୁନାକର ସାହୁ, ବିଜୟ କୁମାର ନାୟକ, ପ୍ରତାପରୁଦ୍ର ପଣ୍ଡା , ରାମଚନ୍ଦ୍ର ସାହୁ, ସଞ୍ଜୟ କୁମାର ରାୟ, ଇନ୍ଦୁପ୍ରଭା ସାମଲ, ଇନ୍ଦ୍ରମଣି ନାୟକ, ଗୁଲାମ୍ ଗସ୍, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅନିଲ୍ କୁମାର ନାୟକ, ବ୍ରଜରାଜ ତ୍ରିପାଠୀ, ବ୍ରଜକିଶୋର ଦାଶ, ବ୍ରଜବନ୍ଧୁ ଶତପଥୀ, ସୀତାକାନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ।

# ଭଙ୍ଗା କୁଡ଼ିଆରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

ରସୁଲପୁର, ୨୩।୮(ଡି.ଏନ୍.ଏ.)




### ସାହାପଡା ଅଙ୍ଗନୱାଡି କେନ୍ଦ୍ର-୨

- ଅଙ୍ଗନୱାଡି କେନ୍ଦ୍ର ପାଇଁ ହୋଇ ପାରୁନି ଜାଗା ଚୟନ
- ଅସ୍ୱାସ୍ଥ୍ୟକର ପରିବେଶରେ ପଢାଯାଉଛି ପାଠ
- ତଦାରଖ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ଅବହେଳା ଅଭିଯୋଗ

ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଙ୍ଗନୱାଡି କେନ୍ଦ୍ରର ଭୂମିକା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ କେନ୍ଦ୍ରଗୁଡିକର ଉନ୍ନତି କ୍ଷେତ୍ରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ପରିମଳ ଦିଗରେ ଗୁରୁତ୍ୱ ଦିଆଯାଉଛି। ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ ଅନ୍ତର୍ଗତ ସାହାପଡା ଅଙ୍ଗନୱାଡି କେନ୍ଦ୍ର-୨ଟି ଦୀର୍ଘ ବର୍ଷ ଧରି ଭଙ୍ଗା କୁଡିଆ ଘରେ ଚାଲଛି । ହେଲେ ଏଥିପ୍ରତି କେହି ଦୃଷ୍ଟି ନ ଦେବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବନ୍ଧଡିଅ ସରପଞ୍ଚ ବିଜୟ କୁମାର ଜେନା ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଉପଯୁକ୍ତ ଜମି ଖୋଜା ଚାଲିଛି ବୋଲି କହିଛନ୍ତି । ସେହିପରି ମହିଳା ଓ ଶିଶୁ ମଙ୍ଗଳ ଅଧିକାରିଣୀ ସରିତା ନାୟକଙ୍କୁ ପଚାରିବାରୁ ଅଙ୍ଗନୱାଡି କର୍ମୀମାନେ ନିଜ ଉଦ୍ୟମରେ ଘର ତିଆରି କରି କେନ୍ଦ୍ର ଚଳାଉଛନ୍ତି। ଏ ନେଇ ସୁପରଭାଇଜରଙ୍କୁ ଜଣାଇବା ପରେ ସ୍ଥିତ ପରଖିବେ ବୋଲି କହିଛନ୍ତି । ସମନ୍ୱିତ ମହିଳା ଓ ଶିଶୁ ବିକାଶ କେନ୍ଦ୍ର ଅଧୀନରେ ସାହାପଡା ଅଙ୍ଗନୱାଡି କେନ୍ଦ୍ର-୨ ରହିଛି । ସେହିପରି ସାହପଡା ଅଙ୍ଗନୱାଡି କେନ୍ଦ୍ର-୧ଟି ଗ୍ରାମରେ ଥିବା ବିଦ୍ୟାଳୟରେ ରହିଛି। ଅଙ୍ଗନୱାଡି କେନ୍ଦ୍ର-୨ ପାଇଁ ଗ୍ରାମରେ ଉପଯୁକ୍ତ ସ୍ଥାନ ନ ଥିବାରୁ ନିଜସ୍ୱ ଖର୍ଚ୍ଚରେ ଅଙ୍ଗନୱାଡି କର୍ମୀମାନେ ନିଜସ୍ୱ ପଇସାରେ ତାଳବରଡା ପତ୍ରରେ ଏକ ଅସ୍ଥାୟୀ ଘର ନିର୍ମାଣ କରି ପାଠ ପଢା ଆରମ୍ଭ କରିଛନ୍ତି। ମାଟି ଚଟାଣ ଉପରେ ଜରିପାଲ ପକାଯାଇ ପିଲାମାନଙ୍କୁ ବସାଯାଉଛି। ବର୍ଷାଦିନରେ ଓଦା ଓ ସନ୍ତସନ୍ତିଆ ମାଟି ଚଟାଣ ଉପରେ ବସିବାରୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ଅଭିଯୋଗ ହୋଇଛି। ନିଜସ୍ୱ ରୋଷେଇ ଘର ନ ଥିବାରୁ ପିଲାମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନରେ ଅସୁବିଧା ସୃଷ୍ଟି ହେଉଥିବା ନେଇ ଅଙ୍ଗନୱାଡି କର୍ମୀ କହିଛନ୍ତି । ଶିଶୁର ପ୍ରଥମ ଶିକ୍ଷା ଅଙ୍ଗନୱାଡି କେନ୍ଦ୍ରରୁ ପ୍ରାରମ୍ଭ ହୋଇଥାଏ କହିଲେ ଚଳେ। କେନ୍ଦ୍ରରେ ଶିଶୁଟିଏ ଜନ୍ମ ହେବାର ୬ମାସ ପରଠାରୁ ତାର ସ୍ୱାସ୍ଥ୍ୟ, ଶିକ୍ଷା ଓ ବୌଦ୍ଧିକ ବିକାଶ ଦିଗରେ ଗୁରୁତ୍ୱ ଦିଆଯାଇଥାଏ । ଗର୍ଭବତୀ, ପ୍ରସୂତି ମା' ଓ ନବଜାତ ଶିଶୁର ଯତ୍ନ ନେବା ସହ ବୟସ ଅନୁସାରେ ସେମାନଙ୍କର ଓଜନ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ହେଲେ ଏହି ଘଟଣାକୁ ତଦାରଖ ଦାୟିତ୍ୱରେ ଥିବା ସୁପରଭାଇଜରମାନେ ଅଣଦେଖା କରୁଥିବାରୁ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରଟିଏ ନିର୍ମାଣ ହୋଇ ପାରି ନାହିଁ। ଏଭଳି ଘଟଣା ବର୍ଷ ବର୍ଷ ଧରି ଚାଲଥିବା ବେଳେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ । ଫଳରେ କେନ୍ଦ୍ରର ଅବସ୍ଥାକୁ ଦେଖି ଅଭିଭାବକମାନେ ସେମାନଙ୍କର ପିଲାଙ୍କୁ ପାଠପଢିବାକୁ ଛାଡିବାକୁ ଅମଙ୍ଗ ହେଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

### ଚିତ୍ରାଙ୍କନ ପ୍ରତିଯୋଗିତା

ବିରଜାକ୍ଷେତ୍ର,୨୩।୮(ଡି.ଏନ୍.ଏ.)

ଯାଜପୁର ଇନର୍‌ହ୍ୱିଲ କ୍ଲବ ପକ୍ଷରୁ ଜାହାନପୁର ପଞ୍ଚାୟତ ଅନ୍ତର୍ଗତ କପିଳେଶ୍ୱର ନୋଡାଲ ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପରିବେଶ, ପରିଚ୍ଛନ୍ନତା ଓ ସ୍ୱଚ୍ଛ ଭାରତ ଅଭିଯାନ ସଂପର୍କୀତ ଚିତ୍ରଗୁଡିକୁ ପିଲାମାନଙ୍କୁ ଆଙ୍କିବାକୁ ଦିଆଯାଇଥିଲା । ଏଥିରେ ୧୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । କ୍ଲବର ସଭାପତି ପ୍ରେମଲତା ପଣ୍ଡା, ସମ୍ପାଦିକା ଚିତ୍ରଲେଖା ନାୟକ, ବରିଷ୍ଠ ସଭ୍ୟା ଆଶାଲତା ପତି, ଅନ୍ନପୂର୍ଣ୍ଣା ଶତପଥି, ତୁଷାରକାନ୍ତି ନାୟକ, ତିଳୋତ୍ତମା ଦାଶ, ପ୍ରତିମା ସାହୁ, ଯାଜ୍ଞସେନୀ ମହାନ୍ତି, ସ୍ମିତା ପଟ୍ଟନାୟକ, ସ୍ୱୟଂପ୍ରଭା ପଣ୍ଡା ଓ ମାନସୀରାଣୀ ଓଝା ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଅନସୂୟା ଜେନା, ଶିକ୍ଷୟିତ୍ରୀ ମାତୁଲୀ ତ୍ରିପାଠୀ, ଅଳକା ସାମଲ, ସୁଷମା କର, ସଙ୍ଗୀତା ମହାନ୍ତି, ଶୁଭଶ୍ରୀ ମହାନ୍ତି, ଶିକ୍ଷକ ବିଜୟଶ୍ରୀ ଦାସ ଓ ସେକ୍ ମତଲୁବ ଅଲ୍ଲୀ ପ୍ରମୁଖ ପ୍ରତିଯୋଗୀତାକୁ କରିଥିଲେ ।

## ପାଣି ପାଇଁ ଆନ୍ଦୋଳନ
# ପାଠପଢ଼ା ଛାଡ଼ି ଧାରଣାରେ ବସିଲେ ଛାତ୍ରୀଛାତ୍ର

ରସୁଲପୁର, ୨୩।୮(ଡି.ଏନ୍.ଏ.)



ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ଧାରଣାରେ ବସିଛନ୍ତି ।

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ପ୍ରଥମଖଣ୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ ଗୁରୁବାର ବିଦ୍ୟାଳୟ ପରିସରରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଦାବିରେ ହାତରେ ପ୍ଲାକାର୍ଡଧରି କୋମଳମତୀ ଛାତ୍ରୀଛାତ୍ରମାନେ ନାନା ସ୍ଲୋଗାନ ଦେଇଥିଲେ । ଏ ନେଇ ପ୍ରଧାନ ଶିକ୍ଷକ ମେଘନାଦ ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଦସ୍ୟମାନେ ବିଡିଓ ଓ ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ । ଶୁକ୍ରବାରଠାରୁ ବିଦ୍ୟାଳୟରେ ଏକ ନୂତନ ନଳକୂପ ଖୋଳାଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ ।

ପ୍ରଥମଖଣ୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଏକ ନଳକୂପ ରହିଛି । ନଳକୂପରୁ ଲୌହଯୁକ୍ତ ଓ ଦୁର୍ଗନ୍ଧ ପାଣି ବାହାରୁଛି । ଏଭଳି ସ୍ଥିତି ଦୀର୍ଘ ଦିନ ଧରି ଲାଗିରହିଛି । ମଧାହ୍ନ ଭୋଜନ ରାନ୍ଧିବା ପାଇଁ ଗ୍ରାମରେ ଥିବା ନଳକୂପରୁ ପାଣି ଅଣାଯାଇ ବ୍ୟବହାର କରାଯାଉ ଥିଲା । ଏ ନେଇ ବିଦ୍ୟାଳୟ ପକ୍ଷରୁ ମାର୍ଚ୍ଚରେ ରସୁଲପୁର ବିଡିଓ ଓ ପାନୀୟ ଜଳଯୋଗାଣ ବିଭାଗକୁ ଲିଖିତ ଭାବେ ଜଣାଯାଇଛି । ହେଲେ କୌଣସି ସୁଫଳ ମିଳି ନ ପାରିବାରୁ ବାଧହୋଇ ପିଲାମାନେ ପାଠପଢା ଛାଡି ଧାରଣାରେ ବସିଥିଲେ । ଖବର ପାଇ ସ୍ଥାନୀୟ ସରପଞ୍ଚ ଚିନ୍ତାମଣି ସୁର ଓ ସିଆରସିସି ପ୍ରଦୀପ ପ୍ରଧାନ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲେ । ଏ ନେଇ ସିଆରସିସି ପିଲାମାନଙ୍କୁ ଧାରଣାରୁ ଓହରିବାକୁ ପରାମର୍ଶ ଦେବା ସହ ପ୍ରଧାନ ଶିକ୍ଷକ, ସରପଞ୍ଚ, ପରିଚାଳନା କମିଟିର ସଭାପତିଙ୍କ ସହ ଆଲୋଚନା କରିଥିଲେ । ଶେଷରେ ପିଲାମାନଙ୍କ ସହ ପ୍ରଧାନ ଶିକ୍ଷକ, ସରପଞ୍ଚ ଓ କମିଟି ସଭାପତି ରସୁଲପୁର ବିଡିଓଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ତେବେ ବିଦ୍ୟାଳୟରେ ଏକ ନୂତନ ନଳକୂପ ଖନନ ପାଇଁ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

### ଗହ୍ମାପୂର୍ଣ୍ଣିମା ମହୋତ୍ସବ ପ୍ରସ୍ତୁତି ବୈଠକ

ବିରଜାକ୍ଷେତ୍ର,୨୩।୮(ଡି.ଏନ୍.ଏ.)- ଗୀତା ଜାଗରଣ ପରିଷଦ କାର୍ଯ୍ୟାଳୟ ଠାରେ ଗହ୍ମାପୂର୍ଣ୍ଣିମା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପରିଷଦର ସଭାପତି ପ୍ରତିମା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଆଗାମୀ ୨୫ରେ ସକାଳ ୮ଟାରେ ବିନ୍ଧାଣସ୍ଥିତ ଉ.ପ୍ରା ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଗୋ-ଚିକିତ୍ସା ଶିବିର ଆୟୋଜନ କରାଯିବ। ଏଥିସହିତ ୨୬ରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୋମହିଷାଦି ଗୃହପାଳିତ ପଶୁମାନଙ୍କର ବନ୍ଦନା, ଶ୍ରୀ ବଳଦେବଙ୍କ ଜନ୍ମୋତ୍ସବ ପାଇଁ ପୂଜାର୍ଚ୍ଚନା କରାଯିବ। ପରସ୍ପର ମଧ୍ୟରେ ପବିତ୍ର ରକ୍ଷାବନ୍ଧନ ପର୍ବପାଳନ ଅବସରରେ ସଭ୍ୟସଭ୍ୟାଙ୍କୁ ୨ଦିନ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । ସମ୍ପାଦକ ଭାସ୍କର ମହାନ୍ତି, ଗୋବିନ୍ଦ ସ୍ୱାଇଁ, ବନବିହାରୀ, ଅଖିଳ ମୋହନ ଦାଶ ଓ ସନ୍ତୋଷ କୁମାର ସ୍ୱର୍ଣ୍ଣକର ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରୋଦ ଚନ୍ଦ୍ର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେଜ ପରିସର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ରତ୍ନଗିରୀ,୨୩।୮(ଡ଼ି.ଏନ୍.ଏ)

ବରୀ ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଗୋପବନ୍ଧୁ ଚୌଧୁରି (ଜି.ସି.)ମହାବିଦ୍ୟାଳୟ ପରିସର ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଏହି ଘଟଣା ମହାବିଦ୍ୟାଳୟର ଅଧକ୍ଷ ଠାରୁ ଆରମ୍ଭ କରି କର୍ମଚାରୀମାନେ ଅବଗତ ଥିଲେ। ତେବେ କୌଣସି ଠୋସ୍ ପଦକ୍ଷେପ ନ ନେବା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଗକୁ ରହିଛି ଛାତ୍ର ସଂସଦ ନିର୍ବାଚନ । ତେଣୁ ଅଣଛାତ୍ର ଓ ମଦ୍ୟପମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ବିଶୃଙ୍ଖଳା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି । ଅସାମାଜିକ ବ୍ୟକ୍ତିମାନଙ୍କୁ ଆୟୁଧ କରି ନିଜ ସପକ୍ଷରେ ମତଦାନ କରିବାକୁ କେତେଜଣ ରାଜନେତା ମଧ ଛାତ୍ରୀଛାତ୍ରମାନଙ୍କୁ ଭୟଭୀତ କରୁଥିବା କେତେଜଣ ଛାତ୍ରୀ ଅଭିଯୋଗ ମଧ କରିଛନ୍ତି । ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ନିକଟରେ ମଦ ବୋତଲ, ପାଣି ପାଉଚ୍ ଓ ଗ୍ଲାସ୍ ଆଦି ପଡ଼ି ରହିଥିବା ଯୋଗୁ ଏହାର କୁପ୍ରଭାବ କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ଯଦି ଅସାମାଜିକ ବ୍ୟକ୍ତିମାନେ କଲେଜର ସୁସ୍ଥ ବାତାବରଣ ଉପରେ ପ୍ରତିବନ୍ଧକ ସୃଷ୍ଟି କରନ୍ତି ତେବେ ଭବିଷ୍ୟତରେ ପୋଲିସ ଓ ପ୍ରଶାସନରେ ଏହାର ବିହିତ ପଦକ୍ଷେପ ନିମନ୍ତେ ଅଭିଯୋଗ କରାଯିବ ବିଭନ୍ନ ମହଲରେ ଚେତାବନୀ ଦିଆଯାଇଛି।

# ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ଉପରେ ଚଢ଼ାଉ

ଡୁବୁରୀ, ୨୩।୮(ଡି.ଏନ୍.ଏ.)

କଳିଙ୍ଗନଗର ଥାନା ପୋଲିସ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ଡୁବୁରୀ ଛକସ୍ଥିତ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଚଢାଉ କରାଯାଇଛି। କାର୍ଯ୍ୟାଳୟରେ ଗାଡିମାଲିକମାନେ ଲକ୍ଷାଧିକ ଟଙ୍କାର ଜୁଆ ଖେଳୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହେଉଥିଲା । ଯାହାକୁ ନେଇ କଳିଙ୍ଗନଗର ଥାନା ପୋଲିସ ଚଢାଉ ଟ୍ରକ୍ ମାଲିକ କାର୍ଯ୍ୟାଳୟ ଉପରେ ଚଢାଉ କରିଥିଲେ। ତେବେ ଚଢାଉ ଖବର ପାଇ ଘଟଣାସ୍ଥଳରୁ ଜୁଆଡିମାନେ ଫେରାର ହୋଇଯାଇଥିବାରୁ ପୋଲିସ ଖାଲି ହାତରେ ଫେରିଥିବା ଜଣାପଡିଛି।

# ଚୋରି ବ୍ୟାଟେରି ଜବତ, ୨ଅଟକ

ଧର୍ମଶାଳା, ୨୩।୮(ଡି.ଏନ୍.ଏ.)

ଧର୍ମଶାଳା ଥାନା ଥାନୁଆଳ ପଞ୍ଚାୟତ ଅନ୍ତର୍ଗତ ଯୋଗରଡା ଗ୍ରାମ ମୋହନ ତ୍ରିପାଠୀଙ୍କର ଅଟୋରୁ ଚୋରି ବ୍ୟାଟେରିକୁ ଗୁରୁବାର ପୋଲିସ ଉଦ୍ଧାର କରିବା ସହ ୨ଜଣ ଯୁବକଙ୍କୁ ଅଟକ ରଖିଛି। ଯୋଗରଡା ଗ୍ରାମର ମୋହନ ତ୍ରିପାଠୀଙ୍କ ଅଟୋରୁ ଗତ ୯ତାରିଖ ରାତିରେ ବ୍ୟାଟେରି ଚୋରି ହୋଇଥିଲା। ଏନେଇ ମୋହନା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଗ୍ରାମର ଜଣେ ଯୁବକଙ୍କ ଘରେ ଚଢାଉ କରି ଚୋରି ବ୍ୟାଟେରି ଜବତ କରିବା ସହ ସହଯୋଗୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ତେବେ ଏମାନେ ପୂର୍ବରୁ ଗ୍ରାମର ଅନ୍ୟ ଜଣଙ୍କ ଅଟୋରୁ ମଧ ବ୍ୟାଟେରି ଚୋରି କରି ନେଇଥିଲେ । ହେଲେ ଧରାପଡିଯିବାରୁ ତାକୁ ଫେରାଇଦେଇଥିବା ପୋଲିସ ତଦନ୍ତରୁ ଜଣିବାକୁ ପାଇଛି।

# ଫେଙ୍କର ଖଣି ଗେଟ୍ ସମ୍ମୁଖରେ ଅନଶନ

କାଳିଆପାଣି, ୨୩।୮(ଡି.ଏନ୍.ଏ.)



ଧାରଣାରେ ବସିଥିବା ଛଟେଇ କର୍ମଚାରୀ ଦୀପକ ଦାସ ଓ ତାଙ୍କ ସ୍ତ୍ରୀ।

ଫେଙ୍କର ଖଣିରେ ଠିକାଦାର ନିକଟରେ ଭାରିଯାନ ଡ୍ରାଇଭରଭାବେ କାର୍ଯ୍ୟ କରୁଥିବା ଦୀପକ ଦାସଙ୍କୁ ବେଆଇନଭାବେ ଛଟେଇ ପ୍ରତିବାଦରେ ଗୁରୁବାର ପରିବାର ସହ କମ୍ପାନୀ ଗେଟ ସମ୍ମୁଖରେ ଦୀପକ ଆମରଣ ଅନଶନରେ ବସିଥିବା ଜଣାପଡିଛି। ଖବର ପାଇ କମ୍ପାନୀ ପକ୍ଷରୁ ପରିଚାଳକ ସମେତ ବହୁ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୀପକଙ୍କୁ ଅନଶନରୁ ଓହରିବା ପାଇଁ କହିଥିଲେ ମଧ ସେ ରାଜି ହୋଇ ନ ଥିଲେ। ପରେ କାଳିଆପାଣି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଦୀପକଙ୍କୁ ବୁଝାସୁଝା କରିଥିଲେ ମଧ ନିରାଶ ହୋଇଥିବା ଜଣାପଡିଛି। ଏନେଇ ଫେଙ୍କର ଖଣି ପରିଚାଳକ ଅଜୟ କୁମାର ପାତ୍ର ପଚାରିବାରୁ ଏ ସମ୍ବନ୍ଧୀୟ ଦାବି ପତ୍ର ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଛି। ଉପରିସ୍ଥ ଅଧିକାରୀଙ୍କ ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରିବ । କମ୍ପାନୀ ପକ୍ଷରୁ ଦୀପକଙ୍କ ଉପରେ ନଜର ରଖାଯାଇଛି ବୋଲି ସେ କହିଛନ୍ତି। ସେପଟେ ଯେ ପର୍ଯ୍ୟନ୍ତ ପୁନର୍ବାର ନିଯୁକ୍ତି ନ ମିଳିଛି ସେ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଦୀପକ କହିଛନ୍ତି । ପ୍ରକାଶ ଯେ, କଂସ ପଞ୍ଚାୟତ କୋଳିପଶି ଗ୍ରାମର ଦୀପକ ଫେଙ୍କର କମ୍ପାନୀ ଓସ୍ତପାଳ ଖଣିରେ ୧୪ ବର୍ଷ ହେବ ସେଠାରେ ନିଯୁକ୍ତ ଠିକାଦାର ନିକଟରେ ଡ୍ରାଇଭର ଭାବେ କାର୍ଯ୍ୟ କରିଆସୁଥିଲେ। ମା' ରୁକ୍ମଣୀଙ୍କ ଦେହ ଖରାପ ହେବାରୁ ଭୁବନେଶ୍ୱର ସ୍ଥିତ ଏକ ଡ଼ାକ୍ତରଖାନାରେ ଚିକିତ୍ସା କରାଇବା ସମୟରେ ଏକ ମାସ ଧରି କାମରେ ଯୋଗଦେଇ ପାରି ନ ଥିଲେ । ମା' ସୁସ୍ଥ ହୋଇ ଘରକୁ ଫେରିବା ପରେ କମ୍ପାନୀରେ ଯୋଗଦେବାକୁ ଯିବାବେଳେ ତାଙ୍କୁ ଛଟେଇ କରାଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଶ୍ରମିକ ସଂଗଠନ ଏସଆଇସିକେଏମ୍ଏସ୍ ସଭାପତି ଓ ସମ୍ପାଦକଙ୍କୁ ଜଣାଇଥିଲେ ମଧ ସୁଫଳ ମିଳିପାରି ନ ଥିଲା । ତେଣୁ ନିଯୁକ୍ତି ଦାବିରେ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲାପ୍ରଶାସନଙ୍କ ନିକଟକୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

# ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବତୀଙ୍କୁ ଗଣବଳାତ୍କାର ଘଟଣା ଚପାଇବାକୁ ଉଦ୍ୟମ

ରସୁଲପୁର, ୨୩।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଞ୍ଚାୟତରେ ବୁଧବାର ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ଜନୈକ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବତୀଙ୍କୁ ଗଣ ବଳାତ୍କାରଘଟଣାକୁ ଚପାଇ ଦେବାକୁ ଜୋରଦାର ପ୍ରୟାସ କରାଯାଉଛି । ଯୁବତୀଙ୍କ ପରିବାର ଅତ୍ୟନ୍ତ ନିଃସହାୟ ହୋଇଥିବାରୁ ଆଇନର ଦ୍ୱାରସ୍ଥ ପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି । ଏହାର ସୁଯୋଗ ନେଇ କେତେକ ପ୍ରଭାବଶାଳୀ ବ୍ୟକ୍ତି ଘଟଣାରେ ହସ୍ତକ୍ଷେପ କରି ମାମଲାକୁ ରଫାଦଫା କରିଦେବାକୁ ପ୍ରୟାସ କରୁଥିବା ଅଭିଯୋଗ ହୋଇଛି। ପୀଡିତା ଅସୁସ୍ଥ ଥିବାରୁ ତାଙ୍କର ଘରୋଇ ଚିକିତ୍ସା କରାଯାଉଥିବା ବେଳେ ଡାକ୍ତରଖାନାକୁ ନ ନେବା ପାଇଁ ପରିବାର ଲୋକଙ୍କ ଉପରେ ଚାପ ପକାଯାଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ପୀଡିତାଙ୍କୁ ନ୍ୟାୟ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଇଦ୍-ଉଜ୍-ଜୁହା ଅବସରରେ ଜନୈକ ଯୁବତୀ ଗ୍ରାମର ଜଣେ ଲୋକଙ୍କ ଘରକୁ ବୁଲିବାକୁ ଯାଇଥିଲେ । ଏହି ସମୟରେ ସେହି ସମ୍ପ୍ରଦାୟର ୪ରୁ୫ ଯୁବକ ତାଙ୍କୁ ପିଛା କରିଥିଲେ । ଏକୁଟିଆ ପାଇ ଅତଲାପୁର ଗ୍ରାମର ବିଦ୍ୟାଳୟ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଯୁବକମାନେ ଯୁବତୀଙ୍କୁ ଉଠାଇ ନେଇ ବଳାତ୍କାର କରିଥିଲେ । ଯୁବତୀ ଜଣଙ୍କ ଘରକୁ ଫେରିବାରେ ବିଳମ୍ବ ହେବାରୁ ପିରିବାର ଲୋକେ ଖୋଜାଖୋଜି କରିଥିଲେ। ଜଣେ ଅଭିଯୁକ୍ତ ଝିଅର ବାପାକୁ ଭେଟି ସେ ବ୍ରହ୍ମବରଦାସ୍ଥିତ ଝିଅଙ୍କ ବନ୍ଧୁ ଘରେ ତାଙ୍କୁ ଛାଡି ଦେଇ ଆସିଛନ୍ତି ବୋଲି କହିଥିଲେ। ଗ୍ରାମର କେତେକ ଲୋକ ଯୁବତୀଙ୍କ ଓଢଣୀ ମସଜିଦ୍ ନିକଟରେ ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଖୋଜାଖୋଜି ପରେ ପରିବାର ଲୋକ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଏକ ପରିତ୍ୟକ୍ତ ଘରୁ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବାରୁ କୌଣସି ମାମଲା ରୁଜୁ ହୋଇନାହିଁ।

## ଉନ୍ନତିମୂଳକ କାର୍ଯ୍ୟକ୍ରମ ପ୍ରତି ଅବହେଳା
# ୩୦ରେ ବ୍ଲକ୍ ଅଫିସ ଆଗରେ ଧାରଣା ଦେବେ ସରପଞ୍ଚ

ଦଶରଥପୁର,୨୩।୮(ଡି.ଏନ୍.ଏ)

ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଖାନନଗର ପଞ୍ଚାୟତ ସରପଞ୍ଚଙ୍କ ଉପରେ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ କ୍ଷମତାପ୍ରତି ଚରମ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ ସାହୁ ୩୦ ତାରିଖରେ ବ୍ଲକ୍ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ, ଏଠାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଉନାହିଁ । ସରପଞ୍ଚଙ୍କ କ୍ଷମତାକୁ ସମ୍ପୂର୍ଣ୍ଣଭାବେ ଅବହେଳା କରାଯାଇ ବିଭିନ୍ନ ଜନହିତକର ସରକାରୀ ଯୋଜନାରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଛି। ବଦଳରେ ଅଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି ବୋଲି ସାହୁ କହିଛନ୍ତି । ନିର୍ବାଚନର ୧୮ ମାସ ପରେ ମଧ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ପ୍ରକଳ୍ପ ହସ୍ତାନ୍ତର କରାନଯିବା, ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ବ୍ଲକ୍ ତରଫରୁ ସହଯୋଗ ନ ମିଳିବା, ୩୦ ଜୁନ୍ ୨୦୧୮ ପରେ ଏନ୍ଏଫ୍ଏସ୍ଏ ରାସନକାର୍ଡରୁ ମୃତ ଓ ବିବାହିତ ଝିଅଙ୍କୁ ବାଦ, ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡରେ ଅନ୍ତର୍ଭୁକ୍ତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଓ ଭତ୍ତା ପ୍ରଦାନ ଆଦି ବିଭିନ୍ନ ଜନକଲ୍ୟାଣ ଯୋଜନା ନେଇ ସେ ବିଡିଓ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ । ପ୍ରଶାସନ ଏହାଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ସାହୁ ପଞ୍ଚାୟତବାସୀଙ୍କ ସହ ବ୍ଲକ୍ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗୁରୁବାର ଏନେଇ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ମଙ୍ଗଳପୁର ଥାନା ଅଧିକାରୀ ଓ ପଞ୍ଚାୟତିରାଜ ସଚିବଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ସଂକ୍ଷେପରେ

### ଖାଦ୍ୟ ସୁରକ୍ଷା ଯୋଜନା ସମୀକ୍ଷା କଲେ ଉପଜିଲାପାଳ

**ବୁଗୁଡ଼ା,୨୩।୮(ଡି.ଏନ.ଏ.):** ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଶନିବାର ବୁଗୁଡ଼ା ଗସ୍ତରେ ଆସି ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରିଥିବା ଜଣାପଡ଼ିଛି। ଉପଜିଲାପାଳ ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତରେ ପହଞ୍ଚି ସେଠାରେ ଚାଲିଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାସହ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟର ମଧ ସମୀକ୍ଷା କରିଥିଲେ। ପରେ ସେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ସଞ୍ଜୀବରାଜ ସେନାପତି, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, କନିଷ୍ଠଯନ୍ତ୍ରୀ ସୁନିତା ଦାଶ, ଯୋଗାଣ ନିରୀକ୍ଷକ ଅନିତା ରାଉତରାୟ, ସରପଞ୍ଚ ପ୍ରତିନିଧି ବବୁଲ ନାୟକ, ମାଣିତରା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଗ୍ରାମ ରୋଜଗାର ସେବକ ଯୋଗାଣ ସହାୟକ ମଧ ସେଠାରେ ଉପସ୍ଥିତ ଥିଲେ। ପରେ ଉପଜିଲାପାଳ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା ଉପସ୍ଥିତ ଥିଲେ।

### ଚୋରି ମାମଲାରେ ୬ ମାସ ଜେଲ

**ପାତ୍ରପୁର,୨୩।୮(ଡି.ଏନ.ଏ.):** ପାତ୍ରପୁର ବ୍ଲକ ଜୟନ୍ତିପୁର ଗ୍ରାମରେ ଗତ ୨୦୧୪ ରେ ହୋଇଥିବା ଶଗଡ଼ ଚୋର ଚୋରି ଘଟଣାରେ ଗୁରୁବାର ପାତ୍ରପୁର ବିଚାର ବିଭାଗୀୟ ଅଦାଲତ ପକ୍ଷରୁ ରାୟ ପ୍ରକାଶ ପାଇଛି। ଉକ୍ତ ଗ୍ରାମର ଏସ.ରାଜାରାଓଙ୍କୁ ୬ ମାସ ଜେଲ ଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛି। ପ୍ରକାଶଯେ, ଗ୍ରାମର ବି.ସାରଥିଙ୍କ ଶଗଡ଼ର ଗୋଟିଏ ଚକକୁ ଏସ.ରାଜାରାଓ ଚୋରି କରି ନେଉଥିବା ବେଳେ ଧରା ପଡିଥିଲେ। ପରେ ଗ୍ରାମରେ ଏକ ବୈଠକ ଡ଼କାଯାଇ ରାଜାରାଓଙ୍କୁ ଘଟଣା ସମ୍ପର୍କରେ ପଚରା ଯାଇଥିଲା। ଚକ ଚୋରି କରିଥିବା ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲେ। ପରେସେ ସାରଥିଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୨୩୯/୧୮ରେ ମାମଲା ରୁଜୁ କରି ରାଜାରାଓଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ରୂପ ରଞ୍ଜନ ମିଶ୍ର ମାମଲା ପରିଚାଳନା କରିଥିଲେ।

### ଚକାପାଦରେ ନୂତନ ଥାନା ଅଧିକାରୀ

**ଶଙ୍କରାଖୋଲ,୨୩।୮(ଡି.ଏନ.ଏ.):** ଚକାପାଦରେ ନୂତନ ଥାନା ଅଧିକାରୀ ଭାବେ ସତ୍ୟଭାମା ବେହେରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ କନ୍ଧମାଳ ଜିଲା ଆରକ୍ଷୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ମାଦକଦ୍ରବ୍ୟ ଏବଂ ବିଭିନ୍ନ ଚୋରା କାରବାର ଉପରେ ନଜର ରଖିବା ସହ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି।

### ବିଦ୍ୟାଳୟ ପରିଦର୍ଶନ କଲେ ଅତିରିକ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ



**ଗୋପାଳପୁର,୨୩।୮:** ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଓଡ଼ିଶା ମାଧମିକ ଶିକ୍ଷା ମିଶନର ଅତିରିକ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପରିଦର୍ଶନ କରିଛନ୍ତି । ଗୁରୁବାର ଅପରାହ୍ନରେ କରାପଲ୍ଲୀସ୍ଥିତ ଆଦର୍ଶ ବିଦ୍ୟାଳୟକୁ ଅତିରିକ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଚିତ୍ରସେନ ପଶାୟତ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, ଛତ୍ରପୁର ବିଇଓ ଅଭିନାସ ଶତପଥୀ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସମ୍ପର୍କରେ ପ୍ରଶ୍ନ ପଚାରିବା ସହ ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷକ ଅଭାବ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷକଙ୍କଠାରୁ ବୁଝିଥିଲେ । ପରେ ଅତିରିକ୍ତ ଜିଲାପାଳ ବିଜୟ ଚନ୍ଦ୍ର ଦାସ ଆଦର୍ଶ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚନା ଏହାକୁ ଶୀଘ୍ର ସମାଧାନ କରାଯିବ ବୋଲି ସେ ମତ ଦେଇଥିଲେ । ରଙ୍ଗେଇଲୁଣ୍ଡା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ମଧ ପରିଦର୍ଶନ କରି ଭିତ୍ତିଭୂମି, ପାଠପଢ଼ା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷକଙ୍କ ଆଲୋଚନା କରିଥିଲେ । ପରିଦର୍ଶନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

■ ଉପକୂଳ ସୁରକ୍ଷା ଚିନ୍ତା

# ଅରଖକୁଦାରେ ସ୍ଥାପନ ହେବ ରାଡାର ଷ୍ଟେଶନ

**ପୁରୀ ଅଫିସ, ୨୩।୮**

■ସ୍ଥାପନ କରିବ ଭାରତୀୟ ତଟରକ୍ଷୀ ବାହିନୀ
■୩ ବର୍ଷ ହେଲା ଜମିକୁ ନେଇ ଲାଗି ରହିଛି ସମସ୍ୟା
■ମୁକୁଳା ପଡ଼ିଛି ୧୫୦କି.ମି. ସମୁଦ୍ର ଉପକୂଳ

ଉପକୂଳବାସୀଙ୍କ ସୁରକ୍ଷା ପାଇଁ ଅରଖକୁଦାରେ ଭାରତୀୟ ତଟରକ୍ଷୀ ବାହିନୀ ସ୍ଥାପନ କରିବ ଜାତୀୟ ସୁରକ୍ଷା ପ୍ରକଳ୍ପ ଚେନ୍ ଅଫ୍ ଷ୍ଟାଟିକ ସେନ୍ସସର। ଏହାକୁ ରିମୋଟ ଅପରେଟିଂ ଷ୍ଟେଶନ ତଥା ରାଡାର ଷ୍ଟେଶନ ମଧ କୁହାଯାଉଛି। ଜଳପଥ ଦେଇ ଅନୁପ୍ରବେଶ ସଂକ୍ରାନ୍ତରେ ଆଗୁଆ ସୂଚନା ପ୍ରଦାନ କରିବ ଏହି ରାଡାର। କିନ୍ତୁ ଜମିକୁ ନେଇ ସମସ୍ୟା ରହିଥିବାରୁ ପ୍ରତିଷ୍ଠା ହୋଇପାରୁନି ଏହି ପ୍ରକଳ୍ପ।

ଅସ୍ତରଙ୍ଗ ମୁହାଣଠାରୁ ଚିଲିକା ମୁହାଣ ପର୍ଯ୍ୟନ୍ତ ପ୍ରାୟ ୧୫୦.୪ କି.ମି. ପୁରୀ ଜିଲାର ସାମୁଦ୍ରିକ ଉପୂକଳ ଇଲାକା ରହିଛି। ପୁରୀ ଜିଲାରେ ୪ଟି ସାମୁଦ୍ରିକ ଥାନା ରହିଛି। ସାମୁଦ୍ରିକ ଥାନାଗୁଡିକ ସଙ୍ଗିନ ସ୍ଥିତିରେ ଚାଲିଛି। ବୋଟ୍ ନାହିଁ କି କର୍ମଚାରୀ ନାହାନ୍ତି। ସମୁଦ୍ର ବେଳାଭୂମିଠାରୁ ୧୨ ନଟିକାଲ ମାଇଲ୍ସ ପର୍ଯ୍ୟନ୍ତ ସାମୁଦ୍ରିକ ଥାନାର ପାଟ୍ରୋଲିଂ ଦାୟିତ୍ୱ ରହିଛି। ଏହା ପରବର୍ତ୍ତୀ ଇଲାକାରେ ସୁରକ୍ଷା ଦାୟିତ୍ୱ ଭାରତୀୟ ତଟରକ୍ଷୀ ବାହିନୀ (ଇଣ୍ଡିଆନ କୋଷ୍ଟଗାର୍ଡ) ଏବଂ ଭାରତୀୟ ନୌବାହିନୀ ହାତରେ ନ୍ୟସ୍ତ ରହିଛି। ୨୦୧୫ ଜାନୁୟାରୀରେ ଗୁଜରାଟର ପୋରବନ୍ଦରଠାରୁ ୩୬୫କି.ମି. ଦୂରରେ ପାକିସ୍ତାନୀ ବିସ୍ଫୋରକ ଭର୍ତ୍ତି ବୋଟ ଭାରତୀୟ ତଟରକ୍ଷୀ ବାହିନୀ ଦ୍ୱାରା ଠାବ ହୋଇଥିଲା। ଜଳପଥ ଦେଇ ଅଧିକାଂଶ ସମୟରେ ଅନୁପ୍ରବେଶର ଆଶଙ୍କା ରହିଛି। ପୁରୀ ଜିଲାର ସମୁଦ୍ର ଉପକୂଳ ମୁକୁଳା ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ ଅରଖକୁଦାଠାରେ ଅତ୍ୟାଧୁନିକ ଡେନ୍‌ମାର୍କର ରାଡାର ସ୍ଥାପନ କରାଯିବ। ଏହାସହିତ ଅଟୋମେଟିକ ଆଇଡେଣ୍ଟିଫିକେଶନ୍ ସିଷ୍ଟମ୍ ଲଗାଯିବ। ଏହାଦ୍ୱାରା ପୁରୀ ସମୁଦ୍ର ଉପକୂଳର ପ୍ରାୟ ୫୦ରୁ ୧ଶହ କି.ମି. ମଧରେ ଚଳାଚଳ କରୁଥିବା ଭେସେଲ,ବୋଟ୍ ଓ ଜାହାଜ ଆଦିର ଗତିବଧି ସଂକ୍ରାନ୍ତରେ ଜାଣିହେବ। ଏହାସହିତ ଉପକୂଳ ସୁରକ୍ଷା ପ୍ରତି ଏହି ଷ୍ଟେଶନ ଅଧିକ ଗୁରୁତ୍ୱ ଦେବ। ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ପାରାଦୀପ ଏବଂ ଗୋପାଳପୁରଠାରେ ରାଡାର ଷ୍ଟେଶନ ରହିଥିବା ବେଳେ ପୁରୀ ଜିଲା ବ୍ରହ୍ମଗିରି ନିକଟସ୍ଥ ଅରଖକୁଦାରେ ଏହି ଷ୍ଟେଶନ ସ୍ଥାପନ ଲାଗି ୨୦୧୫ ମସିହାରୁ ଉଦ୍ୟମ ଆରମ୍ଭ ହୋଇଛି। ୨୦୧୫ ମସିହାରେ ତଟରକ୍ଷୀ ବାହିନୀ ପକ୍ଷରୁ ଜିଲା ପ୍ରଶାସନକୁ ଜମି ମଗାଯାଇଥିଲା। ବ୍ରହ୍ମଗିରି ତହସିଲ ମାଣିକପାଟଣା ମୌଜାର ଖାତା ନମ୍ବର ୨୫୫ରେ ପ୍ଲଟ ନଂ. ୯୨୭/୧୪୭୦ରେ ୧ଏକର ସରକାରୀ ଜମି ଲିଜ ସୂତ୍ରରେ ଦେବା ଲାଗି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଜମିର ପ୍ରିମିୟମ ବାବଦକୁ ୭ଲକ୍ଷ ୬୮ହଜାର ୭୫୦ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଉକ୍ତ ଜମିକୁ ୨୫ବର୍ଷିଆ ଲିଜ୍ ସୂତ୍ରରେ ଦେବା ଲାଗି ଜିଲା ପ୍ରଶାସନ ସ୍ଥିର କରିଛି। କିନ୍ତୁ ଏହା ଏକ ଜାତୀୟ ପ୍ରକଳ୍ପ ଏବଂ ଉପକୂଳ ସୁରକ୍ଷା ପ୍ରକଳ୍ପ ହୋଇଥିବାରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ୨୫ ବର୍ଷିଆ ଲିଜ୍‌କୁ ନାପସନ୍ଦ କରିଥିବା ଜଣାପଡିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଉକ୍ତ ଜମିକୁ ୯୯ବର୍ଷ ଲିଜ୍‌ରେ ନେବାକୁ ଚାହୁଁଛି। ଅନ୍ୟପକ୍ଷରେ ୬ମାସ ମଧ ଲିଜ୍ ଚୁକ୍ତିପତ୍ର ସ୍ୱାକ୍ଷରିତ କରିବା ଲାଗି ଜିଲା ପ୍ରଶାସନର ନିର୍ଦ୍ଦେଶ ରହିଛି। ୨୦୧୭ ଅକ୍ଟୋବର ୨୭ରେ ବ୍ରହ୍ମଗିରି ତହସିଲଦାରଙ୍କୁ ଲିଜ୍ ଦଲିଲ ପଞ୍ଜୀକରଣ କରିବା ଲାଗି ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ଏହିଦିନଠାରୁ ୬ମାସ ମଧରେ ଲିଜ୍ ଦଲିଲ ହେବା କଥା। ବର୍ତ୍ତମାନ ୬ମାସରୁ ଅଧିକ ହୋଇଥିବାରୁ ଆଉ ଲିଜ୍ ହୋଇପାରିବ ନାହିଁ। ଏଭଳି ଜମି ସମସ୍ୟା ମଧରେ ଛନ୍ଦିହୋଇ ରହିଛି ଏହି ପ୍ରକଳ୍ପ।



ସମୁଦ୍ର କୂଳ ଖାଉଛି।

## କୂଳ ଖାଉଛି ସମୁଦ୍ର

**ପୁରୀ ଅଫିସ, ୨୩।୮**

ଗତ କିଛିଦିନ ହେବ ପୁରୀ ସମୁଦ୍ର କୂଳ ଖାଉଛି। ବାଲି ଅତଡ଼ା ଧସି ସମୁଦ୍ରରେ ମିଶୁଛି। ବିଶେଷକରି ଗତ ଲଗାଣ ବର୍ଷା ପରେ ଅଧିକ ମାତ୍ରାରେ କୂଳ ଖାଉଥିବାରୁ ସ୍ଥାନୀୟ ଉଠାବ୍ୟବସାୟୀ ଭୟଭୀତ ହୋଇପଡିଛନ୍ତି। କିନ୍ତୁ ସମୁଦ୍ର କୂଳ ଖାଇବା ନିତିଦିନିଆ ଘଟଣା। ସମୁଦ୍ର ଅଶାନ୍ତ ରହିଲେ ବଡ଼ ଜୁଆର ହୁଏ, ଏହା କୂଳରେ ମାଡ଼ ହୋଇ ବାଲି ଖାଇଯାଏ ବୋଲି କେହି କେହି କହୁଛନ୍ତି। ଗୁରୁବାର ସ୍ୱର୍ଗଦ୍ୱାର ସମ୍ମୁଖରେ ଗଭୀର ଭାବେ ସମୁଦ୍ର କୂଳ ଖାଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ପ୍ରତିଦିନ ସମୁଦ୍ର ଆଳତି ହେଉଥିବା ସ୍ଥାନ ପରିବର୍ତ୍ତନ ହୋଇଛି। ସାମାନ୍ୟ ପଛକୁ ଘୁଞ୍ଚିଛି ଆଳତି ସ୍ଥଳ। ଅନ୍ୟପକ୍ଷରେ ପୁରୀରେ ପ୍ରଥମକରି ଏପରି ହୋଇନାହିଁ। ପୂର୍ବରୁ ମଧ ସମୁଦ୍ରର ଏହି କରାଳ ରୂପ ଦେଖିବାକୁ ମିଳିଛି। ୨୦୧୬ ଅଗଷ୍ଟରେ ସ୍ୱର୍ଗଦ୍ୱାର ସମ୍ମୁଖରେ ବେଳାଭୂମି କ୍ଷୟ ହୋଇଥିଲା। ପ୍ରାୟ ୨୦୦ ଫୁଟରୁ ଉର୍ଦ୍ଧ୍ୱ କୂଳ ଖାଇଥିଲା। ବେଳାଭୂମି ମାର୍ଗ ପର୍ଯ୍ୟନ୍ତ ସମୁଦ୍ର ଛୁଇଁଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା। ମାଡ୍ରାସରୁ ୨ ଜଣ ବିଶେଷଜ୍ଞ ଆସି ସମୁଦ୍ରର ଏଭଳି ସ୍ଥିତି ଅନୁଧ୍ୟାନ କରିଥିଲେ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗର ଉଚ୍ଚ ପଦାଧିକାରୀ ମଧ ଆସି ଦେଖିଥିଲେ। ପରବର୍ତ୍ତୀ ସମୟରେ ସମୁଦ୍ର ପୁଣି ତା' ପୂର୍ବ ସ୍ଥିତିକୁ ଫେରିଥିଲା।

ବର୍ଷା ପାଣିରେ ବୁଡି ଶିଶୁ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବି କରି ଅଞ୍ଚଳବାସୀଙ୍କ ବିକ୍ଷୋଭ

**ପୁରୀ ଅଫିସ, ୨୩।୮**

ଗତ ଲଗାଣ ବର୍ଷ ପରଠାରୁ ବଳିଆପଣ୍ଡା ଏବଂ ଧୋବାଖାଲ ବସ୍ତି ପାଣି ଘେରରେ ରହିଛି। ଜଳ ନିଷ୍କାସନ ଲାଗି ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଗତ ୨୧ତାରିଖରେ ବଳିଆପଣ୍ଡା ଓଡିଶା ଭବନ ପଛପାର୍ଶ୍ୱ ବସ୍ତିର ଖାଲୁଆ ସ୍ଥାନରେ ଜମିଥିବା ପାଣିରେ ବୁଡ଼ିଯାଇ ତୋଫାନ ପରିଡା ନାମକ ୪ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଥିଲା। ମୃତକ ପରିବାରଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକରି ପୁରୀ ବଳିଆପଣ୍ଡା ବସ୍ତି ବାସିନ୍ଦା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୃତ ଶିଶୁର ପିତା ପଦ୍ମଲୋଚନ ପରିଡା, ଲକ୍ଷ୍ମୀ ପରିଡା, ଦୁର୍ଗା ମାଧବ ସାହୁ, ନିରାକାର ମହାରଣା, କୃଷ୍ଣ ମୋହନ ପ୍ରଧାନ, ବିଜୟ ଲକ୍ଷ୍ମୀ ସାହୁ, ବିକ୍ରମ ମଲ୍ଲିକ, ଟିଙ୍କି ପରିଡା, ସସ୍ମିତା ମଲ୍ଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉପ ଜିଲାପାଳ ଭବତାରଣ ସାହୁ ପହଞ୍ଚି ଆଲୋଚନା କରିବା ପରେ ସେମାନେ ବକ୍ଷୋଭରୁ ଉଠିଥିଲେ।

## ଶିଶୁ ସୁରକ୍ଷା ଆୟୋଗ ସଦସ୍ୟଙ୍କ ବାଳିକା ହାଇସ୍କୁଲ ପରିଦର୍ଶନ

**ଚନ୍ଦ୍ରଗିରି,୨୩।୮(ଡି.ଏନ୍.ଏ.)**

ଓଡିଶା ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ ହରିହର ନାୟକ ଗୁରୁବାର ସନ୍ଧ୍ୟାରେ ମୋହନା ବ୍ଲକ ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ଶ୍ରେଣୀଗୃହ, ହଷ୍ଟେଲ, ରୋଷେଇ ଘର, ଶୌଚାଳୟ ବୁଲି ଦେଖିବା ସହ ପାନୀୟଜଳ ବିଜୁଳିର ସ୍ଥିତି ଅନୁଧ୍ୟାନ କରି ଦୁଃଖ ପ୍ରକାଶ କରିଥିଲେ। ଏସବୁ ପ୍ରତି ଦୃଷ୍ଟି ଦେବାକୁ ପ୍ରଧାନ ଶିକ୍ଷକ ଓ ଉପସ୍ଥିତ ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ବାହାରେ ବିଭିନ୍ନ ଆବାସିକ ବିଦ୍ୟାଳୟର ଅନ୍ତେବାସିନୀଙ୍କ ଉପରେ ହେଉଥିବା ନିର୍ଯାତନା ଓ ହଷ୍ଟେଲରେ ଅବ୍ୟବସ୍ଥା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପରେ ବିଭିନ୍ନ ସ୍ଥାନରେ ଥିବା ଛାତ୍ରୀନିବାସ ତଥା ଅନୁସୂଚିତ ଜାତି ଓ ଜନଜାତି ରହୁଥିବା ଆବାସିକ ବିଦ୍ୟାଳୟ ଗୁଡିକୁ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିବାରୁ ସେ ଏହି ଗସ୍ତ କରିଥିବା କହିଛନ୍ତି। ଏଠାରେ ସିସି କ୍ୟାମେରା ଲଗାଇ ଛାତ୍ରୀମାନଙ୍କୁ ସୁରକ୍ଷା ନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଥିଲେ।



ସ୍କୁଲ ପରିସରରେ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ ।

## କୃଷ୍ଣପ୍ରସାଦ ବ୍ଲକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ

**ପୁରୀ ଅଫିସ,୨୩।୮**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତ ପାଇଁ ହେବ ମେଗା ପାନୀୟ ଜଳ ପ୍ରକଳ୍ପ। ଏହି ପ୍ରକଳ୍ପ ଜରିଆରେ ୯୨ଟି ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ। ଆସନ୍ତା ଏକ ମାସ ମଧରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨ବର୍ଷ ମଧରେ ଶେଷ ହେବ ବୋଲି ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ତଥା ବିଧାନସଭା ଏଷ୍ଟିମେଟ୍ କମିଟି ଅଧକ୍ଷ ସଞ୍ଜୟ ଦାସବର୍ମା ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ୪ବର୍ଷ ତଳେ କୃଷ୍ଣପ୍ରସାଦ ଅଞ୍ଚଳରେ ଏନେଇ ସର୍ଭେ କରାଯାଇଥିଲା। ଭୂମିର ୪୦ଫୁଟ ତଳେ କ୍ଲୋରାଇଡ ବାହାରୁଥିବା ଜଣାପଡିବାରୁ ଏହି ଅଞ୍ଚଳକୁ ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ୧୩୦କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କରିବା ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେଇଛନ୍ତି। ଗଞ୍ଜାମ ଜିଲାର ଋଷିକୂଲ୍ୟା ଅବବାହିକାର ଶ୍ରୀବଣଠାରୁ ଇନଟେକ୍ ୱେଲ ଜରିଆରେ ପାଣି ଅଣାଯିବ। ୫ଟି ଜଳଭଣ୍ଡାର ଜରିଆରେ କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତର ୬୩ହଜାର ୭୧୦ଜଣ



ଖବରଦାତା ସମ୍ମିଳନୀରେ ବିଧାୟକ ସୂଚନା ପ୍ରଦାନ କରୁଛନ୍ତି।

■ଖର୍ଚ୍ଚ ହେବ ୧୩୦ କୋଟି
■ଉପକୃତ ହେବେ ୧୪ ପଞ୍ଚାୟତବାସୀ

ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଣ ହେବ। ହାଇଦ୍ରାବାଦର ଜିଭିପିଆର ଇଞ୍ଜିନିୟର ଲିଃ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦିଆଯାଇଛି। ଅନ୍ୟପକ୍ଷରେ କଣାସ, ବହ୍ମଗିରି ଓ ସତ୍ୟବାଦୀ ବ୍ଲକ ଲାଗି ୧୭୮କୋଟି ଟଙ୍କା ବ୍ୟୟରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବା ସେ କହିଛନ୍ତି। ଉକ୍ତ ହାଇଦ୍ରାବାଦ କମ୍ପାନୀ ନିର୍ମାଣ ଦାୟିତ୍ୱ ନେଇଛି। ଏହା ସମ୍ପୂର୍ଣ୍ଣ ହେଲେ କଣାସ ବ୍ଲକର ୨୩ଟି, ବ୍ରହ୍ମଗିରି ବ୍ଲକର ୪ଟି ଓ ସତ୍ୟବାଦୀ ବ୍ଲକର ୨ଟି ପଞ୍ଚାୟତ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବ। ସେହିପରି ବ୍ରହ୍ମଗିରି ବ୍ଲକର ୯ଟି ପଞ୍ଚାୟତର ୫୫ଟି ଗ୍ରାମ ପାଇଁ ଏକ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ୧୬କୋଟି ଟଙ୍କା ବ୍ୟୟରେ ହେଉଥିବା ଉକ୍ତ ପ୍ରକଳ୍ପ ୨ମାସ ମଧରେ କାର୍ଯ୍ୟକ୍ଷମ ହେବ। ଭାର୍ଗବୀ ନଦୀରୁ ଉକ୍ତ ୫୫ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହେବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି ଏବଂ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ପି.କେ.ନାୟକ ଉପସ୍ଥିତ ଥିଲେ।

### ଦେଶୀ ମଦ ଜବତ, ୫ ଗିରଫ

**ହିଞ୍ଜିଳିକାଟୁ, ୨୩।୮(ଡି.ଏନ୍.ଏ.)**

ହିଞ୍ଜିଳି ପୋଲିସ ବୁଧବାର ଓ ଗୁରୁବାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଦ ଧରପଗଡ଼ ଜୋରଦାର କରିଛି। ଏଥିରେ ୫ଜଣଙ୍କୁ ବେଆଇନ ମଦ ବିକ୍ରି ଅଭିଯୋଗରେ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୭୨ଲିଟର ଦେଶୀ ମଦ ଜବତ କରାଯାଇଛି। ଥାନାରେ କେଶ ନଂ-୨୦୩/୧୮ ରୁ ୨୦୭/୧୮ ପର୍ଯ୍ୟନ୍ତ ମୋଟ ୫ଟି ମାମଲା ରୁଜୁ ହୋଇଛି।

## ହିଞ୍ଜିଳିକାଟୁ ମର୍ଚ୍ଚାଣ୍ଟ ଆସୋସିଏଶନର ବାର୍ଷିକୋତ୍ସବ

**ପୁରୁଷୋତ୍ତମପୁର,୨୩।୮ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ତାରାତାରିଣୀ ପୀଠରେ ହିଞ୍ଜିଳିକାଟୁ ମର୍ଚ୍ଚାଣ୍ଟ ଆସୋସିଏସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବରିଷ୍ଠ ଓକିଲ ଶମ୍ଭୁ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ମତ୍ସ୍ୟଜୀବୀ ସଂଘର ସଭାପତି ପାଣ୍ଡବ ଜାଲି, ପୁରୁଷୋତ୍ତମପୁର ବ୍ଲକ ଉପାଧକ୍ଷ ଶରତ ଚନ୍ଦ୍ର ବେହେରା, ପ୍ରଭାତ କୁମାର ସାମନ୍ତରା ଓ ଅଜୟ କୁମାର ପଣ୍ଡା ଯୋଗ ଦେଇଥିଲେ। ଏହା ସହ ଆସୋସିଏସନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବରିଷ୍ଠ ଓକିଲ ଶମ୍ଭୁ ପାଣିଗ୍ରାହୀ, ଉପ ସଭାପତି କୃଷ୍ଣଚନ୍ଦ୍ର ଗୌଡ, ସମ୍ପାଦକ ଅନିଲ କୁମାର ମହାପାତ୍ର, ସହ ସମ୍ପାଦକ ଶଙ୍କର ଗୌଡ, କୋଷାଧକ୍ଷ ଅନ୍ତର୍ଯ୍ୟାମୀ ପଣ୍ଡା ଓ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ମାଧବ ଗୌଡ, ଭିକା ବେହେରା, ବିଜୟ ଚନ୍ଦ୍ର ପାତ୍ର, ଡମ୍ବରୁଧର ନାହାକ ମନୋନୀତ ହୋଇଛନ୍ତି।

## ଖେମୁଣ୍ଡି କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର

**ଦିଗପହଣ୍ଡି,୨୩।୮(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ଶନିବାର ମାଇକୋଲୋଜି(ଫଙ୍ଗସ) କବକଙ୍କ ସମ୍ପର୍କରେ ଗବେଷଣା ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗୋପୀନାଥ ଦାସଙ୍କ ସଂଯୋଜନାରେ ଆୟୋଜିତ ପାଠଚକ୍ରକୁ କଲେଜ ଅଧକ୍ଷ ମୁରଲୀଧର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସହକାରୀ ଅଧକ୍ଷା ଡ. ହରପ୍ରିୟା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଅବିନାଶ ପାଢ଼ୀ, ଆଶୁତୋଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ବନ୍ଦନା ଦାସ, ଇତିଶ୍ରୀ ପଣ୍ଡା, ଗାୟତ୍ରୀ ସେଠୀ, ରୁପାଲି ପାଣିଗ୍ରାହୀ, ଛାତ୍ର ବିକ୍ରମ ସିଂ, ରାଜେଶ ଦାସ, ହୃଷୀକେଶ ପାଢ଼ୀ, ପପୁ ସ୍ୱାଇଁ, ଅରୁଣ ନାୟକ, ବିଜୟ ବିଷୋୟୀ ଓ ପିଣ୍ଟୁ ଭୂୟାଁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସ୍କୁଲ କାର୍ଯ୍ୟାଳୟ ସହାୟକଙ୍କୁ ପ୍ରଶିକ୍ଷଣ

**ଭଞ୍ଜନଗର,୨୩।୮(ଡି.ଏନ.ଏ.)**

ଭଞ୍ଜନଗର, ବେଲଗୁଣ୍ଠା, ସୋରଡ଼ା, ଜଗନ୍ନାଥପ୍ରସାଦ ଓ ବୁଗୁଡ଼ାର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ଥିବା ଅଫିସ ସହାୟକମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ରବିବାର ସ୍ଥାନୀୟ ଦୀନବନ୍ଧୁ ବେହେରା ବାଳିକା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରରେ ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅଡ଼ିଟର ଜୟନ୍ତ ସାହୁ, କିରାଣି ବିପିନ ବିହାରୀ ପାଠୀ, ଗିରିଜା ଶଙ୍କର ଦାସ ପ୍ରଶିକ୍ଷକ ଭାବେ ଯୋଗଦେଇ ସହାୟକମାନେ ଅଫିସ କାର୍ଯ୍ୟ କିଭଳି ତୁଲାଇବେ ତାହା ବୁଝାଇଥିଲେ। ପ୍ରଧାନ ଶିକ୍ଷକ ଗୋଦାବରୀ ସାହୁ, ସହକାରୀ ଶିକ୍ଷକ ରବି ନାରାୟଣ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସନ୍ନ୍ୟାସୀ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଲକ୍ଷ୍ମଣ କୁମାର ମଲିକ, ପୂର୍ବତନ ସଭାପତି ଲଳିତ ମୋହନ ପଟ୍ଟନାୟକ, ପୂର୍ବତନ ସମ୍ପାଦକ ବୃନ୍ଦାବନ ସାହୁ, ଉମା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

■ ସରକାରୀ ପ୍ରୋତ୍ସାହନ ଅଭାବ

# କୌଳିକ ବୃତ୍ତିରୁ ଦୂରେଇ ଯାଉଛନ୍ତି ପଥର କାରିଗର

**ବିଦ୍ୟାଧର ସାହୁ**
**ଗଞ୍ଜାମ,୨୩।୮(ଡି.ଏନ.ଏ.)**

କିଛି ବର୍ଷ ପୂର୍ବେ ଗଞ୍ଜାମ ବ୍ଲକ କୁଶପଲ୍ଲୀ ଦଳିତ ଏବଂ ଆଖପାଖ ଅଞ୍ଚଳରେ ଥିବା ପଥର କାରିଗରମାନେ ପଥରରେ ବିଭିନ୍ନ ପ୍ରକାର ଘର କରଣା ସାମଗ୍ରୀ ତିଆରି କରି ବିକ୍ରି କରୁଥିଲେ। ଏଥିରେ ଶିଳ, ଘୁନୁପା, ପେଷଣା, ଘୋରଣା ଓ ଚନ୍ଦନ ପେଢ଼ି ଇତ୍ୟାଦି ଝିଅମାନେ ଶାଶୁଘର ଯିବା ସମୟରେ ଏଗୁଡ଼ିକୁ ସାଙ୍ଗରେ ନେଇଥାନ୍ତି। ପୂର୍ବରୁ ଏଗୁଡ଼ିକର ବହୁଳ ବ୍ୟବହୃତ ହେଉଥିବା ବେଳେ ବର୍ତ୍ତମାନ ତାହା କିନ୍ତୁ ବିଜ୍ଞାନ ଯୁଗରେ କେତେକ ମାତ୍ରାରେ କମିଛି। ଅତ୍ୟାଧୁନିକ ଯୁଗରେ ବେସର ବାଟିବା କିମ୍ବା ଚାଉଳ, ମାଣ୍ଡିଆ ଇତ୍ୟାଦି ବାଟିବା ନିମନ୍ତେ ପଥରରେ ନିର୍ମିତ ଶିଳ ଅପେକ୍ଷା ଗ୍ରାଇଣ୍ଡରକୁ ଅଧିକାଂଶ ପସନ୍ଦ କରିଥାନ୍ତି। ତଥାପି ଏବେ ମଧ ଗ୍ରାମାଞ୍ଚଳ ଗୁଡ଼ିକରେ ହେଉଥିବା ବିବାହ କାର୍ଯ୍ୟରେ କେତେକ ପରିବାର ଝିଅମାନଙ୍କୁ ପଥର ନିର୍ମିତ ବିଭିନ୍ନ ସାମଗ୍ରୀ ଦେଉଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ପଥର କାରିଗରଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା କୁଶପଲ୍ଲୀ ଦଳିତ ସାହିର ବଳରାମ ଦାସ କହିଛନ୍ତି। ସେ କହିଛନ୍ତି ଯେତେ ଇଲେକ୍ଟ୍ରିକ୍ ମେଶିନ ବାହାରିଲେ ମଧ ବିବାହ ସିଜନରେ ଲୋକମାନେ ଏହା କିଣିବାକୁ ଆସିଥାନ୍ତି। କିନ୍ତୁ ପଥର ଅଭାବ ଯୋଗୁ ସେମାନଙ୍କୁ ଆମେ ଫେରାଇବାକୁ ବାଧ ହେଉଛୁ। ବନ ବିଭାଗ ପକ୍ଷରୁ ପାହାଡ଼ରୁ ପଥର ନେବାକୁ ବାରଣ କରାଯାଉଛି। ପାହାଡ଼ରୁ ବେଆଇନ ଭାବେ ମାଫିଆମାନେ ପଥର ଚୋରାଚାଲାଣ କରୁଥିବା ବେଳେ ବନ



ପଥର କାରିଗରମାନେ।

### ବାରଣ କରାଯାଉଛି ପାହାଡ଼ ପଥର

ବିଭାଗ ରୋକିପାରୁନି। ସେମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ରାତାରାତି ଛାଡ଼ି ଦେଉଛନ୍ତି। ଏଣୁ ଆମେ ନିଜର କୌଳିକ ବୃତ୍ତି ଛାଡ଼ି ଦାଦନ ଯିବାକୁ ବାଧ ହେଉଛୁ।

ଏ ସମ୍ପର୍କରେ ଖଲ୍ଲିକୋଟ ବନଖଣ୍ଡ ଅଧିକାରୀ ଦିଲୀପ ମାର୍ଥାଙ୍କୁ ପଚାରିବାରୁ ପାହାଡ଼ରୁ ପଥର ଲିଜ୍ କାମ ରାଜସ୍ୱ ବିଭାଗର। କିନ୍ତୁ ଆମ କର୍ମଚାରୀ ଜଙ୍ଗଲକୁ ଜଗିଥିବା ବେଳେ ପଥର କିଏ ନେଲେ ଆମେ ତାହା ରାଜସ୍ୱ ବିଭାଗକୁ ଅବଗତ କରାଉଛୁ। ପ୍ରକାଶ ଯେ, ଉକ୍ତ ସାହିରେ ୬୦ ପରିବାର ରହୁଥିବା ବେଳେ ସମସ୍ତେ ପଥର କାରିଗର। ସେଥିରୁ ଯାହା ମିଳେ ପରିବାର ଚଳାଇଥାନ୍ତି। କିନ୍ତୁ କେତେକ କଟକଣା ଥିବା ଯୋଗୁ ଏଥିରୁ ଆମେ ମୁହଁ ଫେରାଇବାକୁ ବାଧ ହେଉଛୁ ବୋଲି ନର ଦାସ, ମୃଷା ଦାସ ଓ ପ୍ରକାଶ ଦାସ ପ୍ରମୁଖ କହିଛନ୍ତି।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବଡବେରଣାରେ ଡେଙ୍ଗୁରେ ୬ ଦିନରେ ୮ ଆକ୍ରାନ୍ତ

ବେଗୁନିଆ,୨୩।୮(ଡି.ଏନ୍.ଏ ): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡବେରଣା ଗ୍ରାମରେ ଗୁରୁବାର ଆଉ ୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ରାଜକିଶୋର ରଣା, ରମେଶ ପଣ୍ଡା, କୌଶଲ୍ୟା ମହାପାତ୍ର ଓ ତାଙ୍କ ବୋହୁ ରଞ୍ଜିତା ମହାପାତ୍ର। ଏମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୬ ଦିନରେ ୮ ଜଣ ଆକ୍ରାନ୍ତ ହେଲେଣି। ଅନ୍ୟପକ୍ଷରେ ଉକ୍ତ ଗ୍ରାମର ଜ୍ୱରରେ ପିଡୀତ ଥିବା ୧୮ ଜଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସେହି ନମୁନାକୁ ଭୁବନେଶ୍ୱର ଲାବୋରୋଟାରିକୁ ପରୀକ୍ଷା ପାଇଁ ପଠାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ଗ୍ରାମର ନିଖିଳ ମହାପାତ୍ର, ରେଣୁବାଳା ବାରିକ, ଅବିନାଶ ମହାପାତ୍ର ଓ ଯଶୋଦା ବେହେରା ଏହି ରୋଗରେ ପିଡୀତ ହୋଇ କ୍ୟାପିଟାଲ ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ପୋଡାଡିହ ପଞ୍ଚାୟତ ତଳଗଡ ଗ୍ରାମର ବିଶ୍ୱେଶର ବଳିଆରସିଂହ ଏହି ରୋଗରେ ମଧ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ତନ୍ମୟ ତ୍ରିପାଠି କୁହନ୍ତି, ଲୋକେ ଭୟଭୀତ ହେବାର କିଛି କାରଣ ନାହିଁ। ପ୍ରତିକାର ପାଇଁ ଉକ୍ତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ଅଛି। ତେବେ ଗାଁରେ ବସବାସ କରୁଥିବା ଲୋକମାନେ ସଚେତନ ହେବା ଆବଶ୍ୟକ ସହ ପରିମଳ ସଫେଇ କରିବା ଜରୁରୀ ବୋଲି କହିଥିଲେ। ତେବେ ଗୁରୁବାର ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପାରାସିଟାମଲ ବଟିକା, ମ୍ୟାଲେରିଆ ଟେଷ୍ଟ ପାଇଁ କିଟ୍ ଓ ଡିଡିଟି ଆସି ପହଞ୍ଚିଛି। ଏହାକୁ ଶୁକ୍ରବାର ଗ୍ରାମ ଚତୁଃପାର୍ଶ୍ୱରେ ସିଞ୍ଚନ କରାଯିବ ବୋଲି ସୂଚନା ମିଳିଛି।

### ବାଇବିନ ବାବାଙ୍କ ରାଜ୍ୟସ୍ତରୀୟ ଭଜନମଞ୍ଜରୀ



କୃଷ୍ଣପ୍ରସାଦ,୨୩।୮(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ପଞ୍ଚାୟତ ଅଧୀନ ବାଲିନାସୀ ଗ୍ରାମ ବାସଭବନଠାରେ ଗୁରୁବାର ଦୀପଦଣ୍ଡି ମଠ ମହନ୍ତ ସ୍ୱର୍ଗତ ବାଇବିନ ବାବାଙ୍କ ପ୍ରଥମ ରାଜ୍ୟସ୍ତରୀୟ ଭଜନ ମଞ୍ଜରୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୌରାଙ୍ଗପାଟଣା, ବାଲିନାସୀ, ଖୋଲାମୁହଁ ଗ୍ରାମର ବାବାଙ୍କ ପରିବାର ଓ ବନ୍ଧୁ ବର୍ଗଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ୧୪ଦେଶ ଜାତି ମହାସଂଘ ସଭାପତି ବ୍ରଜବନ୍ଧୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲିନାସୀ ଗ୍ରାମ କମିଟି ସଭାପତି ରାଘବ କାର୍ଜୀ, ଖୋଲାମୁହଁ ଗ୍ରାମ କମିଟି ସଭାପତି ରାମଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଓ ଟିଭି ସିରିଏଲର କଳାକାର ନନ୍ଦିନୀ ବେହେରା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଭଜନ ପ୍ରତିଯୋଗିତାରେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ଶତାଧିକ କଳାକାର ଅଂଶଗ୍ରହଣ କରିଥିଲେ। ମିଟୁ ପାହାନଙ୍କୁ ବାଇବିନ ଶ୍ରେଷ୍ଠ ସ୍ୱର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବାଇବିନ ବାବାଙ୍କ ଲିଖିତ ଭଜନ ମଞ୍ଜରୀ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ବାବାଙ୍କ ପୁତ୍ର ଚନ୍ଦନ ବେହେରା ଓ ଶେଷଦେବ ବେହେରାଙ୍କ ସମେତ ଅରବିନ୍ଦ ଯୁବକ ସଂଘ ଗୌରାଙ୍ଗପାଟଣାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବାଲୁଗାଁ-ବାଣପୁର ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

ବାଲୁଗାଁ ,୨୩।୮(ଡ଼ି.ଏନ.ଏ.): ବାଲୁଗାଁ-ବାଣପୁର ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଉମାମହେଶ୍ୱର ବଣିକସଂଘ ଗୃହରେ ବୁଧବାର ସନ୍ଧ୍ୟାରେ ସଭାପତି ଜଗଦିଶ ପ୍ରସାଦ ଲୋକାଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ରୋଟାରିଆନ ବ୍ରିଗେଡ଼ିୟର ନାରାୟଣ ନାୟକ ମୁଖ୍ୟଅତିଥି, ରୋଟାରିଆନ ଶିବବ୍ରତ ଦାଶ ମୁଖ୍ୟବକ୍ତା, ରୋଟାରିଆନ୍ ସୌମ୍ୟରଞ୍ଜନ ମିଶ୍ର, ଗଭର୍ଣ୍ଣର ସୁଜିତ୍ ସାମନ୍ତରାୟ ଓ ରୋଟାରିଆନ ଡ଼କ୍ଟର ଯୋଗୀନ୍ଦ୍ରନାଥ ସେନାପତି ପ୍ରମୁଖ ଯୋଗଦେଇ କ୍ଲବର ଆଭିମୁଖ୍ୟ ତଥା ଜନସେବା, ପରୋପକାର, ବୃକ୍ଷରୋପଣ, ଅନ୍ନଦାନ, ସ୍ୱଚ୍ଛଭାରତ ଅଭିଯାନ, ରକ୍ତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଚଳିତ ୨୦୧୮-୧୯ ବର୍ଷ ପାଇଁ ସଭାପତି ରୂପେ ରୋଟାରିଆନ୍ ଜଗଦିଶ ପ୍ରସାଦ ଲୋକାଟିଆ, ସମ୍ପାଦକ ଗଗନବିହାରୀ ବେହେରା ଅଧିଷ୍ଠିତ ହୋଇଥିଲେ। ପୂର୍ବତନ ସଭାପତି ଧିରେନ୍ଦ୍ର ନାଥ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

## ୪ବର୍ଷ ବିତିଲା, ସରୁନି ଶ୍ରେଣୀ ଗୃହ ନିର୍ମାଣ
# ବାରଣ୍ଡାରେ ଚାଲିଛି ପାଠପଢ଼ା



ରାଜିଙ୍ଗି ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ନୂତନ ଶ୍ରେଣୀଗୃହ କୋଠା।



ବାରଣ୍ଡାରେ ପିଲାମାନଙ୍କୁ ଶିକ୍ଷାଦାନ କରାଯାଉଛି।

ଗଣିଆ,୨୩।୮(ଡି.ଏନ୍.ଏ.)

ଶିକ୍ଷା ହିଁ ବିକାଶର ମେରୁଦଣ୍ଡ। ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରିବା ପାଇଁ ସରକାର ଶିକ୍ଷା ନାଁରେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ହେଲେ ଅନେକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ, ପାନୀୟ ଜଳ, ପାଇଖାନା ପାଚେରୀ, ଖେଳପଡ଼ିଆ, ବିଜୁଳିଆଲୋକ ଓ ଶିକ୍ଷକ ଅଭାବ ଆଦି ଅନେକ ମୌଳିକ ସମସ୍ୟା ଲାଗି ରହିଛି। କେଉଁଠି ଶ୍ରେଣୀଗୃହ ଅଭାବ ଯୋଗୁଁ ଗୋଟିଏ ଶ୍ରେଣୀଗୃହରେ ଦୁଇଟି ଶ୍ରେଣୀର ପିଲା ଏକାଠି ବସିପାଠ ପଢୁଛନ୍ତି ତ ଆଉ କେଉଁଠି ଶ୍ରେଣୀଗୃହ ନିର୍ମାଣ ବର୍ଷ ବର୍ଷ ସରି ନ ପାରି ଅଧାପନ୍ତରିଆ ହୋଇପଡିରହିଛି। ସେହିପରି ଆଉ କେତେକ ବିଦ୍ୟାଳୟରେ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏଭଳି ସ୍ଥିତ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ୧୯୪୯ ମସିହାରେ ଏଠାରେ ପ୍ରାଥମିକ ଓ ମଧ୍ୟଇଂରାଜୀ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଆଖପାଖରେ କୌଣସି ଉଚ୍ଚବିଦ୍ୟାଳୟ ନଥିବାରୁ ୨୦୧୪ ମସିହାରେ ବିଦ୍ୟାଳୟ ପରିସରରେ ହାଇସ୍କୁଲ ଖୋଲାଯାଇଥିଲା। ହେଲେ ପ୍ରଥମ ଶ୍ରେଣୀଠାରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢିବା ପାଇଁ ଶ୍ରେଣୀଗୃହର ଅଭାବ ହେତୁ ଜିଲା ଗ୍ରାମ୍ୟ ଉନ୍ନୟନ ପାଣ୍ଠିରୁ ୯୩ ଲକ୍ଷ ଟଙ୍କା ବ୍ୟୟରେ ଦୁଇମହଲା ବିଶିଷ୍ଟ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ନିର୍ମାଣ କାର୍ଯ୍ୟ ୨୦୧୪ ମସିହାଠାରୁ ଆରମ୍ଭ ହୋଇ ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ହେଁ ଅଦ୍ୟାବଧି ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆରେ ପଡିରହିଛି। ଫଳରେ ବିଦ୍ୟାଳୟରେ ୧୦ଟି ଶ୍ରେଣୀର ପିଲା ୪ଟି ପୁରୁଣା ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି। ସେଥିମଧ୍ୟରୁ କେତେକ ପିଲା ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଝରିବର୍ଷା ହେଲେ ପାଠପଢା ଠପ୍ ହୋଇଯାଉଛି। ବିଦ୍ୟାଳୟରେ ପାଠ ପଢୁଥିବା ମୋଟ ୧୯୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧ମ ଶ୍ରେଣୀରେ ୧୪, ୨ୟ ଶ୍ରେଣୀରେ ୧୨, ୩ୟ ଶ୍ରେଣୀରେ ୭, ୪ର୍ଥ ଶ୍ରେଣୀରେ ୨୦, ୫ମ ଶ୍ରେଣୀରେ ୧୧, ୬ଷ୍ଠ ଶ୍ରେଣୀରେ ୨୯, ୭ମ ଶ୍ରେଣୀରେ ୨୭, ୮ମ ଶ୍ରେଣୀରେ ୩୦, ୯ମ ଶ୍ରେଣୀରେ ୨୦ ଓ ୧୦ମ ଶ୍ରେଣୀରେ ୨୪ ଜଣ ଛାତ୍ରୀଛାତ୍ର ବର୍ତ୍ତମାନ ପାଠ ପଢୁଛନ୍ତି। ଅନ୍ୟପକ୍ଷେ ଏଠାରେ ଉଚ୍ଚ ବିଦ୍ୟାଳୟ (ହାଇସ୍କୁଲ) ଖୋଲା ଯାଇଥିଲେ ହେଁ କେବଳ ଜଣେ ମାତ୍ର ଓଡ଼ିଆ (ସାହିତ୍ୟ) ଶିକ୍ଷକଙ୍କୁ ଛାଡିଦେଲେ ଅନ୍ୟ କୌଣସି ଶିକ୍ଷକ ନାହାନ୍ତି। ମଧ୍ୟଇଂରାଜୀ ସେକ୍ସନରେ ୪ଜଣ ଓ ପ୍ରାଥମିକ ସେକ୍ସନରେ ୨ଜଣ ଶିକ୍ଷକ ଅଛନ୍ତି। ଆଉଜଣେ ଅତିଥି ଶିକ୍ଷକ ସପ୍ତାହକୁ ୩ଦିନ ବିଦ୍ୟାଳୟକୁ ଆସିଥାନ୍ତି। ପ୍ରକାଶଯୋଗ୍ୟ, ହାଇସ୍କୁଲରେ ଗଣିତ ଇଂରାଜୀ ଓ ବିଜ୍ଞାନ ଭଳି ଗୁରୁତ୍ୱ ବିଭାଗର ଶିକ୍ଷକ ନଥାଇ ମଧ୍ୟ ଚଳିତ ଶିକ୍ଷାବର୍ଷରେ ୨୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨ଜଣ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣରେ ଅହେତୁକ ବିଳମ୍ବ ଓ ଶିକ୍ଷକ ଅଭାବ ଯୋଗୁ ଛାତ୍ରାଭିଭାବକ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟାଳୟର ଏଭଳି ଦୁରବସ୍ଥାକୁ ନେଇ ଲୋକେ ପ୍ରଶାସନିକ ଅବହେଳାକୁ ସିଧାସଳଖ ଭାବରେ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଅଭୟ କୁମାର ମଲ୍ଲିକ କୁହନ୍ତି ଏ ବିଷୟରେ ମୁଁ ଅବଗତ ନଥିଲି , ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରିବି।

## ଘରୋଇ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ ଘଟଣା
# ପାଠପଢ଼ା ଚାପରୁ ଆତ୍ମହତ୍ୟା କରିଥିଲେ

ଖୋର୍ଦ୍ଧା ଅଫିସ,୨୩।୮

ପ୍ରାଣନାଥ କଲେଜର ଯୁକ୍ତ ୨ ବିଜ୍ଞାନ ଛାତ୍ରୀ ସ୍ୱପ୍ନାପ୍ରିୟା ବଳିଆରସିଂହ(୧୬)ଙ୍କ ଆତ୍ମହତ୍ୟା ଘଟଣା ନୂଆମୋଡ ନେଇଛି। ବିଜ୍ଞାନ ପାଠପଢ଼ାକୁ ବୁଝି ନ ପାରି ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ଜବତ କରିଥିବା ଡାଏରୀରୁ ଏହା ଉଲ୍ଲେଖ ରହିଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ଗଡିଶାଗଦା ଥାନା ଜଙ୍କିଆ ଗଡସାହିର ନେତ୍ରାନନ୍ଦ ବଳିଆରସିଂହଙ୍କ ଝିଅ ସ୍ୱପ୍ନାପ୍ରିୟା ପିଏନ କଲେଜ ଖୋର୍ଦ୍ଧାର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀ। ଗତ ୧୮ ତାରିଖରେ ସେ ମକୁନ୍ଦପ୍ରସାଦର ଘରୋଇ ହଷ୍ଟେଲରେ ରହିଥିଲେ। ତେବେ ବୁଧବାର ସନ୍ଧ୍ୟାରେ ହଷ୍ଟେଲର ଫ୍ୟାନରେ ନିଜ ଓନିରେ ଆତ୍ମହତ୍ୟା କରିଥିଲେ। ଅନ୍ୟପକ୍ଷରେ ପରିବାର ଲୋକଙ୍କ ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆସିଲା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୦/୧୮)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଡାଏରୀର ସୂଚନା ଅନୁସାରେ, ସ୍ୱପ୍ନାପ୍ରିୟା ବିଜ୍ଞାନ

### ଡାଏରୀ ଖୋଲିଲା ମୃତ୍ୟୁର ରହସ୍ୟ

ପାଠ ପଢ଼ି ହରଡଘଣାରେ ପଡିଥିଲେ। ସେ କିଛି ବୁଝି ପାରୁ ନ ଥିଲେ। ସବୁ କିଛି ଭୁଲି ଯାଉଥିଲେ। ମାଟ୍ରିକରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଭଲ ନମ୍ବର ରଖିଥିବାରୁ ଘର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ବିଜ୍ଞାନ ପଢିଥିଲେ। ପରେ କିନ୍ତୁ କଳାକୁ ଯିବାକୁ ମନ କରିଥିଲେ। ହେଲେ ସହପାଠୀ ଓ ଉପର କ୍ଲାସ ଭଉଣୀମାନେ ଚେଞ୍ଜ କରିବାକୁ ମନା କରିଥିଲେ। ପାଠ କିଛି ବୁଝିପାରୁ ନ ଥିବାରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ଚିନ୍ତିତ ହୋଇ ପଡିଥିଲେ ସ୍ୱପ୍ନାପ୍ରିୟା। ସେ ଘରକୁ କିଛି ନ କହି ନିଜ ଜୀବନକୁ ତୁଛ ମନେକରି ଆତ୍ମହତ୍ୟା କରିବାକୁ ସ୍ଥିର କରିଥିଲେ। ବାପାମା'ଙ୍କର ଯୋଗ୍ୟ ଝିଅ ହୋଇ ନ ଥିବାରୁ ମନଦୁଃଖ ବି କରିଛନ୍ତି। ଏପରି କି ମା'ବାପାଙ୍କର ନାଁ ଭାଇ ଓମ୍ ବୋଲି ଲେଖା ରହିଛି। ୪ ପୃଷ୍ଠାର ଲେଖାରେ ତାଙ୍କୁ ଘରେ କେହି ଭଲ ପାଉ ନ ଥିଲେ ବୋଲି ମଧ ଉଲ୍ଲେଖ ରହିଛି। ଶେଷରେ ଗୁଡ ବାୟ ଫର ଅଲ ଇଂଲିଶରେ ଡାଏରୀରେ ଲେଖାଥିବା ଜଣାପଡିଛି।

# ବିଦ୍ୟୁତ ଶର୍ଟସର୍କିଟ୍: ଜଣେ ମୃତ

ଟାଙ୍ଗୀ (ଖୋର୍ଦ୍ଧା), ୨୩।୮ (ଡି.ଏନ.ଏ.)

ଟାଙ୍ଗୀ ଥାନା ମଙ୍ଗଳାଯୋଡି ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଫକିର ହରିଚନ୍ଦନ (୫୮)। ଗୁରୁବାର ମଧାହ୍ନରେ ସେ ଘରେ ଟେବୁଲ ଫ୍ୟାନ ଲଗାଇଲା ବେଳେ ହଠାତ୍ ବିଦ୍ୟୁତ ସଟ୍‌ସର୍କିଟ୍ ହୋଇଯାଇଥିଲା । ଫଳରେ ଫକୀର ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ୪ ପଞ୍ଚାୟତରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ
## ୯୮ ଲକ୍ଷ ଟଙ୍କା ଅନୁଦାନରେ ୪୯ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ

ଖଣ୍ଡପଡା,୨୩।୮(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ନୂତନ ଯୋଜନା 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ବୁଧବାର ଓ ଗୁରୁବାର ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ବାଣପୁର, ବେଣାଗାଡିଆ, ସିଧାମୂଳା ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ୪୯ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ପଟ୍ଟନାୟକ ବାଣପୁର, ବେଣାଗାଡିଆ, ସିଧାମୂଳା ଓ ମର୍ଦ୍ଦରାଜପୁର ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମକୁ ଗସ୍ତ କରି ୪୯ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଥିବା ପ୍ରାୟ ୯୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ପୃଥକ ସ୍ଥାନରେ ଆୟୋଜିତ ଉତ୍ସବରେ ବିଧାୟକ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ । ଉତ୍ସବରେ ଖଣ୍ଡପଡା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂ, ବାଣପୁର, ବେଣାଗାଡିଆ. ମର୍ଦ୍ଦରାଜପୁର ଓ ସିଧାମୂଳା ସରପଞ୍ଚ ଯଥାକ୍ରମେ ପ୍ରଦୀପ କୁମାର କର, ସୁଷମା ସ୍ୱାଇଁ, ବୈକୁଣ୍ଠନାଥ ଗୋଛି ଓ ଝାନି ଗଡନାୟକ, ସମିତିସଭ୍ୟ ସଦାଶିବ ପ୍ରଧାନ, ମିକିନା ସାହୁ, ଜୟକୃଷ୍ଣ ରାଉତଙ୍କ ସମେତ କଣ୍ଟିଲୋ ପଞ୍ଚାୟତ ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ, ନାଗରିକ ମଞ୍ଚର ସଭାପତି ଅଖିଳକୁମାର ମହାରଣା, ବିଜୁ ଯୁବ ବାହିନୀର ସଭାପତି, ଗଦାଧର ସାହୁ, ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଜଟଣୀ,୨୩।୮(ଡି.ଏନ୍.ଏ )



ବୈଠକରେ ଉପସ୍ଥିତ ପୂଜା କମିଟିର କର୍ମକର୍ତ୍ତା।

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବଜାର କମିଟି କର୍ମକର୍ତ୍ତାଙ୍କ ଗୁରୁବାର ଏକ ପ୍ରସ୍ତୁତି ବୈଠକ ସର୍ଦ୍ଦାର ପଟେଲ ମାର୍ଗରେ ଥିବା ଏକ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୫ଟି କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ସେପ୍ଟେମ୍ବର ୧୩ ଗଣେଶ ପୂଜାରୁ ୧୨ ଦିନ ଧରି ଜଟଣୀରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବରେ ଲକ୍ଷାଧିକ ଜନସମାଗମ ହେବାକୁ ଥିବାରୁ ପରିମଳ, ଷ୍ଟ୍ରିଟ୍‌ଲାଇଟ୍, ଜଳଯୋଗାଣ, ଅସ୍ଥାୟୀ ଶୌଚାଳୟ, ରାସ୍ତା ଓ ଡ୍ରେନ୍ ମରାମତି, ଟ୍ରାଫିକ୍ ନିୟନ୍ତ୍ରଣ ସମେତ ରହିଥିବା ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପୂଜା ପୂର୍ବରୁ ସମସ୍ୟା ଦୂର କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମହାସଂଘ ପକ୍ଷରୁ ପତ୍ର ମାଧ୍ୟମରେ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମହାସଂଘର ନୂତନ କର୍ମକର୍ତ୍ତା ଚୟନ ଉପରେ ଆଲୋଚନା କରାଯାଇ ପୂର୍ବବର୍ଷ ରହିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଅପରିବର୍ତ୍ତିତ ରଖାଯିବା ପାଇଁ ନିଷ୍ପତ୍ତି ହୋଇଥିବା ସଭାପତି ସୁନ୍ଦରାୟ କହିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଘଟଣା, ଶିକ୍ଷକ ନିଲମ୍ବିତ

ଖୋର୍ଦ୍ଧା ଅଫିସ,୨୩।୮

ବାଣପୁର ବ୍ଲକ ସାହସପୁର ୟୁଜିଏମଇ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିବା ଘଟଣାରେ ଅଭିଯୁକ୍ତ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କୁ ଗୁରୁବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ପ୍ରଫୁଲ୍ଲ ବଳିୟାରସିଂହ ନିଲମ୍ବିତ କରିଛନ୍ତି। ଘଟଣାକୁ ରଫାଦଫାର ଉଦ୍ୟମ ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ପ୍ରଧାନଶିକ୍ଷକ ସତ୍ୟ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ପ୍ରକାଶ ଯେ, ବାଣପୁର ବ୍ଲକ ସାହାସପୁର ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଗତ ୪ ତାରିଖରେ ବିଦ୍ୟାଳୟର ଷ୍ଟାଫ ରୁମ୍‌ରେ ଜଣେ ଶିକ୍ଷୟିତ୍ରୀ ଏକାକୀ ଥିବାର ସୁଯୋଗ ନେଇ କାର୍ଯ୍ୟରତ ଶିକ୍ଷକ ନିରଞ୍ଜନ ଅସଦାଚରଣ କରିଥିଲେ। ଶିକ୍ଷୟିତ୍ରୀ ଏହାର ପ୍ରତିବାଦ କରିବା ସହ କୌଣସି ମତେ ସେଠାରୁ ଆସି ପ୍ରଧାନଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତେବେ ଘଟଣାର ଦୁଇ ସପ୍ତାହ ପରେ ପ୍ରଧାନଶିକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ କି ଉଚ୍ଚ ଅଧିକାରୀଙ୍କୁ ଜଣାଇନଥିଲେ। ଶେଷରେ ଶିକ୍ଷୟିତ୍ରୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ବିଇଓ ବିଦ୍ୟାଳୟରେ ପହଞ୍ଚି ଅଭିଯୋଗର ତଦନ୍ତ କରିବା ସହ ଅନ୍ୟ ଶିକ୍ଷକ ଓ କର୍ମଚାରୀଙ୍କର ବୟାନ ନେଇଥିଲେ। ତେବେ ପ୍ରାଥମିକ ତଦନ୍ତରୁ ଅଭିଯୋଗରେ ସତ୍ୟତା ଥିବା ଜଣାପଡିଥିଲା। ଏହା ପରେ ଘଟଣାର ତଦନ୍ତ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀଙ୍କୁ ବିଇଓ ପ୍ରଦାନ କରିଥିଲେ।

# ସିନ୍ଦୂରିଆ ପଞ୍ଚାୟତରେ ଚାରା ରୋପଣ




ଚାରା ରୋପଣ କରି ବିଧାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ନୟାଗଡ଼ ଅଫିସ,୨୩।୮

ନୟାଗଡ଼ ବ୍ଲକ ସିନ୍ଦୂରିଆ ପଞ୍ଚାୟତଠାରେ ଗୁରୁବାର ବିଜୁ ଯୁବବାହିନୀ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଦୁର୍ଯ୍ୟୋଧନ ବେହେରା ସଂଯୋଜନା କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର କଅଁର, ବିଜୁ ଯୁବବାହିନୀର ଜିଲା ସଭାପତି ସୁଶାନ୍ତ ମଲ୍ଲିକ, ସମ୍ପାଦକ ନାଜିର ଅହମ୍ମଦ ମଲ୍ଲିକ, କୋଷାଧ୍ୟକ୍ଷ ସରୋଜ କୁମାର ଜେନା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ସରିଫ ଖାଁ, ସେଖ ନଇମି ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୮୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ।

# ମକଦ୍ଦମା ଉଠାଇବାକୁ ମାରପିଟ୍

ଖୋର୍ଦ୍ଧା ଅଫିସ,୨୩।୮

ବିବାହ ଭୋଜି ଖାଇବାକୁ ନ ଯିବାରୁ ମାରପିଟ୍ ଘଟଣାରେ ମୋକଦ୍ଦମା ଉଠାଇବାକୁ କରଡଗାଡିଆ ଗାଁର ମୁରଲୀଧର ରାଉତରାୟଙ୍କ ପରିବାର ପକ୍ଷରୁ ଅଭିଯୋଗକାରୀ ଛେତ ପରିଡାଙ୍କୁ ଧମକ, ମାରପିଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଛେତ ଗୁରୁବାର ଏସପି ଓ ସଦର ଥାନା ଆଇଆଇସିଙ୍କୁ ଭେଟି ଜଣାଇଛନ୍ତି। ଅଭିଯୋଗ ଅନୁସାରେ, ଗତ ଜୁନ ୨୯ ରେ ମୁରଲୀଧରଙ୍କ ଭୋଜି ଖାଇ ନ ଯିବାରୁ ଛେତଙ୍କୁ ମାରପିଟ୍ କରାଯାଇଥିଲା। ଛେତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୩/୧୮)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଜିଲାପାଳଙ୍କ ନିକଟରେ ୪ ପ୍ରଶିକ୍ଷାର୍ଥୀଙ୍କ ଅଭିଯୋଗ
# ସାର୍ଟିଫିକେଟ ଫେରାଇବାକୁ ଟଙ୍କା ଦାବି କରୁଛି ଘରୋଇ ବିଶ୍ୱବିଦ୍ୟାଳୟ

ଖୋର୍ଦ୍ଧା ଅଫିସ,୨୩।୮



ଜିଲାପାଳଙ୍କ ନିକଟକୁ ଆସିଥିବା ୪ ପ୍ରଶିକ୍ଷାର୍ଥୀ

ଜଟଣୀସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଭେରିଫିକେଶନ ପାଇଁ ନେଇଥିବା ସାର୍ଟିଫିକେଟ ଫେରାଇବା ପାଇଁ ପ୍ରଶିକ୍ଷାର୍ଥୀଙ୍କୁ କର୍ତ୍ତୃପକ୍ଷ ୭୨ହଜାର ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରଶିକ୍ଷାର୍ଥୀମାନେ ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ଥିବା ଗ୍ରାମ ତରଙ୍ଗରେ ୟାମାହାଟ୍ରେଡରେ ୪ଜଣ ଜଣ ଛାତ୍ର ତାଲିମ୍ ନେଉଥିଲେ। ତେବେ କୋର୍ସ ଏପ୍ରିଲ ମାସରୁ ସରିଯାଇଥିଲେ ମଧ୍ୟ ଛାତ୍ରମାନଙ୍କୁ ଭେରିଫିକେଶନ ପାଇଁ ନିଆଯାଇଥିବା ସାର୍ଟିଫିକେଟ ଫେରାଉ ନାହାନ୍ତି। ଫଳରେ ଛାତ୍ରମାନେ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି । ଏପରିକି ନାମ ଲେଖାଇବାର ୧୫ଦିନ ମଧ୍ୟରେ ଯାଞ୍ଚ କରାଯାଇ ଫେରାଇ ଦିଆଯିବ ବୋଲି କଲେଜ କର୍ତ୍ତୃପକ୍ଷ ଛାତ୍ରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତି ମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ ସାର୍ଟିଫିକେଟ ମିଳି ନାହିଁ। ସାର୍ଟିଫିକେଟ ନେବା ପାଇଁ ୭୨ହଜାର ଟଙ୍କା ଜମା କଲେ ସାର୍ଟିଫିକେଟ ମିଳିବ ବୋଲି କର୍ତ୍ତୃପକ୍ଷ କହିଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ରହିଛି।

# ଆଧାର କାର୍ଡ ନାଁରେ ବ୍ୟାପକ ଠକେଇ

ନିରାକାରପୁର,୨୩।୮(ଡି.ଏନ.ଏ.)

### ନୂଆ କାର୍ଡ ୫୦୦, ସଂଶୋଧନ ପାଇଁ ୩୦୦ଟଙ୍କା ଆଦାୟ

ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଆଧାର କାର୍ଡ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ କମନ ସର୍ଭିସ୍ ସେଣ୍ଟରମାନ ଖୋଲାଯାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁର ପଞ୍ଚାୟତରେ ଏହି ସେଣ୍ଟର ଛତୁ ଫୁଟିଲା ଭଳି ଖୋଲି ଅର୍ଥ ହେରଫେର ଓ ଅନୀୟମିତତା କରାଯିବାରୁ ସେହି ସେଣ୍ଟର ସବୁକୁ ବନ୍ଦ କରି ଦିଆଗଲା। ଏବେ ଅର୍ଥ ଲାଳସାରେ ବନ୍ଦ ସେଣ୍ଟରର କିଛି କର୍ମକର୍ତ୍ତା ବିଭିନ୍ନ ଦୋକାନ ଓ ଷ୍ଟୁଡିଓରେ ବେଆଇନ ଭାବେ ଆଧାର କାର୍ଡ କାର୍ଯ୍ୟ କରୁଛନ୍ତି। ସେମାନେ ଖୋର୍ଦ୍ଧା ବ୍ଲକରୁ ଯେଉଁମାନେ କାର୍ଡ ତିଆରି ପାଇଁ ସ୍ୱୀକୃତି ପାଇଛନ୍ତି ସେମାନଙ୍କ ମଧ୍ୟରୁ କେତେକ କର୍ମଚାରୀଙ୍କୁ ଡକାଇ ନିଜ ଦୋକାନ ଓ ଷ୍ଟୁଡିଓରେ ନିୟୋଜିତ କରିଛନ୍ତି। ସେଠାରେ ବେଆଇନ ଭାବରେ ନୂଆ ଓ ସଂଶୋଧନ କାର୍ଡ କରାଉଛନ୍ତି। କେତେକଙ୍କ ଘରକୁ ଯାଇ ମଧ୍ୟ କାର୍ଡ ପ୍ରସ୍ତୁତ କରାଯାଉଛି। ତେବେ ନୂଆ କାର୍ଡ ପାଇଁ ୪ଶହରୁ ୫ ଶହ ଟଙ୍କା, ସଂଶୋଧନ ପାଇଁ ୨ଶହରୁ ୩ଶହ ଟଙ୍କା ଓ ଘରକୁ ଗଲେ ୧୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଦାବି କରୁଛନ୍ତି। ଯେଉଁମାନେ ଟଙ୍କା ଦେଉନାହାନ୍ତି ସେମାନଙ୍କ କାର୍ଡ କରାଯାଉନାହିଁ। ନିରାକାରପୁରରେ ସୋମ, ବୁଧ, ଶନି, ରବିବାରରେ କରାଯାଉଥିବା ବେଳେ ଆଉ ଅନ୍ୟ ଦିନରେ ସେମାନେ ନିଜ ସେଣ୍ଟରରେ କାମ କରୁଛନ୍ତି। ଏଠାରେ କାର୍ଡଗୁଡ଼ିକ କରିବାକୁ ହେଲେ ଲାଇନ୍‌ରେ ଛିଡା ହେବାକୁ ପଡିବ ଏବଂ ଅଧିକ ପଇସା ଦେଲେ ଲାଇନ୍‌ରେ ଠିଆ ନ ହୋଇ ଆଗ କରାଯାଉଥିବା ଦେଖିବାକୁ ମିଳୁଛି। ଏ ନେଇ ଟାଙ୍ଗୀ ବିଡିଓ ଭାସ୍କର ରଇତଙ୍କୁ ଅଭିଯୋଗ କରିବା ପରେ ସେ ଅତିରିକ୍ତ ବିଡିଓ ମୋହନ ବେହେରାଙ୍କୁ ସ୍ଥାନୀୟ ଅଞ୍ଚଳକୁ ପଠାଇ ଶ୍ରୀରାମ ବଜାରଠାରେ ଚାଲୁଥିବା ଏକ ଷ୍ଟୁଡିଓ ମାଲିକଙ୍କୁ ପଚାରିଥିଲେ। ତାଙ୍କ ଷ୍ଟୁଡିଓରେ ଏସବୁ ହେଉନାହିଁ ବୋଲି ସେ ସଫେଇ ଦେଇଛନ୍ତି। କମନ ସର୍ଭିସ୍ ସେଣ୍ଟର ଖୋର୍ଦ୍ଧା ଜିଲା ପରିଚାଳକ ସତ୍ୟ ପ୍ରକାଶ ବିଶ୍ୱାଳଙ୍କୁ ପଚାରିବାରେ ସେ କଥାକୁ ଗୁରୁତ୍ୱ ଦେଇ ନଥିଲେ। ଏ ନେଇ ଭୁବନେଶ୍ୱରଠାରେ ଥିବା ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଠକାମିର ଶୀକାର ହୋଇଥିବା ଅନେକ ଲୋକ ଲିଖିତ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟରେ ଥିବା କେତେକ ଅଧିକାରୀ କହିଛନ୍ତି, ନୂଆ କାର୍ଡ ପାଇଁ କୌଣସି ଦେୟ ଦେବାକୁ ପଡୁ ନଥିବାବେଳେ କାର୍ଡ ସଂଶୋଧନ ପାଇଁ କେବଳ ୨୫ଟଙ୍କା ଦେବାକୁ ପଡିଥାଏ। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୩।୮:** ସାପ କାମୁଡାରେ ବୁଧବାର ବିଳମ୍ବିତ ରାତିରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ ଜିଲା ଫତେଗଡ ଥାନା ମିଟୁଆଣି ଗ୍ରାମର ଯଶ୍ବିନ ସାହୁ(୬)। ସୂଚନା ଅନୁଯାୟୀ, ଯଶ୍ବିନ ରଣପୁର ଥାନା ଗଡବାଣିକିଲୋ ଗାଁର ଅଜା ଧର୍ମାନନ୍ଦ ସାହୁଙ୍କ ଘରେ ରହୁଥିଲା। ବୁଧବାର ରାତିରେ ଆଈ ପାଖରେ ଯଶ୍ବିନ ଶୋଇଥିଲା। ତେବେ ରାତିରେ ପାଟିରୁ ଫେଣ ବାହାରିବା ଓ ପେଟ ଦରଜ ହେବା ପରେ ପରିବାର ଲୋକେ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯଶ୍ବିନଙ୍କୁ ମୃତ ଘୋଷଣା କରିଥିଲେ।

### ଖାଲି ବିଅର ବୋତଲ ଭର୍ତ୍ତି ଟ୍ରକ୍ ଓଲଟିଲା



**ଓଡ଼ଗାଁ,୨୩।୮(ସ୍ୱ.ପ୍ର.):** ନୟାଗଡ ଜିଲା ଓଡ଼ଗାଁ ଥାନା ୨୧ ନମ୍ବର ରାଜ୍ୟ ରାଜପଥ ଗୋଡିପଲ୍ଲୀ ନିକଟରେ ବୁଧବାର ରାତିରେ ଏକ ଖାଲି ବିଅର ବୋତଲ ବୋଝେଇ ଟ୍ରକ୍ ଓଲଟିପଡିଛି। ଓଡି୦୫ଜେ୪୪୧୫ ନମ୍ବର ବିଶିଷ୍ଟ ଟ୍ରକ୍‌ଟି ଭଞ୍ଜନଗରରୁ ଖାଲି ବିଅର ବୋତଲ ବୋଝେଇ କରି ଖୋର୍ଦ୍ଧା ନିକଟ ବରୁଣେଇଠାରେ ଥିବା ବିଅର କାରଖାନାକୁ ଯାଉଥିଲା। ବିଳମ୍ବିତ ରାତିରେ ଗାଡିଟି ଗୋଡିପଲ୍ଲୀ ମୋଡରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲ ଭିତରକୁ ଓଲଟିପଡିଥିବା ଜଣାଯାଇଛି। ହେଲେ ଗାଡି ଚାଳକ ସୌଭାଗ୍ୟବଶତଃ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁରୁବାର ସକାଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡିର କାଗଜପତ୍ର ଯାଞ୍ଚ କରିଥିବାବେଳେ ରାସ୍ତାରେ ବିଛାଡି ହୋଇପଡିଥିବା ଭଙ୍ଗା କାଚ ସଫା କରାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଚାଳକଙ୍କୁ ପଚରାଉଚୁରା କରୁଥିବା ଜଣାଯାଇଛି।

### ୫ ଗିରଫ: ଖଣ୍ଡା, କାର ଜବତ

**ଜଟଣୀ,୨୩।୮(ଡି.ଏନ୍.ଏ.):** ମାରଣାସ୍ତ୍ର ଦେଖାଇ ବିଭିନ୍ନ ଜନଗହଳି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ଓ ଦାଦାବଟି ମାଗିବା ଘଟଣାରେ ଜଟଣୀ ପୋଲିସ ୫ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହାଟବଜାର ଅଞ୍ଚଳର ତ୍ରିଲୋଚନ ବସ୍ତିଆ, ମନୋଜ ପରିଡ଼ା, ଜ୍ୟୋତିରଞ୍ଜନ ଷଡଙ୍ଗୀ, ଲକ୍ଷ୍ମଣ ବେହେରା ଓ ବାଛରା ଗ୍ରାମର ପବିତ୍ର ପାଇକରାୟ। ଏମାନଙ୍କଠାରୁ ଖଣ୍ଡା, ୫ଟି ମୋବାଇଲ ଓ ଗୋଟିଏ କାର୍ ପୋଲିସ ଜବତ କରିଛି। ସୂଚନାଥାଉ କି, ବୁଧବାର ରାତିରେ ସ୍ଥାନୀୟ ରେଲୱେ ମାର୍କେଟ୍‌ରେ ଆତଙ୍କ ସୃଷ୍ଟି କରିବା ସହିତ ଲୋକଙ୍କୁ ଭୟଭୀତ କରୁଥିବା ବେଳେ ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଏମାନଙ୍କୁ ଧରିଥିଲା। ଗିରଫ ୫ଜଣଙ୍କ ମଧ୍ୟରୁ ୨ଜଣ ଏକ ହତ୍ୟା ମାମଲାରେ ଜାମିନରେ ଆସିଥିବା ଜଟଣୀ ଆଇଆଇସି ସଞ୍ଜୀବ ମହାନ୍ତି କହିଛନ୍ତି।

### ଟ୍ରକ୍ ଦୁର୍ଘଟଣା: ବର୍ତ୍ତିଲେ ଚାଳକ




**ବୋଲଗଡ,୨୩।୮(ଡି.ଏନ.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ରାଜସୁନାଖଳା ବଜାରରେ ଗୁରୁବାର ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟ୍ରକ୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିଲେ ହେଁ ଚାଳକ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ଓଡି୦୫ଏସ-୯୬୮୭ନଂ. ବିଶିଷ୍ଟ ଏକ କଖାରୁ ବୋଝେଇ ଟ୍ରକ ଭୋର ସମୟରେ ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଟ୍ରକଟି ରାଜସୁନାଖଳା ବଜାର ଦେଇ ଯାଉଥିବାବେଳେ ରାଜପଥ ପାର୍ଶ୍ୱରେ ଥିବା କୌଣସି ଏକ ଗାଡ଼ି ପଛରେ ଧକ୍କା ଦେଇଥିବା ଜଣାପଡିଛି। ଧକ୍କା ହୋଇଥିବା ଗାଡିର ଡ୍ରାଇଭର ଭୟଭୀତ ହୋଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ବାଙ୍କୋଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରିଥିଲା।

# ଫେଲ୍ ମାରିଛି ସ୍ୱଚ୍ଛ ବଜାର ମିଶନ



ପୁରୁଣା ଜେଲ୍ ପଛପଟେ ଅଳିଆ ଗଦା।




ନାରାୟଣ ପାର୍କ ଆଗରେ ଅଳିଆ ପଡ଼ିରହିଛି।

**ନୟାଗଡ଼ ଅଫିସ,୨୩।୮**

**ନୟାଗଡ଼ ଏନ୍ଏସି**
- ଚାରିଆଡ଼େ କୁଢ କୁଢ ଅଳିଆ
- ୧୨ଟା ନ ହେଲେ ଉଠୁନି ଅଳିଆ
- ୩ଦିନ ହେଲା ରାତିରେ ବଜାରରେ ହେଉନି ସଫେଇ

ନୟାଗଡ଼ ଏନ୍ଏସିରେ ଫେଲ୍ ମାରିଛି ସ୍ୱଚ୍ଛ ବଜାର ମିଶନ। ବଜାରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଗଦା ହୋଇ ପଡିରହୁଛି। ଦିନ ୧୨ଟା ନ ହେଲେ ବଜାରରୁ ଅଳିଆ ଉଠୁନାହିଁ। ବଜାର କଥା ଛାଡ଼ନ୍ତୁ, ସହର ଦେଇ ଯାଇଥିବା ଜାତୀୟ ରାଜପଥ କଡ଼ରେ ବିଭିନ୍ନ ସ୍ଥାନରେ ଅଳିଆ ପଡ଼ିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହାକୁ ନେଇ ସହରର ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ସହରକୁ ସଫାସୁତୁରା ରଖିବା ଲକ୍ଷ୍ୟରେ ୬ମାସ ତଳେ ଏନ୍ଏସି ତରଫରୁ ସ୍ୱଚ୍ଛ ବଜାର କମିଟି ଗଠନ କରାଯାଇଥିଲା। ପ୍ରତି ମାସରେ ବଜାରର ସ୍ୱଚ୍ଛତା ତଦାରଖ କରାଯିବା କମିଟି ସଦସ୍ୟଙ୍କ ଦାୟିତ୍ୱ ଥିଲା। ସେହିଭଳି ଯେଉଁ ଦୋକାନୀମାନେ ବାହାରେ ଅଳିଆ ପକାଇବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବାର ମଧ୍ୟ ବ୍ୟବସ୍ଥା ହୋଇଥିଲା। ମାତ୍ର ଏସବୁ ବର୍ତ୍ତମାନ ଫେଲ୍ ମାରିଛି। ଫଳରେ ନୟାଗଡ଼ ସହର ସ୍ୱଚ୍ଛ ରହିବା ପାଇଁ ଲୋକମାନେ ଯେଉଁ ସ୍ୱପ୍ନ ଦେଖୁଥିଲେ ତାହା ଫସର ଫାଟିଛି। ବିଶେଷ କରି ସହରସ୍ଥିତ ପୁରୁଣା ଜେଲ୍ ପଛପଟେ କୁଢ କୁଢ ଅଳିଆ ପଡ଼ିରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସେହି ବାଟଦେଇ ଗଲାବେଳେ ଲୋକମାନେ ନାକରେ ହାତ ଦେଇ ଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ପ୍ରତିଦିନ ବଜାରରେ ରାତି ୯ଟାରୁ ୧୨ଟା ପର୍ଯ୍ୟନ୍ତ ସଫେଇ ହେଉଥିବାବେଳେ ୩ଦିନ ହେଲା ଏହି କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ଦୀର୍ଘସମୟ ଧରି ଅଳିଆ ପଡ଼ିରହିବା ଦ୍ୱାରା ବଜାର ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡିଛି। ଦୋକାନ ଆଗରେ ଡଷ୍ଟବିନ୍ ରଖାଯାଇଥିଲେ ମଧ୍ୟ ବେପାରୀମାନେ ସେଥିରେ ଅଳିଆ ନ ପକାଇ ଏଣେତେଣେ ଗଦା କରୁଥିବାରୁ ଏଭଳି ପରିବେଶ ସୃଷ୍ଟି ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନୟାଗଡ଼ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ସୁଇପରମାନେ ଅସୁବିଧା କରୁଥିବାରୁ ବଜାରରେ ୨ଦିନ ହେଲା ରାତିରେ ସଫେଇ କରାଯାଇ ପାରିନାହିଁ। ଶୁକ୍ରବାର ଏହାର ସମାଧାନ କରାଯିବ ବୋଲି ସୂଚନା ଦେଇଥିଲେ। ସେହିଭଳି ପୁରୁଣା ଜେଲ୍ ପଛପଟେ ଥିବା ଅଳିଆକୁ ପରିବା ଦୋକାନୀମାନେ ପକାଉଛନ୍ତି। ସେମାନଙ୍କୁ ଡଷ୍ଟବିନ୍ ସୁବିଧା ଯୋଗାଇ ଦିଆଯାଇଥିଲେ ମଧ୍ୟ ବାହାରେ ଅଳିଆ ପକାଉଛନ୍ତି। ଏହାଛଡା ଡାକବାଜି ଯନ୍ତ୍ର ମାଧ୍ୟମରେ ସ୍ୱଚ୍ଛତା ଉପରେ ପ୍ରଚାର କରାଯାଇ ଲୋକମାନଙ୍କୁ ସୂଚନା ଦିଆଯାଇଛି। ଯଦି ଏହାକୁ କେହି ନ ମାନି ବାହାରେ ଅଳିଆ ପକାନ୍ତି ତାଙ୍କଠାରୁ ଜରିମାନା ଆଦାୟ କରାଯିବ। ସୋମବାରଠାରୁ ଯେଉଁ ଦୋକାନୀମାନେ ଡଷ୍ଟବିନ୍‌ରେ ଅଳିଆ ନ ପକାଇ ବାହାରେ ପକାଉଥିବା ଦେଖିବାକୁ ପାଇବୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେନା ସୂଚନା ଦେଇଥିଲେ।

## ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବେ ୨୭୩୨ ହିତାଧିକାରୀ

**ଗଣିଆ,୨୩।୮(ଡି.ଏନ୍.ଏ.)**

**ଗଣିଆ ବ୍ଲକ**

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ନୟାଗଡ଼ ଜିଲା ଗଣିଆ ବ୍ଲକର ୨୭୩୧ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯିବା ପାଇଁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ଆଡ଼କଟା ପଞ୍ଚାୟତର ୩୨୫, ବଡ଼ଶିଲିଙ୍ଗା ପଞ୍ଚାୟତର ୨୨୫, ବେଲପଡ଼ାପାଟଣା ପଞ୍ଚାୟତର ୪୦୨, ଛାମୁଣ୍ଡିଆ ପଞ୍ଚାୟତର ୪୯୮, ଗଣିଆ ପଞ୍ଚାୟତର ୧୭୯, କିଶୋରପ୍ରସାଦ ପଞ୍ଚାୟତର ୫୧୪, କରଡ଼ାପଡ଼ା ପଞ୍ଚାୟତର ୨୧୨ ଓ ରାସଙ୍ଗ ପଞ୍ଚାୟତର ୩୭୭ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ଟାର୍ଗେଟ ରଖିଛି। ବିଭିନ୍ନ କାରଣ ଯୋଗୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି। ଏ ନେଇ ପଞ୍ଚାୟତ ଓ ବ୍ଲକ ଖାଉଟି ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଫର୍ମ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀମାନେ ଚଳିତ ମାସ ୧୩ ତାରିଖ ଠାରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଦରଖାସ୍ତ ଫର୍ମ ଆବେଦନ କରିବାର ସମୟ ଅବଧି ରଖାଯାଇଥିବା ବ୍ଲକ ଯୋଗାଣ ଅଧିକାରୀ ଶ୍ରୀହର୍ଷଙ୍କ ଠାରୁ ସୂଚନା ମିଳିଛି। ଏହି ଯୋଜନା ଅକ୍ଟୋବର ମାସଠାରୁ କାର୍ଯ୍ୟକାରୀ ହେବ ବୋଲି ଯୋଗାଣ ଅଧିକାରୀ କହିଛନ୍ତି। ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ୧୧ଟି ମାନଦଣ୍ଡ ରହିଥିବା ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ୯ଟି ମାନଦଣ୍ଡ ରହିଛି।

## ନବନିର୍ମାଣ କୃଷକ ସଂଗଠନ ବୈଠକ

**ବୋଲଗଡ଼,୨୩।୮(ଡି.ଏନ.ଏ.)**

ବୋଲଗଡ ବ୍ଲକ ଖଇଁରିଆ ପଞ୍ଚାୟତ ହରିପୁର ପାଟଣାଠାରେ ଗୁରୁବାର ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଲକ୍ଷ୍ମଣ ପ୍ରଧାନ ପୌରୋହିତ୍ୟ କରିଥିଲେ। ସଂଗଠନ ସଦସ୍ୟ ପ୍ରସନ୍ନ କୁମାର ପ୍ରଧାନ, ନୃସିଂହ ଚରଣ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। କୃଷକମାନଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଥିଲେ। କୃଷକମାନଙ୍କ ପାଇଁ ୫ହଜାର ଟଙ୍କା ସୁରକ୍ଷା ଭତ୍ତା ଦିଆଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା।

## ଓଭରହେଡ୍ ପାଣିଟାଙ୍କିର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

**ଭାପୁର,୨୩।୮(ଡି.ଏନ୍.ଏ.)**

ଭାପୁର ବ୍ଲକ ପଥରଚକଡ଼ା ଗ୍ରାମପଞ୍ଚାୟତ ମାଧପୁର ଗ୍ରାମରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ପାଣିଟାଙ୍କି ନିର୍ମାଣ ପାଇଁ ଗୁରୁବାର ଅପରାହ୍ନରେ ଶିଳାନ୍ୟାସ କରାଯାଇଛି। ଏହି ଓଭରହେଡ୍ ପାଣିଟାଙ୍କି ନିର୍ମାଣ ପାଇଁ ୧ କୋଟି ୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଓ ଏହି କାର୍ଯ୍ୟ ୬ମାସ ମଧ୍ୟରେ ଶେଷ ହେବ। ପାଣିଟାଙ୍କିରୁ ଗ୍ରାମର ୬ଶହ ପରିବାରକୁ ପାଇପ୍ ମାଧ୍ୟମରେ ଜଳଯୋଗାଣ କରାଯିବ। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଯୁବନେତା ସନ୍ତୋଷ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଉକ୍ତ ପଞ୍ଚାୟତ ପୂର୍ବତନ ସରପଞ୍ଚ ମଥୁରା ଦାସ, ଧାନଚାଙ୍ଗଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ପ୍ରଧାନ, ଯୁବନେତା କାହ୍ନୁଚରଣ ମହାପାତ୍ର, ଗ୍ରାମ୍ୟ ଜଳଯୋଗାଣ ବିଭାଗର ୨ ଯନ୍ତ୍ରୀ ସରିତା ଦାସ, ଅମରେଶ ପଣ୍ଡାଙ୍କ ସମେତ ପଞ୍ଚାୟତର ବହୁ ମହିଳାପୁରୁଷ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଗ୍ରାମରେ ଦୂଷିତ ପାଣି ପିଇବା କାରଣରୁ ପ୍ରତିବର୍ଷ ବହୁ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

**ବେଗୁନିଆ,୨୩।୮(ଡି.ଏନ୍.ଏ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମର ବିକାଶ ପାଇଁ ଜାରି ରହିଥିବା ମୁଖ୍ୟମନ୍ତ୍ରୀଙ୍କ ସହ ସିଧା ପ୍ରସାରଣ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଗୁରୁବାର ବେଗୁନିଆ ବ୍ଲକ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଏମପି ପ୍ରସନ୍ନ ପାଟଶାଣୀ, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଜିଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ସରୋଜ କୁମାର ମିଶ୍ର, ବିଡିଓ ଏସ.ଏସ. ପଟେଲ, ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୨୧ଟି ପଞ୍ଚାୟତର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିବା ବେଳେ ପୁରୁଷ ସଦସ୍ୟ ପ୍ରାୟ ୧୫୦ଜଣ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସିଧା ପ୍ରସାରଣରେ ବହୁ ବିଳମ୍ବରେ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ମାତ୍ରାଧିକ ମହିଳାଙ୍କ ଯୋଗଦାନକୁ ଦେଖି ଖୁସି ହେବା ସହ ସେମାନଙ୍କ ପାଇଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବିଦ୍ୟାଳୟକୁ ପ୍ଲାଷ୍ଟିକ୍‌ମୁକ୍ତ ଘୋଷଣା କଲେ ଜିଲାପାଳ

**ନୟାଗଡ଼ ଅଫିସ,୨୩।୮**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳିସ୍ଥିତ ଜନଶକ୍ତି ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଜଣେ ଭଲ ମଣିଷ ହେବା ପାଇଁ କହିଥିଲେ। ଏହାସହ ଔଷଧୀୟ ବୃକ୍ଷରୋପଣ କରି ବିଦ୍ୟାଳୟ ପରିସରକୁ ପଲିଥିନ୍‌ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ସେହିଭଳି ମଣିଷମାନଙ୍କ ସହ ସମପରିମାଣରେ ଜୀବଜନ୍ତୁ, ବୃକ୍ଷଲତା ପ୍ରତି ସମ୍ବେଦନଶୀଳ ହେବା ଉଚିତ୍ ବୋଲି ସେ ପ୍ରକାଶ କରିଥିଲେ। ଜିଲାପାଳ ପିଲାମାନଙ୍କୁ ଶ୍ରେଣୀ ପାଠ୍ୟକ୍ରମ ବିଷୟରେ ପଚାରି ବୁଝିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ମୋ ସ୍କୁଲ କାର୍ଯ୍ୟକ୍ରମ ଜିଲାର ଶିକ୍ଷା ବ୍ୟବସ୍ଥାକୁ ଆହୁରି କ୍ରିୟାଶୀଳ କରାଇବ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରସଂସଦ ସଭାପତି ବଂଶୀଧର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ରସଂସଦ ତରଫରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ପାଇଁ ୨ ଲକ୍ଷ ୪ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ଏହି ବିଦ୍ୟାଳୟକୁ ଏକ ମଡ଼େଲ ଭାବେ ପ୍ରତିପାଦିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୁରାତନ ଛାତ୍ରସଂସଦ ତରଫରୁ ଗୁଣନିଧି ଶତପଥୀ, ପ୍ରଭାତୀ ମିଶ୍ର, ସୁରେନ୍ଦ୍ର କୁମାର ସାହୁ, ଭାରତୀ ମିଶ୍ର, ଦିଲୀପ ମିଶ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଜିଲାପାଳ ନିଜର ବକ୍ତବ୍ୟ ରଖୁଛନ୍ତି।

**ମୋ ସ୍କୁଲ କାର୍ଯ୍ୟକ୍ରମ**

# ପରିତ୍ୟକ୍ତ ମହେନ୍ଦ୍ର ସାଗର ପୁଷ୍କରିଣୀ

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.)**

**ଖଣ୍ଡପଡ଼ା ଏନ୍ଏସିକୁ ହସ୍ତାନ୍ତର ହେବାରେ ବିଳମ୍ବ**



ଦଳରେ ଭର୍ତ୍ତି ହୋଇଥିବା ପୋଖରୀ।

ଖଣ୍ଡପଡ଼ା ସହରାଞ୍ଚଳ ତହସିଲ ଓ କୋର୍ଟ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ମହେନ୍ଦ୍ର ସାଗର ପୁଷ୍କରିଣୀ ଦୀର୍ଘବର୍ଷ ହେବ ଆବଶ୍ୟକ ରକ୍ଷଣା ବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହି ପୁଷ୍କରିଣୀ ଏବେ ରୋଗ ବାହକର ଏକ ମାଧ୍ୟମ ପାଲଟିଥିବା ବେଳେ ଏଥିପ୍ରତି ନା ରାଜସ୍ୱ ବିଭାଗ ନା ଏନ୍ଏସି କର୍ତ୍ତୃପକ୍ଷ କେହି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

ପ୍ରକାଶ ଯେ, ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ଆବଶ୍ୟକତା ଦୃଷ୍ଟିରୁ ରାଜସ୍ୱ ବିଭାଗ ଅଧୀନରେ ଥିବା କଦମ୍ବ ସାଗର, ନବୀନ ସାଗର ଓ ମହେନ୍ଦ୍ର ସାଗର ଏପରି ୩ଟି ପୁଷ୍କରିଣୀ ରାଜରାଜୁଡା ଅମଳରୁ ଖଣ୍ଡପଡା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ରହିଆସିଛି । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନବୀନ ସାଗର ପୋଖରୀଟି ପୋତିହୋଇ ଯାଇଥିବା ବେଳେ କଦମ୍ବ ଓ ମହେନ୍ଦ୍ର ସାଗର ପୁଷ୍କରିଣୀ ଦୁଇଟିରେ ଜଳ ଭରି ରହିଛି । ହେଲେ ଉକ୍ତ ପୁଷ୍କରିଣୀର ଜଳ ପ୍ରଦୂଷିତ ହୋଇଥିବାରୁ ତାହା ସର୍ବସାଧାରଣଙ୍କ କାର୍ଯ୍ୟରେ ଆସିପାରୁନି । ବିଶେଷକରି ପ୍ରତ୍ୟହ ଗ୍ରାମାଞ୍ଚଳରୁ ଶତାଧିକ ଲୋକ ଖଣ୍ଡପଡା ତହସିଲ ଓ କୋର୍ଟ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବେଳେ ସ୍ନାନ ଶୌଚାଦି ପାଇଁ ନିକଟରେ ଥିବା ୨ ଏକର ପରିମିତ ଏହି ମହେନ୍ଦ୍ର ସାଗର ପୁଷ୍କରିଣୀ ଉପରେ ନିର୍ଭର କରିଥାନ୍ତି। ଅପରପକ୍ଷରେ ତହସିଲ କାର୍ଯ୍ୟାଳୟ ଆଖପାଖ ୫ଟି ୱାର୍ଡର ବାସିନ୍ଦା ସ୍ନାନ ଶୌଚାଦି ପାଇଁ ଉକ୍ତ ପୋଖରୀ ଉପରେ ନିର୍ଭରଶୀଳ । ଏକଦା ଉକ୍ତ ପୋଖରୀର ଜଳକୁ ସ୍ଥାନୀୟ ଲୋକେ ପାନୀୟ ରୂପେ ବ୍ୟବହାର କରୁଥିଲେ । ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପୋଖରୀରୁ ପଙ୍କ ଉଦ୍ଧାର ନ ହେବା ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଖରୀ ଏବେ ପ୍ରଦୂଷିତ ହୋଇଛି। ପଦ୍ମବନରେ ପରିଣତ ହୋଇଥିବା ଏହି ପୋଖରୀ ମଧ୍ୟରେ ଅନାବନା ଗଛ ଉଠି ପୋଖରୀର ଜଳକୁ ଅଧିକ ପ୍ରଦୂଷିତ କରିଦେଇଛି। ଏଠାରେ ସ୍ନାନ ଶୌଚାଦି କଲେ ଦେହ କୁଣ୍ଡାଇ ହେବା ସହ ଚର୍ମରୋଗ ହେଉଥିବାରୁ ଲୋକେ ଏହି ପୋଖରୀ ଜଳକୁ ବ୍ୟବହାର କରିବାକୁ ତଥା ଗାଧୋଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ।

ରାଜସ୍ୱ ବିଭାଗ ଅଧୀନରେ ଥିବା ଏହି ପୋଖରୀରେ ମାଛଚାଷ କରିବାକୁ ରାଜସ୍ୱ ବିଭାଗ ପୂର୍ବରୁ ନିଲାମ ଦେଇ ରାଜସ୍ୱ ଆଦାୟ କରୁଥିବା ବେଳେ ପୋଖରୀର ପୁନରୁଦ୍ଧାର ଦିଗରେ ଆଦୌ ଦୃଷ୍ଟି ଦେଇ ନ ଥାଏ । ସ୍ଥାନୀୟ ଜନସାଧାରଣ ବାରମ୍ବାର ଏହାର ପୁନରୁଦ୍ଧାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଅର୍ଥାଭାବର ଆଳ ଦେଖାଇ ଅଭିଯୋଗକୁ ଏଡାଇ ଦେଇଥାନ୍ତି । ବହୁ ଦାବି ପରେ ଉକ୍ତ ପୋଖରୀକୁ ଖଣ୍ଡପଡା ଏନ୍ଏସିକୁ ହସ୍ତାନ୍ତର କରିବା ପାଇଁ ପ୍ରଶାସନିକ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମାତ୍ର ସଂପୃକ୍ତ କାର୍ଯ୍ୟାଳୟରୁ କୌଣସି କାଗଜ ପତ୍ର ପୁଷ୍କରିଣୀ ହସ୍ତାନ୍ତର ପାଇଁ ଆସି ନ ଥିବାରୁ ଏ ଦିଗରେ ଏନ୍ଏସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିବା ସମ୍ଭବ ହେଉନାହିଁ ବୋଲି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସରକାରଙ୍କ ଯୋଜନାକ୍ରମେ ଉକ୍ତ ପୋଖରୀକୁ ରାଜସ୍ୱ ବିଭାଗ ଆମକୁ ହସ୍ତାନ୍ତର କରିବାକୁ ଏନ୍ଏସି କାର୍ଯ୍ୟାଳୟ ପକ୍ଷରୁ ତହସିଲକୁ ବାରମ୍ବାର ଲିଖିତ ଭାବରେ ଅବଗତ କରାଯାଉଛି, ମାତ୍ର ତହସିଲ କର୍ତ୍ତୃପକ୍ଷ ବିଭିନ୍ନ ନୀତିର ଆଳ ଦେଖାଇ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ଏନ୍ଏସି ଅଧ୍ୟକ୍ଷା ପ୍ରଭାସିନୀ ଦାସ ସୂଚନା ଦେଇଛନ୍ତି । ଉକ୍ତ ପୋଖରୀଟିକୁ ଏନ୍ଏସିକୁ ହସ୍ତାନ୍ତର କରିବା ପରେ ପୋଖରୀର ପଙ୍କୋଦ୍ଧାର କରାଯାଇ ଚାରିପାଖରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇପାରନ୍ତା । ଏହାଛଡା ମାଛଚାଷ ପାଇଁ ପୋଖରୀକୁ ନିଲାମ ଦିଆଯାଇ ଏନ୍ଏସିର ରାଜସ୍ୱ ବୃଦ୍ଧିପାଆନ୍ତା ବୋଲି ଦାସ ପ୍ରକାଶ କରିଥିଲେ । ଅପରପକ୍ଷରେ ତହସିଲଦାର ଅନୀତା ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ଉକ୍ତ ମହେନ୍ଦ୍ର ସାଗର ଓ କଦମ୍ବ ପୋଖରୀକୁ ଏନ୍ଏସିକୁ ହସ୍ତାନ୍ତର ପାଇଁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯାଇ ଏହାର ଆପ୍ରୁଭାଲ ନିମନ୍ତେ ଜିଲା ପ୍ରଶାସନକୁ ତିନି ତିନିଥର ପଠାଯାଉଥିବା ବେଳେ ବିଭିନ୍ନ କାରଣ ପାଇଁ ତାହା ଫେରିଆସୁଛି। ତେବେ ଖୁବ୍‌ଶୀଘ୍ର ହସ୍ତାନ୍ତର ହୋଇଯିବ ବୋଲି ପଣ୍ଡା ସୂଚନା ଦେଇଥିଲେ ।

## ୧୦୦ ଟଙ୍କା ଉଠାଇବା ବେଳେ ଲୁଟିନେଲେ ସାଢ଼େ ୩ଲକ୍ଷ

**ଖୋର୍ଦ୍ଧା ଅଫିସ,୨୩।୮**

ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ପରିସରରୁ ଟାଙ୍ଗିଆପଡା ଆଦିବାସୀ ସାହିର ସାମନ୍ତ ପ୍ରଧାନଙ୍କ ବାଇକ୍ ଡିକି ଭାଙ୍ଗି ସାଢେ ୩ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀଭାବେ ସାମନ୍ତ କାର୍ଯ୍ୟ କରନ୍ତି। ଏକ ଜମି କିଣିବା ପାଇଁ ୩ଜଣ ସହଯୋଗୀଙ୍କ ସହ ସାମନ୍ତ ଖୋର୍ଦ୍ଧା ଷ୍ଟେଟ ବ୍ୟାଙ୍କରୁ ସାଢ଼େ ୩ଲକ୍ଷ ଟଙ୍କା ଉଠାଇବା ପାଇଁ ଆସିଥିଲେ। ଏହାପରେ ସାମନ୍ତ ବ୍ୟାଙ୍କରୁ ସାଢେ ୩ ଲକ୍ଷ ଉଠାଣ କରି ୩ଜଣ ସହଯୋଗୀଙ୍କ ସହ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ୩ଜଣ ସହଯୋଗୀ କିଛି କାଗଜାତ ପାଇଁ ତହସିଲକୁ ଯାଇଥିଲେ। ବାଇକ ଡିକି ଭିତରେ ଟଙ୍କା ବ୍ୟାଗ ଉପରେ ସାମନ୍ତ ବସି ରହିଥିଲେ। ଏହି ସମୟରେ ୨ଜଣ ଲୁଟେରା ଏକ ବାଇକରେ ସେଠାରେ ପହଞ୍ଚିଥିଲେ। ଜଣେ ଲୁଟେରା ଆପଣଙ୍କର ୧୦୦ ଟଙ୍କା ତଳେ ପଡିଛି ବୋଲି ସାମନ୍ତଙ୍କୁ କହିଥିଲେ। ସାମନ୍ତ ୧୦୦ ଟଙ୍କା ଉଠାଉଥିବାବେଳେ ଅନ୍ୟ ଜଣେ ଲୁଟେରା ସାମନ୍ତଙ୍କୁ ମାଡ଼ ମାରିବା ସହ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶେଷରେ ଏ ନେଇ ସାମନ୍ତ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ବେଆଇନ୍ ବାଲି ଚାଲାଣକୁ ରୋକିଲା ପ୍ରଶାସନ

**ଛତ୍ରପୁର,୨୩।୮(ଡି.ଏନ.ଏ):** ଛତ୍ରପୁର ଏନଏସି ପଟ୍ଟନାୟକ କଲୋନୀଠାରେ ୨୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ବାଲି ପଡି ରହିଛି । ଖବରପାଇ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ଓ ତହସିଲଦାର ବିଜୟ କେତନ ସାହୁ ଗୁରୁବାର ଅପରାହ୍ନରେ ସେଠାକୁ ଯାଇଥିବା ବେଳେ ଏକ ଟ୍ରାକ୍ଟର (ଓଡି ୦୭ଏଚ୍/୯୭୯୮)ରେ ବାଲି ଲୋଡ୍ ହେଉଥିବା ଦେଖିଥିଲେ। ବେଆଇନ୍ ଭାବେ ସେଠାରେ ବାଲି କିଏ ରଖିଲା ତାହାର ତଦନ୍ତ ଆରମ୍ଭ ହୋଇଛି । ଏଥିସହ ବେଆଇନ୍ ବାଲି ଚାଲାଣ କରୁଥିବା ଉକ୍ତ ଟ୍ରାକ୍ଟରକୁ ଜବତ କରାଯାଇଛି। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି ତଦନ୍ତ କରିଥିଲେ । ବାଲି ବୋଝେଇ ଟ୍ରାକ୍ଟରକୁ ଛତ୍ରପୁର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି। ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ତହସିଲଦାର ସାହୁ କହିଛନ୍ତି।

### ରକ୍ତଦାନ ଶିବିର

**ଆସିକା,୨୩।୮(ଡି.ଏନ୍.ଏ):** ଆସିକା ସହରରେ ନବଗଠିତ ଫ୍ରେଣ୍ଡସ କ୍ଲବ ପକ୍ଷରୁ ସ୍ଥାନୀୟ ଅଶୋକା କନଫେରେନ୍ସ ହଲଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରୁ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବ୍ରହ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀଙ୍କ ସହଯୋଗରେ ଆୟୋଜିତ ଏହି ଶିବିରକୁ ବିଡିଓ ଗାୟତ୍ରୀଦତ୍ତ ନାୟକ ଉଦଘାଟନ କରିଥିଲେ। ଅଜିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫ୍ରେଣ୍ଡସ କ୍ଲବର ବଳଭଦ୍ର ସାହୁ, ତନୁଜ କୁମାର ଦୋରା, ଜିତେଶ ପାତ୍ର, ତନ୍ମୟ ଚୌଧୁରୀ, ସୁଶାନ୍ତ କୁମାର ମହାରଣା, ରବୀନ୍ଦ୍ର ସାହୁ, ସୁନିଲ କୁମାର ରାଓ, ରାମାରାଓ ରେଡ୍ଡୀ, ରାବଣା ରାଓ, ସିମାଦ୍ରୀ ପାଢୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

### ବାଲିଗୁଡ଼ା ଏନଏସି: ୩ ୱାର୍ଡ ଖୋଲା ଶୌଚମୁକ୍ତ ଘୋଷଣା

**ବାଲିଗୁଡା,୨୩।୮(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡା ଏନଏସିର ୮,୯ ଓ ୧୦ ନମ୍ବର ୱାର୍ଡକୁ ଖୋଲା ଶୌଚମୁକ୍ତ ଘୋଷଣା କରାଯାଇଛି। ଏହି ପରପ୍ରେକ୍ଷୀରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଦେବ ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷୟିତ୍ରୀ ଅମିତାସ୍ମିତା ନାୟକ,ଏନଏସି ଅଧକ୍ଷା ମମତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସାନିଟେଶନ ଏକ୍ସପର୍ଟ ଦେବାଶିଷ ଭୂୟାଁ ଯୋଗ ଦେଇ ବାଲିଗୁଡାରେ ଆବଶ୍ୟକ ଥିବା ପାଇଖାନା ସ୍ୱଚ୍ଛ ଭାରତ ମିଶନ ତରଫରୁ ହୋଇଯାଇଥିବା କହିଥିଲେ। ଖୋଲାରେ ଶୌଚ ହେଲେ କ'ଣ ସବୁ ସମସ୍ୟା ସୃଷ୍ଟି ହୁଏ ତାହା ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ରମାନେ ପରିବେଶ ସ୍ୱଚ୍ଛ ରଖିବା ନିମନ୍ତେ ଶପଥ ପାଠ କରିଥିଲେ।

### ସ୍ୱଚ୍ଛ ସର୍ବେକ୍ଷଣ ଟିମ୍‌ର ପରିଦର୍ଶନ

**ଆର.ଉଦୟଗିରି,୨୩।୮(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି ଏବଂ ନୂଆଗଡ଼ ବ୍ଲକରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କିପରି ଚାଲିଛି ଅନୁଧ୍ୟାନ କରିବା ପାଇଁ ଏକ କେନ୍ଦ୍ରୀୟ ଟିମ ସୋମବାର ଆର.ଉଦୟଗିରି ବ୍ଲକର ଗୁଡ଼ିସାହି ଏବଂ ନୂଆଗଡ଼ ବ୍ଲକର ଲୁହାସିଂ ଗ୍ରାମକୁ ଆସିଥିଲେ। ଟିମରେ ଶ୍ରୀନିବାସ ଡ଼ୋରା, ପୀତାମ୍ବର, ନିଳ ମାଧବ ପାଣିଗ୍ରାହୀ, ଆରଡବ୍ଲୁଏସ ଏବଂ କର୍ମଚାରୀ, ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ପାରଳାଖେମୁଣ୍ଡି ଏସଡିଓ ରମେଶ ଚନ୍ଦ୍ର ପଣ୍ଡା, ରାୟଗଡ଼ ଜେଇ-୧ ସୀମାଞ୍ଚଳ ସାହୁ, ନୂଆଗଡ଼ ଜେଇ-୨ ଅମିୟ ରଞ୍ଜନ ଦାସ, ଡିଡବ୍ଲୁଏସଏମ୍ ଷ୍ଟାଫ ରାଜ ପ୍ରସାଦ ନାୟକ, ବ୍ଲକ ଅଧକ୍ଷ ଗୁଡ୍ଡୁବାଇ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ଟିମ ସଦସ୍ୟମାନେ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ, ଚର୍ଚ୍ଚ ବୁଲି ଦେଖିବା ସହ ଏବଂ ଗ୍ରାମବାସୀ ପାଇଖାନା ବ୍ୟବହାର କରୁଛନ୍ତି ନା ନାହିଁ ପଚାରି ବୁଝିଥିଲେ । ଗ୍ରାମ ପରିବେଶ ସ୍ୱଚ୍ଛ ରଖିବା ପାଇଁ ପରାମର୍ଶ ଦେଇଥିଲେ ।

### ପଥପାର୍ଶ୍ୱ ଚାରାରୋପଣ

**ଦିଗପହଣ୍ଡି,୨୩।୮ (ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମରେ ରବିବାର ପଥପାର୍ଶ୍ୱ ଚାରାରୋପଣ ଆରମ୍ଭ ହୋଇଛି। ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଗ୍ରାମ ରୋଜଗାର ସେବକ ପ୍ରତାପ ଚନ୍ଦ୍ର ଚୌଧୁରୀ, ସାମାଜିକ କର୍ମୀ କିଶୋର ଚନ୍ଦ୍ର ସର୍ଦ୍ଦାର, ଚନ୍ଦନ କୁମାର ପାତ୍ର, ନିରଞ୍ଜନ ବେହେରା, ଲକ୍ଷ୍ମୀ ନାରାୟଣ ପୂଜାରୀ, ଶିବ କୁମାର ରାଉତ ପ୍ରମୁଖ ବହୁସଂଖ୍ୟକ ଚାରାରୋପଣ କରିଥିଲେ ।

# ୨୫୦ କୋଟି ଟଙ୍କାରେ ନିର୍ମାଣ ହେବ ମତ୍ସ୍ୟ ଜେଟି

**ଛତ୍ରପୁର,୨୩।୮(ଡି.ଏନ.ଏ)**


ପୋର୍ଟ ପରିସରରେ ଥିବା ଜେଟିଠାରେ ଡଙ୍ଗା ରଖାଯାଇଛି ।

- ଚିହ୍ନଟ ହୋଇଛି ୨୩ ଏକର ଜମି
- ୨ ଆଇଆଇଟି ଟିମ୍ କରିଥିଲା ସର୍ଭେ

ଗଞ୍ଜାମ ଜିଲା ଗୋପାଳପୁର ପୋର୍ଟ ପରିସରରେ ଥିବା ମତ୍ସ୍ୟଜେଟି ପୋତି ହୋଇଯାଇଥିବା ଏବଂ ଅନ୍ୟ କେତେକ ଉଦ୍ଦେଶ୍ୟ ନେଇ ନୂଆ ଜେଟି ନିର୍ମାଣର ପରିକଳ୍ପନା ହୋଇଛି । ଛତ୍ରପୁର ବ୍ଲକ ସାନ ଆର୍ଯ୍ୟପଲ୍ଲୀ ଓ ବଡ ଆର୍ଯ୍ୟପଲ୍ଲୀ ମଧ୍ୟରେ ସମୁଦ୍ର କୂଳରେ ଏହି ନୂଆ ମତ୍ସ୍ୟଜେଟି ନିର୍ମାଣ ହେବ । ଏଥିପାଇଁ ୨୩ ଏକର ଜମି ଚିହ୍ନଟ ହୋଇସାରିଛି। ପୂର୍ବରୁ ନୂଆ ଜେଟି ନିର୍ମାଣ ପାଇଁ ୧୪୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଥିଲା । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ବାଙ୍ଗାଲୋର ଓ ଚେନ୍ନାଇ ଆଇଆଇଟିର ୨ ଟିମ୍ ଆସି ଏଠାରେ ସର୍ଭେ କରିଥିଲେ। ପରେ ଖର୍ଚ୍ଚରେ ବୃଦ୍ଧି କରାଯାଇ ୨୫୦ କୋଟି ଟଙ୍କା ଆକଳନ ହୋଇଛି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନୁଦାନ ଦେବେ ବୋଲି ମତ୍ସ୍ୟଜୀବୀ ୟୁନିୟନର ସଭାପତି ବି. ସିମାଦ୍ରୀ କହିଛନ୍ତି। ଅତି ଶୀଘ୍ର ଏହା ନିର୍ମାଣ କରିବା ଉପରେ ସେ ଗୁରୁତ୍ୱାରୋପ କରଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଜମିର କିସମ ପରିବର୍ତ୍ତନ ହେବ । ଏ ନେଇ କେନ୍ଦ୍ର ପରିବେଶ ମନ୍ତ୍ରାଳୟକୁ ରିପୋର୍ଟ ପଠାଯାଇଛି। ମଞ୍ଜୁରୀ ମିଳିବା ପରେ ଟେଣ୍ଡର ହେବ ବୋଲି ଜଣାପଡିଛି। ଜେଟି ପୋତି ହୋଇଯିବାରୁ ସମୁଦ୍ରକୁ ମାଛ ମାରିବା ପାଇଁ ମତ୍ସ୍ୟଜୀବୀମାନଙ୍କ ସମସ୍ୟା ଲାଗି ରହିଛି। ମାଛ ମାରିବା ବନ୍ଦ ହୋଇଯିବାରୁ ଅନେକ ମତ୍ସ୍ୟଜୀବୀ ଗାଁ ଛାଡିଥିବା ମଧ୍ୟ ଜଣାପଡିଛି । ଗୋପାଳପୁର ପୋର୍ଟ ପରିସରରେ ମତ୍ସ୍ୟ ବିଭାଗର ଜେଟି ରହିଛି । ୩୦ ବର୍ଷ ପୂର୍ବେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ଏହି ଜେଟିର ନିର୍ମାଣ ହୋଇଥିଲା । ୨୦୦୭ରୁ ଜେଟିର ମୁହାଣ ଧୀରେ ଧୀରେ ପୋତି ହେବାରେ ଲାଗିଛି ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ କହିଛନ୍ତି। ଉକ୍ତ ଜେଟି ଉପରେ ୧୨ ଟି ଗାଁର ମତ୍ସ୍ୟଜୀବୀ ନିର୍ଭର କରିଆସୁଛନ୍ତି। ନୂତନ ଜେଟି ନିର୍ମାଣ ନେଇ ବାରମ୍ବାର ମତ୍ସ୍ୟଜୀବୀ ୟୁନିୟନ ପକ୍ଷରୁ ଦାବି ହେଉଥିଲା । ୨୦୧୬ ଏପ୍ରିଲ ୨୧ ତାରିଖରେ ବିଭାଗୀୟ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମତ୍ସ୍ୟ ଜେଟି ନିର୍ମାଣ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସି ଏ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ସଂଘବଦ୍ଧ ଆକ୍ରମଣ ଘଟଣା, ୩ କୋର୍ଟ ଚାଲାଣ

**ଜଗନ୍ନାଥପ୍ରସାଦ,୨୩।୮**

ଜଗନ୍ନାଥପ୍ରସାଦ ଥାନା ଅଳସୁଗୁମ୍ଫା ପଞ୍ଚାୟତ ଖଇରଝୋଳା ଗ୍ରାମର ବାବୁ ନାୟକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯିବା ଘଟଣାରେ ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାରସିଂ ଥାନା ବରପଲ୍ଲୀ ଗ୍ରାମର ସୁରେଶ ନାଇକ, ବିଦେଶୀ ନାଇକ ଏବଂ ବୁଗୁଡ଼ା ଥାନା କରସିଂ ଗ୍ରାମର କୃଷ୍ଣ ନାଇକ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ପୂର୍ବ ଶତ୍ରୁତାକୁ ନେଇ ଗତ ୩ ତାରିଖରେ ଖଇରଝୋଳା ଗାଁ ଦାଣ୍ଡରେ ବାବୁଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ଗାଁ ଲୋକେ ଅଭିଯୁକ୍ତମାନଙ୍କୁ ଅଟାକାଇ ଚେଷ୍ଟା କରିଥିଲେ ମଧ୍ୟ ଆକ୍ରମଣକାରୀ ବୋମା ଫୁଟାଇବା ସହ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଗ୍ରାମର କିଛି ବ୍ୟକ୍ତି ଏ ନେଇ ଥାନାକୁ ଜଣାଇଥିଲେ। ପୋଲିସ ଗ୍ରାମରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଘଟଣାସ୍ଥଳରୁ ଖଣ୍ଡା, କାତି, ଭୁଜାଲି ଏବଂ ବୋମାର ଟୁକୁଡ଼ା ଜବତ କରାଯାଇଥିଲା। ଆହତ ବାବୁଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଭଞ୍ଜନଗର ହସ୍ପିଟାଲକୁ ପଠାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ପ୍ରକାରେ ପୋଲିସ ନଂ. ୧୨୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଅନିରୁଦ୍ଧ ମୁଦୁଲି କହିଛନ୍ତି ।

## ଆଇଆଇସିଙ୍କୁ ଆକ୍ରମଣ ମାମଲା, ଆଉ ଜଣେ ଗିରଫ

**ଦିଗପହଣ୍ଡି,୨୩।୮(ଡି.ଏନ.ଏ.)**

ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନଙ୍କୁ ଆକ୍ରମଣ ମାମଲାରେ ପୋଲିସ ଗୁରୁବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଟି.ଗୋବିନ୍ଦପୁର ଗ୍ରାମର ସୁଶାନ୍ତ କୁମାର ନାୟକ। ଥାନା କେସ ନଂ. ୯୦/୧୮ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ସୁଶାନ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ମାମଲାରେ ସମ୍ପୃକ୍ତ ଟି.ଗୋବିନ୍ଦପୁର ଗ୍ରାମର ୫ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଥିଲା। ବର୍ତ୍ତମାନ ଗିରଫଙ୍କ ସଂଖ୍ୟା ୬ରେ ପହଞ୍ଚିଛି । ମେ ୨୯ ତାରିଖ ଭୋରରେ ତପ୍ତପାଣି ଗ୍ରାମରେ ୨ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରାସ୍ତା ଅବରୋଧ କରିଥିଲେ। ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ସେଠାରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଆଇଆଇସିଙ୍କ ସମେତ ଏଏସଏଆଇ ଗୋଲକ ପଲେଇ, ପ୍ରସନ୍ନ କୁମାର ପଟ୍ଟନାୟକ ଗୁରୁତର ଆହତ ହୋଇଥିଲେ ।

## ୩୫୩ ହିତାଧିକାରୀଙ୍କୁ ମିଳିଲା ଭତ୍ତା

**ଗଞ୍ଜାମ,୨୩।୮(ଡି.ଏନ.ଏ.)**

**ଗଞ୍ଜାମ ବ୍ଲକ**

ଗଞ୍ଜାମ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପଞ୍ଚାୟତର ମୋଟ ୩୫୩ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ବିଡିଓ ଜ୍ୟୋତି ଶଙ୍କର ରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଏମପି ପ୍ରତିନିଧି ଲକ୍ଷ୍ମୀ ଚରଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ସରପଞ୍ଚ ନିରଞ୍ଜନ ରେଡ୍ଡୀ, ପ୍ରଭାତ ସେଠୀ, ସମିତିସଭ୍ୟ ଗଗନ ସ୍ୱାଇଁ, ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ଏମପି ପ୍ରତିନିଧି ସୁଦାମ ଚରଣ ପଲାଇ, ବ୍ଲକ ସମ୍ପାଦକ ଉମା ଜେନା, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା ଉପସ୍ଥିତ ଥିଲେ । ପ୍ରଗତି ସହାୟକ ଅଶୋକ କୁମାର ଦାସ, ବ୍ରଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ବିଧାୟକ ଭତ୍ତା ବଣ୍ଟନ କରୁଛନ୍ତି ।

## କାଠ ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ବେଗୁନିଆପଡ଼ା,୨୩।୮(ଡି.ଏନ.ଏ.):** ବେଗୁନିଆପଡ଼ା ପୋଲିସ କୌଣସି ସୂତ୍ରରୁ ଖବର ପାଇ ବୁଧବାର ଭୋରରେ ବେଗୁନିଆପଡ଼ା ନିକଟସ୍ଥ ମର୍ଦ୍ଦକୋଟ ରାସ୍ତାରେ ଏକ କାଠ ବୋଝେଇ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରିଥିଲେ। ଉକ୍ତ ଟ୍ରାକ୍ଟରରେ ଶାଗୁଆନ, ଆମ୍ବ, କାକୋପୋଇ ଆଦି କାଠପଟା ଜବତ କରିଛି । ଟ୍ରାକ୍ଟର ଚାଳକ ଅମର ପ୍ରଧାନଙ୍କୁ ଗିରଫ କରିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାସ କହିଥିଲେ। ପରେ ତାଙ୍କୁ ଖଲ୍ଲିକୋଟ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଅମରଙ୍କ ଘର ସମା ଗ୍ରାମରେ ଏବଂ ଉକ୍ତ କାଠ ସେ ସମାକୁ ଚାଲାଣ କରୁଥିବା ପ୍ରକାଶ କରିଛନ୍ତି। ଗୁରୁବାର ଖଲ୍ଲିକୋଟ ବନ ବିଭାଗ କାଠ ଜବତ କରିବା ସହ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରିଛନ୍ତି।

## ଏନ୍‌ଏସି କାଉନସିଲ ବୈଠକ

**ଭଞ୍ଜନଗର,୨୩।୮(ଡି.ଏନ.ଏ.)**

ଭଞ୍ଜନଗର ଏନ୍‌ଏସି ସମ୍ମିଳନୀ କକ୍ଷରେ ଗୁରୁବାର କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ସୁନିତା କୁମାରୀ ଦଳବେହେରା ସଭାପତିତ୍ୱ କରି ଆସନ୍ତା ସ୍ୱାୟତ୍ତ ଶାସନ ଦିବସ କିଭଳି ପାଳନ କରାଯିବ ଏବଂ ସହରରେ ହୋଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ କହିଥିଲେ । ଉକ୍ତ ଦିନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ବିଭିନ୍ନ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହେବ। ଏଥିସହ ଉକ୍ତଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଅଧ୍ୟକ୍ଷା ଦଳବେହେରା ବୈଠକ ପରେ ସୂଚନା ଦେଇଛନ୍ତି। ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କର୍ମଚାରୀ ଅଶୋକ ତ୍ରିପାଠୀ ଆୟବ୍ୟୟ ସମ୍ପର୍କରେ କହିଥିଲେ । ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, କାଉନସିଲର ଗଜେନ୍ଦ୍ର ପ୍ରଧାନ, ସନ୍ତୋଷ ଦିଗାଲ, ଶିବରାମ ଜେନା, ଅରୁଣ ବେହେରା, ସନ୍ତୋଷ ଗୌଡ଼, ଝିଲି କୁମାରୀ ବେହେରା, ଭାରତୀ ବିଷୋୟୀ, ଡ଼ି.ଦୁର୍ଗା, ସୁଷମା ପ୍ରଧାନ ଓ ଏମ୍‌ପି ପ୍ରତିନିଧି ଏମ୍.ଲଳିତା ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ ଅଧ୍ୟକ୍ଷା ଓ ଅନ୍ୟମାନେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ଆସିକା, ୨୩।୮ (ଡି.ଏନ୍.ଏ.)**

ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆସିକା ବ୍ଲକ ସଂଘର ବୈଠକ ମଙ୍ଗଳବାର ଚିନିଶିଳ୍ପ ନିକଟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନୀତିଗତ ଦାବି ହାସଲ ଲାଗି ରାଜ୍ୟସ୍ତରରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ରାଜ୍ୟ ସରକାରଙ୍କ ଘୋଷିତ ସପ୍ତମ ବେତନ କମିଶନ ସୁପାରିସରେ ଥିବା ଅସଙ୍ଗତି ଦୂର କରିବା, ଚିକିତ୍ସା ଭତ୍ତା ଲାଗୁ କରିବା ଆଦି ୧୧ ଦଫା ଦାବି ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦେଉଥିବା ସମସ୍ତ ସୁବିଧା ଦେବା ଲାଗି ରାଜ୍ୟ ସରକାର ଘୋଷଣା କରିଥିଲେ ସୁଦ୍ଧା ତାହା କରିନାହାନ୍ତି। ଫିଟମେଣ୍ଟ କମିଟି ସ୍ୱାସ୍ଥ୍ୟ ଭତ୍ତା ଦେବା ପାଇଁ ସୁପାରିସ କରିଥିଲେ ମଧ୍ୟ ସରକାର ଏହା ଦେଉ ନ ଥିବା ଅଭିଯୋଗ ହୋଇଥିଲା। ସୁବାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡଙ୍ଗା, ଜିଲା ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା, ମିଳିତ ଶିକ୍ଷକ ମଞ୍ଚ ସଭାପତି କାମରାଜୁ ମହାରଣା, ଶିକ୍ଷକ ନେତା ପୀତବାସ ମହାପାତ୍ର, ବିପିନ ବିହାରୀ ଶତପଥୀ, ରାଜେଶ୍ୱର ପାତ୍ର, ଲକ୍ଷଣ ରେଡ୍ଡୀ, ଉପେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ ।

## ବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ

**ଭଞ୍ଜନଗର,୨୩।୮(ଡି.ଏନ.ଏ.)**



ପୁରାତନ ଛାତ୍ରମାନେ ଚେକ୍ ପ୍ରଦାନ କରୁଛନ୍ତି।

ଭଞ୍ଜନଗର ବ୍ଲକର ବିଭିନ୍ନ ବିଦ୍ୟାଳୟର ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ସହଯୋଗର ହାତ ବଢ଼ାଇଛନ୍ତି। ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯେତିକି ଅର୍ଥ ଦେବେ ରାଜ୍ୟ ସରକାର ତାହାର ଦୁଇଗୁଣା ଅନୁଦାନ ପ୍ରଦାନ କରିବେ। ଉକ୍ତ ଅର୍ଥରେ ବିଦ୍ୟାଳୟର ବିକାଶ କରାଯିବ। ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲର ୧୯୮୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନେ ଗୁରୁବାର ବିଦ୍ୟାଳୟକୁ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଚେକ୍ ମାଧ୍ୟମରେ ଉକ୍ତ ଅର୍ଥ ଗ୍ରହଣ କରିଛନ୍ତି। ଏହି ସମୟରେ ପୁରାତନ ଛାତ୍ର ଉଦିତ୍ ନାରାୟଣ ଦାସ, ସିଦ୍ଧାର୍ଥ ପାତ୍ର, ଦିଲୀପ ମିଶ୍ର, ଟି.ମୋହନ ରାଓ ପାତ୍ର, ସନ୍ତୋଷ ପଣ୍ଡା, ରୂପେଶ ଦାସ, ପ୍ରଦୀପ କୁମାର, ସୁକାନ୍ତ ଦିଗାଲ, ପଞ୍ଚାନନ ମିଶ୍ର, ସଞ୍ଜୀବ ପାତ୍ର, ହିମାଂଶୁ ମିଶ୍ର, ଶ୍ୟାମାନନ୍ଦ ତ୍ରିପାଠୀ, ବଂଶୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗତ ସପ୍ତାହରେ ଅନ୍ୟ କେତେଜଣ ପୁରାତନ ଛାତ୍ର ମଧ୍ୟ ଅର୍ଥ ଦାନ କରିଥିଲେ। ଭଞ୍ଜନଗର ବ୍ଲକର ବିଭିନ୍ନ ହାଇସ୍କୁଲରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଦ୍ୟାଳୟ ଉନ୍ନତି ପାଇଁ ପୁରାତନ ଛାତ୍ରୀଛାତ୍ରମାନେ ଦାନ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ପ୍ରକଳ୍ପ ଅନୁମୋଦନ ପାଇଁ ସରକାରଙ୍କ ପାଖକୁ ପଠାଯିବ। ସରକାର ଆବଶ୍ୟକ ଅନୁଦାନ ଦେବେ ବୋଲି ଏବିଇଓ ସୂର୍ଯ୍ୟ ନାୟକ ସୂଚନା ଦେଇଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

**ଧରାକୋଟ,୨୩।୮(ଡି.ଏନ୍.ଏ.)**

ଧରାକୋଟ ବ୍ଲକ ଜିପିଏଫ୍ ଓ ପେନ୍‌ସନ ଆକାଉଣ୍ଟଧାରୀ ପ୍ରାଥମିକ ଶିକ୍ଷକଙ୍କ ଏକ ସାଙ୍ଗଠନିକ ବୈଠକ ବ୍ଲକ ପରିସରସ୍ଥିତ ଶିକ୍ଷକ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଗୋପାଳକୃଷ୍ଣ ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ସମ୍ପାଦକ ସୁରେନ୍ଦ୍ର ସାହୁ ସଂଯୋଜନା କରିଥିଲେ। ଏଥିରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା, ସରକାରୀ କାର୍ଯ୍ୟକ୍ରମ, ଶିକ୍ଷାଦାନ ଏବଂ ସରକାରୀ ଗାଇଡ୍ ଲାଇନରେ କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବଳରାମ ଶତପଥୀଙ୍କୁ ନୂତନ ସଭାପତି, ଉପସଭାପତି ଭାବେ ଭଗବାନ ପରିଡ଼ା, ସମ୍ପାଦକ ରୂପେ ଅମୂଲ୍ୟ ଚନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଗଣେଶ ପୁରୋହିତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇ ସଂଘର ଭବିଷ୍ୟତ କର୍ମୀ ପନ୍ଥା ଉପରେ ଆଲୋଚନା କରିଥିଲେ। ବୈଠକକୁ ଶୁକ୍ରୁ ବେହେରା, ସନ୍ୟାସୀ ବିଷୋୟୀ, ଉମାଚରଣ ପାଣିଗ୍ରାହୀ, ପ୍ରଦୀପ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ବଢୁଛି ବିବାଦ

**ଦାରିଙ୍ଗବାଡ଼ି,୨୩।୮(ଡି.ଏନ.ଏ.)**


ଦାରିଙ୍ଗବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ।

- ପଞ୍ଚାୟତ ପରିସରରେ ନ କରିବାକୁ ଦାବି
- ବିଡିଓଙ୍କୁ ଦେଲେ ଦାବି ପତ୍ର

ଦାରିଙ୍ଗବାଡ଼ିରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୩୫ ଲକ୍ଷ ଟଙ୍କା ଅନୁଦାନ ରହିଛି । ଦୀର୍ଘବର୍ଷ ହେଲା ଟଙ୍କା ଥିଲେ ମଧ୍ୟ ଜମି ବିବାଦ ପାଇଁ ଏହା ନିର୍ମାଣରେ ବିଳମ୍ବ ଦେଖାଯାଇଛି। ସେପଟେ କେତେକ ଗ୍ରାମବାସୀ ଏହି କଲ୍ୟାଣ ମଣ୍ଡପ ପଞ୍ଚାୟତ କାର୍ଯ୍ୟାଳୟରେ କରାଯିବାକୁ ପ୍ରଶାସନକୁ ନିବେଦନ କରୁଥିବା ବେଳେ ଆଉ କେତେକ ପଞ୍ଚାୟତରେ ନ କରିବାକୁ ଲିଖିତ ଭାବେ ବିଡିଓ ତ୍ରିଲୋଚନ ପାତ୍ରଙ୍କୁ ଜଣାଇଛନ୍ତି । ଏଭଳି ବିବାଦ ଯୋଗୁ ଏବେ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ଆଶଙ୍କା ଦେଖାଯାଇଛି । ୨୦୧୫ରୁ ପ୍ରଥମେ ଦୁର୍ଗାପୂଜା କମିଟି ଜମିରେ ଏହା ନିର୍ମାଣ କରାଯିବାକୁ ନେଇ ବିବାଦ ହୋଇଥିଲା। ଯାହାକି ଶେଷରେ ସପକ୍ଷବାଦୀ ଏବଂ ବିପକ୍ଷବାଦୀ ଆନ୍ଦୋଳନ କରିଥିବା ଦୃଷ୍ଟାନ୍ତ ରହିଛି । ପୁଣି ଉକ୍ତ ମଣ୍ଡପ ନିର୍ମାଣକୁ ନେଇ ବିବାଦ ଉପୁଜିଛି । ଦାରିଙ୍ଗବାଡ଼ି ସମିତିସଭ୍ୟ ରାଜେନ୍ଦ୍ର ସାହୁ କହିଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ବ୍ଲକ ରହିଛି। ଛୁଟି ଦିନ ବ୍ୟତୀତ ସଦା ବେଳେ ଏଠାରେ ବିଭିନ୍ନ ବିଭାଗର ବୈଠକ ରହୁଥିବାରୁ ଲୋକମାନେ ବିଭିନ୍ନ କାର୍ଯ୍ୟରେ ପଞ୍ଚାୟତ ଏବଂ ବ୍ଲକକୁ ଆସୁଛନ୍ତି । କଲ୍ୟାଣ ମଣ୍ଡପ ହେଲେ ବାଦ୍ୟ, ଶବ୍ଦରେ ପରିବେଶ ପ୍ରଦୁଷଣ ଭଳି ପରିସ୍ଥିତି ଉପୁଜିଲେ ଉକ୍ତ ଦୁଇ କାର୍ଯ୍ୟାଳୟରେ ବିଭ୍ରାଟ ସମ୍ଭାବନା ରହିଛି। ଏହା ନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଛି। ଏଥି ସହ ସରପଞ୍ଚ ରାଧାକାନ୍ତ ପ୍ରଧାନ ମଧ୍ୟ ଦାରିଙ୍ଗବାଡ଼ି ତହସିଲଦାରଙ୍କୁ ଲିଖିତ ଭାବେ ଜମି ଚିହ୍ନଟ ପାଇଁ ଜଣାଇଥିଲେ । ପରେ ରାଜସ୍ୱ ନିରୀକ୍ଷକ, ତହସିଲଦାର ଦାରିଙ୍ଗବାଡ଼ିର ଡଲାକେତାରେ ସରକାରୀ ଜମି ଦେଢ଼ ଏକର ଚିହ୍ନଟ କରିଥିବା ସମିତିସଭ୍ୟ ସାହୁ କହିଛନ୍ତି । ତେବେ ଅଧ ଏକର ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

ସରକାରୀ ଜମି ଥାଇ ବ୍ଲକ ପ୍ରଶାସନ ପଞ୍ଚାୟତରେ ଏହି ମଣ୍ଡପ କରିବାକୁ ନିଷ୍ପତ୍ତି ନେବା ଠିକ୍ ନୁହଁ ବୋଲି ସେ କହିଛନ୍ତି। ଯେଉଁ ଜମି ଡଲାକେତାରେ ଚିହ୍ନଟ କରାଯାଇଛି ସେଠାରେ ଭୋଜି, ବିବାହ ଓ ବ୍ରତ ଆଦି କଲେ ବିଭ୍ରାଟ ଦେଖାଯିବ ନାହିଁ ବୋଲି ଡଲାକେତା ୧୦ ନଂ. ୱାର୍ଡ଼ ସଭ୍ୟ ପ୍ରତାପ ନାୟକ କହିଛନ୍ତି । ବିଡିଓ ପାତ୍ର କହିଛନ୍ତି, ଉକ୍ତ ଗ୍ରାମର ପ୍ରାୟ ୭୦ ପ୍ରତିଶତ ଲୋକ ପଞ୍ଚାୟତ ପରିସରରେ କରିବାକୁ ପ୍ରଶାସନ ନିକଟରେ ଦାବି ରଖିଛନ୍ତି । ଲୋକଙ୍କ ଅଭିଯୋଗ ପାଇ ଜମି ଚିହ୍ନଟ କରି ପ୍ରଶାସନକୁ ଜଣାଇବାକୁ କୁହାଯାଇଥିଲେ ସୁଦ୍ଧା ଇତି ମଧ୍ୟରେ ୧୫ ଦିନରୁ ଊର୍ଦ୍ଧ୍ୱ ବିତିଲାଣି କିନ୍ତୁ ଜମି ଚିହ୍ନଟ ହୋଇଛି କି ନାହିଁ ତାଙ୍କ ନିକଟରେ ସୂଚନା ନାହିଁ। ଜନସାଧାରଣ ଜମି ଦେଖାଇଲେ କିମ୍ବା ତାହା ସରକାରୀ ଜମି ହୋଇଥିଲେ ସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ । ଯଦି ଏଥିରେ ବିଳମ୍ବ ହୁଏ ତେବେ ପଞ୍ଚାୟତ ପରିସରରେ ହିଁ ମଣ୍ଡପ ନିର୍ମାଣ କରାଯିବ । କଲ୍ୟାଣ ମଣ୍ଡପ ନିର୍ମାଣକୁ ଦୀର୍ଘଦିନ ବିତିଲେ ଉକ୍ତ ୩୫ ଲକ୍ଷ ଅନୁଦାନ ସରକାରଙ୍କ ଖାତାକୁ ଫେରିଯିବା ସମ୍ଭାବନା ରହିଛି ।

ସୂଚନାଯୋଗ୍ୟ, ଉକ୍ତ ମଣ୍ଡପ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଡଲାକେତାରେ ନିର୍ମାଣ କରିବାକୁ ସରପଞ୍ଚ ରାଧାକାନ୍ତ ପ୍ରଧାନଙ୍କ ସମେତ ସମିତିସଭ୍ୟ ରାଜେନ୍ଦ୍ର ସାହୁ, ଗୋଲକ ବିହାରୀ ମଲ୍ଲିକ, କାଳୀ ଚରଣ ପ୍ରଧାନ, ପ୍ରତାପ ନାୟକ, ଏଲିଆସ ପ୍ରଧାନ, ମହର ପ୍ରଧାନ, ନମିତା ପ୍ରଧାନ, ରୁନି ବିଷୋୟୀ, ଚନ୍ଦ୍ରିକା ପ୍ରଧାନ, ଚନ୍ଦ୍ରବତୀ ପ୍ରଧାନ, ପାର୍ବତୀ ପତ୍ରା, ମିଥୁନ ନାୟକ, ଅନିତା ନାୟକ, ପ୍ରମିଳା ପ୍ରଧାନ ଓ ସୁନିତା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।